ଆଦିବାସୀ

ସମ୍ପାଦକ

ଶ୍ରୀ କୁଳମଣି ମହାପାତ୍ର, ଏମ୍. ଏ.

ପ୍ରକାଶକ

ଆଦବାସୀ ଗବେଷଣା ପରଷଦ

ଆଦବାସୀ ଓ ଗ୍ରାମ-ମଙ୍ଗଳ ବଭାଗ, ଓଡ଼ଶା

ଜାନୁୟାରୀ, ୧୯୭୦

ମୁଦ୍ରାକର
ଶ୍ରୀ ଦିବାକର ମିଶ୍ର
ଗୋସ୍ୱାମୀ ପ୍ରେସ, କଟକ—୨

ସମ୍ପାଦକୀୟ

ଆଦିବାସୀ ଗବେଷଣା ପରିଷଦର ମୁଖପତ୍ର ଭାବରେ "ଆଦିବାସୀ"ର ବିଶେଷ ଗୁରୁତ୍ୱ ରହିଛି । ଆଦିବାସୀ ଗବେଷଣା ପରିଷଦ ଗୋଟିଏ ବୈଜ୍ଞାନିକ ଅନୁଷ୍ଠାନ । କେବଳ ଆଦିବାସୀ ସମାଜ ଓ ସଂସ୍କୃତି ଉପରେ ଗବେଷଣା କରିବାରେ ଏହାର ପରିସର ସୀମାବଦ୍ଧ ନୁହେଁ । ସମଗ୍ର ସମାଜ ଓ ସଂସ୍କୃତି ଏହାର ପରିସର ମଧ୍ୟରେ ଅଛି । କାରଣ ସମାଜର କୌଣସି ଗୋଷ୍ଠୀକୁ ଜାଣିବାକୁ ହେଲେ ସମଗ୍ର ସମାଜକୁ ଜାଣିବା ଆବଶ୍ୟକ ଓ କୌଣସି ଗୋଟିଏ ସମାଜକୁ ଜାଣିବାକୁ ହେଲେ ସମଗ୍ର ମାନବ ସମାଜର ଭୂମିକା ଆବଶ୍ୟକ ।

ବୈଜ୍ଞାନିକ ଗବେଷଣା ଦୁଇପ୍ରକାରର—ତାତ୍ତ୍ୱିକ ଓ ପ୍ରୟୋଗାତ୍ମକ । ତାତ୍ତ୍ୱିକ ଗବେଷଣା ବୈଜ୍ଞାନିକ ତତ୍ତ୍ୱର ଅନୁସନ୍ଧାନରେ ଲିପ୍ତ ରହେ ଓ ପ୍ରୟୋଗାତ୍ମକ ଗବେଷଣା ସେହି ତତ୍ତ୍ୱର ପ୍ରୟୋଗ ଉପରେ ଅନୁସନ୍ଧାନ ଚଳାଏ । ତାତ୍ତ୍ୱିକ ଗବେଷଣା ନିରପେକ୍ଷ, କିନ୍ତୁ ପ୍ରୟୋଗାତ୍ମକ ଗବେଷଣାର ଆଧାର ହେଲା କୌଣସି ପ୍ରକାର ସାମାଜିକ ଆଦର୍ଶ । ଅବଶ୍ୟ ଏହି ଦୁଇ ପ୍ରକାର ଗବେଷଣାକୁ ପରସ୍ପରଠାରୁ ସଂପୂର୍ଣ୍ଣ ରୂପେ ପୃଥକ୍ କରାଯାଇ ପାରେ ନା । ଆଦିବାସୀ ଗବେଷଣା ପରିଷଦର ମୁଖ୍ୟ ଉଦ୍ଦେଶ୍ୟ ପ୍ରୟୋଗାତ୍ମକ ଗବେଷଣା ହେଲେ ମଧ୍ୟ ତାହା ସହିତ ତାତ୍ତ୍ୱିକ ଗବେଷଣା ଗଭୀର ଭାବରେ ଜଡ଼ିତ ଅଛି ।

"ଆଦିବାସୀ" କୌଣସି ବୈଜ୍ଞାନିକ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ—ଓଡ଼ିଶାର ପ୍ରଥମ ଓ ଏକମାତ୍ର ପତ୍ରିକା । ଭାରତୀୟ ଭାଷାରେ ପ୍ରକାଶିତ ବୈଜ୍ଞାନିକ ପତ୍ରିକା ସମଗ୍ର ଭାରତରେ ଅତ୍ୟନ୍ତ ବିରଳ । ସମାଜ ବିଜ୍ଞାନ କ୍ଷେତ୍ରରେ ଏହି ସଂଖ୍ୟା ଆହୁରି କମ୍ । ଯେତେଦୂର ଜଣାଯାଏ ନୃତତ୍ତ୍ୱ ବିଜ୍ଞାନ ସମ୍ବନ୍ଧୀୟ ଏକମାତ୍ର ପତ୍ରିକା ହେଉଛି "ଆଦିବାସୀ" । ସୁତରାଂ ଏଥିରେ ଗର୍ବ କରିବାର ଯେପରି ଆବଶ୍ୟକତା ଅଛି, ଦାୟିତ୍ୱ ବୋଧ କରିବାର ମଧ୍ୟ ସେପରି ଆବଶ୍ୟକତା ଅଛି । ଓଡ଼ିଶାର ବୁଦ୍ଧିଜୀବୀ ବିଶେଷ କରି ସମାଜବିଜ୍ଞାନୀମାନଙ୍କର ସାହାଯ୍ୟ ହିଁ "ଆଦିବାସୀ"ର ମୂଳ ଭରସା । କିନ୍ତୁ ଦୁଃଖର ବିଷୟ ତାହା ପାଇବାକୁ ଆମ୍ଭେମାନେ ପୂର୍ଣ୍ଣ ମାତ୍ରାରେ ସଫଳ ହୋଇପାରି ନାହୁଁ । ଆଶା କରୁ, ଭବିଷ୍ୟତରେ ଏହି ସାହାଯ୍ୟଦ୍ୱାରା ଏହି ଦାୟିତ୍ୱକୁ ଅଧିକ ସୁନ୍ଦରରୂପେ ଚଳାଇବାକୁ ସମର୍ଥ ହେବୁ ।

ସୂଚୀପତ୍ର

ବିଷୟ	ଲେଖକଙ୍କ ନାମ	ପୃଷ୍ଠା
୧ । ଅନୁନ୍ନତ ସମାଜରେ ଅର୍ଥନୈତିକ ପରିବର୍ତ୍ତନ	ଶ୍ରୀ ପଦ୍ମନାଭ ମିଶ୍ର, ବି. ଏ. (ଅନର୍ସ) ଓ. ଏ. ଏସ୍., ଡେପୁଟି ସେକ୍ରେଟାରୀ, ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ	୧
୨ । ସାମାଜିକ ଯୌନ-ନିୟନ୍ତ୍ରଣ	ଶ୍ରୀ ଭୁବନମଣି ମହାପାତ୍ର, ଏମ୍. ଏ., ରିସର୍ଚ୍ଚ ଅଫିସର, ଆଦିବାସୀ ଗବେଷଣା ପରିଷଦ	୯
୩ । ମୌଳିକ ଶିକ୍ଷାର ଗୁରୁତ୍ୱ	ଶ୍ରୀ ଅମୃତଲାଲ ବ୍ୟାସ, ଏଚ୍. ଆର. ଡବ୍ଲିଉ. ଓ.	୨୧
୪ । ଆଦିବାସୀ ଅର୍ଥନୀତି ସମୀକ୍ଷା	ଶ୍ରୀ ମୃତ୍ୟୁଞ୍ଜୟ ପରିଡ଼ା, ବି. ଏ. (ଅନର୍ସ), ଓ. ଏ. ଏସ୍.	୨୩
୫ । ଧର୍ମ ଓ ମାନବ ସମାଜ	ଶ୍ରୀ ପ୍ରଶାନ୍ତକୁମାର ମହାପାତ୍ର, ଏମ୍. ଏ. ରିସର୍ଚ୍ଚ ଆସିଷ୍ଟାଣ୍ଟ, ଆଦିବାସୀ ଗବେଷଣା ପରିଷଦ	୩୩
୬ । ଗୋଟିଏ ଓରାଓଁ ଗ୍ରାମରେ ସାଂସ୍କୃତିକ ପରିବର୍ତ୍ତନ	ଶ୍ରୀ ଶାନ୍ତିଭୂଷଣ ନନ୍ଦୀ, ଏମ୍. ଏସ୍‌ସି., ନୃତତ୍ତ୍ୱ ବିଭାଗ, ଭାରତ ସରକାର	୩୯
୭ । ପ୍ରବୃତ୍ତି, ପ୍ରକୃତି ଓ ବିବେକ	ଶ୍ରୀ ଏନ୍. କେ. ବେହୁରା, ଏମ୍. ଏ., ନୃତତ୍ତ୍ୱ ବିଭାଗ, ଭାରତ ସରକାର	୪୧
୮ । ଛୋଟନାଗପୁରର ଓରାଓଁ ମାନଙ୍କ ମଧ୍ୟରେ ଧୁମକୁରିଆ ଘରର ପ୍ରଚଳନ	ଶ୍ରୀ କେ. ଏନ୍. ଶର୍ମା, ଏମ୍. ଏ. ନୃତତ୍ତ୍ୱ ବିଭାଗ, ରାଞ୍ଚି କଲେଜ, ବିହାର ବିଶ୍ୱବିଦ୍ୟାଳୟ	୫୦
୯ । ଆମ କୁଟିଆ ଭାଇ (କୁଟିଆ କନ୍ଧର ଜୀବୃତ୍ତି) (ପୂର୍ବ ପ୍ରକାଶିତ ଅଂଶରୁ)	ଶ୍ରୀ ସୁବୋଧଚନ୍ଦ୍ର ଦାସ	୫୪
୧୦ । ଆଦିବାସୀ ଶିକ୍ଷା	ଶ୍ରୀ ବିଶ୍ୱନାଥ ଶ, ବି. ଏ., ବି. ଇଡି., ପ୍ରଧାନ ଶିକ୍ଷକ ଭାଲୁଲତା ଟ୍ରେନିଂ ସ୍କୁଲ	୫୯
୧୧ । ଯାଯାବର ଜାତିମାନଙ୍କର ଭରଣ ସମ୍ପର୍କରେ କେତୋଟି ମୌଳିକ କଥା	ଶ୍ରୀ ଭକ୍ତମୟ ବର୍ମନ, ଏମ. ଏସ୍‌ସି., ଆସିଷ୍ଟାଣ୍ଟ ଡାଇରେକ୍ଟର, କଲଚର ରିସର୍ଚ୍ଚ ଇନଷ୍ଟିଚ୍ୟୁଟ, ପଶ୍ଚିମ ବଙ୍ଗ	୬୩

ବିଷୟ	ଲେଖକଙ୍କ ନାମ	ପୃଷ୍ଠା
୧୨ । କନ୍ଧ ସମାଜରେ କଳାର ସ୍ଥାନ	ଶ୍ରୀ ପୁରନାଥ ଚନ୍ଦ୍ର ଦାସ (ସହକାରୀ ଶିକ୍ଷକ, ନୂଆ ଆଶ୍ରମ ସ୍କୁଲ, ଫୁଲବାଣୀ)	୭୭
୧୩ । ଆଦିବାସୀ ଓ ଧର୍ମ ବିଶ୍ୱାସ	ଶ୍ରୀ ଅଜିତ ରାୟ, ଏମ୍. ଏସ୍‌ସି., ରିସର୍ଚ୍ଚ ଅଫିସର, ଆଦିବାସୀ ଗବେଷଣା ପରିଷଦ	୮୧
୧୪ । ଭୂୟାଁ ଜାତି	ସ୍ୱର୍ଗତ ବୈଷ୍ଣବ ଚନ୍ଦ୍ର ମିଶ୍ର	୮୮

ଅନୁନ୍ନତ ସମାଜରେ ଅର୍ଥନୈତିକ ପରିବର୍ତ୍ତନ

ଶ୍ରୀଦେବନାଥ ମିଶ୍ର

ଅନୁନ୍ନତ ଓ ଉନ୍ନତ ସମାଜର ଅର୍ଥନୀତିକୁ ତୁଳନା କଲେ ଦେଖାଯାଏ ଯେ ଉଭୟ ସମାଜର ପ୍ରକୃତ ଆୟ (Real income)ରେ ଘୋର ପାର୍ଥକ୍ୟ ରହିଛି । ଏହି ବୈଷମ୍ୟକୁ ଦୂର କରିବାକୁ କିମ୍ବା ଏହି ବୈଷମ୍ୟର ମାତ୍ରା କମାଇବାକୁ ହେଲେ ଆମ୍ଭମାନଙ୍କୁ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନର ଚେଷ୍ଟା କରିବାକୁ ହେବ । ଏହିସବୁ ପରିବର୍ତ୍ତନ ବିନା ଅନୁନ୍ନତ ସମାଜର ଅର୍ଥନୈତିକ ଉନ୍ନତି ସାଧିତ ହେବା ଅସମ୍ଭବ । କେତୋଟି ନୂଆ କାରଖାନା ବସାଇ କିମ୍ବା ପୁରୁଣା କାରଖାନାର ପୁଞ୍ଜି ବଢ଼ାଇ ଏତେମ ତାହା ହାସଲ କରି ସମ୍ଭବ ନାହିଁ । ସାମୂହିକ ଉତ୍ପାଦନର ସ୍ତରକୁ ଖୁବ୍ ଉପରକୁ ଉଠାଇବାକୁ ହେଲେ ସମାଜର ଗ୍ରହୀତା ଓ ଉପଭୋଗ (Consumption) କରିବାର ଶକ୍ତିକୁ ତାହାଠାରୁ ଅଧିକ ଉଚ୍ଚକୁ ଉଠାଇବା ଆବଶ୍ୟକ । ନିତାନ୍ତ ଦୁଃସ୍ଥ ଅବସ୍ଥାର ସମ୍ମୁଖୀନ ହେଲେ ଲୋକମାନେ ବାଧ୍ୟ ହୋଇ କିଛି କାର୍ଯ୍ୟ କରିବାର ଚେଷ୍ଟା କରନ୍ତି । ସମାଜର ସାମୂହିକ ଉତ୍ପାଦନକୁ ଅତି କମ୍ ସମୟରେ ଅଭୂତପୂର୍ବ ଭାବରେ ବଢ଼ାଇବା ପାଇଁ ଯେଉଁ ପ୍ରକାର ଜାଗ୍ରତ ଜନଶକ୍ତିର ଆବଶ୍ୟକ, ତାହା ଏ ପ୍ରକାର ନଗଣ୍ୟ ଓ ପ୍ରାଣହୀନ ଚେଷ୍ଟାଦ୍ୱାରା ହାସଲ ହେବା ଅସମ୍ଭବ ।

ଅର୍ଥନୈତିକ ପରିବର୍ତ୍ତନର ଆବଶ୍ୟକତା ଓ ତାହାର ବ୍ୟାପକତା ଏବଂ ପ୍ରକୃତ ବିଷୟରେ ଧାରଣା କରିବା ଗୋଟିଏ କଥା, କିନ୍ତୁ ତାହାକୁ କାର୍ଯ୍ୟକାରୀ କରିବା ଏକ ସମ୍ପୂର୍ଣ୍ଣ ଭିନ୍ନ କଥା । ସାମାଜିକ ଅବସ୍ଥାକୁ ଓ ସେହି ସାମାଜିକ ଅବସ୍ଥାକୁ ସୃଷ୍ଟି କରୁଥିବା ଅର୍ଥନୈତିକ ଓ ସାମାଜିକ କାରଣଗୁଡ଼ିକଠାରୁ ପୃଥକ୍ କରାଯାଇ ନ ପାରେ । ଏପରି କି ଉତ୍ପାଦନ ଓ ଉପଭୋଗର ବୈଷମ୍ୟ ମଧ୍ୟ ସାମାଜିକ ଅନୁଷ୍ଠାନ ଓ ସାମାଜିକ ଆଦର୍ଶଦ୍ୱାରା ସୃଷ୍ଟ ହୁଏ ଓ ପରିବର୍ତ୍ତନର ପ୍ରତିରୋଧ କରିବାକୁ ସମର୍ଥ ହୁଏ ।

ସୁତରାଂ ଅର୍ଥନୈତିକ ପରିବର୍ତ୍ତନର ଧାରାବାହିକ ରୂପ ବୁଝି ପାରିଲେ ମଧ୍ୟ ଓ ତାହାର ଗୁରୁତ୍ୱ ସମ୍ପର୍କରେ ସଚେତନ ହେଲେ ମଧ୍ୟ ଆମେ ଯେତେବେଳେ ପ୍ରକୃତରେ ସେହି ପରିବର୍ତ୍ତନକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରୁ, ସେତେବେଳେ ବହୁ ସମସ୍ୟାର ସମ୍ମୁଖୀନ ହେଉଁ । ଏହାର ସମାଧାନ ଅନେକଗୁଡ଼ିଏ ବିଷୟର ଅପେକ୍ଷା ରଖେ ଏବଂ ଲୋକ ଓ ଅନୁଷ୍ଠାନଗୁଡ଼ିକର ବହୁ କ୍ରିୟା ଓ ପ୍ରତିକ୍ରିୟା ଉପରେ ନିର୍ଭର କରେ ।

ଏଠାରେ ପରିବର୍ତ୍ତନ ଆଣିବାର କେତେ ଗୁଡ଼ିଏ ଉପାୟ ଆଲୋଚନା କରାହେବ । କିନ୍ତୁ ତା ପୂର୍ବରୁ ପରିବର୍ତ୍ତନର ସ୍ୱରୂପ ସମ୍ବନ୍ଧରେ କିଛି ସୂଚନା ଆବଶ୍ୟକ ଏହା ପରେ ପରିବର୍ତ୍ତନ ପୂର୍ଣ୍ଣତା ଲାଭ କଲାପର୍ଯ୍ୟନ୍ତ ବିଭିନ୍ନ ସମୟରେ ଯେଉଁ ଯେଉଁ ରୂପ ଧାରଣ କରେ, ତାହାର ବର୍ଣ୍ଣନା କରାଯିବ । ପରିଶେଷରେ ପରିବର୍ତ୍ତନ ଆଣିବାରେ କେତେ ଗୁଡ଼ିଏ କୌଶଳ (Strategy)ର ଆଲୋଚନା କରାଯିବ ଯାହାକି ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

୧ । ପରିବର୍ତ୍ତନର ସ୍ୱରୂପ—

ଅର୍ଥନୈତିକ ଜୀବନକୁ ଉଦ୍ଦେଶ୍ୟ ବୋଲି ଗ୍ରହଣ କରିଲେ ପରିବର୍ତ୍ତନର ନିମ୍ନଲିଖିତମତେ ଶ୍ରେଣୀ ବିଭାଗ କରାଯାଇପାରେ :—

(କ) ବସ୍ତୁ ଓ ବ୍ୟବସ୍ଥା (Goods and services)ର ଉତ୍ପାଦନ ଓ ଉପଭୋଗରେ ପରିବର୍ତ୍ତନ—

ଏହି ପରିବର୍ତ୍ତନ ସାମୂହିକ ଏବଂ ବ୍ୟକ୍ତିଗତ ଏହି ଉଭୟ କ୍ଷେତ୍ରରେ ହୁଏ ଏବଂ ଭିନ୍ନ ସ୍ତରରେ ଯେପରି ପରିବର୍ତ୍ତନ ହେବ ବ୍ୟାପକଭାବରେ ମଧ୍ୟ ସେହିପରି ପରିବର୍ତ୍ତନ ହେବ ।

ପରିବର୍ତ୍ତନର ସଙ୍କଳ୍ପ ପ୍ରାଞ୍ଜଳ କରିବାପାଇଁ ଏବଂ ପରିବର୍ତ୍ତନର ଆକାରର ଗୋଟିଏ ମାପକାଠି ପାଇବା ପାଇଁ ଉତ୍ପାଦନ ଓ ଉପଭୋଗ କ୍ଷେତ୍ରରେ ଘଟୁଥିବା ବାସ୍ତବ ପରିବର୍ତ୍ତନର ସ୍ଥାନ ସର୍ବପ୍ରଥମ । ଅନୁନ୍ନତ ସମାଜର ଜାତୀୟ ଉନ୍ନୟନ ଯୋଜନାରେ ଅର୍ଥନୈତିକ ବିକାଶର ଗୁରୁତ୍ୱ ସର୍ବବାଦୀସମ୍ମତ ।

(ଖ) ଯନ୍ତ୍ରପାତି ବ୍ୟବହାରର କୌଶଳରେ ପରିବର୍ତ୍ତନ—

ଉତ୍ପାଦନ ସହିତ ଯନ୍ତ୍ରପାତି ବ୍ୟବହାରର କୌଶଳ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ତେଣୁ ଗୋଟିକର ପରିବର୍ତ୍ତନ ସହ ଅନ୍ୟଟିର ପରିବର୍ତ୍ତନର ମଧ୍ୟ ଘନିଷ୍ଠ ସମ୍ପର୍କ ରହିଛି । ଉତ୍ପାଦନର ନୂତନ କୌଶଳ, ନୂତନ ଯନ୍ତ୍ରପାତି ବଣ୍ଟନର ନୂତନ ଉପାୟ ପ୍ରଭୃତି ଉତ୍ପାଦନର ପରିବର୍ତ୍ତନକୁ କେବଳ ଯେ ସାହାଯ୍ୟ କରେ ତା ନୁହେଁ ବରଂ ତାହାର ଭିତ୍ତି ସ୍ଥାପନ କରେ । ଏହି ନୂତନ ଉଦ୍ଭାବନଗୁଡ଼ିକ ମଧ୍ୟରୁ ଅଧିକାଂଶର ସଠିକ ଅବଗତ ଜାଣିବା ସହଜ ଓ ଅର୍ଥନୀତିଜ୍ଞ ଏବଂ ଇଞ୍ଜିନିୟର ଉଭୟଙ୍କ ପରିସର ମଧ୍ୟରେ ଏହା ଅଛି ।

(ଗ) ବ୍ୟକ୍ତିଗତ ଓ ସମାଜଗତ ଅର୍ଥନୈତିକ ବ୍ୟବହାରରେ ପରିବର୍ତ୍ତନ—

ଏଠାରେ ଗୋଟିଏ ଉଦାହରଣ ଦିଆଯାଇପାରେ । ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ହେତୁ କୃଷି କାର୍ଯ୍ୟରେ ଲିପ୍ତ ଥିବା ଗ୍ରାମଗୁଡ଼ିକର ସ୍ୱାବଲମ୍ବନଶୀଳତା ଆଉ ରହେ

ନାହିଁ ଓ କୃଷକମାନେ ଧୀରେ ଧୀରେ ଖାଦ୍ୟଶସ୍ୟ ବଦଳରେ ଅର୍ଥକରୀ ଶସ୍ୟ **(Money crops)**ର ଉତ୍ପାଦନ ପାଇଁ ଅଧିକ ଆଗ୍ରହୀ ହୁଅନ୍ତି । ବ୍ୟକ୍ତିର ଅର୍ଥନୈତିକ ବ୍ୟବହାର ପରିବର୍ତ୍ତନ ମୂଳରେ ସେହି ବ୍ୟକ୍ତିର ଯନ୍ତ୍ରପାତି ବ୍ୟବହାରର କୌଶଳରେ ପରିବର୍ତ୍ତନ ରହିଛି (ଏହା (ଖ) ରେ ବର୍ଣ୍ଣିତ ହୋଇଛି) । ଉଦାହରଣ ସ୍ୱରୂପ ଯେତେବେଳେ ଗ୍ରାମରେ କାମ କରୁଥିବା ଜଣେ ସ୍ୱାଧୀନ କାରିଗର କାରଖାନାରେ କାମ କରିବାକୁ ଯାଏ, ସେତେବେଳେ ତାହାକୁ ସମ୍ପୂର୍ଣ୍ଣ ରୂପେ ନୂତନ କୌଶଳ ଶିଖିବାକୁ ହୁଏ ।

(ଘ) ସମାଜର ସଂଗଠନ ଓ ସାମାଜିକ ଅନୁଷ୍ଠାନମାନଙ୍କରେ ପରିବର୍ତ୍ତନ—

ଏଠାରେ ଆମକୁ ପରିବାର ଓ ସମ୍ପ୍ରଦାୟରେ ଯେଉଁ ସବୁ ନୂତନ ସମ୍ପର୍କର ଆବିର୍ଭାବ ହୁଏ, ସେ ସବୁ ଲକ୍ଷ୍ୟ କରିବାକୁ ହେବ ଏବଂ ଗୋଷ୍ଠୀ, ଗ୍ରାମ ଓ ଧର୍ମାନୁଷ୍ଠାନଗୁଡ଼ିକରେ ଯେଉଁ ସବୁ ସଂଗଠନଗତ ପରିବର୍ତ୍ତନ ହୁଏ, ତାହା ପ୍ରତି ନଜର ଦେବାକୁ ହେବ । କ୍ଷମତା **(Authority)** ଓ ବ୍ୟକ୍ତି ମଧ୍ୟରେ ଗଢ଼ି ଉଠୁଥିବା ନୂତନ ସମ୍ପର୍କଗୁଡ଼ିକ ମଧ୍ୟ ଏହାର ଅନ୍ତର୍ଭୁକ୍ତ ହେବ । ସ୍ଥାନୀୟ ଓ କେନ୍ଦ୍ରୀୟ ସରକାର, ଶାସନ-ପ୍ରଚାରର ଅଧିକାରୀ, ଜାତି ଓ ଗୋଷ୍ଠିମାନଙ୍କର ଦଳପତି, ଧର୍ମାଧିକାରୀ ଓ ଅନ୍ୟାନ୍ୟ କ୍ଷମତାପନ୍ନ ବ୍ୟକ୍ତି ବା ଅନୁଷ୍ଠାନ ସବୁ ଏହାର ପରିସର ମଧ୍ୟରେ ଅବସ୍ଥିତ ।

୨ । ପରିବର୍ତ୍ତନର ସମୟ ବିଭାଗ—

ଯେଉଁ ସବୁ ପରିବର୍ତ୍ତନ ସଫଳ ହୁଏ, ସେ ସବୁ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଅବସ୍ଥା ଦେଇ କ୍ରମିକ ଭାବରେ ଗତି କରେ । କ୍ରମ ଅନୁଯାୟୀ ନିମ୍ନଲିଖିତ ଅବସ୍ଥାଗୁଡ଼ିକ ପ୍ରତ୍ୟେକ ପ୍ରକାର ପରିବର୍ତ୍ତନର ଅବଶ୍ୟମ୍ଭାବୀ—

(କ) ପ୍ରଥମରେ ଚିନ୍ତା ଓ କର୍ମ କ୍ଷେତ୍ରରେ ଯେଉଁମାନେ ଅଗ୍ରଣୀ, ସେମାନେ ପରିବର୍ତ୍ତନର ଗୋଟିଏ ଦାର୍ଶନିକ ଧାରଣା କରନ୍ତି । ଏହାକୁ "ଭିତ୍ତି ପତ୍ତନ" ଅବସ୍ଥା କୁହାଯାଇପାରେ ।

(ଖ) ଦ୍ୱିତୀୟରେ ଏହି ନେତୃ ଶ୍ରେଣୀୟ ଲୋକେ ଓ ଅନ୍ୟାନ୍ୟ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରନ୍ତି । ଏହାକୁ "କାର୍ଯ୍ୟକାରୀ" ଅବସ୍ଥା କୁହାଯାଇପାରେ ।

(ଗ) ପରିଶେଷରେ ଏହି ଯୋଜନାକୁ ସଫଳ କରିବା ପାଇଁ ସମାଜର ଗ୍ରାହିକତା ଲୋଡ଼ା । ସୁତରାଂ ଏଥିପାଇଁ ସମାଜର ମାନସିକ ପ୍ରସ୍ତୁତି ଆବଶ୍ୟକ । ଏହା ହେଉଛି ଯେ କୌଣସି ପରିବର୍ତ୍ତନ ଯୋଜନାର "ପୂର୍ଣ୍ଣତାପ୍ରାପ୍ତ" ଅବସ୍ଥା ।

୩। ଅର୍ଥନୈତିକ ପରିବର୍ତ୍ତନ ସମ୍ପର୍କରେ କେତେଗୁଡ଼ିଏ କୌଶଳର ବିଚାର—

ପୂର୍ବ ବର୍ଣ୍ଣିତ ଆଲୋଚନାରୁ ଏ କଥା ସ୍ପଷ୍ଟ ହେବ ଯେ ଅର୍ଥନୈତିକ ପରିବର୍ତ୍ତନର ତିନୋଟି ମୁଖ୍ୟ ବିଭାଗ ଅଛି । ଏହି ତିନୋଟି ବିଭାଗ ନେଇ ଅର୍ଥନୈତିକ ପରିବର୍ତ୍ତନର କୌଶଳଗୁଡ଼ିକୁ ବିଚାର କରାଯାଇପାରେ । ପ୍ରଥମରେ ବିଚାର କରିବା ଉଚିତ ଯେ ଅର୍ଥନୀତିଜ୍ଞମାନଙ୍କ ବିଚାରରେ ମନୁଷ୍ୟର ଅର୍ଥନୈତିକ ଜୀବନ ସର୍ବପ୍ରଥମ ସ୍ଥାନ ପାଇଲେ ମଧ୍ୟ ଯେଉଁମାନେ ଅର୍ଥନୈତିକ ପରିବର୍ତ୍ତନ ଆଣିବାକୁ ଚାହାନ୍ତି, ସେମାନେ ଏହାକୁ ଜୀବନର ବହୁ ଅଙ୍ଗ ମଧ୍ୟରୁ ଗୋଟିଏ ଅଙ୍ଗ ବୋଲି ବିଚାରିବା ଉଚିତ । ଅର୍ଥନୈତିକ ପରିବର୍ତ୍ତନକୁ ସଫଳ କରିବାକୁ ହେଲେ ସମାଜ ବିଜ୍ଞାନର ପ୍ରତ୍ୟେକ କ୍ଷେତ୍ରରୁ ବୈଜ୍ଞାନିକମାନଙ୍କର ସହଯୋଗ ଆବଶ୍ୟକ ।

ଦ୍ୱିତୀୟତଃ ଏକଥା ବିଚାର କରିବାକୁ ହେବ ଯେ ପରିବର୍ତ୍ତନ ହେବ କାହା ମାଧ୍ୟମରେ ? ଅର୍ଥାତ୍ କେଉଁ କେଉଁ ବ୍ୟକ୍ତି ବା ଅନୁଷ୍ଠାନ କରିଆରେ ଏହି ପରିବର୍ତ୍ତନ ଆଣିବା ସମ୍ଭବ ହେବ । ତୃତୀୟ ସମସ୍ୟା ହେଉଛି କେଉଁ ପ୍ରକାର ପଦ୍ଧତିରେ ଲୋକଙ୍କର ଗ୍ରାହକତା ଜାତ ହେବା ସମ୍ଭବ । ଏହି ଗ୍ରାହକତା ବିନା କୌଣସି ପ୍ରକାର ପ୍ରକୃତ ପରିବର୍ତ୍ତନ ଅସମ୍ଭବ । ପ୍ରଥମ ପ୍ରଶ୍ନ ନେଇ ଅର୍ଥନୈତିକ ପରିବର୍ତ୍ତନକାରୀମାନେ ବହୁଳ ଭାବରେ ବର୍ତ୍ତମାନ ସ୍ୱୀକାର କଲେଣି ଯେ ଅର୍ଥନୈତିକ ପରିବର୍ତ୍ତନକୁ ସଫଳ କରିବାକୁ ହେଲେ ଜୀବନର ମୁଖ୍ୟ ବିଭାଗଗୁଡ଼ିକର ପର୍ଯ୍ୟାଲୋଚନା କରି ବହୁମୁଖୀ କାର୍ଯ୍ୟକ୍ରମ ଗ୍ରହଣ କରିବା ଉଚିତ ।

ଦ୍ୱିତୀୟ ପ୍ରଶ୍ନ ନେଇ ବର୍ତ୍ତମାନ କୌଣସି ସ୍ଥିର ନୀତି ସ୍ୱୀକୃତ ହୋଇ ପାରି ନାହିଁ । କାରଣ ଅର୍ଥନୈତିକ ପରିବର୍ତ୍ତନରେ ସାଧାରଣ ବ୍ୟକ୍ତି ନେତୃତ୍ୱ ଦେବା ଭଳି ଦକ୍ଷ ଲୋକମାନଙ୍କର ସ୍ଥାନ କେଉଁଠି ସେ ବିଷୟରେ ସମାଜ ବିଜ୍ଞାନ ଗବେଷଣା କୌଣସି ସ୍ପଷ୍ଟ ତଥ୍ୟ ବାହାର କରି ପାରି ନାହିଁ । ତଥାପି ମଧ୍ୟ ଏ ବିଷୟରେ ନିମ୍ନଲିଖିତ ସାଧାରଣ କଥା ଗୁଡ଼ିକ କୁହାଯାଇପାରେ—

ବର୍ତ୍ତମାନ ଯୁଗରେ ଯେଉଁ ଯେଉଁ ଦେଶମାନଙ୍କରେ ଦ୍ରୁତ ସାମାଜିକ ପରିବର୍ତ୍ତନ ଘଟିଛି, ସେହି ସେହି ଦେଶଗୁଡ଼ିକରେ ଉକ୍ତ ପରିବର୍ତ୍ତନର ନେତୃତ୍ୱ ନେଇଥିବା ଲୋକମାନଙ୍କର ଗୋଟିଏ ଗୁଣ ପରିଲକ୍ଷିତ ହୁଏ । ଏମାନଙ୍କ ବ୍ୟକ୍ତିତ୍ୱ ପଛରେ କୌଣସି ପ୍ରକାର ଦୈବୀ-ଶକ୍ତିର ପ୍ରଭାବ ରହିଛି ବୋଲି ଧାରଣା ସୃଷ୍ଟି ହୋଇ ପାରିଛି ଓ ଏହି ଧାରଣା ରାଜ-ନୈତିକ ଓ ଧାର୍ମିକ ଉଭୟ କ୍ଷେତ୍ରରେ କାର୍ଯ୍ୟ କରିଛି । ଏହା ଦ୍ୱାରା ବିରାଟ ପରିବର୍ତ୍ତନ ସବୁ ଘଟି ପାରିଛି । କିନ୍ତୁ ଏହା ସବୁ ମୁଖ୍ୟତଃ ଅଣଅର୍ଥନୈତିକ କ୍ଷେତ୍ରରେ ଘଟିଛି ।

ଇଂରାଜୀରେ ଏହି ପ୍ରକାର ନେତୃତ୍ୱକୁ Charismatic Leadership କୁହାଯାଏ ।

ଅର୍ଥନୈତିକ କ୍ଷେତ୍ରରେ କୌଣସି ବିରାଟ ପରିବର୍ତ୍ତନ ଆଣିବାକୁ ଏହି ପ୍ରକାର ନେତା-ମାନେ ସମର୍ଥ ହୋଇ ପାରି ନାହାନ୍ତି । କେମାଲ୍ ଅତାତୁର୍କ, ଜଗଲୁଲ ପାଶା, ଗାନ୍ଧୀ, ନେହେରୁ, ନେଜିବ ପ୍ରଭୃତି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଅର୍ଥନୈତିକ ଉନ୍ନତି ବିଭିନ୍ନ କ୍ଷେତ୍ରର ପେଷାଦାର ବିଶେଷଜ୍ଞମାନଙ୍କ ଚେଷ୍ଟାରୁ ପ୍ରସୂତ ଏକ ଜଟିଳ ବସ୍ତୁ । ଏହା ନିକଟରେ ବ୍ୟକ୍ତିତ୍ୱ ଉପରେ ପ୍ରତିଷ୍ଠିତ ନେତୃତ୍ୱ ପରାହତ ହୁଏ । ବହୁ ବ୍ୟକ୍ତିଙ୍କର ସମ୍ମିଳିତ ଚେଷ୍ଟାଦ୍ୱାରା ଏହା ସମ୍ଭବ ହୁଏ ଏବଂ ଏଥିପାଇଁ ସରକାର ବା ଅନ୍ୟାନ୍ୟ ଅନୁଷ୍ଠାନ ଭିତରରେ ବାଧ୍ୟତାମୂଳକ ନୀତି ଅବଲମ୍ବନ କରିବାର ଆବଶ୍ୟକତା ପଡ଼େ । ପୁଣି ଏଥିପାଇଁ ଅର୍ଥନୈତିକ ଉନ୍ନତିରେ ବିଶ୍ୱାସ କରୁଥିବା ବହୁ ସଂଖ୍ୟକ ଲୋକଙ୍କୁ ସଂଗଠିତ ଓ ଶୃଙ୍ଖଳିତ ଗୋଷ୍ଠୀ ଭାବରେ କାର୍ଯ୍ୟ କରିବାକୁ ପଡ଼େ ।

ଯେତେବେଳେ ବ୍ୟକ୍ତିବିଶେଷଙ୍କ ଚେଷ୍ଟାରେ ବଡ଼ ବଡ଼ ଅର୍ଥନୈତିକ କାର୍ଯ୍ୟ ସାଧିତ ହୋଇଥିବାର ଉଦାହରଣ ଥିଲେ ହେଁ ଅର୍ଥନୈତିକ ପରିବର୍ତ୍ତନ ଓ ଉନ୍ନତିରେ ବ୍ୟକ୍ତି ଅପେକ୍ଷା ଅନୁଷ୍ଠାନଗୁଡ଼ିକର ଉପଯୋଗିତା ହିଁ ଅଧିକ । ଆଧୁନିକ ସମାଜରେ ଅର୍ଥ-ନୈତିକ ଶକ୍ତି ହାସଲ କରିବା ପାଇଁ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ପ୍ରତିଯୋଗିତା ହୋଇ-ଥାଏ । ସମାଜରେ ଯେଉଁ ସ୍ଥାନ ଅଧିକାର କଲେ ଅର୍ଥନୀତିକୁ ନିୟନ୍ତ୍ରଣ କରିବା ସମ୍ଭବ, ସେହି ସ୍ଥାନ ହାସଲ କରିବା ପାଇଁ ଏମାନେ ପରସ୍ପରର ପ୍ରତିଦ୍ୱନ୍ଦ୍ୱିତା କରନ୍ତି । କିନ୍ତୁ ନୂତନ କାର୍ଯ୍ୟ କରିବାର ଶକ୍ତି (ଯାହାକି ଅର୍ଥନୈତିକ ଉନ୍ନତି ବା ପରିବର୍ତ୍ତନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ) କେବଳ ସେହିମାନଙ୍କଠାରେ ଦେଖା ଦେଇଥାଏ । ଯେଉଁମାନେ ଶାରୀରିକ ଶ୍ରମର ମହତ୍ତ୍ୱକୁ ଆଦର୍ଶ ବୋଲି ଧରନ୍ତି ଓ ଏହାକୁ ସମାଜର ପରିବର୍ତ୍ତନରେ ସବୁଠାରୁ ସମ୍ମାନାସ୍ପଦ କାର୍ଯ୍ୟ ବୋଲି ମନେ କରନ୍ତି, ଏହି ଶ୍ରେଣୀର ଲୋକମାନଙ୍କଠାରେ ଆଉ ଗୋଟିଏ ଲକ୍ଷଣ ଦେଖାଯାଏ । ଏମାନେ ଉତ୍ପାଦନ ବୃଦ୍ଧି ଉପରେ ଅତ୍ୟନ୍ତ ଗୁରୁତ୍ୱ ଆରୋପ କରନ୍ତି, ଏପରି କି ସମସ୍ତ ସମୟରେ ଏହାକୁ ଧର୍ମବିଶ୍ୱାସ ଭଳି ଭାବନ୍ତି । କିନ୍ତୁ ଏମାନେ ଉତ୍ପାଦନ ବୃଦ୍ଧିର ଲାଭକାରକତା ପ୍ରତି ପ୍ରାୟ ଦୃଷ୍ଟି ଦିଅନ୍ତି ନାହିଁ । ଏହି ଶ୍ରେଣୀର ଲୋକେ ରୁଷିଆ, ପାଲେଷ୍ଟାଇନ ଓ ରୁଷ ଦେଶରେ ଅତ୍ୟଧିକ ଉତ୍ପାଦନ ବୃଦ୍ଧି କରାଇବାକୁ ସମର୍ଥ ହୋଇଛନ୍ତି । ଏହି ଉତ୍ପାଦନ ବୃଦ୍ଧି ଉକ୍ତ ଶ୍ରେଣୀର ଲୋକଙ୍କର ସମ୍ମାନ ବୃଦ୍ଧି କରାଏ ଓ ତାହା ଫଳରେ ଏମାନେ ଅତ୍ୟନ୍ତ ପ୍ରଭାବଶାଳୀ ହୋଇ ରାଜନୀତି କ୍ଷେତ୍ରରେ ନିଜକୁ ଦୃଢ଼ ଭାବରେ ସ୍ଥାପିତ କରିବାକୁ ସମର୍ଥ ହୁଅନ୍ତି ।

ବର୍ତ୍ତମାନ ତୃତୀୟ ସମସ୍ୟାର ଆଲୋଚନା କରାଯାଉ । ଏହି ସମସ୍ୟା ହେଉଛି ଲୋକଙ୍କ ମଧ୍ୟରେ ଗ୍ରାହକତା ସୃଷ୍ଟି କରିବାର ସମସ୍ୟା । ଏହି ଗ୍ରାହକତାର ସ୍ତର-ଭେଦ ରହିଛି । ଅର୍ଥନୈତିକ ପରିବର୍ତ୍ତନରେ ବାଧା ସୃଷ୍ଟି ନ କରିବା ଓ ସୁବିଧାବାଦୀ ନୀତିରେ ପରିବର୍ତ୍ତନର ସୁଯୋଗ ନେବା ହେଉଛି ସବୁଠାରୁ ନିମ୍ନ ଶ୍ରେଣୀର ଗ୍ରାହକତା । ପରିବର୍ତ୍ତନର ଉଦ୍ଦେଶ୍ୟକୁ ସ୍ପଷ୍ଟ ଭାବରେ ବୁଝି ଓ ସେଥିରେ ଦୃଢ଼ ବିଶ୍ୱାସ ରଖି ଆଗ୍ରହର ସହ କାର୍ଯ୍ୟ କରିବା ହେଉଛି ଗ୍ରାହକତାର ଶ୍ରେଷ୍ଠତମ ନିଦର୍ଶନ । କୌଣସି ସଙ୍ଘଦ୍ୱାରା

ଯେତେବେଳେ ପ୍ରଚଳିତ ଅର୍ଥନୈତିକ ଓ ସାମାଜିକ ସମ୍ପର୍କସବୁ ଦୁର୍ବଳ ହୋଇ ପଡ଼ନ୍ତି ଓ ସେ ସବୁକୁ ବଞ୍ଚାଇ ରଖିବାକୁ ଯେତେବେଳେ ଶାସନ ଯନ୍ତ୍ରର ଦୃଢ଼ ପ୍ରଚେଷ୍ଟା ଆବଶ୍ୟକ ହୁଏ, ସେତିକବେଳେ ଦ୍ୱିତୀୟ ଶ୍ରେଣୀର ସ୍ୱାର୍ଥପରତା ସୃଷ୍ଟି ହେବାର ସୁଯୋଗ ମିଳେ । ଶାସନ ଯନ୍ତ୍ରର ଦୃଢ଼ତା ଯେତିକି ବଢ଼େ, ପରିବର୍ତ୍ତନ ବିରୋଧୀ ମନୋବୃତ୍ତି ସେତିକି କମି କମି ଯାଏ ଏବଂ ପରିବର୍ତ୍ତନ ସଫଳତା ଦିଗରେ ସେତିକି ଅଗ୍ରସର ହୁଏ ।

ପ୍ରଥମେ ଏହା ଆପାତତଃ ଜଣାପଡ଼େ ଯେ ଯଦି ଯେପରି ପରିବର୍ତ୍ତନ ବିଶେଷତଃ ଦୃଶ୍ୟମାନ ପରିବର୍ତ୍ତନ (ଯାହାର ସଠିକ୍ ପରିମାଣ ଜାଣିବା ସମ୍ଭବ) ଲୋକମାନଙ୍କର ସହଯୋଗ ବିନା ସାଧିତ ହୋଇ ପାରିବ । ଯଦି ଅର୍ଥନୈତିକ ଉନ୍ନତିର ଉଦ୍ଦେଶ୍ୟ କେତେ ଗୁଡ଼ିଏ ଜିନିଷର ଅଧିକା ଉତ୍ପାଦନରେ ସୀମାବଦ୍ଧ ରହେ, ତାହେଲେ ଏହା ଅପେକ୍ଷାକୃତ ସହଜ ହେବ । ଉତ୍ପାଦନ ପାଇଁ ଅବଶ୍ୟକ ମୌଳିକ ପଦାର୍ଥଗୁଡ଼ିକ ସଂଗ୍ରହ କରି ପାରିଲେ ଏହି କାର୍ଯ୍ୟ ସାଧିତ ହୋଇ ପାରିବ । ମାମୁଲି ଅର୍ଥନୈତିକ ଉପାୟ ଏଥିପାଇଁ ଯଥେଷ୍ଟ । ଯେହିପରି କୌଣସି କାରଖାନା ବା ଇଞ୍ଜିନିୟରିଂ ପ୍ରତିଷ୍ଠାନ ସମସ୍ତ ସୁବିଧା ଯୋଗାଇ ଦେଲେ ଯନ୍ତ୍ର ବ୍ୟବହାରର ନୂତନ କୌଶଳ ସୃଷ୍ଟି କରିଇ ପାରନ୍ତି । କୌଣସି କାରଖାନାର କାରିଗରମାନେ ଯଦି ନୂତନ ଉତ୍ପାଦନ ପ୍ରଣାଳୀ ବ୍ୟବହାର କରିବାକୁ ସମର୍ଥ ହୁଅନ୍ତି ଓ ସେଥିପାଇଁ ଯଦି ଅବଶ୍ୟକୀୟ ଯନ୍ତ୍ରପାତି ମିଳେ, ତାହେଲେ ସେହି କାରଖାନାର ମାଲିକ ଅତିଳ୍ପଣରେ ନିଜ କାରଖାନାରେ ସେହି ନୂତନ ଉତ୍ପାଦନ ପ୍ରଣାଳୀର ପ୍ରଚଳନ କରିଇ ପାରନ୍ତି । କିନ୍ତୁ ଏହିସବୁ ପରିବର୍ତ୍ତନ ବୈଷୟିକ ଦୃଷ୍ଟିରୁ ସମ୍ଭବ ହେଲେ ମଧ୍ୟ ଲୋକ ସମର୍ଥନ ସୃଷ୍ଟି କରି ପାରେ ନାହିଁ, ସୁତରାଂ ସମାଜର ଅର୍ଥନୈତିକ ଉନ୍ନତି ଆଣିବା ଦିଗରେ ଉପଯୋଗୀ ହୋଇ ପାରେ ନାହିଁ । ଅଧିକ ଉତ୍ପାଦନ ସବୁବେଳେ ଅଧିକ ଉପଭୋଗ ଉପରେ ନିର୍ଭର କରେ । ଯେଉଁମାନେ ଉପଭୋଗ କରିବେ, ସେମାନେ ଅଧିକ ଉତ୍ପାଦନକୁ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ଅବଶ୍ୟକ । କିନ୍ତୁ ନାନା କାରଣରୁ ଏହି ଇଚ୍ଛା ସୃଷ୍ଟି ହୋଇପାରେ ନାହିଁ । ସୁତରାଂ କେବଳ ଗୋଟିଏ ଦିବର୍ତ୍ତନର ଧାରିକୁ ଆରମ୍ଭ କରିଦେଲେ ଯଥେଷ୍ଟ ହେବ ନାହିଁ କିମ୍ବା ଉପର ସ୍ତରରୁ ସମାଜର ସବୁ ବାଧାବିଘ୍ନକୁ ଦୂର କରିବାକୁ ଚେଷ୍ଟା କଲେ ମଧ୍ୟ ଯଥେଷ୍ଟ ହେବ ନାହିଁ । ଅନୁଷ୍ଠାନିକ ବାଧା ହେତୁ ଅର୍ଥନୈତିକ ଉନ୍ନତି ପ୍ରତିହତ ହେବାର ଉଦାହରଣ ଅଧୁନିକ ସମାଜରେ ବହୁଳ ଭାବରେ ଦେଖାଯାଏ । କେବଳ ଆଇନ କରି ଏହି ଅନୁଷ୍ଠାନଗୁଡ଼ିକୁ ଦୂର କରି ଦେଲେ କାର୍ଯ୍ୟ ହାସଲ ହୁଏ ନାହିଁ, ବରଂ ସମାଜରେ ତାହାର ଘୋର ପ୍ରତିକ୍ରିୟା ଦେଖାଦିଏ । ପୁଣି ସମାଜର କେତେଗୁଡ଼ିଏ ଅନୁଷ୍ଠାନକୁ ଆକସ୍ମିକ ଭାବରେ ନଷ୍ଟ କରି ଦେଲେ ତାହାର ସ୍ଥାନ ସହଜେ ପୂରଣ ହୋଇ ପାରେ ନାହିଁ, ଫଳରେ ସମାଜର କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବନ୍ଦ ହୋଇଯାଏ । ପରିବର୍ତ୍ତନକୁ ସଫଳ କରିବାକୁ ହେଲେ ନୂତନ ସମାଜର ସଂଗଠନରେ ସୁପ୍ରଚଳନ-ଅବଶ୍ୟକତା ପୂରଣ କରିବା ପାଇଁ ଯଥେଷ୍ଟ ସୁଯୋଗ ଥିବା ଅବଶ୍ୟକ ।

ସମାଜର ପରିବର୍ତ୍ତନରେ ଏହା ଏକ ମୌଳିକ ନିୟମ ଯେ କୌଣସି ପୁରାତନ କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରି ଦିଆଗଲେ ତାହା ନୂତନ ରୂପରେ ଦେଖା ଦେଇ ଆତ୍ମରକ୍ଷା କରେ । କିନ୍ତୁ ଏ କଥା ମଧ୍ୟ ସତ ଯେ ସମାଜରେ ନୂତନ ଆଦର୍ଶ ଓ କାର୍ଯ୍ୟକ୍ରମର ସୃଷ୍ଟି ହୋଇଥାଏ ଓ ତାହା ଖୁବ ଶାନ୍ତିପୂର୍ଣ୍ଣ ଉପାୟରେ ମଧ୍ୟ କେତେ କେତେ ହୋଇଥାଏ । ସାମାଜିକ ସଂପର୍କର ସମସ୍ତ ଆବଶ୍ୟକତା ପୂରଣ ହୋଇ ପାରିଲେ ହିଁ କେବଳ ତାହା ନୂତନ ଅର୍ଥନୈତିକ ବା ରାଜନୈତିକ ସଂଗଠନ ସହ ଖାପ ଖାଏ ।

ପରିବର୍ତ୍ତନ ଆଣିବାରେ ଯେଉଁମାନେ ନେତୃତ୍ୱ ଦିଅନ୍ତି, ସେମାନଙ୍କର କର୍ମ ପ୍ରେରଣା (motive) ଯାହା, ସମଗ୍ର ସମାଜର କର୍ମ ପ୍ରେରଣା ମଧ୍ୟ ସେଇଆ ହେବା ଦରକାର । ନେତାମାନେ ପରିବର୍ତ୍ତନର ଯେଉଁ ପ୍ରକାର ପରିଣତି ହେବ ବୋଲି ମନେ କରନ୍ତି ଓ ଲୋକମାନେ ପରିବର୍ତ୍ତନରୁ ଯାହା ପାଇବାକୁ ଆଶା କରନ୍ତି, ତାହା ମଧ୍ୟରେ ମଧ୍ୟ ମେଳ ଥିବା ଦରକାର ।

କୌଣସି ନୂତନ ସାମାଜିକ ଆଦର୍ଶ ବା ରାଜନୈତିକ କାର୍ଯ୍ୟକ୍ରମ ସମାଜର ଆବଶ୍ୟକତା ପୂରଣ କରିବା ପାଇଁ ଖୁବ୍ ଭଲ ଭାବରେ ସମର୍ଥ ହୋଇପାରେ । କିନ୍ତୁ ଯଦି ସମାଜ ଓ ଲୋକସାଧାରଣ ଅନ୍ୟ ପ୍ରକାର ଆଦର୍ଶକୁ ପସନ୍ଦ କରୁଥାଆନ୍ତି ତାହେଲେ ଉକ୍ତ ଆଦର୍ଶ ବା କାର୍ଯ୍ୟକ୍ରମ କଦାପି ସଫଳ ହୋଇ ପାରିବ ନାହିଁ । ସମ୍ପତ୍ତି ବା ଅଧିକାର ଅସମାନତା, ଜମି ବା ରାଜନୈତିକ କ୍ଷମତାର ବୈଷମ୍ୟ ହେତୁ ଯଦି ଗୁରୁତର ଉତ୍ତେଜନାର ସୃଷ୍ଟି ହୁଏ ଏବଂ ଏହି ସମସ୍ତ ବୈଷମ୍ୟ ଦୂର କରିବାକୁ ନେତୃତ୍ୱ ଯଦି କାର୍ଯ୍ୟକର ହୁଏ, ତାହେଲେ ପରିବର୍ତ୍ତନର ପଥ ପରିଷ୍କାର ହୋଇଯାଏ । ଏହି ପ୍ରକାର ପରିସ୍ଥିତିକୁ ଉତ୍ତେଜନା ପରିସ୍ଥିତି (Challenge situation) କୁହାଯାଏ । ଏଥିରେ ନେତା ଓ ପରିଚାଳିତ ବ୍ୟକ୍ତିମାନଙ୍କ ମଧ୍ୟରେ ଦ୍ରୁତ କ୍ରିୟା-ପ୍ରତିକ୍ରିୟାର ସମ୍ପର୍କ ସୃଷ୍ଟି ହୋଇଥାଏ । ଏହି ପ୍ରକାର ସମ୍ପର୍କହିଁ ଅର୍ଥନୈତିକ ପରିବର୍ତ୍ତନର ଭିତ୍ତି ସ୍ଥାପନ କରେ ।

ଭୌଗୋଳିକ ଦୃଷ୍ଟିରୁ କୌଣସି କର୍ମ ପ୍ରେରଣାର ମୂଳ ନିର୍ଣ୍ଣୟ କରିବା ଆଦୌ ଗୁରୁତ୍ୱ ପୂର୍ଣ୍ଣ ନୁହେଁ । ଅର୍ଥନୈତିକ ଓ ରାଜନୈତିକ ଆଦର୍ଶ ନିଗୋଷ୍ଠୀ ଏ ଦେଶରୁ ଅନ୍ୟ ଦେଶକୁ ଯାଇଥାଏ ଓ ସେଥିପାଇଁ କୌଣସି ଦେଶ "ସର୍ବ ସ୍ୱତ୍ୱ ସଂରକ୍ଷିତ" ବୋଲି ଦାବୀ କରି ନ ପାରେ । କୌଣସି ପ୍ରକାର ସାମାଜିକ ଆନ୍ଦୋଳନ ନିର୍ଦ୍ଦିଷ୍ଟ ସୀମା ରେଖା ମଧ୍ୟରେ ଆବଦ୍ଧ ରହେ ନାହିଁ । ଆଧୁନିକ ଯୁଗରେ ଅନ୍ତର୍ଜାତିକ ଅନୁଷ୍ଠାନଗୁଡ଼ିକ ମଧ୍ୟ ଏ ଦିଗରେ କାର୍ଯ୍ୟକାରୀ ହେଲେଣି । ଅର୍ଥନୈତିକ ଓ ସାମାଜିକ ସମସ୍ୟାଗୁଡ଼ିକର ଗୁରୁତ୍ୱ ବୁଝାଇ ଦେବାପାଇଁ ଏହି ଅନୁଷ୍ଠାନମାନେ ଉଦ୍ୟମ କରନ୍ତି । ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନ ପାଇଁ କିପରି ମାନସିକ ପ୍ରସ୍ତୁତ କରାଯାଏ, ସେ ବିଷୟରେ ଏହି ଅନୁଷ୍ଠାନ ଗୁଡ଼ିକ ଯଥେଷ୍ଟ ଅଭିଜ୍ଞତା ହାସଲ କରି ସାରିଛନ୍ତି । କିନ୍ତୁ ଏ କ୍ଷେତ୍ରରେ ମଧ୍ୟ ସଫଳତା ଉତ୍ତେଜନା ପରିସ୍ଥିତିର ସୃଷ୍ଟି ଉପରେ ନିର୍ଭର କରେ ।

ଏଠାରେ ଗୋଟିଏ ଉଦାହରଣ ଦେଲେ କଥାଟି ସ୍ପଷ୍ଟ ହେବ । ଆଜିକାଲି ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ଦାରିଦ୍ର୍ୟ ଓ ଦୁଃସ୍ଥ ସମ୍ପର୍କୀୟ ସମସ୍ୟା ପ୍ରତି ଯେଉଁ ପ୍ରକାର ଜାଗରଣ ଉପୁଜିଛି, ଆଗେ କେବେ ତାହା ହୋଇ ନ ଥିଲା । କିନ୍ତୁ କେବଳ ବର୍ତ୍ତମାନର ଉତ୍କଟ ଦାରିଦ୍ର୍ୟ ହେତୁ ଯେ ଏହି ଜାଗରଣ ଆସିଛି ତାହା ନୁହେଁ ପ୍ରଥମ ମହାଯୁଦ୍ଧ ପୂର୍ବରୁ ଉନ୍ନତ ଓ ଅନୁନ୍ନତ ସମାଜ ମଧ୍ୟରେ ମୁଣ୍ଡପିଛା ଉତ୍ପାଦନ ଓ ଉପଭୋଗରେ ଯେଉଁ ତାରତମ୍ୟ ଥିଲା, ତାହା ଏବେ ମଧ୍ୟ ପ୍ରାୟ ସେହିପରି ରହିଛି । ସେଥିରେ କୌଣସି ଉଲ୍ଲେଖଯୋଗ୍ୟ ବୃଦ୍ଧି ଘଟି ନାହିଁ । ଆଗେ ଅବଶ୍ୟ ଉନ୍ନତ ଦେଶଗୁଡ଼ିକର ଉତ୍ପାଦନମାନ ଏତେ ଅଧିକ ନ ଥିଲା, କିନ୍ତୁ ଅନୁନ୍ନତ ଦେଶଗୁଡ଼ିକର ଉତ୍ପାଦନମାନ ମଧ୍ୟ ସେହିପରି ତୁଳନାତ୍ମକ ଭାବରେ କମ ଥିଲା । ମଧ୍ୟବିତ୍ତ ପରିବାରରେ ଗୃହକର୍ମକାର ରଖିବାରେ ଯେପରି ବହୁ ଅର୍ଥ ବ୍ୟୟ ହେଉଥିଲା, ରେଡ଼ିଓ, ଟେଲିଭିଜନ, ରେଫ୍ରିଜରେଟର ଇତ୍ୟାଦି ବାବଦରେ ସେହିପରି କୌଣସି ଖର୍ଚ୍ଚ ନ ଥିଲା । ମୋଟ ଉପରେ ଦେଖିବାକୁ ଗଲେ ଉନ୍ନତ ଓ ଅନୁନ୍ନତ ଦେଶଗୁଡ଼ିକ ମଧ୍ୟରେ ଆଗେ ଯେତିକି ତଫାତ ଥିଲା, ଆଜିକାଲି ମଧ୍ୟ ସେତିକି ଅଛି । ଆଗେ ଏହି ତଫାତ କୌଣସି ଆଲୋଡ଼ନ ସୃଷ୍ଟି କରୁ ନ ଥିଲା ବା ଏହାକୁ କେନ୍ଦ୍ର କରି କୌଣସି ଜନ ଆନ୍ଦୋଳନର ସୃଷ୍ଟି ହେଉ ନ ଥିଲା ।

ସୁତରାଂ ଆମେ ଏଇଟି ପ୍ରଶ୍ନ ପଚାରି ପାରିବା 'ତାହିଁକି ଆମର ଦୁଇ, ତିନି ପୁରୁଷ ଆଗରୁ ଜୀବନର ମାନ ବୃଦ୍ଧି ପାଇଁ ବ୍ୟାପକ ଆନ୍ଦୋଳନ ସମ୍ଭବ ହୋଇ ପାରି ନାହିଁ ? ତାହିଁକି ସେ ସମୟର ରାଜନୀତିରେ ଆନ୍ତର୍ଜାତୀୟ ଅର୍ଥନୈତିକ ସମାନତା ଆଣିବାର ସମସ୍ୟା ସ୍ଥାନ ପାଇ ନାହିଁ ?' ଏହାର ଉତ୍ତର ହେଉଛି—ସେହି ସମୟରେ ଏହା ସପକ୍ଷରେ ଉତ୍ତେଜନା ପରିଷ୍ଥିତି ନ ଥିଲା । ବର୍ତ୍ତମାନର ଆନ୍ତର୍ଜାତିକ ରାଜନୀତିରେ ମାନବକଲ୍ୟାଣର ଯେଉଁ ନୂତନ ଆଦର୍ଶ ଦେଖା ଦେଇଛି, ତାହା କେବଳ ଯାନ୍ତ୍ରିକ ଅଗ୍ରଗତିର ସୃଷ୍ଟି ନୁହେଁ । ବର୍ତ୍ତମାନର ଅର୍ଥନୈତିକ ଓ ସାମାଜିକ ସଂଗଠନରେ ଯେଉଁ ସଂକଟ ଦେଖା ଦେଇଛି, ଏହି ଆଦର୍ଶ ସେହି ସଂକଟରୁ ଉପୁଜିଥିବା ସାମାଜିକ ଓ ଅର୍ଥନୈତିକ ଶକ୍ତିଗୁଡ଼ିକର ସମଷ୍ଟିଗତ ପ୍ରକାଶ । ବିଭିନ୍ନ ସ୍ତରର ଓ ବିଭିନ୍ନ ପ୍ରକାରର ପ୍ରବର୍ତ୍ତନ (Persuasion), ଚାପ ପ୍ରୟୋଗ (Pressure) ଓ ବଳ ପ୍ରୟୋଗ (Compulsion) ମଧ୍ୟ ଦେଇ ଏହି ଆଦର୍ଶ ପୂର୍ଣ୍ଣତାପ୍ରାପ୍ତି ଦିଗରେ ଅଗ୍ରସର ହେଉଛି ।

ସାମାଜିକ ଯୌନ ନିୟନ୍ତ୍ରଣ *

କୁଳମଣି ମହାପାତ୍ର

ସାମାଜିକ ଜୀବନ କେତେଗୁଡ଼ିଏ ସହଯୋଗ ମୂଳକ ସମ୍ପର୍କ ଉପରେ ପ୍ରତିଷ୍ଠିତ । ଯୌନ ଇଚ୍ଛାର ପ୍ରେରଣା ଏପରି ତୀବ୍ର ଯେ ଏହାର ପ୍ରଭାବରେ ଚାଳିତ ହୋଇ ବ୍ୟକ୍ତିବିଶେଷ ଉକ୍ତ ସହଯୋଗ ମୂଳକ ସମ୍ପର୍କକୁ ନଷ୍ଟ କରିବାର ସମ୍ଭାବନା ଅଛି । ଯେଉଁ ଅସଂଖ୍ୟ ଆନ୍ତର୍ବ୍ୟକ୍ତିକ ସମ୍ପର୍କରୁ ଗୋଷ୍ଠୀ ଜୀବନର ଉଦ୍ଭବ ସମ୍ଭବ ହୁଏ ସେ ଗୁଡ଼ିକ ଯେପରି ସୂକ୍ଷ୍ମ ସେପରି ଜଟିଳ । ସ୍ୱେଚ୍ଛାପ୍ରବୃତ୍ତ ଯୌନସମ୍ପର୍କ ଜନିତ ପ୍ରତିଯୋଗିତାର ଗ୍ଲାନି ଓ ହିଂସ୍ରତା ଏମାନଙ୍କୁ ଭ୍ରଷ୍ଟ କରେ । ତେଣୁ ସମାଜ କଦାପି ଯୌନ କ୍ରିୟା ପ୍ରତି ଉଦାସୀନ ରହି ପାରେ ନାହିଁ ଓ ପ୍ରତ୍ୟେକ ସମାଜରେ ଯୌନ ନିୟନ୍ତ୍ରଣ ଦେଖାଯାଏ । ହୁଏ ତ ଏହା ସମ୍ଭବ ହୋଇ ପାରେ ଯେ ମନୁଷ୍ୟର ଦୀର୍ଘ ଇତିହାସରେ କୌଣସି କୌଣସି ସମାଜରେ ଯୌନ ନିୟନ୍ତ୍ରଣ ଦେଖା ଦେଇ ନ ଥିବ, କିନ୍ତୁ ସେପରି ସମାଜର କୌଣସି ଚିହ୍ନ ମୁଦ୍ଧା ଆଜି ଦେଖିବାକୁ ମିଳେ ନାହିଁ । ଯୌନ କ୍ରିୟାର ସାମାଜିକ ନିୟନ୍ତ୍ରଣ ଆଜି ଏକ ସାର୍ବଜନୀନ ତଥ୍ୟ ।

ଏହା ସତ୍ୟ ଯେ ଏହି ନିୟନ୍ତ୍ରଣ ଅତ୍ୟଧିକ କଠୋର ହେବା ଉଚିତ ନୁହେଁ । ସମାଜକୁ ତିଷ୍ଠି ରହିବାକୁ ହେଲେ ବ୍ୟକ୍ତିକୁ ତାହାର ଯୌନ ପ୍ରବୃତ୍ତିକୁ ବିକାଶ କରିବାର ଯଥେଷ୍ଟ ସୁଯୋଗ ଦେବା ଆବଶ୍ୟକ, ଯାହାଦ୍ୱାରା ପ୍ରଜନନ କିମ୍ବା ସୁଶୃଙ୍ଖଳ-ରୂପେ ଚାଳିତ ହେବ ଓ ଜନହ୍ରାସର ଆଶଙ୍କା ରହିବ ନାହିଁ । କିନ୍ତୁ ଏହା ଅପେକ୍ଷା ଅଧିକ ସୁଯୋଗ ଦେବାର ଆବଶ୍ୟକତା ମଧ୍ୟ ରହିଛି । କ୍ଷୁଧା, ତୃଷା, ପ୍ରଭୃତି ପ୍ରବୃତ୍ତି ମାନଙ୍କ ଅପେକ୍ଷା ଯୌନ ପ୍ରବୃତ୍ତି ନିଜକୁ ଅନ୍ୟ ବାଟରେ ଚରିତାର୍ଥ କରିବାରେ ଓ ଉଚ୍ଚତର ପରିଣତି ହାସଲ କରିବାରେ ଅଧିକ ପାରଙ୍ଗମ, କିନ୍ତୁ ଚିକିତ୍ସାଗତ (clinical) ତଥ୍ୟ ଦୃଢ଼ ଭାବରେ ପ୍ରମାଣ କରିଛି ଯେ ଯୌନ ପ୍ରବୃତ୍ତିର ବ୍ୟର୍ଥତା ଏପରି ବିଶୃଙ୍ଖଳ ବ୍ୟକ୍ତିତ୍ୱ ସୃଷ୍ଟି କରେ ଯାହାକି ସନ୍ତୋଷଜନକ ସାମାଜିକ ସମ୍ପର୍କ ପ୍ରତିଷ୍ଠା ବାଟରେ ଘୋର ଅନ୍ତରାୟ ହୁଏ । ସୁତରାଂ କେବଳ ଜନସଂଖ୍ୟା ସକାଶେ ନୁହେଁ ବ୍ୟକ୍ତିର ମାନସିକ ସ୍ୱାସ୍ଥ୍ୟ ତଥା କାର୍ଯ୍ୟକାରିତା ରକ୍ଷା କରିବା ପାଇଁ ଯୌନ ପ୍ରବୃତ୍ତିକୁ ଚରିତାର୍ଥ କରିବାର ଯଥେଷ୍ଟ ସୁଯୋଗ ଦେବା ଆବଶ୍ୟକ ।

ଯୌନ ନିୟନ୍ତ୍ରଣ ସଙ୍ଗେ ସଙ୍ଗେ ଯୌନ ପ୍ରବୃତ୍ତିର ବିକାଶର ସୁଯୋଗ ପ୍ରତ୍ୟେକ ସମାଜ ନିକଟରେ ଏକ ସମସ୍ୟା ଏବଂ କେତେଗୁଡ଼ିଏ ନୀତି ଗତ ନିୟନ୍ତ୍ରଣ, ଅଧିକାର ଓ ନିୟମର ସମଷ୍ଟି ଦ୍ୱାରା ସମାଜ ଏହାର ସମାଧାନ କରିଥାଏ । ଏମାନଙ୍କ ମଧ୍ୟରୁ

---

* ଭଞ୍ଜନ ପ୍ରଭୁର ସମିତିର ୧୧୬ ସାଧାରଣ ଅଧିବେଶନରେ ପଠିତ

ନିବାରଣମୂଳକ ନିୟମଗୁଡ଼ିକ ସାମାଜ ପକ୍ଷରେ କ୍ଷତିକାରୀ ଯୌନ ପ୍ରତିଯୋଗିତାକୁ ବନ୍ଦ କରିଏ ଓ ଅନୁମୋଦନମୂଳକ ନିୟମ ଗୁଡ଼ିକ ଅନ୍ତତଃ ପକ୍ଷେ ବ୍ୟକ୍ତିଗତ ସ୍ୱାଚ୍ଛନ୍ଦ୍ୟ ପାଇଁ ଯେତିକି ଯୌନ କ୍ରିୟା ଆବଶ୍ୟକ ତାହାର ଅନୁମତି ପ୍ରଦାନ କରେ ସାଧାରଣତଃ ଯୌନ ବ୍ୟବହାରକୁ କେତେଗୁଡ଼ିଏ ବାଧ୍ୟତା ମୂଳକ ନିୟମ ଦ୍ୱାରା ଯୋଗ କରାଯାଇ ଏହାକୁ ପ୍ରତ୍ୟକ୍ଷ ଭାବରେ ସାମାଜିକ ସ୍ୱାର୍ଥର ବଶୀଭୂତ କରାଯାଏ ।

ଯୌନ ନିୟନ୍ତ୍ରଣକୁ ବୁଝିବା ପାଇଁ ଯୌନ ବ୍ୟବହାରର ଠିକ୍ ବିଶ୍ଳେଷଣ ଆବଶ୍ୟକ । ଏହି ପ୍ରବନ୍ଧର ଉଦ୍ଦେଶ୍ୟ ପୂରଣ ପାଇଁ କେତେଗୁଡ଼ିଏ ତଥାକଥିତ ଅପ୍ରାକୃତିକ ଯୌନ ବ୍ୟବହାରକୁ ଆଲୋଚନା କରିବାର ଆବଶ୍ୟକତା ନାହିଁ । ବୈବାହିକ ସୂତ୍ରରେ ହେଉ କିମ୍ବା ବୈବାହିକ ସୂତ୍ରର ବାହାରେ ହେଉ, ସ୍ତ୍ରୀ ଓ ପୁରୁଷ ମଧ୍ୟରେ ଯେଉଁ ପ୍ରକାଶମାନ ଯୌନ ସମ୍ପର୍କ ଦେଖା ଦେଇଥାଏ, ତାହାହିଁ ଏଠାରେ ଆଲୋଚ୍ୟ ବିଷୟ । ସାମାଜିକ ଦୃଷ୍ଟି କୋଣରୁ ଯୌନ ସମ୍ପର୍କକୁ ସାତୋଟି ମୁଖ୍ୟ ବିଭାଗରେ ବିଭକ୍ତ କରାଯାଇ ପାରେ । ସମସ୍ତ ପ୍ରକାର ବିଧି ରକ୍ଷାକରି ଏକ ଦମ୍ପତି ମଧ୍ୟରେ ଯେଉଁ ଯୌନ ସମ୍ପର୍କ ଦେଖାଦିଏ ତାହାକୁ ଦାମ୍ପତ୍ୟ ଯୌନ ସମ୍ପର୍କ (Marital sexuality) କୁହା ଯାଏ । ବୈବାହିକ ସମ୍ପର୍କ ନ ଥାଇ ଯଦି ଯୌନ ସମ୍ପର୍କ ହୁଏ ଓ ଉକ୍ତ ସ୍ତ୍ରୀ ଓ ପୁରୁଷଙ୍କ ମଧ୍ୟରୁ ଅନ୍ତତଃ ଜଣେ ଯଦି ଅନ୍ୟତ୍ର ବିବାହ କରିଥାଏ, ତାହାହେଲେ ତାହାକୁ ଦାମ୍ପତ୍ୟ ପ୍ରତିକୂଳ ସମ୍ପର୍କ (Adultry) ଆଖ୍ୟା ଦିଆଯାଏ । ଗୋଟିଏ ସ୍ତ୍ରୀ ଓ ପୁରୁଷ ମଧ୍ୟରେ ଥିବା ଜ୍ଞାତି ସମ୍ପର୍କ ଦ୍ୱାରା ଯଦି ସେମାନଙ୍କର ବିବାହ ନିଷିଦ୍ଧ ହୋଇଥାଏ ଏବଂ ସେମାନଙ୍କ ମଧ୍ୟରେ ଯୌନ ସମ୍ପର୍କ ହୁଏ, ତାହା ହେଲେ ତାହାକୁ ଜ୍ଞାତି ପ୍ରତିକୂଳ ଯୋନ ସମ୍ପର୍କ (Incest) କୁହାଯିବ । ଯଦି ସ୍ତ୍ରୀ ଓ ପୁରୁଷ ବିବାହ ସମ୍ପର୍କ ପ୍ରଚଳନ ନ ଥିବା ପୃଥକ ଜାତି କିମ୍ବା ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଥାନ୍ତି ତାହାହେଲେ ସେମାନଙ୍କ ଯୌନ ସମ୍ପର୍କକୁ ଅଯୋଗ୍ୟ ଯୌନ ସମ୍ପର୍କ (mismating) କୁହାଯିବ । ଯଦି ସ୍ତ୍ରୀ କିମ୍ବା ପୁରୁଷ ଯୌନ କ୍ରିୟା ନିଷିଦ୍ଧ ହୋଇଥିବା ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇଥାନ୍ତି, ଯଥା ବିଧବା କିମ୍ବା ମଠମହନ୍ତ, ତାହାହେଲେ ସେମାନଙ୍କ ସମ୍ପର୍କକୁ ଅସ୍ତରଭିତ୍ତିକ ଯୌନ ସମ୍ପର୍କ (Status unchastity) କୁହାଯିବ । ଗ୍ରହଣ କିମ୍ବା ସ୍ତ୍ରୀମାନଙ୍କର ଋତୁ ସ୍ରାବ ପ୍ରଭୃତି ସମୟରେ ଯୌନ କ୍ରିୟା ସମ୍ପାଦିତ ହେବା କେତେକ ସମାଜରେ ଦୃଷ୍ଟିଗତ ଶୁଚି ଦୃଷ୍ଟିରୁ ନିଷିଦ୍ଧ । ସେହି ସମୟରେ ଯୌନ ସମ୍ପର୍କ ହେଲେ ତାହାକୁ ଅଶୌଚ ଯୌନ ସମ୍ପର୍କ (Incontinence) କୁହାଯିବ । ଯେଉଁ ସମ୍ପର୍କ ଗୁଡ଼ିକ ଏହି ସମସ୍ତ ବିଭାଗ ମଧ୍ୟରୁ କୌଣସିଟିର ଅନ୍ତର୍ଭୁକ୍ତ ନୁହେଁ, ସେଗୁଡ଼ିକୁ ମୋଟାମୋଟି ଭାବରେ ଅବୈଧ ଯୌନ ସମ୍ପର୍କ (Fornication) ପର୍ଯ୍ୟାୟରେ ରଖାଯାଇ ପାରେ । ଯେଉଁ ଯୌନ ସମ୍ପର୍କ ବିବାହ ବ୍ୟତୀତ ଅନ୍ୟ ସମସ୍ତ ସାମାଜିକ ପରମ୍ପରା ରକ୍ଷା କରେ ସେ ସମସ୍ତ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

ଆମର ସମାଜରେ ବିବାହ ବାହାରେ କୌଣସି ପ୍ରକାର ଯୌନ ସଂପର୍କ ନିଷିଦ୍ଧ ଓ ଆମର ଧାରଣାରେ ଯୌନ କ୍ରିୟା ସହିତ ଯୌନ ନିୟନ୍ତ୍ରଣ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଆମ ସମାଜରେ ଯେଉଁ ପ୍ରକାରର ଯୌନ ନିୟନ୍ତ୍ରଣ ରହିଛି ଅନ୍ୟ ସମାଜରେ ମଧ୍ୟ ଠିକ ସେହିପରି ନିୟନ୍ତ୍ରଣ ରହିବା ଉଚିତ ଏ କଥା କେବଳ ସାଧାରଣ ଲୋକେ ନୁହଁନ୍ତି, ଏ ବିଷୟରେ ଗବେଷଣା କରିଥିବା ଲୋକେ ମଧ୍ୟ ଭାବନ୍ତି । ଏହି ଧାରଣା ନିତାନ୍ତ ଭ୍ରାନ୍ତ ବୋଲି ପ୍ରମାଣିତ ହୋଇଛି । ପୃଥିବୀର ବହୁ ଅଧିକ ସଂଖ୍ୟକ ଲୋକଙ୍କ ନିକଟରେ ଯୌନ ସଂପର୍କ ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ । ବିବାହ, ଜାତିପ୍ରଥା, ସାମାଜିକ ସମ୍ମାନ, ପ୍ରଜନନ ଓ ଅନ୍ୟର ଅନୁଷ୍ଠାନ ପ୍ରଭୃତି ସାମାଜିକ କାର୍ଯ୍ୟମାନଙ୍କ ଜରିଅରେହିଁ ଏହା ଗୁରୁତ୍ୱ ହାସଲ କରିଥାଏ ।

ନିଜ ସମାଜର ଯୌନ ପବିତ୍ରତାର ପରଂପରା ଦ୍ୱାରା ଆମର ଗବେଷଣାକାରୀମାନେ ଏତେ ପ୍ରଭାବିତ ଯେ ଅନ୍ୟ ସମାଜର ଯୌନ ନିୟନ୍ତ୍ରଣ ପ୍ରଥା ବୁଝିବାକୁ ସେମାନେ ଅସମର୍ଥ ହୋଇଛନ୍ତି । କେବଳ ସେତିକି ନୁହେଁ, ଆଦିମ ସମାଜରେ ଓ ବର୍ତ୍ତମାନର ଆଦିବାସୀମାନଙ୍କ ମଧ୍ୟରେ କୌଣସି ପ୍ରକାର ଯୌନ ନିୟନ୍ତ୍ରଣ ନାହିଁ ବୋଲି ଧରି ନିଆ ହୋଇଛି । ଏହା ଫଳରେ ସାମୂହିକ ବେଶ୍ୟାବୃତ୍ତି **(hatairism)** ଆଦିମ ସମାଜର ଅବାଧ ଯୌନ ସଂପର୍କ **(primitive promiscuity)** ଯୌନ ସାମ୍ୟବାଦ **(sexual communism)** ପ୍ରଭୃତି ଭିତ୍ତିହୀନ ତତ୍ତ୍ୱର ପ୍ରଚାର ସମ୍ଭବ ହୋଇଛି । ଏହାର କୌଣସି ପ୍ରାମାଣିକ ଭିତ୍ତି ନାହିଁ । ଏପରି କୌଣସି ଆଦିବାସୀ ସମାଜ ନାହିଁ ଯେଉଁଠିରେ କି ଯୌନ ନିୟନ୍ତ୍ରଣ ଆଦୌ ନାହିଁ । ଦକ୍ଷିଣ ଭାରତର ଟୋଡ଼ା ଓ ବ୍ରାଜିଲର କେଏନ୍‌ଗାଂଗ୍‌ମାନଙ୍କ ମଧ୍ୟରେ ଯୌନ ନିୟନ୍ତ୍ରଣ ସବୁଠାରୁ ଶିଥିଳ ବୋଲି ଧରାଯାଏ, କିନ୍ତୁ ସେମାନଙ୍କ ସମାଜରେ ବି ଯୌନ ନିୟନ୍ତ୍ରଣ ନେଇ ଅସଂଖ୍ୟ ନିୟମ ଅଛି ।

ଆମ ସମାଜରେ ଯୌନ କ୍ରିୟାକୁ ପାପ ବୋଲି ଧରି ନିଆ ଯାଏ । ଅବଶ୍ୟ କେତେକ କ୍ଷେତ୍ରରେ ଏହି ପାପର ଆବଶ୍ୟକତାକୁ ସ୍ୱୀକାର କରାଯାଏ । ଏହାହିଁ ଆମ ସମାଜରେ ଯୌନ ନିୟନ୍ତ୍ରଣର ଭିତ୍ତି । କିନ୍ତୁ ବହୁତ କମ୍ ସମାଜରେ ଯୌନ କ୍ରିୟାକୁ ପାପ ବୋଲି ଧରନ୍ତି ଓ କେବଳ ପ୍ରଜନନ ଉଦ୍ଦେଶ୍ୟ ଛଡ଼ା ଅନ୍ୟ କୌଣସି ପ୍ରକାର ଯୌନ ସଂପର୍କ ଅସମ୍ଭବ ବୋଲି ସ୍ୱୀକାର କରନ୍ତି ନାହିଁ ।

ବୈବାହିକ ସମ୍ପର୍କ ଯୌନ ନିୟନ୍ତ୍ରଣର ଗୋଟିଏ ମୁଖ୍ୟ ଭିତ୍ତି । ଏହି ସମ୍ପର୍କ ମଧ୍ୟରେ ଯୌନ ସମ୍ପର୍କ କେବଳ ବୈଧ ନୁହେଁ ବାଧ୍ୟତାମୂଳକ ମଧ୍ୟ । ଏହି ସମ୍ପର୍କକୁ କ୍ଷୁଣ୍ଣ କରୁଥିବା ଯୌନ ସମ୍ପର୍କକୁ ସବୁ ସମାଜରେ ନିୟନ୍ତ୍ରିତ କରାଯାଏ । କିନ୍ତୁ କନ୍ଧ ସମାଜରେ ସ୍ୱଳ୍ପସଂପର୍କ ଜ୍ଞାତି **(affinal relatives)**ମାନଙ୍କ ସହ ବିବାହ ବହିର୍ଭୂତ ଯୌନ ସଂପର୍କ **(extramarital relationship)** ସ୍ୱୀକାର କରାଯାଏ ଓ ଏହି ସଂପର୍କ ଦ୍ୱାରା ବିବାହିତ ଦାମ୍ପତ୍ୟ ଜୀବନ ଆଦୌ ପ୍ରଭାବିତ ହୁଏ ନାହିଁ ।

ପ୍ରଜାତୀୟ ଶାରୀରିକ ପ୍ରଭେଦ **(ethnic difference)** ଓ ସମାଜର ପର୍ଯ୍ୟାୟୀକରଣ **(social stratification)** ମଧ୍ୟ ଯୌନ ନିୟନ୍ତ୍ରଣର ଭିତ୍ତି । ଅଧିକାଂଶ ସମାଜ ଅନ୍ତର୍ବିବାହ ଦ୍ୱାରା ବିବାହ ଓ ଯୌନ ସଂପର୍କକୁ ନିର୍ଦ୍ଦିଷ୍ଟ ସାମାଜିକ ସୀମା ମଧ୍ୟରେ ଆବଦ୍ଧ ରଖନ୍ତି । ବହୁ ଆଦିବାସୀ ସମାଜ ଭିତରେ ଯୌନ ନିୟନ୍ତ୍ରଣ ଶିଥିଳ ହେଲେ ମଧ୍ୟ ସ୍ୱଗୋଷ୍ଠୀୟ କିମ୍ବା ଅନ୍ୟ ବାହାର ଲୋକଙ୍କ ପ୍ରତି କଠୋର ଶୃଙ୍ଖଳା ପ୍ରୟୋଗ କରାଯାଏ । ଗୋଟିଏ ସମାଜ ଯଦି ବିଭିନ୍ନ ପର୍ଯ୍ୟାୟରେ ଭାଗ ଭାଗ ହୋଇଥାଏ ତାହେଲେ ଭୌଗଳିକ ଭିତ୍ତିରେ ଯେଉଁ ସାଂସ୍କୃତିକ ପ୍ରଭେଦ ଓ ସାମାଜିକ ଦୂରତ୍ୱ ଦେଖା ଯିବାର କଥା ତାହା ଏହି ସମାଜର ବିଭିନ୍ନ ଶ୍ରେଣୀ ଓ ଜାତିମାନଙ୍କ ମଧ୍ୟରେ ଦେଖାଯାଏ । ଏହି କ୍ଷେତ୍ରରେ ଅନ୍ତର୍ବିବାହ ଜାତି ଓ ଶ୍ରେଣୀ ମଧ୍ୟରେ ସୀମାବଦ୍ଧ ରହେ ।

ସାମାଜିକ କ୍ଷେତ୍ରରେ କେବଳ ସାଧାରଣ ପ୍ରତିଷ୍ଠା ନୁହେଁ, ବିଶେଷ ପ୍ରତିଷ୍ଠା ପ୍ରତି ମଧ୍ୟ ଯୌନ ନିୟନ୍ତ୍ରଣ ପ୍ରଯୁଜ୍ୟ ହୋଇଥାଏ । ଧର୍ମ କାର୍ଯ୍ୟରେ ନିଯୁକ୍ତ ଥିବା ଲୋକମାନଙ୍କର ଅବିବାହିତ ଓ ପବିତ୍ର ରହିବାର ବିଧି ଏହାର ପ୍ରକୃଷ୍ଟ ଉଦାହରଣ । କେତେକ ସମାଜରେ ବିଧବାମାନଙ୍କ ପ୍ରତି ଏହି ନିୟନ୍ତ୍ରଣ ପ୍ରଯୁଜ୍ୟ ହୁଏ । ଏହି ସବୁ ନିବାରଣମୂଳକ ନିୟନ୍ତ୍ରଣ ବ୍ୟତୀତ କେବଳ ଅନୁମୋଦନ ମୂଳକ ନିୟନ୍ତ୍ରଣ ମଧ୍ୟ ଅଛି । ଅନେକ ସ୍ଥାନରେ ଦେଖାଯାଏ ଯେ ବିବାହିତା ନାରୀର ସ୍ୱାମୀ ସହ ଯୌନ ସଂସର୍ଗ ହେବା ପୂର୍ବରୁ ପ୍ରଥମ ସହବାସର ଅଧିକାର ଭୂମ୍ୟଧିକାରୀ ବା ଧର୍ମଯାଜକମାନେ ପାଇ ଥାଆନ୍ତି । କେତେକ ସ୍ଥାନରେ ଉଚ୍ଚପଦସ୍ଥ ବ୍ୟକ୍ତିମାନଙ୍କୁ ଜାତି ପ୍ରତିକୂଳ ଯୌନସଂପର୍କର ଅଧିକାର ଦିଆଯାଇ ଥାଏ । ପ୍ରାଚୀନ ଇଜିପ୍ଟର ଟଲେମୀ ଓ ପେରୁର ଇଂକା ରାଜବଂଶମାନଙ୍କ ମଧ୍ୟରେ ଭ୍ରାତା ସହିତ ଭଗ୍ନୀର ବିବାହ ପ୍ରଚଳିତ ଥିଲା ଓ ତାହା ବାଧ୍ୟତାମୂଳକ ମଧ୍ୟ ଥିଲା ।

ପ୍ରଜନନ କ୍ରିୟା ସହ ସଂଶ୍ଳିଷ୍ଟଥିବା ଘଟଣାଗୁଡ଼ିକ ଯୌନ ନିୟନ୍ତ୍ରଣକୁ ପ୍ରଭାବିତ କରେ । ଅଧିକାଂଶ ସମାଜରେ ସ୍ତ୍ରୀ ଲୋକମାନଙ୍କର ଋତୁସ୍ରାବ ସମୟରେ, ଗର୍ଭାବସ୍ଥାରେ ଓ ସନ୍ତାନ ପ୍ରସବ ପରେ କେତେକ ଦିନ ପର୍ଯ୍ୟନ୍ତ କୌଣସି ପ୍ରକାର ଯୌନ ସମ୍ପର୍କ ନିଷିଦ୍ଧ ଥାଏ । ଏପରିକି କେତେକ କ୍ଷେତ୍ରରେ ସନ୍ତାନ ଦୁଧ ନ ଛାଡ଼ିବା ପର୍ଯ୍ୟନ୍ତ ଏହି ନିଷେଧ ଜାରି ଥାଏ । ନାରୀମାନଙ୍କର ସାମୟିକ ଅପବିତ୍ରତାର ଧାରଣା ଏହା ପଛରେ ଥାଏ । କିନ୍ତୁ କେତେକ ସମାଜରେ ଏ ଧାରଣା ଅଛି ଯେ ଗର୍ଭାବସ୍ଥାରେ ସହବାସ ଦ୍ୱାରା ଗର୍ଭସ୍ଥ ସନ୍ତାନ ପୁଷ୍ଟ ହୁଏ । ଏହି ଧାରଣାର ବଶବର୍ତ୍ତୀ ହୋଇ ଅଜାଣ୍ଡେ ଓ କିୱାଇମାନଙ୍କ ମଧ୍ୟରେ ଗର୍ଭାବସ୍ଥାରେ ଯୌନ ସମ୍ପର୍କ ଏକ ବାଧ୍ୟତା ମୂଳକ ପ୍ରଥା ହୋଇଅଛି ।

ଯୌନ ନିୟନ୍ତ୍ରଣ ଅନ୍ୟ ସାମାଜିକ ଓ କ୍ରିୟାନୁଷ୍ଠାନିକ **(ceremonial)** କାର୍ଯ୍ୟମାନଙ୍କ ସହ ମଧ୍ୟ ସଂଶ୍ଳିଷ୍ଟ ଥାଏ । ଅନେକ ସମାଜରେ ସାମରିକ ଅଭିଯାନ,

ଫସଲ ଅମଳ ସମୟରେ, ଶିକାର, ମାଛଧରା କିମ୍ବା ଅନ୍ୟ କୌଣସି ପ୍ରକାର କାର୍ଯ୍ୟ କରିବା ସମୟରେ କିମ୍ବା ତାର କିଛିଦିନ ପୂର୍ବରୁ ବା ପରେ ଯୌନ ସମ୍ପର୍କ ନିଷିଦ୍ଧ ଥାଏ । କେତେକ ସ୍ଥଳରେ ବିବାହ ପରେ ମଧ୍ୟ କିଛିଦିନ ଯୌନକ୍ଷେତ୍ର ନିଷେଧ ଥାଏ । ଏହି ସମ୍ପର୍କରେ କେତେକ ଅନୁମୋଦନ ମୂଳକ ନିୟମ ମଧ୍ୟ ଅଛି । ତେଣୁ କେତେକ ସମାଜରେ ବିବାହ, ପ୍ରେତକ୍ରିୟା ଉତ୍ସବ କିମ୍ବା ପର୍ବପର୍ବାଣୀରେ ଯୌନ ନିୟନ୍ତ୍ରଣ ସମ୍ବନ୍ଧୀୟ ନିୟମକୁ କୋହଳ କରି ଦିଆଯାଇ ଥାଏ ।

ଉପର ବର୍ଣ୍ଣିତ ନିୟନ୍ତ୍ରଣଗୁଡ଼ିକ ମଧ୍ୟରୁ ଅନେକ ଅତି ବ୍ୟାପକ ହେଲେହେଁ, ଜ୍ଞାତି ପ୍ରଥା ଉପରେ ପ୍ରତିଷ୍ଠିତ ଯୌନନିୟନ୍ତ୍ରଣ ପ୍ରକୃତ ପକ୍ଷରେ ପୂର୍ଣ୍ଣ ଭାବରେ ସାର୍ବଜନୀନ । ଏହି ସମ୍ପର୍କିତ ନିବାରଣମୂଳକ ନିୟମମାନ ଦୁଇଟି ମୁଖ୍ୟ ଭାଗରେ ବିଭକ୍ତ (୧) ଜ୍ଞାତି ପ୍ରତିକୂଳ ନିୟନ୍ତ୍ରଣ ଓ ବହିର୍ବିବାହ (**Exogamous**) ନିୟନ୍ତ୍ରଣ । ଜ୍ଞାତି ପ୍ରତିକୂଳ ନିୟନ୍ତ୍ରଣର ଅର୍ଥ ହେଉଛି ଯେଉଁମାନଙ୍କର ପରସ୍ପର ସହିତ ପ୍ରକୃତ କିମ୍ବା କାଳ୍ପନିକ ସମ୍ପର୍କ ଅଛି, ସେମାନେ ପରସ୍ପରକୁ ବିବାହ କରି ପାରିବେ ନାହିଁ । ବହିର୍ବିବାହ ନିୟନ୍ତ୍ରଣ ଏହାର ଏକ ପ୍ରସାରିତ ରୂପ । ରୈଖିକ ସମ୍ପର୍କ ଗୋଷ୍ଠୀ (**lineage**), ଗୋତ୍ର (**clan**) କିମ୍ବା ରକ୍ତସମ୍ପର୍କ ଗୋଷ୍ଠୀ ପ୍ରତି ଏହା ପ୍ରଯୁଜ୍ୟ ହୁଏ । ଏହି ଉଭୟ ପ୍ରକାର ନିୟନ୍ତ୍ରଣର ଭିତ୍ତି ଏହି ଯେ ଯେଉଁମାନେ ଅତି ନିକଟ ସମ୍ପର୍କୀୟ, ସେମାନଙ୍କ ମଧ୍ୟରେ ବିବାହ ହେବା ଅନୁଚିତ ।

ଜ୍ଞାତି ପ୍ରଥା ସମ୍ପର୍କୀୟ ବାଧାମୂଳକ ନିୟମମାନ ଯୌନ ସମ୍ପର୍କ ଅପେକ୍ଷା ବିବାହ କ୍ଷେତ୍ରରେ ଅଧିକତର ଭାବରେ ପ୍ରଯୁଜ୍ୟ ହୁଏ । ଏ ସମ୍ପର୍କରେ ଗୋଟିଏ ବହୁ ପ୍ରଚଳିତ ପ୍ରଥା ହେଉଛି ଜ୍ଞାତିନିର୍ଦ୍ଦିଷ୍ଟ ବିବାହ (**preferential mating**) ଏହି ପ୍ରଥା ଅନୁଯାୟୀ କୌଣସି ବିଶେଷ ଜ୍ଞାତି ସମ୍ପର୍କ ଥିବା ବ୍ୟକ୍ତିକୁ ବିବାହ କରିବା ପାଇଁ ପସନ୍ଦ କରିବା ତୁଷ୍ଟି ନିର୍ଦ୍ଦିଷ୍ଟ (**culturally determined**) ହୋଇଥାଏ । ଭାଇର ସନ୍ତାନକୁ ଭଉଣୀର ସନ୍ତାନ ବିବାହ କରିବା ପାଇଁ ପସନ୍ଦ କରିବା ଏହାର ଏକ ଉଦାହରଣ । ଜ୍ଞାତି ପ୍ରଥା ସମ୍ପର୍କୀୟ ଅନୁମୋଦନ ମୂଳକ ନିୟମମାନ ପ୍ରଶ୍ରୟ ସମ୍ପର୍କ (**privileged relatiosnhip**) ଶ୍ରେଣୀଭୁକ୍ତ । ଏହି ପ୍ରଥା ଅନୁଯାୟୀ ବିବାହ ପୂର୍ବରୁ ଓ ପରେ ମଧ୍ୟ ବିବାହ ବହିର୍ଭୂତ ଯୌନ ସମ୍ପର୍କକୁ ପ୍ରଶ୍ରୟ ଦିଆଯାଇ ଥାଏ । ଉପରୋକ୍ତ ବିବାହ ସହ ଏହାର ଘନିଷ୍ଠ ସମ୍ପର୍କ ଥାଏ ଓ ଏହାର ବହୁଳ ପ୍ରସାର ମଧ୍ୟ ଅଛି । ସ୍ତ୍ରୀର ଭଗ୍ନୀ ଓ ସ୍ୱାମୀର ଭ୍ରାତା ସହ ଏହି ସମ୍ପର୍କ ଏହାର ପ୍ରକୃଷ୍ଟ ଉଦାହରଣ । ଅବଶ୍ୟ ଏହି ସମାଜମାନଙ୍କରେ ଏମାନେ ସମ୍ଭାବ୍ୟ ସ୍ୱାମୀ ବା ସ୍ତ୍ରୀ ବୋଲି ଗଣିତ ହୁଅନ୍ତି । ଅନେକେ ଏହାକୁ ଯୌଥ ବିବାହ (**group marriage**) ବା ବହୁ-ପତି ବିବାହ (**polyandry**)ର ପ୍ରମାଣ ବୋଲି ଭ୍ରାନ୍ତ ଧାରଣା ପୋଷଣ କରନ୍ତି । କିନ୍ତୁ କାର୍ଯ୍ୟତଃ ଏହା କେବଳ ଏତିକି ପ୍ରମାଣ କରେ ଯେ ଅଧିକାଂଶ ସମାଜରେ ଯୌନ ସମ୍ପର୍କ ବିବାହ ଦ୍ୱାରା ସୀମାବଦ୍ଧ ନୁହେଁ ଏବଂ ଯୌନ କ୍ରିୟା ନିଜେ ଏକ ଅବାଂଛିତ କାର୍ଯ୍ୟ ନୁହେଁ । ବିବାହ ବହିର୍ଭୂତ ଯୌନ ସମ୍ପର୍କ

ଅଧିକାଂଶ ସମାଜରେ ବିବାହ ପୂର୍ବରୁ ଅବାଧତା ଓ ପ୍ରଶସ୍ତ ସମ୍ପର୍କ ଦ୍ୱାରା ପ୍ରକାଶିତ ହୁଏ । ଗର୍ଭାବସ୍ଥାରେ ଓ ସନ୍ତାନ ପାଳନ ସମୟରେ ବହୁଦିନ ପର୍ଯ୍ୟନ୍ତ ଯୌନ ସମ୍ପର୍କକୁ ଅଶ୍ଳୀଳର ବୋଲି ଧରିନେବା ଦ୍ୱାରା ଯେଉଁ ଅସୁବିଧା ହୁଏ ତାହାକୁ ଦୂର କରିବାପାଇଁ ବହୁ-ପତ୍ନୀ ବିବାହ ପରେ ପ୍ରଶସ୍ତ-ସମ୍ପର୍କ ମଧ୍ୟ ଏକ ଯୁକ୍ତିଗତ ଉପାୟ । ଏହା କେବଳ ପୁରୁଷମାନଙ୍କ ସୁବିଧା ପାଇଁ ଉଦ୍ଦିଷ୍ଟ ନୁହେଁ, ସ୍ତ୍ରୀମାନେ ମଧ୍ୟ ଏଥିରୁ ସମାନ ସୁବିଧା ଆହରଣ କରି ଥାଆନ୍ତି । ଏହା ଯୌନ ସମ୍ପର୍କରେ ବିଶେଷତା ଅଟେ ଓ ବ୍ୟକ୍ତିଗତ ଯୌନ ଦକ୍ଷତା ଜନିତ ପ୍ରାର୍ଥକ୍ୟକୁ ସୀମିତ କରେ । ଦାମ୍ପତ୍ୟ ବନ୍ଧନକୁ କୌଣସି ପ୍ରକାର ଶିଥିଳ ନ କରେ ଏହ ହାସଲ କରାଯାଇଥାଏ ।

ସ୍ତ୍ରୀ ଓ ପୁରୁଷ ଜ୍ଞାତି ମାନଙ୍କ ମଧ୍ୟରେ ଯେଉଁ ଲୋକାଚାରଗତ ସମ୍ପର୍କ ଦେଖାଯାଏ ତାହା ମଧ୍ୟ ଦେଇ ଯୌନ ନିୟନ୍ତ୍ରଣର ଏକ ବିଶେଷ ରୂପ ପ୍ରକାଶିତ ହୁଏ । ଏହି ବିଭିନ୍ନ ପ୍ରକାର ସମ୍ପର୍କକୁ ସାମୂହିକ ଭାବରେ ବିଚାର କରିବାକୁ ହେବ । ତା ହେଲେ ଦେଖା ଯିବ ଯେ ଏହାର ଗୋଟିଏ ଦିଗରେ ସମସ୍ତ ପ୍ରକାର ଦୈହିକ ଓ ମାନସିକ ସମ୍ପର୍କକୁ ସମ୍ପୂର୍ଣ୍ଣ ରୂପେ ଦୂର କରି ହୋଇଛି ଓ ଏହାର ବିପରୀତ ଦିଗରେ ଅବାଧ ସମ୍ପର୍କକୁ ପ୍ରଶ୍ରୟ ଦିଆ ହୋଇଛି ଓ ପରିହାସକୁ କର୍ତ୍ତବ୍ୟ ବୋଲି ଧରା ହୋଇଛି । ଏହି ସମସ୍ତ ସମ୍ପର୍କକୁ ପାଞ୍ଚଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ପ୍ରଥମ, ସମ୍ପୂର୍ଣ୍ଣ ଦୂରୀକରଣ (avoidance)ଠାରୁ ସଂଯତ ବ୍ୟବହାର, ୨ୟ-ସମ୍ମାନଠାରୁ ମୃଦୁ ଗାଂଭୀର୍ଯ୍ୟ ଅବଲମ୍ବନ, ୩ୟ- ଲୋକାଚାର ହୀନତା (informality) ଠାରୁ ଘନିଷ୍ଠତା, ୪ର୍ଥ- ଘନିଷ୍ଠତାଠାରୁ ପ୍ରଶସ୍ତିମୂଳକ ଥଟ୍ଟା, ୫ମ- ବାଧ୍ୟତାମୂଳକ ଥଟ୍ଟାଠାରୁ ଉଚ୍ଛୃଙ୍ଖଳ ସମ୍ପର୍କ ।

ସ୍ତ୍ରୀ ସହ ସ୍ତ୍ରୀ ଜ୍ଞାତି ଓ ପୁରୁଷ ସହ ପୁରୁଷ ଜ୍ଞାତିର ବ୍ୟବହାରକୁ ମଧ୍ୟ ଏହି ପାଞ୍ଚ ଭାଗରେ ବିଭକ୍ତ କରାଯାଇ ପାରେ, କିନ୍ତୁ ଏକଥା ସତ ଯେ କେତେଗୁଡ଼ିଏ ମଧ୍ୟବର୍ତ୍ତୀ ଲୌକିକତା ବିହୀନ ସମ୍ପର୍କକୁ ଛାଡ଼ି ଦେଲେ ସ୍ତ୍ରୀ ଓ ପୁରୁଷ ଜ୍ଞାତିମାନଙ୍କ ମଧ୍ୟରେ ଥିବା ସମସ୍ତ ପ୍ରକାର ସମ୍ପର୍କ ସହ ଯୌନ ପ୍ରଭାବ ଜଡ଼ିତ ଥାଏ । ଆନୁଷ୍ଠାନିକ ଦୂରୀକରଣ ବ୍ୟବହାର (Patterned avoidance behaviour)ର ସାଧାରଣତଃ ଏହି ଅର୍ଥ କରାଯାଏ ଯେ ଏହା ଜ୍ଞାତି ପ୍ରତିକୂଳ ଯୌନ ସମ୍ପର୍କକୁ ନିରୋଧ କରିବାକୁ ଉଦ୍ଦିଷ୍ଟ । ଏହା ଯଦି ସମ୍ପୂର୍ଣ୍ଣ ସତ୍ୟ ହୋଇ ଥାଆନ୍ତା ତାହେଲେ, ମାତା, ଭଗ୍ନୀ ଭିନ୍ନା କନ୍ୟା ପ୍ରଭୃତି ଯେଉଁମାନଙ୍କ ସହ ଜ୍ଞାତି ପ୍ରତିକୂଳ ଯୌନ ସମ୍ପର୍କ କଠୋର ଭାବରେ ନିଷିଦ୍ଧ, ସେମାନଙ୍କ ପ୍ରତି ଏହା ବିଶେଷ ଭାବରେ ପ୍ରଯୁଜ୍ୟ ହୋଇ ଥାଆନ୍ତା । କିନ୍ତୁ ଏହା ବିଶେଷ କରି ଏକ ବା ଦୁଇ ପୁରୁଷାନ୍ତର ଜ୍ଞାତି (secondary and tertiary relatives) ଯଥା:— ସ୍ତ୍ରୀର ମାତା, ପୁତ୍ରର ସ୍ତ୍ରୀ, ସ୍ତ୍ରୀର ଭ୍ରାତାର ସ୍ତ୍ରୀ ପ୍ରଭୃତିଙ୍କ ପ୍ରତି ପ୍ରଯୁଜ୍ୟ । ଜ୍ଞାତି ପ୍ରତିକୂଳ ଯୌନ ସମ୍ପର୍କ ବା ଅନ୍ୟାନ୍ୟ ଯୌନ ନିୟମମାନ ପାଳନ କରିବା ଭିତ୍ତିରେ ସମାଜଗୁଡ଼ିକୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇ ପାରେ । ପ୍ରଥମ ଶ୍ରେଣୀର ସମାଜରେ

ଶିଶୁ ସାମାଜିକ ବ୍ୟକ୍ତି ଭାବରେ ଗଢ଼ି ଉଠିଲାବେଳେ ଯୌନ ନିୟନ୍ତ୍ରଣକୁ ଅନ୍ତର୍ମୁଖୀ କରାଇ ଦିଆଯାଏ, ଅର୍ଥାତ୍, ଉଦାହରଣ ଓ ଆଦେଶଦ୍ୱାରା ଯୌନ ନିୟନ୍ତ୍ରଣ ଧାରଣାକୁ ଏପରି ବଦ୍ଧମୂଳ କରାଇ ଦିଆଯାଏ ଯେ ଏହା ଦ୍ୱିତୀୟ ପ୍ରକୃତିରେ ପରିଣତ ହୋଇଯାଏ । ଏହାକୁ ଅବହେଳା କରିବାର ଧାରଣା ଏପରି ବିକାର ଆଣେ ଯେ ଯୌନ ନିୟନ୍ତ୍ରଣ ପାଇଁ ସମାଜ ବ୍ୟକ୍ତିର ବିବେକ ଉପରେ ନିର୍ଭର କରି ପାରେ । ଦ୍ୱିତୀୟ ଶ୍ରେଣୀର ସମାଜ ଅନ୍ତର୍ମୁଖୀ ନିୟନ୍ତ୍ରଣରେ ସଫଳକାମ ହୁଏ ନାହିଁ ଓ ବିବେକ ଉପରେ ନିର୍ଭର କରି ପାରେ ନାହିଁ । ସୁତରାଂ ଏହାକୁ କେତେଗୁଡ଼ିଏ ବାହ୍ୟ ବ୍ୟବସ୍ଥା ଉପରେ ନିର୍ଭର କରିବାକୁ ହୁଏ ।

ଆମ ସମାଜ ପ୍ରଥମ ଶ୍ରେଣୀ ଭୁକ୍ତ । ଆମ ସମାଜର ଯୌନ ସଂହିତା ସମ୍ପର୍କୀୟ ଧାରଣା ଦ୍ୱାରା ଆମେ ବ୍ୟକ୍ତିଗତ ବିବେକକୁ ଏପରି ପ୍ରଭାବିତ କରିପାରୁ ଯେ ତାହା ଉପରେ ନିର୍ଭର କରିବାକୁ ଆମେ ନିରାପଦ ମନେ କରୁ । ଆମେ ଭ୍ରାତା ସହ ଭଗ୍ନୀକୁ ସ୍ୱଚ୍ଛନ୍ଦ ଭାବରେ ମିଶିବାର ଅଧିକାର ଦେଉଁ ଏବଂ ସେମାନେ ଏକତ୍ର ବାସ କଲେ କିମ୍ବା ପରସ୍ପର ଘନିଷ୍ଠ ଶାରୀରିକ ସମ୍ପର୍କରେ ଆସିଲେ ମଧ୍ୟ ଯୌନ ନିୟନ୍ତ୍ରଣ ସଂକ୍ରାନ୍ତ ନିୟମମାନ ଭାଙ୍ଗିବେ ବୋଲି ଆମେ ଭୟ କରୁ ନା । ସେହିପରି ଆମ୍ଭେମାନେ ନାରୀମାନଙ୍କୁ ମଧ୍ୟ ସ୍ୱାଧୀନତା ଦେଉଁ । ଏହି ଭିତ୍ତିରେ ଯେ ବିବାହ ପୂର୍ବର ପବିତ୍ରତା ଓ ବିବାହ ପରର ସତୀତ୍ୱ ସମ୍ପର୍କୀୟ ଧାରଣାର ବଶବର୍ତ୍ତୀ ହୋଇ ସେମାନେ ଯେତେ ସୁଯୋଗ ଆସିଲେ ମଧ୍ୟ ଯୌନ ନିୟନ୍ତ୍ରଣକୁ ଅବମାନନା କରିବେ ନାହିଁ । ଅନ୍ୟ ପ୍ରକାର ସମାଜରେ ଯୌନ ନିୟନ୍ତ୍ରଣକୁ କାର୍ଯ୍ୟ ରକ୍ଷା ପାଇଁ ଭାଇ ସହ ଭଉଣୀକୁ ମିଶିବାକୁ ଦିଆଯାଏ ନାହିଁ । ଅବିବାହିତ କନ୍ୟା ଓ ବିବାହିତ ନାରୀମାନଙ୍କୁ ମଧ୍ୟ ଆବଦ୍ଧ କରି ରଖାଯାଏ ।

ଉପରୋକ୍ତ ଧାରଣା ଯଦି ସମ୍ପୂର୍ଣ୍ଣ ରୂପେ ସତ୍ୟ ହୁଏ, ତାହେଲେ ପ୍ରଶ୍ନ ଉଠିବ ଯେ ମାତା, ଭଗ୍ନୀ ଓ କନ୍ୟା, ଯେଉଁମାନଙ୍କ ସହ ଯୌନ ସମ୍ପର୍କ କଠୋରତମ ଭାବେ ନିଷିଦ୍ଧ ସେ ସମସ୍ତଙ୍କ ପ୍ରତି ଦୂରୀକରଣ ସମାନ ଭାବର ପ୍ରଯୁଜ୍ୟ ହୁଏନାହିଁ କାହିଁକି ? ଏହା ନିଶ୍ଚିତ ଯେ ମାତା ସହ ସମ୍ପର୍କ ଅନ୍ୟ ଦୁଇ ପ୍ରକାର ସମ୍ପର୍କଠାରୁ ପୃଥକ । ସନ୍ତାନ ଜନ୍ମ ହେବାଠାରୁ ଆରମ୍ଭ କରି ଯଥେଷ୍ଟ ବଡ଼ ହେଲା ପର୍ଯ୍ୟନ୍ତ ମାତା ସହ ଯେଉଁ ନିବିଡ଼ ସମ୍ପର୍କରେ ଆସେ ତାହାଦ୍ୱାରା ସେମାନଙ୍କ ସମ୍ପର୍କରେ ନ୍ୟୂନତମ ଦୂରୀକରଣ ଭାବ ଦେଖାଯାଏ ।

ଲଣ୍ଡିଙ୍କ ମତରେ ଦୂରୀକରଣ ପ୍ରଥା ସହ ଜଡ଼ିତ ପ୍ରତିକୂଳ ଯୌନ ସମ୍ପର୍କର କୌଣସି ସମ୍ପର୍କ ନାହିଁ । ତାଙ୍କ ମତରେ ପ୍ରତି ସମାଜରେ ସ୍ତ୍ରୀ ପୁରୁଷ ସମ୍ପର୍କ ଦୁଇ ଶ୍ରେଣୀରେ ବିଭକ୍ତ—ଯେଉଁଥିରେ ଯୌନ ସମ୍ପର୍କ ସମ୍ଭବ ଓ ଯେଉଁଥିରେ ସମ୍ଭବ ନୁହେଁ । ଏହି ଦୁଇ ବିପରୀତ ପ୍ରକାର ଭାବ ଜନ୍ମେ, ଯାହାର ପରିଣତ ହୁଏ ଗୋଟିଏ ଦିଗରେ ଅବାଧ ସମ୍ପର୍କ ଓ ଅନ୍ୟ ଦିଗରେ ନିର୍ମମ ନିୟନ୍ତ୍ରଣ । ଏହା ଯଦି ସତ ହୋଇ ଥାଅନ୍ତା

ନାହେଲେ କାହା ସହ କେଉଁ ପ୍ରକାର ସମ୍ପର୍କ ରହିବ ସେ ବିଷୟ ନେଇ କୌଣସି ନିୟମ ନ ଥାନ୍ତା ଓ ମାତା ସହ ଦୂରୀକରଣ ବ୍ୟବହାର ଦେଖା ଯାଆନ୍ତା ଏବଂ ପିତାମହୀ ବା ପୌତ୍ରୀ ସହ ଅଙ୍କା ସମ୍ପର୍କ ଦେଖା ଯାଆନ୍ତା ନାହିଁ ।

ଇଗାନଙ୍କ ମତରେ ଜ୍ଞାତିମାନଙ୍କ ମଧ୍ୟରେ ସମ୍ଭାବ୍ୟ ସଂଘର୍ଷକୁ ଦୂର କରିବାକୁ ଦୂରୀକରଣ ଓ ଅବାଧ ସମ୍ପର୍କର ସୃଷ୍ଟି । ଏହି ମତ ଅନୁଯାୟୀ ଭିନ୍ନ ପୁରୁଷ (**generation**)ର ଜ୍ଞାତିମାନଙ୍କ ପ୍ରତି ଦୂରୀକରଣ ଓ ଏକା ପୁରୁଷର ଜ୍ଞାତିମାନଙ୍କ ପ୍ରତି ଅବାଧ ସମ୍ପର୍କ ବ୍ୟବହାର ପ୍ରଯୁଜ୍ୟ ହୁଏ । ଯେଉଁଠାରେ ଏହି ସଂଘର୍ଷର ସମ୍ଭାବନା କମ୍ ଥାଏ, ସେହିଠାରେ ଦୂରୀକରଣ ପରିବର୍ତ୍ତେ ସମ୍ମାନ ଓ ଅବାଧ ସମ୍ପର୍କ ପରିବର୍ତ୍ତେ ମୃଦୁ ପରିହାସ ଦେଖା ଦେଇ ଥାଏ । ଏହି ମତର ମହତ୍ତ୍ୱ ଏହି ଯେ ସାମାଜିକ ବ୍ୟବହାରକୁ ବୁଝିବା ପାଇଁ ଏଠାରେ ମନସ୍ତାତ୍ତ୍ୱିକ ବିଶ୍ଳେଷଣର ସାହାଯ୍ୟ ନିଆ ହୋଇଛି । କିନ୍ତୁ ଇଗାନଙ୍କର ଏହି ମତକୁ ଗ୍ରହଣ କରିବାରେ କେତେ ଗୁଡ଼ିଏ ବାଧା ଅଛି । ଜ୍ଞାତି ପ୍ରଥାକୁ ସୁଗ୍ରନ୍ଥିତରୂପେ ଚାଳନ କରିବା ଓ ଜ୍ଞାତି ବିଦ୍ୱେଷକୁ ଦୂର କରିବା ଢଙ୍ଗକୁ ସାମାଜିକ ବ୍ୟବହାରର ନିୟାମକରୂପେ ଧରିବା ଦ୍ୱାରା ଏଠାରେ ବିଶ୍ଳେଷଣକୁ ନିତାନ୍ତ ସରଳ କରିବାର ଚେଷ୍ଟା କରା ହୋଇଛି ।

ଯେଉଁମାନଙ୍କ ମଧ୍ୟରେ ବିବାହ ହେବା ଅସଙ୍ଗତ ନୁହେଁ ସେହି ଜ୍ଞାତିମାନଙ୍କ ମଧ୍ୟରେ ପରସ୍ପର ସହ ଯୌନ ସମ୍ପର୍କ ଦେଖାଯାଏ ବୋଲି ଅନେକ ବିଶେଷଜ୍ଞ ମତ ପୋଷଣ କରନ୍ତି ଓ ସେମାନଙ୍କ ମଧ୍ୟରୁ ବ୍ରାଉଣ ଏହି ମତ ସପକ୍ଷରେ ବହୁ ପ୍ରମାଣ ଯୋଗାଇ ଅଛନ୍ତି । ଅସମ୍ପୂର୍ଣ୍ଣ ହେଲେ ହେଁ ପୃଥିବୀର ବହୁ ସ୍ଥାନରୁ ଯେଉଁ ପ୍ରମାଣ ସଂଗୃହୀତ ହୋଇଛି ତାହାଦ୍ୱାରା ଏହା ସମର୍ଥିତ ହୋଇଛି ।

ବିଭିନ୍ନ ପ୍ରକାର ଜ୍ଞାତିମାନଙ୍କ ସହ ସମ୍ପର୍କ ନେଇ ଯେତେ ତଥ୍ୟ ସଂଗୃହୀତ ହୋଇଛି ସେମାନଙ୍କ ମଧ୍ୟରେ ଏତେ ପାର୍ଥକ୍ୟ ଦେଖାଯାଏ ଯେ ସେ ସମସ୍ତଙ୍କର କୌଣସି ଗୋଟିଏ ସରଳ କାରଣ ବାହାର କରି ହେବ ନାହିଁ । ପ୍ରତ୍ୟେକ ପ୍ରକାର ଜ୍ଞାତିଙ୍କ ପାଇଁ ଭିନ୍ନ ଭିନ୍ନ କାରଣ ଆବଶ୍ୟକ ହେବ । ଯେଉଁ ବିଭିନ୍ନ ଜ୍ଞାତି ଗୋଷ୍ଠୀ ପ୍ରତି ଭିନ୍ନ ଭିନ୍ନ ବ୍ୟବହାର ଦେଖାଯାଏ, ଏଠାରେ ସେମାନଙ୍କର ପୃଥକ୍ ବିଚାର କରି ତାହାର କାରଣ ନିର୍ଣ୍ଣୟ କରିବାର ଚେଷ୍ଟା କରାଯିବ ।

ଏକ ପରିବାରର ବ୍ୟକ୍ତିମାନଙ୍କ ମଧ୍ୟରେ ଜ୍ଞାତି ପ୍ରତିକୂଳ ଯୌନ ସମ୍ପର୍କ ନିଷିଦ୍ଧ କରିବା ଏକ ସାର୍ବଜନୀନ ବ୍ୟାପାର । ଅଗତ୍ୟା ବୁଝାଯାଉଛି ଯେ କେତେକ ସମାଜରେ ଯୌନ ନିୟନ୍ତ୍ରଣ ପାଇଁ ବାହ୍ୟ ବ୍ୟବସ୍ଥା ଆବଶ୍ୟକ ହୁଏ ଓ ଅନ୍ୟ ସମାଜମାନଙ୍କରେ ଅନ୍ତର୍ମୁଖୀ ବ୍ୟବସ୍ଥା ଥାଏ । ମାତା, ଭଗ୍ନୀ ଓ କନ୍ୟା ସହ ସମ୍ପର୍କକୁ ଆଲୋଚନା କଲେ ଏହାର ସତ୍ୟତା ଜଣାପଡ଼େ । ପ୍ରଥମେ ଭଗ୍ନୀ, ତାପରେ କନ୍ୟା ଓ ତାପରେ ମାତା ଏହି

କ୍ରମରେ ବୃତ୍ତିକରଣ ଓ ସମ୍ମାନ କ୍ଷୀଣରୁ କ୍ଷୀଣତର ହୁଏ । ପିତାର କନ୍ୟା, ମାତାର କନ୍ୟା, ପିତାର ଭ୍ରାତାର କନ୍ୟା ଏବଂ ମାତାର ଭଗ୍ନୀର କନ୍ୟା ସହ ସମ୍ପର୍କ ଭଗ୍ନୀ ସମ୍ପର୍କ ସଦୃଶ; ଭ୍ରାତାର କନ୍ୟା, ସ୍ତ୍ରୀର ଭଗ୍ନୀର କନ୍ୟା ସହ ସମ୍ପର୍କ କନ୍ୟା ସମ୍ପର୍କ ସଦୃଶ; ମାତାର ଭଗ୍ନୀ, ପିତାର ସ୍ତ୍ରୀ ଏବଂ ପିତାର ଭ୍ରାତାର ସ୍ତ୍ରୀ ସହ ସମ୍ପର୍କ ମାତା ସମ୍ପର୍କ ସଦୃଶ । ଏହି ସମସ୍ତ କ୍ଷେତ୍ରରେ ଏକ ଦ୍ୱି ରୂପାନ୍ତର (secondary) ଓ ତ୍ରି ରୂପାନ୍ତର (tertiary) ଜ୍ଞାତିମାନଙ୍କ ସହ ସମ୍ପର୍କ ପ୍ରାଥମିକ ଜ୍ଞାତିମାନଙ୍କ ପରି । ଏହି ସମସ୍ତ କ୍ଷେତ୍ରରେ ପ୍ରାଥମିକ ଜ୍ଞାତିମାନଙ୍କ ପ୍ରତି ପ୍ରଯୁଜ୍ୟ ଯୌନ ନିୟନ୍ତ୍ରଣ ଯେପରି ଅନ୍ୟମାନଙ୍କ ପ୍ରତି ପ୍ରଯୁଜ୍ୟ ହୁଏ ସେହିପରି ଅନ୍ୟାନ୍ୟ ସମସ୍ତ ବ୍ୟବହାର ମଧ୍ୟ ପ୍ରଯୁଜ୍ୟ ହୁଏ ।

ଯେଉଁମାନଙ୍କ ସହ ଅବାଧ ସମ୍ପର୍କ ସ୍ୱୀକୃତ ହୋଇଛି ସେମାନଙ୍କ ମଧ୍ୟରେ ସ୍ତ୍ରୀର ସ୍ଥାନ ସ୍ୱତନ୍ତ୍ର । ଏହି ସମ୍ପର୍କରେ ଦୂରୀକରଣ, ପରିହାସ ସମ୍ପର୍କ କିମ୍ବା ଉଚ୍ଛୃଙ୍ଖଳତା ଦେଖାଯାଏ ନାହିଁ । ଅର୍ଥନୈତିକ ସହଯୋଗ, ଯୌନ ସମ୍ପର୍କ ଓ ସନ୍ତାନ ପାଳନରେ ପରସ୍ପର ଆପେକ୍ଷିକତା ଏହାର ସାର୍ବଜନୀନ ଅଙ୍ଗ । ଏହି ସମ୍ପର୍କ ସହ ଖାପ ଖାଉଥିବା ବ୍ୟବହାର ହେଉଛି ଘନିଷ୍ଠତା, ଲୌକିକତାର ଶୂନ୍ୟତା (informality) ଏବଂ ପରସ୍ପର ପ୍ରତି ନ୍ୟାୟଯୁକ୍ତ ପରିମାଣର ସମ୍ମାନ ।

ପିତାର ମାତା, ମାତାର ମାତା, ପୁତ୍ରର କନ୍ୟା ଓ କନ୍ୟାର କନ୍ୟା ପ୍ରତି ଆନୁଷ୍ଠାନିକ ବ୍ୟବହାରକୁ ଏକାଠି ବିଚାର କରାଯାଇପାରେ । କାରଣ ପ୍ରଥମ ଦୁଇଟି ଶେଷ ଦୁଇଟିର ଆନୁସଙ୍ଗିକ ଓ ଏ ସମସ୍ତ କ୍ଷେତ୍ରରେ ମିଳୁଥିବା ତଥ୍ୟରେ ଖୁବ୍ ସାମଞ୍ଜସ୍ୟ ଦେଖାଯାଏ । ଏହି ସମ୍ପର୍କରେ ଦୂରୀକରଣ କିମ୍ବା ଉଚ୍ଛୃଙ୍ଖଳ ସମ୍ପର୍କର ଅବତାରଣା ନାହିଁ । ସମାଜ ଅନୁମୋଦିତ ପରିହାସ ସମ୍ପର୍କ ଏ କ୍ଷେତ୍ରରେ ବହୁଳ ଭାବରେ ଦେଖାଯାଏ ଏମାନଙ୍କ ମଧ୍ୟରେ ଦୁଇପୁରୁଷର ବ୍ୟବଧାନ ଥିବା ଏହାର ଏକ କାରଣ । ଏମାନଙ୍କ ମଧ୍ୟରେ ଏପରି କେହି ଜଣେ ଥାଏ ଯେକି ଗୋଟିଏ ପକ୍ଷର ସନ୍ତାନ ଓ ଅନ୍ୟ ପକ୍ଷର ମାତା ବା ପିତା । ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଅନୁଯାୟୀ ପିତାମାତାଙ୍କ ପ୍ରତି ସନ୍ତାନ ଶ୍ରଦ୍ଧା ଓ ଭୟ ଉଭୟ ଭାବ ପୋଷଣ କରେ । କାରଣ ଲାଳନପାଳନ ସହ ସନ୍ତାନକୁ ଶାସନ ମଧ୍ୟ ଭୋଗ କରିବାକୁ ପଡ଼େ । ସୁତରାଂ ମଧ୍ୟବର୍ତ୍ତୀ ଲୋକ ଏକ ଦିଗରୁ ସନ୍ତାନ ଭାବରେ ଓ ଅନ୍ୟ ଦିଗରୁ ପିତା ବା ମାତା ଭାବରେ ଅସନ୍ତୋଷଭାଜନ ହୁଏ ଓ ଏହାଦ୍ୱାରା ଉଭୟ ପକ୍ଷର ପରସ୍ପର ପ୍ରତି ଅନୁକମ୍ପା ହୁଏ ଏବଂ ଉଭୟ ପକ୍ଷ ନିକଟତର ହୁଅନ୍ତି । ଏ କ୍ଷେତ୍ରରେ ଭୟ ମିଶ୍ରିତ ଶ୍ରଦ୍ଧା ଅପେକ୍ଷା କେବଳ ଶ୍ରଦ୍ଧାହିଁ ଦେଖାଯାଏ । ଆମର ସମାଜରେ ମଧ୍ୟ ଏହାର ବହୁଳ ପ୍ରଚଳନ ଅଛି ।

ଏହି ପ୍ରକାର ଶ୍ରଦ୍ଧା ସମ୍ପର୍କରୁ ସହଜରେ ସାମାନ୍ୟ ପରିହାସ ସମ୍ପର୍କ ସୃଷ୍ଟିହେବା ଖୁବ୍ ସହଜ । ଅଧିକାଂଶ କ୍ଷେତ୍ରରେ ଏହି ପରିହାସ ଯୌନସମ୍ପର୍କ ବିଷୟ ନେଇ ହୁଏ । ପ୍ରତ୍ୟେକ ଅନ୍ୟକୁ ନିଜର ସ୍ତ୍ରୀ ଏବଂ ସ୍ୱାମୀ ବୋଲି କହିବାକୁ ଆନନ୍ଦ ପାଆନ୍ତି ଓ କେତେକ

କ୍ଷେତ୍ରରେ କୌତୁକପୂର୍ଣ୍ଣ ଯୌନଇଙ୍ଗିତ ମଧ୍ୟ ଦେଖାଯାଏ । ବୟସର ତାରତମ୍ୟ ହେତୁ ଏଥିରେ ନିର୍ଦ୍ଦୋଷ ଆମୋଦ ଛଡ଼ା ଅନ୍ୟ କିଛି ଅଛି ବୋଲି ଧରାଯାଏ ନାହିଁ । କିନ୍ତୁ ଅନ୍ୟ ଜ୍ଞାତିମାନଙ୍କ ସହ ଯେଉଁ ପରିହାସ ସମ୍ପର୍କ ହୁଏ ସେଥିରେ ଅନ୍ୟ ପ୍ରକାର ଭାବ ନିହିତ ଥାଏ ।

ଯୌନନିୟନ୍ତ୍ରଣ ନେଇ ସଂଗୃହୀତ ତଥ୍ୟରେ ସ୍ତ୍ରୀର ଭାଇର ସ୍ତ୍ରୀ ସହ ଦୂରୀକରଣ ସମ୍ପର୍କ ବହୁଳ ପରିମାଣରେ ଦେଖାଯାଏ । ବହୁ ପ୍ରଚଳିତ ଯୁକ୍ତ ବିବାହରେ (**cross cousin**) ବିବାହ ଦ୍ୱାରା ସ୍ତ୍ରୀର ଭାଇର ସ୍ତ୍ରୀ, ନିଜର ଭଗ୍ନୀ ହେବାର ସମ୍ଭାବନା ଥାଏ । କିନ୍ତୁ କେବଳ ଏହାର ଦ୍ୱାରା ଏହି ଦୂରୀକରଣକୁ ସମ୍ପୂର୍ଣ୍ଣରୂପେ ବୁଝି ହେବ ନାହିଁ କାରଣ ଭଗ୍ନୀ ସହ ଦୂରୀକରଣ ସମ୍ପର୍କ ଅପେକ୍ଷା ଏହା ଅଧିକ କଠୋର । ଯୁକ୍ତ ସମ୍ପର୍କ ଭ୍ରାତା (**brother-in-law**) ମାନଙ୍କର ପରସ୍ପର ସମ୍ପର୍କର ଏହା ଏକ ଅଙ୍ଗ ହୋଇପାରେ । ଅଧିକାଂଶ କ୍ଷେତ୍ରରେ ଏମାନଙ୍କ ମଧ୍ୟରେ ସଂଯତ କିମ୍ବା ସମ୍ମାନିତ ବ୍ୟବହାର ଦେଖାଯାଏ ଓ ଏମାନଙ୍କ ମଧ୍ୟରେ ଯୌନ ବିଷୟକ କୌଣସି ପ୍ରକାର ଆଲୋଚନା ହୁଏ ନାହିଁ । ଏମାନଙ୍କ ମଧ୍ୟରୁ ଜଣକର ଯେଉଁ ନାରୀ ସହ ଅବାଧ ସମ୍ପର୍କ ଅନ୍ୟ ଜଣଙ୍କର ତାହା ସହିତ ଅତି ପ୍ରତିକୂଳ ଯୌନ ନିୟନ୍ତ୍ରଣଦ୍ୱାରା ସମ୍ପର୍କ ଅତ୍ୟନ୍ତ ସଙ୍କୁଚିତ । ଏହି ଦୃଷ୍ଟିରୁ ବିଚାର କଲେ ସେମାନଙ୍କର ପରସ୍ପର ପ୍ରତି ବ୍ୟବହାର ଆଦୌ ଅସ୍ୱାଭାବିକ ଜଣାଯିବ ନାହିଁ । କାରଣ ଏମାନଙ୍କ ସମ୍ପର୍କ ଘନିଷ୍ଠ ଓ ଲୋକାଗ୍ରହଶୂନ୍ୟ ହେଲେ ସ୍ତ୍ରୀ ଓ ଭଗ୍ନୀ ପ୍ରତି ପୋଷଣ କରୁଥିବା ବିପରୀତ ଭାବଦ୍ୱାରା ନାନା ପ୍ରକାର ଅପ୍ରୀତିକର ଘଟଣା ଘଟିବାର ସମ୍ଭାବନା ଥାଏ । ସ୍ତ୍ରୀର ଭାଇର ସ୍ତ୍ରୀ ପ୍ରତି ଦୂରୀକରଣ ଭାବ ପୋଷଣ କରିବା ଏହି ସମ୍ଭାବନା ବିରୁଦ୍ଧରେ ଏକ ସାମାଜିକ ନିୟନ୍ତ୍ରଣ ।

ଦୂରୀକରଣ ପ୍ରଥାର ସବୁଠାରୁ ସ୍ପଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ହେଉଛି ସ୍ତ୍ରୀର ମାତା ସହ ସମ୍ପର୍କ । ଏହି ଦୂରୀକରଣ ପ୍ରଥା ଅଧିକାଂଶ ସମାଜରେ ଦେଖାଯାଏ ଓ ଯେଉଁଠାରେ ଏହା ଦେଖା ନ ଯାଏ ସେଠାରେ କେବେ ହେଲେ ପରିହାସ ସମ୍ପର୍କ କିମ୍ବା ଅବାଧ ସମ୍ପର୍କ ଦେଖାଯାଏ ନାହିଁ । ଏହାର କାରଣ ଏହି ଯେ ଏ କ୍ଷେତ୍ରରେ କୌଣସି ପ୍ରକାର ଯୌନ ସମ୍ପର୍କ ରହିଲେ ପରିବାର ମଧ୍ୟରେ ଘୋର ବିଶୃଙ୍ଖଳା ସୃଷ୍ଟି ହେବ । ସ୍ତ୍ରୀର ମାତା ସହ ଯୌନ ସମ୍ପର୍କ ରହିଲେ ଯେଉଁ ପ୍ରତିଯୋଗିତାକୁ ଦୂର କରିବାପାଇଁ ଯୌନ ନିୟନ୍ତ୍ରଣ ଉଦ୍ଦିଷ୍ଟ ସେହି ପ୍ରତିଯୋଗିତା ଅତି ଉତ୍କଟ ଭାବରେ ଦେଖା ଦେବ । ପୁତ୍ରର ସ୍ତ୍ରୀର ସହ ଦୂରୀକରଣ ସମ୍ପର୍କକୁ ମଧ୍ୟ ଏହି ଦୃଷ୍ଟିରୁ ବିଚାର କରିବାକୁ ହେବ ଓ ଉପରୋକ୍ତ ପ୍ରଥା ପରି ଏହାର ମଧ୍ୟ ବହୁଳ ପ୍ରସାର ଅଛି ।

ଏପର୍ଯ୍ୟନ୍ତ ଯେଉଁ ଜ୍ଞାତିମାନଙ୍କ କଥା ବିଚାର କରାଗଲା ସେମାନଙ୍କସହ ପ୍ରତ୍ୟେକ ବା ଅଧିକାଂଶ ସମାଜରେ ସମାନ ପ୍ରକାରର ସମ୍ପର୍କ ଦେଖାଯାଏ ଓ ଏହି ସମ୍ପର୍କର କାରଣରେ ମଧ୍ୟ ସାମଞ୍ଜସ୍ୟ ଅଛି । ଏଗୁଡ଼ିକ ହେଉଛନ୍ତି ଏକ-କେନ୍ଦ୍ରିକ ପରିବାର

(Nuclear family)ର ସାର୍ବଜନୀନ ବ୍ୟବସ୍ଥା । ତାହା ଉପରେ ପ୍ରଏଡ଼ଙ୍କର ମନସ୍ତତ୍ତ୍ୱ ପର୍ଯ୍ୟବସିତ । ସେହିଁ କାଉମାନଙ୍କ ସହ ସମ୍ପର୍କ ଗୋଟିଏ ସମାଜରେ ଏକ ପ୍ରକାର ଓ ଅନ୍ୟ ସମାଜରେ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାର ବର୍ତ୍ତମାନ ତାହାର ବିଷୟ ଜଣାଯିବା ଆବଶ୍ୟକ । ଏହି ଶ୍ରେଣୀର ସମ୍ପର୍କରେ ସମ୍ପୂର୍ଣ୍ଣ ଦୂରୀକରଣ ଠାରୁ ଉଚ୍ଛୃଙ୍ଖଳତା ପର୍ଯ୍ୟନ୍ତ ସମସ୍ତ ପ୍ରକାର ସମ୍ବନ୍ଧ ଦେଖାଦେଇଥାଏ । ଏହି ପ୍ରକାର ଭିନ୍ନତାକୁ ବୁଝିବାକୁ ହେଲେ ସାମାଜିକ ବ୍ୟବସ୍ଥାର ଭିନ୍ନତା ପ୍ରତି ଦୃଷ୍ଟି ଦେବାକୁ ହେବ ।

ଏ ହରଣ ସ୍ୱରୂପ ପିତାର ଭଗ୍ନୀସହ ସମ୍ବନ୍ଧକୁ ବିଚାର କରାଯାଉ । ଯେଉଁ ସମାଜରେ ସ୍ୱତନ୍ତ୍ର ବହୁବିବାହୀ ବିବାହ ପ୍ରଥା ପ୍ରଚଳିତ ସେହି ସମାଜମାନଙ୍କରୁ କେତେକରେ ଦୂରୀକରଣ ଓ ଅନ୍ୟ କେତେକରେ ସମ୍ମାନ ଦେଖାଯାଏ । ଏହି ସମାଜମାନଙ୍କରେ ପିତାର ଭଗ୍ନୀ ସାଧାରଣତଃ ସ୍ତ୍ରୀର ମାତା ଓ ଏହାହିଁ ଏପରି ସମ୍ପର୍କର କାରଣ । ସେହି-ପରି ମାତୃଗୋତ୍ରୀ **(matrilineal)** ସମାଜରେ ଏହି କ୍ଷେତ୍ରରେ ପରିହାସ ସମ୍ବନ୍ଧ ଦେଖାଯାଏ ଓ ତାହା ସହିତ ବିବାହ ଅଯୋଗ୍ୟ ପିତାର ଭଗ୍ନୀର-କନ୍ୟାର ସହ ମଧ୍ୟ ଏହି ସମ୍ପର୍କ ରହେ । ପିତାର ମାତୃଗୋତ୍ରରେ ଥିବା ନାରୀମାନଙ୍କ ସହ ଆଦାନପ୍ରଦାନ ସମ୍ପର୍କ ରଖିବା ଭିତ୍ତିରେ ଏହାକୁ ବୁଝିବାକୁ ହେବ । ମାତାର ଭଗ୍ନୀସହ ଦେଖାଯାଉଥିବା ଭିନ୍ନ ବ୍ୟବହାରର ମଧ୍ୟ ଏହି କାରଣ ।

ସେହିପରି ଯେଉଁ ସମାଜରେ ସ୍ୱତନ୍ତ୍ର ବହୁପତ୍ନୀ ବିବାହ ପ୍ରଚଳିତ, ସେଠାରେ ମାତାର ଭ୍ରାତାର ସ୍ତ୍ରୀ ସହ ଦୂରୀକରଣ ସମ୍ପର୍କ ରହେ । କାରଣ ଏଠାରେ ସ୍ତ୍ରୀର ମାତା ଓ ମାତାର ଭ୍ରାତାର ସ୍ତ୍ରୀ ଏକା ବ୍ୟକ୍ତି । କେତେକ ସମାଜରେ ମାତାର ଭ୍ରାତାର ସ୍ତ୍ରୀ ବିଧବା ହେଲେ ତାହା ସହ ବିବାହ ବିଧି ପ୍ରଚଳିତ ଅଛି । ସେଠାରେ ପରିହାସ ସମ୍ପର୍କ ଦେଖା ଦେଇଥାଏ । ଏହି ଉଦାହରଣ ପିତାର ଭ୍ରାତାର ସ୍ତ୍ରୀ ପ୍ରତି ମଧ୍ୟ ପ୍ରଯୁଜ୍ୟ ।

ଯେଉଁଠାରେ ସ୍ତ୍ରୀ ମରିଗଲେ ସ୍ତ୍ରୀର ଭଗ୍ନୀ ସହ ବିବାହ ବ୍ୟବସ୍ଥା ଥାଏ ସେଠାରେ ପରିହାସ ସମ୍ପର୍କ ଦେଖାଦିଏ ଓ ସେହିପରି ଯେଉଁଠାରେ ବିଧବା ଭ୍ରାତୃଜାୟାକୁ ବିବାହ କରିବାର ବିଧିଥାଏ ସେଠାରେ ମଧ୍ୟ ପରିହାସ ସମ୍ପର୍କ ଦେଖାଦିଏ । ଯେଉଁଠାରେ ସ୍ତ୍ରୀର ଭଗୀକୁ ଦ୍ୱିତୀୟ ସ୍ତ୍ରୀ ରୂପେ ଗ୍ରହଣ କରିବାର ବିଧି ଥାଏ ସେଠାରେ ଉଚ୍ଛୃଙ୍ଖଳ ସମ୍ପର୍କ ଦେଖାଦିଏ । ଏଠାରେ ମନେ ରଖିବା ଉଚିତ ଯେ ପିତାର ପିତା ପ୍ରଭୃତିଙ୍କ ସହ ଯେଉଁ ପରିହାସ ସମ୍ପର୍କ ଥାଏ ତାହା ଅପେକ୍ଷା ଏହା ଭିନ୍ନ । କାରଣ ଏହାର ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଯୌନ ସମ୍ପର୍କ ସହ ସମ୍ବନ୍ଧ ଅଛି ।

ପୁରୁଷର ଯୌନସମ୍ପର୍କର କେନ୍ଦ୍ର ତାହାର ନିଜର ସ୍ତ୍ରୀ ଓ ସେହିପରି ସ୍ତ୍ରୀ ପକ୍ଷରେ ନିଜର ସ୍ୱାମୀ । ଅନ୍ୟ ସହ ଯେତେ ଅବାଧ ବା ପରିହାସ ସମ୍ପର୍କ ରହିଲେହେଁ ପ୍ରତ୍ୟକ୍ଷ ଯୌନ ସମ୍ବନ୍ଧକୁ ସମାଜ କେତେକ କ୍ଷେତ୍ରରେ ସହ୍ୟ କଲେ ମଧ୍ୟ ଅନୁମୋଦନ କରେ-

ନାହିଁ । ପ୍ରତ୍ୟକ୍ଷ ଯୌନ ସମ୍ପର୍କରୁ ଏଡ଼ାଇବା ପାଇଁ ଅତିରିକ୍ତ ପରିହାସ ଯୌନ ଇଙ୍ଗିତ ଏକ ସାମାଜିକ ନିରାପଦ ବ୍ୟବସ୍ଥା ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଯୌନ ନିୟନ୍ତ୍ରଣର ଅଥ ଯୌନ-ବିଷୟରୁ ସଙ୍କୁଚିତ ହେବା ନୁହେଁ, ବରଂ ଅନ୍ୟ ସାମାଜିକ ସମ୍ପର୍କରେ ବ୍ୟାଘାତ ନ ଘଟାଇ ଏହାର ପୂର୍ଣ୍ଣ ବିକାଶ କରାଇବାରେହିଁ ଏହାର ସାର୍ଥକତା ।

ମୌଳିକ ଶିକ୍ଷାର ଗୁରୁତ୍ୱ

ଅମ୍ବାଲାଲ ବ୍ୟାସ

"ମୌଳିକ ଶିକ୍ଷାକୁ କେତେକ ଭୁଲ ବୁଝନ୍ତି । ଏହି ଶିକ୍ଷା ହାତକାମ ଦ୍ୱାରା ହୁଏ ନାହିଁ—ମାନସିକ କାମଦ୍ୱାରା ହିଁ ହୋଇଥାଏ । ସାତ ବର୍ଷଠାରୁ ଚଉଦ ବର୍ଷର ଶିଶୁମାନେ କୌଣସି ତାତ୍ତ୍ୱିକ (Abstract) ବିଷୟର ଧାରଣା କରି ପାରନ୍ତି ନାହିଁ । ସେଇଥି ପାଇଁ ମୌଳିକ ଶିକ୍ଷାରେ ମାନସିକ ଶକ୍ତିର ବିକାଶ ଘଟାଇବା ପାଇଁ ହାତ କାମକୁ ଗୁରୁତ୍ୱ ଦିଆଯାଇଛି । ଗଣତାନ୍ତ୍ରିକ ସମାଜରେ ପ୍ରତ୍ୟେକ ବ୍ୟକ୍ତିର ଶିକ୍ଷା କର୍ମର ମାଧ୍ୟମରେ ହେବା ଉଚିତ ।"

"ଶିକ୍ଷକ ହେଉଛନ୍ତି ଶିକ୍ଷାର କେନ୍ଦ୍ର ବିନ୍ଦୁ । କିନ୍ତୁ କେନ୍ଦ୍ରବିନ୍ଦୁ ଭାବରେ ସେ ଗୋଟିଏ ସ୍ଥାଣୁ ବ୍ୟକ୍ତି ନୁହନ୍ତି । ଶିକ୍ଷକଙ୍କୁ ଶିଶୁର ବ୍ୟକ୍ତିଗତ ଆବଶ୍ୟକତା ଅନୁଯାୟୀ ନିଜକୁ ବରାବର ପରିବର୍ତ୍ତନ କରିବାକୁ ପଡ଼ିଥାଏ । ଶିକ୍ଷକ ଆଧିପତ୍ୟର କେନ୍ଦ୍ର ହେବା ଉଚିତ ନୁହେଁ, ବରଂ ତାହାଙ୍କ ପକ୍ଷରେ ସାହାଯ୍ୟର କେନ୍ଦ୍ର ହେବା ଶୋଭନୀୟ । ଶିଶୁକୁ ସମସ୍ତ ପ୍ରକାର ଶ୍ରଦ୍ଧା ଓ ସମ୍ମାନ ଦେଖାଇବାରେ ଶିକ୍ଷକ ଭୁଲେ ହେଲେ କାର୍ପଣ୍ୟ ଦେଖାଇବା ଉଚିତ ନୁହେଁ । ମୂଳଦୁଆ ପକାଇବା ସମୟରେ ଶିକ୍ଷାର ଗୁରୁତ୍ୱ ଖୁବ୍ ବେଶୀ ।"

ବିହାରର ରାଜ୍ୟପାଳ ଓ ଭାରତର ଜଣେ ପ୍ରସିଦ୍ଧ ଶିକ୍ଷାବିତ ଡକ୍ଟର ଜାକିର ହୁସେନ ଅନୁଗୁଳ ମୌଳିକ ବିଦ୍ୟାଳୟର ଛାତ୍ରମାନଙ୍କ ଆଗରେ ଗତ ଡିସେମ୍ବର ମାସରେ ଉପରୋକ୍ତ ମନ୍ତବ୍ୟ ପ୍ରକାଶ କରିଥିଲେ । ଏହି ମନ୍ତବ୍ୟକୁ ପ୍ରତ୍ୟେକ ମୌଳିକ ବିଦ୍ୟାଳୟ, ଆଶ୍ରମ ସ୍କୁଲ ଏପରି କି ସାଧାରଣ ନିମ୍ନ ପ୍ରାଥମିକ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟର ଶିକ୍ଷକମାନେ ଉତ୍ତମ ରୂପେ ହୃଦୟଙ୍ଗମ କରିବା ଉଚିତ ଓ ତଦନୁଯାୟୀ କାର୍ଯ୍ୟ କରିବା ଉଚିତ ।

ଶିକ୍ଷାର ସଫଳତା ଅଧିକାଂଶ ଭାବରେ ଶିକ୍ଷକଙ୍କର ବ୍ୟକ୍ତିତ୍ୱ, ମାନସିକ ଦୃଷ୍ଟି ଓ ଶ୍ରଦ୍ଧାପୂର୍ଣ୍ଣ ମନୋଭାବ ଉପରେ ନିର୍ଭର କରେ । ଆଶ୍ରମ ସ୍କୁଲ ଶିକ୍ଷକମାନଙ୍କର ଏକଥା ମନେ ରଖିବା ଉଚିତ ଯେ ସେମାନଙ୍କଠାରେ ଶିକ୍ଷା ପାଉଥିବା ଆଦିବାସୀ ଶିଶୁମାନଙ୍କୁ ବୁଦ୍ଧିମାନ, ଦକ୍ଷ ଓ ସହଯୋଗୀ ନାଗରିକ ଭାବରେ ଗଢ଼ି ତୋଳିବା ସେମାନଙ୍କର ଦାୟିତ୍ୱ । ସେମାନଙ୍କର ପୁସ୍ତକଗତ ଶିକ୍ଷାର କୌଣସି ପରମ୍ପରା ନାହିଁ । ଏହି ପରମ୍ପରା ସୃଷ୍ଟି କରିବାକୁ ହେବ ଏବଂ ଧୀରେ ଧୀରେ ଏହାର ପରିବର୍ଦ୍ଧନ କରିବାକୁ ହେବ । ସେମାନଙ୍କର ହାତକାମ କରିବାର ଦକ୍ଷତା, ସହନଶୀଳତା ଓ ଶାରୀରିକ ଯୋଗ୍ୟତାକୁ ଯେ କେବଳ ରକ୍ଷା କରିବାକୁ ହେବ ତା ନୁହେଁ, ବରଂ ଏହାର ଉତ୍ତରୋତ୍ତର ଉନ୍ନତି କରିବାକୁ ହେବ । କ୍ଷେତ ବାଡ଼ିରେ କାମ ଓ କାରିଗରୀ କାମ ଏହି ଉଭୟ ମାଧ୍ୟମ ଦ୍ୱାରା ଏହା କରିବାକୁ

ହେବ । କିନ୍ତୁ ଏହା ସଙ୍ଗେ ସଙ୍ଗେ ସେମାନଙ୍କର ମାନସିକ ଅଭିରୁଚି ମଧ୍ୟ ବଢ଼ାଇବାକୁ ହେବ ଯାହାଦ୍ୱାରା କି ସେମାନେ ଦେଶର ସମସ୍ତ ଘଟଣାକୁ ସୁସ୍ପଷ୍ଟ ରୂପେ ବୁଝି ପାରିବେ ଓ ଅନ୍ୟାନ୍ୟ ଉନ୍ନତ ଲୋକଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଅଗ୍ରସର ହୋଇ ପାରିବେ । ଆମ ଦେଶରେ ଶିକ୍ଷିତ ଓ ଅଶିକ୍ଷିତ ଲୋକମାନଙ୍କ ମଧ୍ୟରେ ମାନସିକ ବ୍ୟବଧାନ ବହୁତ ବେଶୀ । ଏହି ବ୍ୟବଧାନ ଦୂର ନ ହେଲେ ଆମ ସମାଜ ସୁଖୀ, ସମୃଦ୍ଧ ଓ ଶକ୍ତିଶାଳୀ ହୋଇ ପାରିବ ନାହିଁ । ଶିକ୍ଷିତ ଲୋକମାନଙ୍କୁ ମଧ୍ୟ ଶାରୀରିକ ବୃତ୍ତି ସାଧନ କରିବାକୁ ହେବ ଏବଂ ଯେଉଁସବୁ କାର୍ଯ୍ୟରେ ଶାରୀରିକ ଶ୍ରମ ଆବଶ୍ୟକ ହୁଏ ସେ ସବୁ କାମକୁ ଆଗ୍ରହର ସହ କରିବାକୁ ହେବ । ଏହାଦ୍ୱାରା ଶାରୀରିକ ଶ୍ରମ ବର୍ତ୍ତମାନ ଯେଉଁପରି ଭାବରେ ହୀନ ବୋଲି ପ୍ରତିପାଦିତ ହେଉଛି ତାହା ଦୂର ହୋଇ ପାରିବ । ହରିଜନ ଓ ଆଦିବାସୀମାନେ ପରିଶ୍ରମ କରି ଦେଶର ଅଧିକାଂଶ ସମ୍ପଦ ଉତ୍ପାଦନ କରନ୍ତି । ସୁତରାଂ ସେମାନଙ୍କୁ ଦେଶର ମେରୁଦଣ୍ଡ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏମାନଙ୍କର ପିଲାମାନଙ୍କୁ ଶ୍ରଦ୍ଧା, ସମ୍ମାନ ଓ ଆନ୍ତରିକତାର ସହ ଶିକ୍ଷା ଦେବା ପ୍ରତ୍ୟେକ ଶିକ୍ଷକର କର୍ତ୍ତବ୍ୟ । ଦେଶର ଯେଉଁ ଅଗମ୍ୟ ସ୍ଥାନମାନଙ୍କରେ ଏମାନେ ବାସ କରନ୍ତି ସେଠାରେ ରହି ଏହି କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ । ଯଦି ଶିକ୍ଷକମାନେ ସେବା ମନୋଭାବ ଦ୍ୱାରା ଅନୁପ୍ରାଣିତ ନ ହୁଅନ୍ତି ଓ ଜାତି ତଥା ଦେଶର ଉନ୍ନତି କରିବାର ସଂକଳ୍ପ ନ କରନ୍ତି ତା ହେଲେ ସେମାନଙ୍କ ପକ୍ଷରେ ଏହି କର୍ତ୍ତବ୍ୟ ସମ୍ପାଦନ କରିବା ଦୁରୂହ ହେବ । ଶିକ୍ଷକମାନେ ସେମାନଙ୍କର ପ୍ରାପ୍ୟ ଯେପରି ଭଲ ଭାବରେ ପାଆନ୍ତି ଓ ସେମାନଙ୍କୁ ଯେଉଁ ସମ୍ମାନ ମିଳିବା ଉଚିତ ତାହା ଯେପରି ତାଙ୍କୁ ମିଳେ ତାହା ଦେଖିବା ସରକାରଙ୍କର କର୍ତ୍ତବ୍ୟ । ଏଥିରେ ସରକାର ହେଳା କରିବା ଉଚିତ ନୁହେଁ । ସେମାନଙ୍କୁ ଯଦି ଅସନ୍ତୁଷ୍ଟ ବା ଅବ୍ୟବସ୍ଥିତ ରଖାଯାଏ ତା ହେଲେ ଶିକ୍ଷା ବିଗରେ ବାଂଛିତ ହେଉଥିବା ବିପୁଳ ଅର୍ଥର କୌଣସି ମୂଲ୍ୟ ରହିବ ନାହିଁ । ଅସନ୍ତୁଷ୍ଟ, ଦରିଦ୍ର ଓ ଚରିତ୍ରହୀନ ଶିକ୍ଷକ ପକ୍ଷରେ ଏକ ଶ୍ରେଣୀବିହୀନ, ସହଯୋଗୀ ସମାଜର ମୂଳଦୁଆ ପକାଇବା ଅସମ୍ଭବ । ସୁସ୍ଥ ସମାଜ ପାଇଁ ସୁଶିକ୍ଷା ହିଁ ଏକମାତ୍ର ଅବଲମ୍ବନ ।

ଆଦିବାସୀ ଅର୍ଥନୀତି ସମୀକ୍ଷା

ମୃତ୍ୟୁଞ୍ଜୟ ପରିଡ଼ା

ସାଧାରଣତଃ ଅର୍ଥନୀତି କହିଲେ ଲୋକେ ପାଶ୍ଚାତ୍ୟ ଅର୍ଥନୀତି କଥାହିଁ ବୁଝନ୍ତି । ଆଦିବାସୀ ଅର୍ଥନୀତି କଥା କହିଲେ ଅନେକ ହୁଏତ ଆଶ୍ଚର୍ଯ୍ୟ ହେବେ, ଅଥବା ଏ ପ୍ରକାର କଥା ନିରର୍ଥକ ବୋଲି ମନେ କରିବେ । ବସ୍ତୁତଃ ସେପରି ଭାବିବାର କୌଣସି ଯଥାର୍ଥତା ନାହିଁ ।

ଆଦିବାସୀ ଓ ଆଧୁନିକ ସଭ୍ୟ ମଣିଷ ଭିତରେ ତଫାତ୍ କେଉଁଠି ? ସମାଜ-ବିଜ୍ଞାନୀମାନେ କହନ୍ତି ଯେ ଏ ଦୁହିଁଙ୍କ ଭିତରେ କୌଣସି ମୌଳିକ ଫରକ୍ ନାହିଁ । ଫରକ୍ ହେଉଛି ସଂସ୍କୃତିର ସ୍ତରରେ । ଆଦିବାସୀ ଲୋକ ସଭ୍ୟତାର ଆଦିମ ସ୍ତରରେ ରହିଛି । ତିନି ହଜାର ବର୍ଷପରେ ମଧ୍ୟ ତାର ଜୀବନ ଧାରଣର ପନ୍ଥା, ଅସ୍ତ୍ରର ବ୍ୟବହାର ଅଙ୍ଗୁଳି ଚଳନ କୌଣସିଥିରେ କିଛି ପରିବର୍ତ୍ତନ ହୋଇନାହିଁ । ଅନ୍ୟ ପକ୍ଷରେ ଆଧୁନିକ ସଭ୍ୟ ଜଗତର ମଣିଷ ଉନ୍ନତ ସଂସ୍କୃତିର କୋଳରେ ଲାଳିତ । ତାର ଜୀବନଧାରଣର ପନ୍ଥା, ଅସ୍ତ୍ରର ଆଉ ବ୍ୟବହାର ଦ୍ରୁତ ପରିବର୍ତ୍ତନଶୀଳ । ବାହାରୁ ଦେଖିଲେ ହୁଏତ ଦୁହିଁଙ୍କ ଭିତରେ କୌଣସି ମେଳ ନାହିଁ ବୋଲି କହିବା ହୁଏତ ଠିକ୍ ହେବ । ମାତ୍ର ମଣିଷ ହିସାବରେ ମୌଳିକ ଅଭାବ ଅସୁବିଧା ଓ ଆବଶ୍ୟକତା ଭିତର ଦେଇ ଦେଖିଲେ ସଭ୍ୟ ମଣିଷ ଓ ଆଦିବାସୀ ଭିତରେ କୌଣସି ଗୁଣଗତ ପାର୍ଥକ୍ୟ ନାହିଁ । ସଭ୍ୟ ମଣିଷର ଯେପରି ଶିକ୍ଷାଦୀକ୍ଷା, ଆଇନକାନୁନ୍, ଧର୍ମ, ଈଶ୍ୱରବିଶ୍ୱାସ ଓ ରାଜନୈତିକ ଅନୁଷ୍ଠାନ ଇତ୍ୟାଦିର ଆବଶ୍ୟକତା ରହିଛି, ଆଦିବାସୀର ତାଠାରୁ କୌଣସି ଗୁଣରେ କମ୍ ନୁହେଁ । ତେବେ ଆଦିବାସୀର ସାମାଜିକ ପରିବେଷ୍ଟନୀ ବିଜ୍ଞାନଦ୍ୱାରା ସମୃଦ୍ଧ ନୁହେଁ । ତେଣୁ ଏ ଆବଶ୍ୟକତାର ଢଙ୍ଗ ସଭ୍ୟ ମଣିଷର ଆବଶ୍ୟକତାର ଢଙ୍ଗଠାରୁ ତଫାତ୍ ହେବ ନିଶ୍ଚୟ । ଯଦି ଏହାହିଁ ହୁଏ, ତାହେଲେ ଆଧୁନିକ ଅର୍ଥନୀତିର ବିଶ୍ଳେଷଣ କୌଶଳ ଆଦିବାସୀ ଅର୍ଥନୀତିକ ଜୀବନପ୍ରତି ଲାଗୁ ହୋଇ ପାରିବ ଅର୍ଥାତ୍ ଅନ୍ୟ ଭାଷାରେ କହିଲେ ଆଦିବାସୀ ଅର୍ଥନୀତି କଥା କହିବା ନିରର୍ଥକ ନୁହେଁ ।

ଆଦିବାସୀ ଅର୍ଥନୀତିର ଆଲୋଚନା କରିବା ପୂର୍ବରୁ ପାଶ୍ଚାତ୍ୟ ଅର୍ଥନୀତି କ'ଣ, ମଣିଷ ସହିତ ଏ ଅର୍ଥନୀତିର ସମ୍ପର୍କ କ'ଣ, ଏବଂ ଯେଉଁପରି ଏ ଅର୍ଥନୀତିରେ ଜ୍ଞାନ ସହିତ ଆଦିବାସୀ ଅର୍ଥନୀତିର ସଂପର୍କ କେଉଁଠି ଏବଂ ମୌଳିକ ଦୃଷ୍ଟିରୁ ଆଦିବାସୀ ଅର୍ଥନୀତି ପାଶ୍ଚାତ୍ୟ ଅର୍ଥନୀତିଠାରୁ କିପରି ଭିନ୍ନ ନୁହେଁ ଏ ସବୁର ସବିଶେଷ ଆଲୋଚନା କରିବା ସମୁଚିତ ହେବ ।

ଅର୍ଥନୀତି ଏକ ସମାଜ ବିଜ୍ଞାନ । ସାମାଜିକ ଧାର ବିଶ୍ଳେଷଣ କରି ମଣିଷ ଜୀବନର ଅର୍ଥନୈତିକ ଦିଗ ଏବଂ ତାର ସାମାଜିକ ପ୍ରକ୍ରିୟା ବୁଝିବା ଏହାର ଲକ୍ଷ ।

ଏହି ପ୍ରକ୍ରିୟା ବଢ଼ିବା ସହିତ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସମାଜର ପ୍ରଗତି ଅଥବା ଅବନତିର ସଂପର୍କୀୟ ବିଗ୍ରହ ମଧ୍ୟ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । କାରଣ ଖାଲି ଗୋଟିଏ ସମସ୍ୟାକୁ ବୁଝିଲେ ତ ହେବ ନାହିଁ, ତା ସହିତ ଭଲମନ୍ଦର ବିଗ୍ରହ ସ୍ୱାଭାବିକ । ଏଇ ବିଗ୍ରହ ସହିତ ଆବଶ୍ୟକୀୟ ପରିବର୍ତ୍ତନର ଚିନ୍ତା ମଧ୍ୟ କରିବା ଏକାନ୍ତ ଜରୁରୀ ।

ଯେ କୌଣସି ସମସ୍ୟାର ପୂର୍ଣ୍ଣାଙ୍ଗ ବିଶ୍ଳେଷଣ ପାଇଁ ସମସ୍ୟାଟିର ରାଜନୈତିକ, ଅର୍ଥନୈତିକ, ସାମାଜିକ, ମନସ୍ତାତ୍ତ୍ୱିକ ଇତ୍ୟାଦି ବିଭିନ୍ନ ଦିଗର ଯଥାଯଥ ସମୀକ୍ଷା ଦରକାର । ଅର୍ଥନୀତିଜ୍ଞମାନେ ବିଶ୍ୱାସ କରନ୍ତି ଯେ ପ୍ରତ୍ୟେକ ସମସ୍ୟାର ଏକ ଅର୍ଥନୈତିକ ବିଭାଗ ରହିଛି ଏବଂ ସେଇ ସମସ୍ୟାର ପୂର୍ଣ୍ଣାଙ୍ଗ ବିଶ୍ଳେଷଣ ପାଇଁ ଏହି ସମସ୍ୟାର ଅର୍ଥନୈତିକ ଦିଗର ବିଶ୍ଳେଷଣ ଅବଶ୍ୟକ । ମାମୁଲି କଥାରେ କହିଲେ ପ୍ରତ୍ୟେକ ଲୋକକୁ ନିଜର ସମୟ ଆଉ ସମ୍ପଦର ଉତ୍କୃଷ୍ଟ ପ୍ରୟୋଗ କରିବାକୁ ହେବ । ମଣିଷ ଯେ କୌଣସି ଅବସ୍ଥାରେ ଥାଉ ନା କାହିଁକି ଜୀବନର ସବୁ କ୍ଷେତ୍ରରେ ଉତ୍କୃଷ୍ଟ ଫଳ ପାଇବାର ଚେଷ୍ଟା କରିବା ତା ପକ୍ଷରେ ସ୍ୱାଭାବିକ ।

ସମାଜରେ ବଞ୍ଚି ରହିବାକୁ ହେଲେ ମଣିଷକୁ ନିଜର ଆବଶ୍ୟକତା ମେଣ୍ଟାଇବାକୁ ହେବ । ଆବଶ୍ୟକତାର କ୍ରମ ଭେଦ ମଧ୍ୟ ରହିଛି । ଏଥି ଭିତରୁ ବଞ୍ଚି ରହିବା ଲାଗି କେତେଗୁଡ଼ିଏ ଅତ୍ୟାବଶ୍ୟକ । ଉଦାହରଣ ସ୍ୱରୂପ, ଖାଇବା ଓ ରହିବା କଥା କହି ଯାଇପାରେ । ଟିକିଏ ବ୍ୟାପକ ଅର୍ଥରେ କହିଲେ ମଣିଷ ଶରୀରର ରକ୍ଷଣାବେକ୍ଷଣ ପାଇଁ ଯାହା ଦରକାର, ତାହା ହିଁ ବୁଝିବାକୁ ହେବ । ଅତ୍ୟାବଶ୍ୟକୀୟ ଚାହିଦା ମେଣ୍ଟାଇ ସାରିଲା ପରେ ଧର୍ମ, ରାଜନୀତି, ବିଦ୍ୟାଚର୍ଚ୍ଚା ବା ଅନ୍ୟାନ୍ୟ ପ୍ରଶ୍ନ ଉଠେ । ଏସବୁ ମଣିଷ ବୁଦ୍ଧିର ପରିସର ବଢ଼ିବାର ଅସ୍ତ୍ର ଅଥବା ସୁସ୍ଥ ଓ ସଂଗଠିତ ଜୀବନ ଯାପନ କରିବାର ଉପାଦାନ ମାତ୍ର । ତେବେ ଏ ସମ୍ପର୍କରେ ପ୍ରଶ୍ନ ହେଉଛି ମଣିଷ ତାର ଏଇସବୁ ଆବଶ୍ୟକତା ପୂରଣ କରେ କି ଉପାୟରେ ?

ମଣିଷ ତାର ଅଭାବ ପିପାସାକୁ ନିଜେ ପୂରଣ କରେ ନାହିଁ, କରିପାରିବା ମଧ୍ୟ ସମ୍ଭବ ନୁହେଁ । ନିଜର ମୌଳିକ ଆବଶ୍ୟକତା ମେଣ୍ଟାଇବା ଲାଗି ସେ ଅନ୍ୟମାନଙ୍କର ସାହାଯ୍ୟ ନିଏ । ଖାଦ୍ୟର ଯୋଗାଡ଼ରେ ଶୃଙ୍ଖଳିତ ଉତ୍ପାଦନର (କୃଷିର) ପନ୍ଥା ସେ ସୃଷ୍ଟି କରେ । ସେହିପରି ମଧ୍ୟ ପ୍ରଜନନ ବିବାହ ଏବଂ ଆନୁସଙ୍ଗିକ ପାରିବାରିକ ଅନୁଷ୍ଠାନ ଭିତରେ ନିର୍ଦ୍ଦିଷ୍ଟ ଶୃଙ୍ଖଳାର ମାଧ୍ୟମ ଦେଇ କରିହୁଏ । ଏଇପରି ବିଭିନ୍ନ ବକ୍ର (ଅପ୍ରତ୍ୟକ୍ଷ) ଉପାୟରେ ମଣିଷ ତାର ଚାହିଦା ପୂରଣ କରି ଆସିଛି । ବିଭିନ୍ନ ଶୃଙ୍ଖଳିତ ପନ୍ଥାର ମାଧ୍ୟମ ଦେଇ ମୌଳିକ ଆବଶ୍ୟକତା ପୂରଣ କରିବାର ଚେଷ୍ଟାରୁ ହିଁ ସମୟ ଓ ସମ୍ପଦର ଉତ୍କୃଷ୍ଟ ପ୍ରୟୋଗ ତଥା ଧର୍ମଶିକ୍ଷା ଓ ନୀତି ଅନୁସୃତ ବ୍ୟବହାରର ଆରମ୍ଭ । ସାମାଜିକ ବେଷ୍ଟନୀକୁ ବୁଝିବାକୁ ହେଲେ ମଣିଷର ସ୍ଥିତି, ଗତି-ଚଳନ ଏବଂ ଆନୁସଙ୍ଗିକ କର୍ମ ପ୍ରଣାଳୀ ତାର ଉପଯୋଗୀ ଆବଶ୍ୟକତା ଦ୍ୱାରା ନିୟନ୍ତ୍ରିତ

ବୋଲି ବୁଝିବାକୁ ହେବ । ମୌଳିକ ଆବଶ୍ୟକତାର ପ୍ରଭାବ ବହୁତ ସୁଦୂରପ୍ରସାରୀ ଏବଂ ସେଇଥିଲାଗି ଅନେକ ସମୟରେ ମଣିଷର ଅନ୍ୟାନ୍ୟ ଆବଶ୍ୟକତା ଏଇ ମୌଳିକ ଆବଶ୍ୟକତାର ବଶବର୍ତ୍ତୀ ଏବଂ ତାଦ୍ୱାରା ପ୍ରଭାବିତ ହେବା ସ୍ୱାଭାବିକ ମଧ୍ୟ ।

ସାମାଜିକ ଜୀବନ ସହିତ ଅର୍ଥନୀତିର ସମ୍ପର୍କ କଣ ? ଆଗରୁ କୁହା ଯାଇଛି ଯେ ପ୍ରତି ସାମାଜିକ ସମସ୍ୟାର ଅର୍ଥନୈତିକ ଦିଗର ବିଶ୍ଳେଷଣ ଅର୍ଥନୀତିଜ୍ଞମାନଙ୍କର ଲକ୍ଷ୍ୟ । ସେ ଦୃଷ୍ଟିରୁ ବିଚାର କଲେ ପ୍ରଥମେ କେତେଗୁଡ଼ିଏ ଘଟଣାକୁ ମାନିନେବାକୁ ହେବ । ପ୍ରଥମତଃ ଅର୍ଥନୈତିକ ସମ୍ପଦ ରହିଛି । ସମସ୍ତ ଭୌତିକ ସମ୍ପତ୍ତି, ମଣିଷର ଶାରୀରିକ ଶକ୍ତି ଏପରିକି ସମୟକୁ ମଧ୍ୟ ଏଇ ସମ୍ପଦ ଭିତରେ ନେବାକୁ ହେବ । କାରଣ ଅର୍ଥନୀତିର ମୂଳମନ୍ତ୍ର ହେଲା ମଣିଷର ଅଭାବ ଓ ଆବଶ୍ୟକତା ଅସୀମ ଏବଂ ଏଇ ଅଭାବ ମେଣ୍ଟାଇବା ପାଇଁ ଯଥେଷ୍ଟ ସମ୍ବଳ ମଣିଷର ନାହିଁ । ଏ ଦୃଷ୍ଟିରୁ ବିଚାର କଲେ ଉପରୋକ୍ତ ଯେ କୌଣସି ବସ୍ତୁ ଏପରିକି ସମୟ ମଧ୍ୟ ପ୍ରଚୁର ନୁହେଁ । ପରିଣାମରେ ଏ ସବୁର କାର୍ଯ୍ୟ ପ୍ରୟୋଗ କରିବା ପାଇଁ ବାଛନ ଅନୁସୃତ ଉପାୟ ଅବଲମ୍ବନ କରିବାକୁ ହେବ । ଦ୍ୱିତୀୟତଃ ମଣିଷର ଆବଶ୍ୟକତା ଅସୀମ ହୋଇଥିବାରୁ ସୀମିତ ସମ୍ବଳ ଜରିଆରେ ଅସୀମ ଅଭାବ ବା ଆବଶ୍ୟକତା ମେଣ୍ଟାଇବା ସମ୍ଭବ ନୁହେଁ । ଫଳରେ କେତେଗୁଡ଼ିଏ ଅତ୍ୟାବଶ୍ୟକୀୟ ବା ଜରୁରି ଆବଶ୍ୟକତା ପୂରଣ କରିବାର ପ୍ରଶ୍ନ ଆପେ ଆପେ ଉଠେ । ଏହି ଜରୁରୀ ଆବଶ୍ୟକତାକୁ ଆମେ ମଣିଷର ଅର୍ଥନୈତିକ ଅଭାବ ବୋଲି କହିବା । ଅର୍ଥନୈତିକ ଅଭାବର ଲକ୍ଷଣ ହେଉଛି ଏହାର ପରିତୃପ୍ତି କେବଳ କିଛି ଅର୍ଥିକ ସମ୍ବଳର ବ୍ୟୟରେହିଁ ସମ୍ଭବ, ଅଥଚ ମଧ୍ୟ ମଣିଷର ଅନୁଭୂତ ଆବଶ୍ୟକତା ଅର୍ଥନୈତିକ ଅଭାବର ରୂପ ନେବା ଫଳରେ ତାର ସାଧାରଣ ବ୍ୟବହାର ସହିତ ନିଜର ଅର୍ଥନୈତିକ ସ୍ୱାର୍ଥର ଦୃଷ୍ଟିଭୂକ୍ତ ନିୟନ୍ତ୍ରଣ କରି ସୀମିତ ସମ୍ବଳର ଯଥାର୍ଥ ପ୍ରୟୋଗ କରିବାର ପ୍ରଶ୍ନ ଉଠେ । ଅନ୍ୟଥା ମଣିଷର ଅନେକ ତୀବ୍ର ଅର୍ଥନୈତିକ ଅଭାବର ପରିତୃପ୍ତି ହୋଇ ପାରିବ ନାହିଁ । ଏଥିରୁ ବୁଝା ପଡ଼ିବ ଯେ ପ୍ରତ୍ୟେକ ଅର୍ଥନୈତିକ ଅଭାବ ପୂରଣ କରିବା ଚେଷ୍ଟାରେ ମଣିଷର ବ୍ୟବହାର ଗୋଟିଏ ନିର୍ଦ୍ଦିଷ୍ଟ ଧାରାର ଅନୁସରଣ କରେ । ସେଇ ନିର୍ଦ୍ଦିଷ୍ଟ ଧାରାର ଲକ୍ଷଣ ହେଉଛି ଯେ ପ୍ରତ୍ୟେକ ସମସ୍ୟାର ସମାଧାନରେ ସୁନିୟନ୍ତ୍ରିତ ସମ୍ବଳର ବ୍ୟୟରେ ସର୍ବୋତ୍କୃଷ୍ଟ ଫଳ ହାସଲ କରିବା । ଅନ୍ୟ ଭାଷାରେ କହିଲେ ମଣିଷ ଯାହା କଳ୍ପନା କାହିଁକି ତାର ପ୍ରତ୍ୟେକ କାମ ମୂଳରେ ଯେତେ କମ୍ ହେଲେ ବି ଏକ ଅର୍ଥନୈତିକ ବିଚାର ରହିବ । ସେ ବିଚାରର କମ ବେଶ ବା ମାତ୍ରାଗତ ପ୍ରଭେଦ ଥାଇ ପାରେ । ମାତ୍ର ଅର୍ଥନୈତିକ ବିଚାର ରହିବ ନିଶ୍ଚୟ । ଚତୁର୍ଥତଃ ସୀମିତ ସମ୍ବଳର ଉପଯୁକ୍ତ ପ୍ରୟୋଗ ପ୍ରଶ୍ନର ବିଚାର କଲାବେଳେ ମୂଲ୍ୟ ନିରୂପଣ କରିବା ସ୍ୱାଭାବିକ । ଉଦାହରଣ ସ୍ୱରୂପ ଗୋଟିଏ ଜିନିଷରୁ ୫ଟି ଅନ୍ୟ କୌଣସି ଜିନିଷରୁ ୩ଟି ସଙ୍ଗେ ସମାନ ବୋଲି ଧରାଯାଇପାରେ । ଅଥାତ୍ ମୋଟାମୋଟି ମଣିଷର ଆବଶ୍ୟକତାର ଲକ୍ଷଣ ଅନୁସରଣ କରି ସସୀମ ସମ୍ବଳର ସର୍ବୋତ୍କୃଷ୍ଟ ବିନିଯୋଗ କରି ଯେତେ ଅଧିକ ସଂଖ୍ୟକ ଅଭାବର ପୂରଣ କରାଯାଇପାରେ ସେ ଚେଷ୍ଟା କରିବା ହେଲା ଅର୍ଥନୀତିର ଉଦ୍ଦେଶ୍ୟ ।

ଝ

ଅର୍ଥନୈତିକ ପ୍ରକ୍ରିୟାର ୩ ଟି ଦିଗ ଅଛି । ଏଥିରୁ ଗୋଟିଏ ହେଉଛି ଅନୁଭୂତ ଅର୍ଥନୈତିକ ଅଭାବର ପରିତୃପ୍ତି, ଦ୍ୱିତୀୟଟି ହେଲା ଏହି ଅଭାବର ପରିତୃପ୍ତିଲାଗି ସମ୍ବଳର ଯଥାର୍ଥ ବିନିଯୋଗ ଅର୍ଥାତ୍ ଉତ୍ପାଦନ ଏବଂ ତୃତୀୟଟି ହେଲା ଉତ୍ପାଦନର ବଣ୍ଟନ । ପାଶ୍ଚାତ୍ୟ ଅର୍ଥନୀତିଜ୍ଞମାନେ ଭାବନ୍ତି ଯେ ମଣିଷର ସ୍ୱାଭାବିକ ପ୍ରବୃତ୍ତି ହେଉଛି ସବୁ ସ୍ଥଳରେ ସର୍ବୋତ୍କୃଷ୍ଟ ଫଳ ପାଇବା ପାଇଁ ଚେଷ୍ଟା କରିବା । ଏହି ଚେଷ୍ଟାର ଅନୁସରଣ କରି ସେମାନେ ବିନିମୟ ନିୟମ (**Law of substitution**)ର ଅବତାରଣା କରିଛନ୍ତି । ସେମାନେ କହନ୍ତି ଯେ ଅଭାବର ପରିତୃପ୍ତି, ଉତ୍ପାଦନ ଓ ବଣ୍ଟନ ପ୍ରତ୍ୟେକ କ୍ଷେତ୍ରରେ ଏହି ବିନିମୟ ନିୟମ ସମଭାବରେ ପ୍ରଯୁଜ୍ୟ ।

ମଣିଷର ପ୍ରତ୍ୟେକ ସମସ୍ୟାରେ ଏକ ଅର୍ଥନୈତିକ ଦିଗ ରହିଛି, ଏଥିରେ ସନ୍ଦେହ ନାହିଁ । ମାତ୍ର ଅର୍ଥନୀତି ମୁଖ୍ୟତଃ ମଣିଷର ଭୌତିକ (**material**) ସୁଖ-ସ୍ୱାଚ୍ଛନ୍ଦ୍ୟ ସହିତ ବିଶେଷ ଭାବରେ ଜଡ଼ିତ । ଅବଶ୍ୟ ଅର୍ଥନୀତିର ଇତିହାସରେ ଏଥିଲାଗି ଯୁକ୍ତିମୂଳକ ବାଦାନୁବାଦ ଚାଲିଥିଲା । ପ୍ରଫେସର୍ ରବିନ୍ସ୍ ଅର୍ଥନୀତି ଯେ କେବଳ ଭୌତିକ ସୁଖସ୍ୱାଚ୍ଛନ୍ଦ୍ୟ ସହିତ ସମ୍ପୃକ୍ତ ତା ନୁହେଁ, ଏହା ପ୍ରତ୍ୟେକ ସମସ୍ୟାର ଅର୍ଥନୀତିକ ଦିଗର ବିଶ୍ଳେଷଣ ସହିତ ସମ୍ପୃକ୍ତ, ଏହାହିଁ ପ୍ରମାଣ କରିଛନ୍ତି । ତେବେ ବ୍ୟାପକ ପ୍ରୟୋଗର ଦୃଷ୍ଟିରୁ ଏ ବିଶ୍ଳେଷଣ ଯେ ସତ୍ୟ ଏଥିରେ ସନ୍ଦେହ ନାହିଁ । ମାତ୍ର ସାଧାରଣ ଅର୍ଥରେ ଅର୍ଥନୀତି ଯେ ମଣିଷର ଭୌତିକ ସୁଖସ୍ୱାଚ୍ଛନ୍ଦ୍ୟ ସହିତ ବିଶେଷ ଭାବରେ ସମ୍ପୃକ୍ତ ଏହା ନିଃସନ୍ଦେହରେ କୁହାଯାଇପାରେ । ପାଶ୍ଚାତ୍ୟ ଅର୍ଥନୀତିଜ୍ଞମାନେ ଏହି ସମସ୍ୟାର ସମାଧାନ ଉପରେ ବିଶେଷ ନଜର ଦେଇଛନ୍ତି । ପରିଣାମରେ ଶିଳ୍ପ ବିପ୍ଳବଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ପାଶ୍ଚାତ୍ୟ ଅର୍ଥନୀତିରେ (ସାମ୍ୟବାଦୀ ଅର୍ଥନୀତି ସମେତ) ଏହି ଭୌତିକ ସୁଖସ୍ୱାଚ୍ଛନ୍ଦ୍ୟର ବିଚାରହିଁ ବିଶେଷ ଭାବରେ କାମ କରି ଆସିଛି । ଆଜିର ତଥାକଥିତ ଯୋଜନା ଯୁଗରେ ମଧ୍ୟ (ସାମ୍ୟବାଦୀ ଅଥବା ପୁଞ୍ଜିପତି ଯୋଜନା) ମଣିଷର ଖାଇବା ପିଇବା, ବିଳାସରେ ରହିବା ଅଥବା ତଥାକଥିତ ସଭ୍ୟ ଜୀବନ ଯାପନ କରିବା ମୂଳମନ୍ତ୍ର ହୋଇଛି ।

ପାଶ୍ଚାତ୍ୟ ଅର୍ଥନୀତି ପୁଞ୍ଜିବାଦୀ ସଂସ୍ଥା ଉପରେ ପ୍ରତିଷ୍ଠିତ । ଏହି ଅର୍ଥନୀତିର ପ୍ରାରମ୍ଭରେ ଅର୍ଥନୀତିଜ୍ଞମାନେ ବିଶ୍ୱାସ କରୁଥିଲେ ଯେ ନିୟନ୍ତ୍ରଣ ବିହୀନ ସମାଜହିଁ କେବଳ ମଣିଷର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ପ୍ରକୃଷ୍ଟ । କିନ୍ତୁ ପୁଞ୍ଜିବାଦର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଶ୍ରମିକ ମାଲିକ ତଥା ବିତ୍ତଶାଳୀ ଓ ବିତ୍ତହୀନ ଲୋକଙ୍କର ସମସ୍ୟାର ସମାଧାନ ନିୟନ୍ତ୍ରଣବିହୀନ ସମାଜରେ ସମ୍ଭବ ମନେ ହେଲା ନାହିଁ । ଫଳରେ କେତେକ ଅର୍ଥନୀତିଜ୍ଞ ବଣ୍ଟନ କ୍ଷେତ୍ରରେ ନିୟନ୍ତ୍ରଣର ଆବଶ୍ୟକତା ସମ୍ପର୍କରେ ଯୁକ୍ତି ବାଢ଼ିଲେ । ପ୍ରଥମ ମହାଯୁଦ୍ଧ ପରେ ପୁଞ୍ଜିବାଦର ପତନ ଅବଶ୍ୟମ୍ଭାବୀ ମନେହେଲା । ଏହି ବିପର୍ଯ୍ୟୟରୁ ପୁଞ୍ଜିବାଦକୁ ରକ୍ଷା କରିବାପାଇଁ ପୁଞ୍ଜିବାଦର ଧାରକର୍ତ୍ତା କେନ୍ସ ସାମୟିକ ନିୟନ୍ତ୍ରଣର ସୂଚନା ଦେଲେ ।

ଫଳରେ ଆଜିର ଲୋକ ହିତକର ଅର୍ଥନୀତି (publicfinance) ର ପ୍ରାଧାନ୍ୟ ବଢିଲା । ଏ ସବୁ ସତ୍ତ୍ୱେ ମଧ୍ୟ ଅଜିର ପାଶ୍ଚାତ୍ୟ ଅର୍ଥନୀତି ମୁଖ୍ୟତଃ ଅନିୟନ୍ତ୍ରିତ ସ୍ୱାଧୀନତାରେ ବିଶ୍ୱାସ କରେ । ଲୋକଙ୍କର ଅସୁବିଧାର ନିବାକରଣପାଇଁ ଲୋକହିତକର ଖର୍ଚ୍ଚର ପ୍ରାଧାନ୍ୟ ବଢୁଥିଲେ ମଧ୍ୟ ଏହା ଅଜିସୁଦ୍ଧା 'ସମୁଦ୍ରକୁ ଶଙ୍ଖେ ପାଣି' ପରି ରହିଛି । ତେବେ ଏସବୁ କଥାର ଆଲୋଚନା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅର୍ଥନୀତିର ଦୁଇଟି ପ୍ରଧାନ ସୂତ୍ର—ବିଭିନ୍ନ ବ୍ୟକ୍ତିଙ୍କ ମଧ୍ୟରେ ତୃପ୍ତିର ତୁଳନା ଏବଂ ପ୍ରତ୍ୟେକ ବ୍ୟକ୍ତିର ଉପସ୍ଥିତ ସମ୍ବଳର ଯଥାଯଥ ପ୍ରୟୋଗ । ଏହାର ପ୍ରୟୋଗ ପାଶ୍ଚାତ୍ୟ ଅର୍ଥନୀତିରେ କିପରି ଅଲଗା ଭାବେ ହୋଇଛି ତା ଦର୍ଶାଇବା । ବସ୍ତୁତଃ ଉତ୍ପାଦନ କ୍ଷେତ୍ରରେ ଯାହାକୁ ସାଧାରଣ ଅର୍ଥରେ (equilium economics) କୁହାଯାଏ, ସେ କ୍ଷେତ୍ରରେ ସମ୍ବଳର ଯଥାଯଥ ପ୍ରୟୋଗର ବିଚାର ହିଁ ଏକମାତ୍ର ବିଚାର । ବଣ୍ଟନ କ୍ଷେତ୍ରରେ ମଧ୍ୟ ସେହି ବିଚାରର ପ୍ରାଧାନ୍ୟ ହିଁ ଦେଖିବାକୁ ମିଳିବ । କେବଳ ଲୋକହିତକର ଅର୍ଥନୀତି (public finance) ରେ ହିଁ ବିଭିନ୍ନ ବ୍ୟକ୍ତିଙ୍କ ମଧ୍ୟରେ ତୃପ୍ତିର ତୁଳନା କରି ସମାଜର ସମୂହ ସ୍ୱାଚ୍ଛନ୍ଦ୍ୟ ଦିଗରେ ସାମାନ୍ୟ ଯାହାକିଛି କରାଯାଇଛି ମାତ୍ର । ଅବଶ୍ୟ ଋଷିଆ ପ୍ରଭୃତି ସାମ୍ୟବାଦୀ ଅର୍ଥନୀତି କ୍ଷେତ୍ରରେ ଏ ମନ୍ତବ୍ୟ ଲାଗୁ ହେବ ନାହିଁ ।

ପାଶ୍ଚାତ୍ୟ ଅର୍ଥନୀତିର ଏ ଅଲୋଚନା ସହିତ ଆଦିବାସୀ ଅର୍ଥନୀତିର ମେଳ କେଉଁଠି ? ଆଦିବାସୀ ଅର୍ଥନୀତିକ ସଂସ୍ଥା ଉନ୍ନତ ନୁହେଁ । ଏବେ ମଧ୍ୟ ସେମାନେ ଅତି ଆଦିମ କୃଷିଜୀବି ସଂସ୍ଥାରୁ ଉର୍ଦ୍ଧ୍ୱକୁ ଉଠି ପାରି ନାହାନ୍ତି । ସେମାନଙ୍କର ଖାଇବା, ପିଇବା, ଗୃହଚଳନ ଇତ୍ୟାଦିରେ ଏବେ ମଧ୍ୟ ସଭ୍ୟତାର ଛିଟେମାତ୍ର ଛୁଇଁନାହିଁ । ଏ ଦୃଷ୍ଟିରୁ ଆଦିବାସୀ ଅର୍ଥନୀତିରେ ପାଶ୍ଚାତ୍ୟ ଅର୍ଥନୀତିର ବିଭିନ୍ନ ଉପାଦାନ ଯଥା ଜମି (land), ଶ୍ରମ (labour), ସୁଧ (interest) ଏବଂ ପୁଞ୍ଜି (capital), ର ସ୍ୱତନ୍ତ୍ର ସ୍ଥିତି ଏବଂ ପାଉଣା ଖୋଜି ବାହାର କରିବା କଷ୍ଟକର ହେବ । ମୂଲ୍ୟ ନିରୂପଣ ଅନ୍ୟମଧ୍ୟ ଜିନିଷର ଅଦଳବଦଳ (alter) କରିଥରେ ହୁଏ । ଟଙ୍କାର ଚଳନ ଅଳ୍ପ ମଧ୍ୟ ହେଲା । ସେହିପରି କୃଷି ସଂସ୍ଥାରେ ପାଶ୍ଚାତ୍ୟ କୃଷି ବ୍ୟବସ୍ଥା ପରି କୃଷିର ଉନ୍ନତି କାମ କରିବା ପାଇଁ ସ୍ୱତନ୍ତ୍ର ଅନୁଷ୍ଠାନ ମଧ୍ୟ ନାହିଁ । ମୋଟାମୋଟି ପାଶ୍ଚାତ୍ୟ ଅର୍ଥନୀତିର ସ୍ୱତନ୍ତ୍ର ଅନୁଷ୍ଠାନ ସବୁ ଆଦିବାସୀ ଅର୍ଥ ନୀତିରେ ନାହିଁ । ଆଧୁନିକ ବ୍ୟବସାୟ ପ୍ରତିଷ୍ଠାନରେ ଯେଉଁସବୁ ମୌଳିକ ଉପାଦାନସବୁ ଦେଖିବାକୁ ମିଳିବ ଆଦିବାସୀ ବ୍ୟବସାୟ ପ୍ରତିଷ୍ଠାନରେ ସେସବୁ ଦେଖିବାକୁ ମିଳିବ ନାହିଁ । ଏସବୁ ସତ୍ତ୍ୱେ ବି ଉତ୍ପାଦନର ବଣ୍ଟନ ବା ବ୍ୟବସାୟରେ ଅଭିଜ୍ଞ ବ୍ୟକ୍ତିଙ୍କର ପ୍ରାଧାନ୍ୟର ଅଭାବ ନାହିଁ । ପାଶ୍ଚାତ୍ୟ ଅର୍ଥନୀତି ପରି ଉତ୍ପାଦନର ବିଭିନ୍ନ ଅଂଶୀଦାର (factors of production)ମାନଙ୍କର ପାଉଣା ସ୍ୱତନ୍ତ୍ର ଭାବରେ ନିର୍ଦ୍ଧିତ କରି ନପାରିଲେ ମଧ୍ୟ କାର୍ଯ୍ୟ ପରିଶ୍ରମ ଲାଗି ପାରିଶ୍ରମିକ ଅନୁଷ୍ଠାନ ଚଳାଇବାର ଦକ୍ଷତା ଲାଗି

ସ୍ବତନ୍ତ୍ର ପାଳଣା ଓ ଜମି ଇତ୍ୟାଦିର ବ୍ୟବହାର ଲାଗି ଖଜଣା ଦେବା ଇତ୍ୟାଦିର ସୂଚନା ଆଦିବାସୀ ଅର୍ଥନୀତିରେ ଦେଖିବାକୁ ମିଳିବ । ଅର୍ଥାତ୍ ପର୍ଯ୍ୟାୟ ଭିତରେ ଶତ୍ରୁଙ୍କ ବଦଳାଇଲେ ମଧ୍ୟ ଆଦିବାସୀ ଅର୍ଥନୀତିରେ ଏସବୁ ବଡ଼ଲୋକ ଉତ୍ପାଦନର ଅଂଶୀଦାରମାନଙ୍କର ପାଳଣା ଧାର୍ଯ୍ୟ କରାଯାଏ ।

ଅର୍ଥନୀତିର ଅଭାବର ପରୋକ୍ଷ ପୃଷ୍ଠଭୂମି ସୃଷ୍ଟି ପାଶ୍ଚାତ୍ୟ ଅର୍ଥନୀତିର ଯେପରି ମୂଳମନ୍ତ୍ର ଆଦିବାସୀ ଅର୍ଥନୀତିର ତାଠାରୁ କୌଣସି ଗୁଣରେ କମ୍ ନୁହେଁ । ଆଦିବାସୀ ପରିବାରରେ ବଳିଷ୍ଠ ଲୋକ ବଡ଼ ବଡ଼ କାମରେ ଦକ୍ଷତା ହାସଲ କରନ୍ତି ଏବଂ ତଦନୁରୂପ ସୁବିଧା ମଧ୍ୟ ଭୋଗ କରନ୍ତି । ପ୍ରତି ପରିବାର ବା ଗୋଷ୍ଠୀ ନିଜେ ଉତ୍ପାଦନ କରୁଥିବା ଦ୍ରବ୍ୟର ଗୃହୀତ କଳନା କରି ଉତ୍ପାଦନ କରନ୍ତି । ଏଇ କଳ୍ପିତ ଗୃହୀତା ସମାଜର ଯାବତୀୟ ଅର୍ଥନୈତିକ କାର୍ଯ୍ୟକଳାପର ଉତ୍ସ । ଆଦିବାସୀ ଅର୍ଥନୀତିରେ ଏଇ କଳ୍ପିତ ଗୃହୀତାର ପୃଷ୍ଠଭୂମି ଲାଗି କର୍ମ ବଣ୍ଟନର ସୃଷ୍ଟି ହୋଇଛି । କର୍ମ ବଣ୍ଟନ ବା ବିଭାଗର ମାତ୍ରାଗତ ସ୍ୱଳ୍ପତା ଲାଗି ଆମେ କହିପାରିବା ନାହିଁ ଯେ ଅର୍ଥନୀତିର ସୂକ୍ଷ୍ମତାର ଗୁରୁତ୍ୱ ଏଠାରେ କମ୍ । ବରଂ ସବୁ କ୍ଷେତ୍ରରେ ଏହି ଅର୍ଥନୀତିକ ସୂତ୍ରଗୁଡ଼ିକ ସମଭାବରେ ଲାଗୁ ହୋଇ ଆମେ କହିପାରିବା ।

ଅର୍ଥନୀତିକ ଅଭାବର ପୃଷ୍ଠଭୂମି କିଛି ସମ୍ବଳର ବ୍ୟୟରେ ସମ୍ଭବ ହୋଇ ଅଗସ୍ତ କୁହାଯାଇଛି । ପ୍ରଶ୍ନ ହେଉଛି ଆଦିବାସୀର ତ ଶିକ୍ଷାଦୀକ୍ଷା ନାହିଁ । ତେବେ ମଣିଷ ଯାର ସସୀମ ସମ୍ବଳର ଯଥାର୍ଥ ପ୍ରୟୋଗ ସେ କରି ପାରିବ କି ? ଏ ସମ୍ପର୍କରେ ଏତିକି କୁହାଯାଇପାରେ ଯେ ବହି ନ ପଢ଼ିଲେ ଯେ ମଣିଷର ବିଚାର କରିବାର ଶକ୍ତି ରହିବ ନାହିଁ ଏହା ନିତାନ୍ତ ଭ୍ରମାତ୍ମକ ଧାରଣା । ପାଶ୍ଚାତ୍ୟ ମଣିଷ ପରି ଆଦିବାସୀର ମଧ୍ୟ ଖାଇବା, ପିଇବା, ଶୋଇବା ଆଉ ରହିବାର ଆବଶ୍ୟକତା ରହିଛି । ଏସବୁ ଅଭାବ ମେଣ୍ଟାଇବାଲାଗି ଆଦିବାସୀର ସମ୍ବଳ ଯଥେଷ୍ଟ ନୁହେଁ । ଏ ସମ୍ପର୍କରେ ସେ ଖୁବ୍ ସଚେତନ । ତାର ଜମି ବଳଦ ଆଉ ଶସ୍ୟ ଅଛି । ତାଛଡ଼ା ଆଉ ଅନ୍ୟାନ୍ୟ ବ୍ୟୟ କରିବାଭଳି ସମ୍ବଳ ମଧ୍ୟ ରହିଛି । ମାତ୍ର ସେ ସବୁ ନିଜର ବା ନିଜ ଗୋଷ୍ଠୀର ଅଭାବ ପୂରଣ କରିବା ପାଇଁ ଯଥେଷ୍ଟ ନୁହେଁ । ଅଧିକନ୍ତୁ ଯଦି କୌଣସି ଗୋଟିଏ ଅଭାବ ପୂରଣ କରିବା ପାଇଁ ସେ ତାର ସ୍ୱଳ୍ପ ସମ୍ବଳର ଅପବ୍ୟୟ କରି ବସେ, ତାହେଲେ ତାର ଅନେକ ଗୁରୁ ଅଭାବ ପୂରଣ ହୋଇ ପାରିବ ନାହିଁ । ପରିଣାମରେ ମନରେ ଅସନ୍ତୋଷର ମାତ୍ରା ବଢ଼ିଯାଇପାରେ । ହୁଏତ କିଛି ଦିନ ପୂର୍ବେ ସେ ଘର ତୋଳିବା ପାଇଁ ଯେତିକି ସମୟ ଦେଇପାରିଥିଲା ଅଥବା ଠାକୁର ପୂଜା ପାଇଁ ଯେପରି ପଶୁ ମାରି ପାରିଥିଲା ତା ଆଜି ସମ୍ଭବ ନୁହେଁ । ହୁଏତ ସେ ଯଦି ଆଜି ତାହାହିଁ କରି ବସେ ତାହେଲେ ତାର ପରିବାରରେ ଖାଇବାକୁ କମ୍ ମାଂସ ଆଉ ଦୁଧ ମିଳିବ, ନ ହେଲେ ଅସନ୍ତୋଷ ଋତୁରେ ସେମାନଙ୍କୁ ଉପବାସ ରହିବାକୁ ପଡ଼ିବ । ବାସ୍ତବ ଆବଶ୍ୟକତାର ମାପ କାଠିରେ ସେ ସମ୍ବଳର ଯଥାର୍ଥ

ପ୍ରୟୋଗ କରିବାକୁ ବାଧ୍ୟ ହୁଏ । ତାର ପ୍ରତି କାମରେ ଏଇ ଅର୍ଥନୈତିକ ଚିନ୍ତାର ଗୁଡ଼ିକେ ।

ଏସବୁ ପ୍ରମାଣ ସତ୍ତ୍ୱେ ବି ଆଦିବାସୀ ଜୀବନରେ ଅର୍ଥନୀତିର କାର୍ଯ୍ୟକାରିତା ସମ୍ପର୍କରେ ଲୋକଙ୍କର ସନ୍ଦେହ ରହିଛି । ଏଇ ସନ୍ଦେହକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ :—

୧ । ଆଦିବାସୀ ଜୀବନରେ ସାମାଜିକ ପ୍ରଥାର ପ୍ରଭାବ ଖୁବ୍ ବେଶୀ ଏବଂ ସେମାନଙ୍କ ଜୀବନରେ ଅର୍ଥନୈତିକ ସୂତ୍ରର ପ୍ରୟୋଗ ବ୍ୟାହତ । କାରଣ ସେମାନଙ୍କର ଅର୍ଥନୈତିକ ଚିନ୍ତାଧାରା ଏକ ପ୍ରଥାଦ୍ୱାରା ନିୟନ୍ତ୍ରିତ । ତେଣୁ ସେମାନେ ମୁକ୍ତ ଚିନ୍ତା କରିପାରନ୍ତି ନାହିଁ ।

୨ । ଆଦିବାସୀ ନିଜର ସୁବିଧା ଦୃଷ୍ଟିରୁ ଅନେକ ସମୟରେ ଅର୍ଥନୈତିକ ସମ୍ବଳର ପ୍ରୟୋଗ କରେନାହିଁ ।

ଆଦିବାସୀ ସମ୍ବଳର ଯଥାର୍ଥ ପ୍ରୟୋଗ କରେ ନାହିଁ ଏ କଥା ଆମେ କହିପାରିବା ନାହିଁ । ଅନ୍ୟ ପକ୍ଷରେ ସମ୍ବଳର ସ୍ୱଳ୍ପତା ହେତୁ ତାର ଯଥାର୍ଥ ପ୍ରୟୋଗ କରିବାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ । ମାତ୍ର ଆଦିବାସୀ ଜୀବନ ମୁଖ୍ୟତଃ ସାମାଜିକ ପ୍ରଥାଦ୍ୱାରା ନିୟନ୍ତ୍ରିତ ହୋଇଥିବାରୁ ଲୋକେ ବିଶ୍ୱାସ କରନ୍ତି ଯେ ସ୍ୱାଧୀନ ଅର୍ଥନୈତିକ ଚିନ୍ତା ତା ପାଇଁ ବାସ୍ତବ ନୁହେଁ । ହୁଏତ ସାମାଜିକ ପ୍ରଥାର ପ୍ରଭାବରେ ଆଦିବାସୀ ଲୋକର ବ୍ୟବହାର ସଭ୍ୟ ମଣିଷର ବ୍ୟବହାରଠାରୁ ଭିନ୍ନ । ହୁଏତ ସମ୍ବଳ ନଥିଲେ ବି ଆଦିବାସୀ ଲୋକ ଖର୍ଚ୍ଚାନ୍ତ ହୋଇ ବଡ଼ ଭୋଜୀର ବ୍ୟବସ୍ଥା ବି କରେ । ସେହିପରି ସାମାଜିକ ପ୍ରଥାର ପ୍ରଭାବରେ ନିଜର ସ୍ୱାର୍ଥ ବିରୋଧୀ ହେଲେ ମଧ୍ୟ ସେ ତାର ଗୋଷ୍ଠୀ-ଗାଣ୍ଡ ବା ଶସ୍ୟ ଦାନକରେ ଅଥବା ଗୋଷ୍ଠୀର ସର୍ଦ୍ଦାର ତାର ସମ୍ପତ୍ତି ଲୁଣ୍ଠନ କଲେ ମଧ୍ୟ ସେ ନୀରବ ରହେ । ତେବେ ଏ ସବୁର ଉଦାହରଣ ଦେବା ନିରର୍ଥକ । କାରଣ ପ୍ରଥା (custom) ହେଉଛି ମଣିଷର ବ୍ୟବହାରର ଏକ ଧାରା ବା ଅନ୍ୟ ନାମ । ଉପରୋକ୍ତ ଘଟଣାର ଦୃଷ୍ଟାନ୍ତରୁ କେବଳ ଏତିକି ମନେହେବ ଯେ ବ୍ୟବହାରର ଧାରା ଏଇ ପ୍ରକାରର । କିନ୍ତୁ ଏଇ ପରି ଦୃଷ୍ଟାନ୍ତ ଦେଇ କୌଣସି ସମସ୍ୟାର ସମାଧାନ ହୁଏନା । ଆଦିବାସୀ ଲୋକ ସର୍ଦ୍ଦାରକୁ ପ୍ରଥା ଅନୁସାରେ ଖଜଣା ଦିଏ କହିବାର ଅର୍ଥ କେବଳ ଏତିକି ଯେ ସେ ତାର ସର୍ଦ୍ଦାରକୁ ଖଜଣା ଦିଏ । କିନ୍ତୁ କାହିଁକି ଦିଏ ତାର ସମାଧାନ ଏ ପ୍ରକାର ମନ୍ତବ୍ୟରେ ନାହିଁ । ଏହାର ସମାଧାନ ଲାଗି ଆମକୁ ସାମାଜିକ ଧାରାର ବିଶ୍ଳେଷଣ କରିବାକୁ ହେବ ।

ଏକ ଦିଗରେ ମଣିଷ କି ଭାବରେ ତାର ସମ୍ବଳର ବ୍ୟୟ କରିବ ତାର ପ୍ରଧାନ ଧାରା ସମାଜ ଦେଖାଇ ଦିଏ । ଅନ୍ୟ ପକ୍ଷରେ ଏଇ ନିର୍ଦ୍ଦିଷ୍ଟ ଧାରାର ଗଣ୍ଡି ଭିତରେ

ମଣିଷ ତାର ସ୍ୱାଧୀନ ଇଚ୍ଛା ବା ମୁକ୍ତ ବଛାର (free choice) ର ପ୍ରୟୋଗ କରି ନିଜର ସୀମିତ ସମ୍ବଳର ଉପଯୁକ୍ତ ପ୍ରୟୋଗ କରିବାର ଚେଷ୍ଟାକରେ । ଟିକେ ଗଭୀର ଭାବରେ ଚିନ୍ତାକଲେ ଆମେ କହିପାରିବା ଯେ ଦୁଇ ଭିନ୍ନ ଅର୍ଥରେ ସମ୍ବଳ ବିନିଯୋଗ କରାଯାଇ ପାରେ । ଗୋଟିକରେ ସମାଜ ବା ସଂସ୍କୃତି ଅର୍ଥନୈତିକ ସମ୍ବଳ ବିନିଯୋଗର ମୁଖ୍ୟ ଧାରାର ବ୍ୟବସ୍ଥା କରେ । ଅନ୍ୟଟିରେ ବ୍ୟକ୍ତି ଅଥବା ଗୋଷ୍ଠୀ ନିଜର ସୀମିତ ସମ୍ବଳର ବିନିଯୋଗ ଏହି ନିୟମର ବଶବର୍ତ୍ତୀ ହୋଇ କରେ । କିନ୍ତୁ ଏ ଉଭୟ ପ୍ରୟୋଗର ସମଷ୍ଟିହିଁ ସମ୍ବଳର ଅର୍ଥନୈତିକ ପ୍ରୟୋଗ ବୋଲି କହିବାକୁ ହେବ । ଅର୍ଥନୈତିକ ସମ୍ବଳର ବିନିଯୋଗର ଉଦ୍ଦେଶ୍ୟ ହେଉଛି ସମାଜର ପ୍ରତିଷ୍ଠିତ ମୂଲ୍ୟବୋଧର ପରିତୁଷ୍ଟି । ଏହି ମୂଲ୍ୟବୋଧ ସାଂସ୍କୃତିକ ପ୍ରକ୍ରିୟାର ଫଳ । ବ୍ୟକ୍ତିର ଜନ୍ମକାଳରୁ ଏହା ତାର ଜୀବନ ଧାରାରେ ମିଶିଯାଏ । ବ୍ୟକ୍ତି ନିଜର ଅନୁଭୂତିର ମାଧ୍ୟମ ଦେଇ କେତେକ ସାମାଜିକ ପ୍ରଥା ଓ କାର୍ଯ୍ୟକଳାପକୁ ଗୁରୁତ୍ୱ ଦିଏ । ହୁଏତ ଏ ସବୁ ପ୍ରଥା ବା କାର୍ଯ୍ୟକଳାପ ଜୀବନର ସଙ୍କଟକ୍ଷଣରେ କରାଯାଉଥିବା ପୂଜା ପାର୍ବଣ ହୋଇପାରେ ଅଥବା ଦୈନନ୍ଦିନ ଜୀବନର ଧରାବନ୍ଧା ନୀତିନିୟମର ବ୍ୟାପାର ହୋଇପାରେ । ଆଦିବାସୀ ଜୀବନରେ ଅନୁଭୂତିର ଏକ ମୁଖ୍ୟ ଶିକ୍ଷା ହେଉଛି ନିଜର ମୂଲ୍ୟ ସମ୍ବଳର ଉଚିତ ପ୍ରୟୋଗ-ଯୋଗୁଁରେ ସାମାଜିକ ଜୀବନର ମୂଲ୍ୟବୋଧର ମହତ୍ତ୍ୱ ବଢ଼େ । ଏଣୁ ଆଦିବାସୀ ଲୋକ ଏହିସବୁ ନୀତିନିୟମର ବଶବର୍ତ୍ତୀ ହୋଇ କାମ କଲେ ଆଧୁନିକ ଅର୍ଥନୀତିଜ୍ଞମାନଙ୍କର ବିଶ୍ଳେଷଣକୁ ବ୍ୟାହତ କଲାପରି କିଛି ଅଛି ବୋଲି ବିଚାରିବାର ଯଥାର୍ଥତା ନାହିଁ । ବରଂ ଅନ୍ୟପକ୍ଷରେ ଅର୍ଥ-ନୀତିର ଆଲୋଚନା କଲାବେଳେ ସାମାଜିକ ପ୍ରଥାର ଆଲୋଚନା କରିବା ଅର୍ଥ ସମାଜ ବିଜ୍ଞାନର ପୃଷ୍ଠଭୂମିରେ ମଣିଷ ଜୀବନର ଗଠନ ସଜ୍ଜା ସହିତ ବିଭିନ୍ନ ସାଂସ୍କୃତିକ ପରିବେଶମାନଙ୍କରେ ଅର୍ଥନୀତିର ପ୍ରୟୋଗର ଆଲୋଚନା କରିବା । ଏ ପ୍ରକାର ଆଲୋଚନା ଅପେକ୍ଷାକୃତ ଫଳପ୍ରଦ ।

ସାରା ପୃଥିବୀରେ କୌଣସିଠାରେ ମଣିଷର ନିଜ ଇଚ୍ଛା ଅନୁସାରେ ସମ୍ବଳ ବିନିଯୋଗ କରିବାର କ୍ଷମତା ନାହିଁ । ସବୁଠାରେ ସମ୍ବଳ ବିନିଯୋଗର ପ୍ରଧାନ ଧାରା ସମାଜହିଁ ସ୍ଥିର କରେ । ମଣିଷ କେବଳ ଏହି ବଛାର ଧାରାର ଗଣ୍ଡି ଭିତରେ ନିଜର ବୁଦ୍ଧି ବୃତ୍ତିର ପ୍ରୟୋଗ କରି ନିଜର ଯେତେ ଅଧିକ ସଂଖ୍ୟକ ଅଭାବ ମେଣ୍ଟାଇ ପାରେ ତାହା ମେଣ୍ଟାଇବାର ଚେଷ୍ଟା କରେ । ମାତ୍ର ସମ୍ବଳର ଅର୍ଥନୈତିକ ବିନିଯୋଗ ଯେକୌଣସି ସାଂସ୍କୃତିକ ଯୋଜନାର ଅଙ୍ଗ । ଉତ୍ତମ ହେଉ ବା ଅଧମ ହେଉ ଯେ କୌଣସି ସାଂସ୍କୃତିରେ କୌଣସି ଜିନିଷ ନଷ୍ଟ ନ କରିବାକୁ ଶିକ୍ଷା ଦେବାର ଧାରା ରହିଛି । କେବଳ ସେତିକି ନୁହେଁ ସମାଜର ଅନ୍ୟମାନଙ୍କ ସହିତ ମିଳିମିଶି ପ୍ରତିଷ୍ଠିତ ମୂଲ୍ୟ-ବୋଧର ଆଦରଣ ମଧ୍ୟ କରିବାକୁ ହେବ । ଆଦିବାସୀ ଜୀବନ ସାମାଜିକ ପ୍ରଥାଦ୍ୱାରା ବିଶେଷ ଭାବରେ ନିୟନ୍ତ୍ରିତ ହେଲେ ମଧ୍ୟ ସେ ଯେ ତାହାର ସମ୍ବଳର ଯଥାର୍ଥ ବିନିଯୋଗ କରେ ନାହିଁ ଏହା କହି ହେବ ନାହିଁ । ବରଂ ଅନ୍ୟ ପକ୍ଷରେ ଏହି ପ୍ରଥାହିଁ ତାହାର ଅର୍ଥନୈତିକ ସମ୍ବଳର ଯଥାର୍ଥ ବିନିଯୋଗ କରିବାର ମାଧ୍ୟମ ବୋଲି କହିବା ହୁଏତ ସମୀଚିନ ।

ପାଶ୍ଚାତ୍ୟ ଅର୍ଥନୀତିଜ୍ଞମାନଙ୍କ ଭିତରେ ଅର୍ଥନୀତିର ଆଲୋଚନାରେ ବିଭିନ୍ନ ବ୍ୟକ୍ତିଙ୍କ ଭିତରେ ତୃପ୍ତିର ତୁଳନା **(inter pesonal comparison of utility)** ଏବଂ ଉପସ୍ଥିତ ସମ୍ବଳର ଯଥାର୍ଥ ପ୍ରୟୋଗ**(economic disposal of resources)** ଏ ଦୁଇ ନୀତି ନେଇ ଅନେକ ବାଦାନୁବାଦ ଏବେ ମଧ୍ୟ ରହିଛି । ଅନେକେ ମନ୍ତବ୍ୟ କରନ୍ତି ଯେ ବିଭିନ୍ନ ବ୍ୟକ୍ତିଙ୍କ ମଧ୍ୟରେ ତୃପ୍ତିର ତୁଳନା କରି ହୋଇ ପାରିବ ନାହିଁ । କାରଣ ମାନସିକ ସନ୍ତୋଷର ପରିମାଣ ନିର୍ଣ୍ଣୟ କରିବାର କୌଣସି ଉପାୟ ନାହିଁ । ଉଦାହରଣ ସ୍ୱରୂପ ଦୁଇ ଜଣ ଲୋକ (ସେମାନଙ୍କ ମଧ୍ୟରୁ ଜଣେ ଧନୀ ଏବଂ ଅନ୍ୟଟି ଦରିଦ୍ର) ଙ୍କର କଥା ଧରାଯାଉ । ଧନୀ ଲୋକଟି ଖାଇ ଖାଇ ବେମାର ଏବଂ ଦରିଦ୍ର ଲୋକଟି ଖାଇବାକୁ ନ ପାଇ ମୃତ୍ୟୁ ପଥର ଯାତ୍ରୀ । ଏ ଅବସ୍ଥାରେ ଧନୀ ଲୋକଟିର ଖାଇବାର ପରିମାଣ କମେଇ ଦେଇ ଦରିଦ୍ର ଲୋକଟିକୁ ଖାଇବାକୁ ଦିଆଯାଇ ପାରେ । ତାହା ହେଲେ ଧନୀ ଲୋକଟି ବେମାର ହେବ ନାହିଁ ଏବଂ ଦରିଦ୍ର ଲୋକଟି ମୃତ୍ୟୁ ମୁଖରୁ ରକ୍ଷା ପାଇବ । କିନ୍ତୁ ଏଥିରୁ ମୋଟ ସନ୍ତୋଷର **(total satifaction)** ବଢ଼ି ହେଲା ବୋଲି ଆମେ କହି ପାରିବା କି ? ଅର୍ଥନୀତିଜ୍ଞମାନେ ମନ୍ତବ୍ୟ କରନ୍ତି ଯେ ଆମେ ମୋଟ ସନ୍ତୋଷର ବଢ଼ି ହେଲା ବୋଲି କହି ପାରିବା ନାହିଁ । କାରଣ ଧନୀ ଲୋକଟି ହୁଏତ ତାର ବେମାରର ବାହାନା ଦେଇ ଅନ୍ୟମାନଙ୍କଠାରୁ ଶାନ୍ତ୍ୱନା ପାଇ ପାରୁଥାଏ ଏବଂ ଏଇ ଶାନ୍ତ୍ୱନା ତାର ସନ୍ତୋଷର ଅଧିକ ଯୋଗ ହୋଇ ପାରୁଥାଏ । ଖାଦ୍ୟ କମେଇ ଦେଇ ତାକୁ ସୁସ୍ଥ କରିବାରେ ସେ ଅନ୍ୟମାନଙ୍କଠାରୁ ଆଉ ସହାନୁଭୂତି ପାଇ ପାରିବ ନାହିଁ । ଫଳରେ ତାର ସନ୍ତୋଷର ପରିମାଣ କମ ହୋଇ ପାରେ । ସେହିପରି ଦରିଦ୍ର ଲୋକଟି ହୁଏତ ମରିବାକୁ ଚାହୁଁ ଥାଇ ପାରେ । ମରଣ ମୁହଁରୁ ତାକୁ ରକ୍ଷା କରିବା ହୁଏତ ତାକୁ ଭଲ ଲାଗି ନ ପାରେ, ହୁଏତ ତାର ସନ୍ତୋଷର ମାତ୍ରା ବୃଦ୍ଧି ପରିବର୍ତ୍ତେ ଅସନ୍ତୋଷର ବୃଦ୍ଧି ଘଟିପାରେ । ମାତ୍ର ଏ ପ୍ରକାର ମନ୍ତବ୍ୟ ଅବାନ୍ତର । ସମାଜରେ ସମସ୍ତଙ୍କର ବଞ୍ଚି ରହିବାର ଅଧିକାର ଅଛି । ଏଇ ଅଧିକାର ଲାଗି ଅତ୍ୟାବଶ୍ୟକୀୟ ଦାବୀ ମଧ୍ୟ ସ୍ୱୀକାର କରିବାକୁ ହେବ ।

ସେହିମାନେ ବିଭିନ୍ନ ବ୍ୟକ୍ତିଙ୍କ ମଧ୍ୟରେ ତୃପ୍ତିର ତୁଳନା ଅସମ୍ଭବ ବୋଲି ମନ୍ତବ୍ୟ କରନ୍ତି ସେମାନେ ସୀମିତ ସମ୍ବଳର ଯଥାର୍ଥ ପ୍ରୟୋଗ କରିବା ମଣିଷର ଧର୍ମ ବୋଲି ମନ୍ତବ୍ୟ କରନ୍ତି । ଏଇ ଅର୍ଥନୀତିଜ୍ଞମାନଙ୍କର **(equilbrium economists)** ଚିନ୍ତାଧାରା ପାଶ୍ଚାତ୍ୟ ଅର୍ଥନୀତିର ଛତ୍ରେ ଛତ୍ରେ ଦେଖିବାକୁ ମିଳିବ ।

ଅଦ୍ୱବାଦୀ ଅର୍ଥନୀତି ମୁଖ୍ୟତଃ ଗୋଷ୍ଠୀପ୍ରଧାନ । ଫଳରେ ବ୍ୟକ୍ତିଗତ ଇଚ୍ଛାର ସ୍ୱାତନ୍ତ୍ର୍ୟ ସହିତ ବିଭିନ୍ନ ବ୍ୟକ୍ତିଙ୍କ ମଧ୍ୟରେ ତୃପ୍ତିର ତୁଳନା ତଥା ସମାଜର ସମୂହସ୍ୱାର୍ଥ ସମ୍ଭବରେ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱୀକାର କରାଯାଏ ।

ଅଦ୍ୱବାଦୀ ଅର୍ଥନୀତିର ଏ ସଂକ୍ଷିପ୍ତ ଆଲୋଚନାରୁ ଦେଖାଯିବ ଯେ ମୌଳିକ ଦୃଷ୍ଟିରୁ ଅର୍ଥନୀତିର ସୂତ୍ର ସବୁ ଏ ଅର୍ଥନୀତି ପ୍ରତି ପ୍ରଯୁଜ୍ୟ । ମାତ୍ର ଭୌତିକ ସୁଖସ୍ୱାଚ୍ଛନ୍ଦ୍ୟ

ଦୃଷ୍ଟିରୁ ସେମାନଙ୍କର ଜୀବନଧାରଣର ମାନ ଯେ ଅତି ନିମ୍ନ ସ୍ତରର ଏଥିରେ ସନ୍ଦେହ ନାହିଁ । ଅବଶ୍ୟ ସାମାଜିକ ସଦ୍ଭାବ ଭ୍ରାତୃଭାବ ଇତ୍ୟାଦି ସାମାଜିକ ଜୀବନର ଅତ୍ୟାବଶ୍ୟକୀୟ ଗୁଣ ଏଠାରେ ସୁସ୍ପଷ୍ଟ । ସେ ଦୃଷ୍ଟିରୁ ଆଦିବାସୀ ଜୀବନରେ ଶାନ୍ତି ଅଛି ବୋଲି ଅନେକ ହୁଏତ ଯୁକ୍ତି କରି ପାରନ୍ତି । ମାତ୍ର ଜଙ୍ଗଲର ଶାନ୍ତି ଯଦି କାମ୍ୟ ହୁଏ ତାହେଲେ କିଛି କହିବାର ନାହିଁ ।

ମଣିଷ ହିସାବରେ ଆଦିବାସୀମାନଙ୍କର ଜୀବନଧାରଣର ମାନ ବଢ଼ିବା ଆବଶ୍ୟକ । ଆଧୁନିକ ଯୁଗର ଜ୍ଞାନ ଗରିମାର ଆଭାସ ସେମାନେ ପାଇବା ଆବଶ୍ୟକ । ତେବେ ପ୍ରଶ୍ନ ହେଉଛି ସେମାନଙ୍କ ସାମାଜିକ ଜୀବନର ସହଯୋଗପୂର୍ଣ୍ଣ ବାୟୁମଣ୍ଡଳର ଭିତ୍ତିକୁ ଅକ୍ଷୁର୍ଣ୍ଣ ରଖି ସେହି ଭିତ୍ତି ଉପରେ କିପରି ତାର ବ୍ୟବସ୍ଥା କରାଯାଇପାରେ । ସଭ୍ୟ ମଣିଷ ତାର ଉତ୍ସାହ ନେଇ ଆଦିବାସୀ ଉପରେ ନିଜର ଚିନ୍ତାଧାରା ଓ ଚାଲିଚଳନ ଲଦିଦେବା ଅର୍ଥ କେବଳ ସେମାନଙ୍କୁ ବିକଳାଙ୍ଗ କରି ଗଢ଼ିବା । ଏ ଦିଗରେ କିଛିଟା ଧୈର୍ଯ୍ୟର ସହିତ ଗବେଷଣା କରିବାର ଆବଶ୍ୟକତା ରହିଛି ।

ଭାରତୀୟ ପୃଷ୍ଠଭୂମିରେ ବିଚାର କଲେ ହୁଏତ ଆଦିବାସୀର ଜୀବନ ଆଦର୍ଶ ବୋଲି କେହି କେହି ମନେ କରିପାରନ୍ତି । କାରଣ ଆଦିବାସୀ ଜୀବନର ସହଯୋଗ ପୂର୍ଣ୍ଣ ବାତାବରଣ ତଥା ନାରୀ ପୁରୁଷର ସ୍ୱାଧୀନତା ଇତ୍ୟାଦି ଭାରତୀୟ ସଭ୍ୟ ବାତାବରଣରେ ଦେଖିବାକୁ ମିଳେ ନାହିଁ । ମାତ୍ର ଅର୍ଥନୀତିଗତ ଅବସ୍ଥା କଣ ? ସଭ୍ୟ ଭାରତୀୟ ଯାବତୀୟ ଉପଭୋଗ୍ୟ ବସ୍ତୁ ପାଇଁ ଚିନ୍ତା କରୁଥିଲେ ଆଦିବାସୀମାନଙ୍କର ଜୀବନ ଆଦର୍ଶ ଜୀବନ କହି ସେମାନଙ୍କର ଉନ୍ନତିର ତର୍କ ଏଡ଼େଇ ଦେବା ଶଠତା ଛଡ଼ା ଅନ୍ୟ କିଛି ହୋଇ ନ ପାରେ । ସେ ଯାହାହେଉ ଆଦିବାସୀମାନଙ୍କର ଜୀବନଧାରଣରମାନ ଏବଂ ସ୍ୱାସ୍ଥ୍ୟର ଅଭିବୃଦ୍ଧିର ଯେ ଆବଶ୍ୟକତା ରହିଛି ଏହା ସ୍ୱୀକାର କରିବାକୁ ହେବ । ସେଇ ଦୃଷ୍ଟିରୁ ସେମାନଙ୍କର ଅଧମ ଧରଣର ଉତ୍ପାଦନ ପ୍ରଣାଳୀ ତଥା ଅର୍ଥନୈତିକ ବ୍ୟବସ୍ଥାକୁ ଉନ୍ନତ କରିବାକୁ ହେବ । ମନେହୁଏ ସେମାନଙ୍କର ଗୋଷ୍ଠୀଗତ ସୌହାର୍ଦ୍ଦ୍ୟକୁ ବଜାୟ ରଖି ସେମାନଙ୍କର ସ୍ୱାଚ୍ଛନ୍ଦ୍ୟ ବଢ଼ାଇବାକୁ ହେଲେ ଅଳକାଳକାର **small unit machine** ଇତ୍ୟାଦି କରିଥରେହିଁ ସମ୍ଭବ ।

ଧର୍ମ ଓ ମାନବ ସମାଜ

ପ୍ରଶାନ୍ତ କୁମାର ମହାପାତ୍ର

ଧର୍ମ ମନୁଷ୍ୟ ତଥା ମାନବ ସମାଜର ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ । ଧର୍ମ କହିଲେ ଗୋଟିଏ ପ୍ରକାର ବିଶ୍ୱାସ ଓ ବା ସମ୍ପୃକ୍ତ ଜଡ଼ିତ କେତେଗୁଡ଼ିଏ ଆନୁଷ୍ଠାନିକ କାର୍ଯ୍ୟକଳାପର ସମଷ୍ଟିକୁ ବୁଝାଏ । ଧର୍ମର ଇତିହାସ ପ୍ରତି ଦୃଷ୍ଟି ଦେଲେ ଦେଖାଯାଏ ଏହା ଆଦିମ କାଳରୁ ମନୁଷ୍ୟ ଓ ତାହାର ସମାଜ ସହିତ ଘନିଷ୍ଠ ଭାବେ ଜଡ଼ିତ ହୋଇ ଆସିଛି । ପ୍ରାଗ୍ ଐତିହାସିକମାନଙ୍କ ମତରେ ମନୁଷ୍ୟଠାରେ ଚିନ୍ତା ଶକ୍ତିର ଉଦ୍ରେକ ସଙ୍ଗେ ସଙ୍ଗେ ଧର୍ମ ବିଶ୍ୱାସର ମଧ୍ୟ ଉଦ୍ରେକ ହୋଇଛି, ଯାହାର ପ୍ରମାଣ ଆଦିମ ମାନବ ଦ୍ୱାରା ଅଙ୍କିତ ପର୍ବତ ଗୁମ୍ଫାମାନଙ୍କରୁ ମିଳେ । ଆଜି ଆମ୍ଭେମାନେ ପୃଥିବୀରେ ବିବର୍ତ୍ତନ ଫଳରେ ଶାରୀରିକ ପ୍ରକାର ଭେଦରେ ବିଭିନ୍ନ ପ୍ରକାର ମନୁଷ୍ୟ ଗୋଷ୍ଠୀଙ୍କୁ ଦେଖିବାକୁ ପାଉଁ । ଏହି ସବୁ ମନୁଷ୍ୟ ଗୋଷ୍ଠୀ ନିଜ ନିଜର ସାମାଜିକ ଓ ସାଂସ୍କୃତିକ ନିୟମାବଳୀ ମଧ୍ୟରେ ନିୟନ୍ତ୍ରିତ ଓ ପରିଚାଳିତ ହେଉଅଛନ୍ତି । କିନ୍ତୁ କୌଣସିଠାରେ ଧର୍ମ ବିଶ୍ୱାସରହିତ ସମାଜ ଆମ୍ଭେମାନେ ଦେଖିବାକୁ ପାଉନାହୁଁ । ବିଭିନ୍ନ ପ୍ରକାର ମନୁଷ୍ୟ ଗୋଷ୍ଠୀର ଜୀବନ ଧାରଣ ପ୍ରଣାଳୀ ମଧ୍ୟରେ ଧର୍ମର ସ୍ଥାନ ରହି ଆସିଛି । କେବଳ ଧର୍ମର ବିଭିନ୍ନତା ବା ପ୍ରକାରଭେଦହିଁ କେବଳ ଦେଖିବାକୁ ମିଳେ ।

ପ୍ରତ୍ୟେକ ଯୁଗରେ ଆମ୍ଭେମାନେ ଦେଖୁ ଧର୍ମପାଳନ କରିବାଦ୍ୱାରା ମନୁଷ୍ୟ ବୈଷୟିକ ବା ଆଧ୍ୟାତ୍ମିକ ଲାଭ ମିଳିବାର ଆଶା ରଖିଥାଏ । ରାଜ୍ୟ ଜୟ, ପାରିବାରିକ ସୁଖ, ଧନରତ୍ନ, ସନ୍ତାନ ସନ୍ତତି, ମୃତ୍ୟୁପରେ ସ୍ୱର୍ଗଲାଭ ବା ନିର୍ବାଣ ଏହିପରି ନାନା ପ୍ରକାର ଆଶା ମନୁଷ୍ୟ ରଖିଥାଏ । କେଉଁଠି ପ୍ରେତପୂଜା, କେଉଁଠି ମୂର୍ତ୍ତିପୂଜା, କେଉଁଠି ବିଭିନ୍ନ ପ୍ରକାର ଦେବାଦେବୀ ବା କେଉଁଠି କେବଳ ମନ୍ତ୍ରପୂଜା ଦ୍ୱାରା ମନୁଷ୍ୟ ଧର୍ମ ପାଳନ କରିଥାଏ । ପ୍ରତ୍ୟେକ ଯାଗାରେ ପ୍ରତ୍ୟେକ ମନୁଷ୍ୟ ବା ମନୁଷ୍ୟ ଗୋଷ୍ଠୀ ନିଜ ନିଜର ଧର୍ମ ପାଳନ କରି ସେମାନଙ୍କର ଆଶା ଓ ଆକାଙ୍କ୍ଷା ପୂରଣ କରିବାରେ ସେ କୃତକାର୍ଯ୍ୟ ହୋଇଛନ୍ତି ତାହା ନୁହେଁ ; କିନ୍ତୁ ଧର୍ମପାଳନ କରିବାରେ କେଉଁଠି ଅବହେଳା ଦେଖାଯାଇନି । ହୁଏତ କୌଣସି ଗୋଟିଏ ଗୋଷ୍ଠୀର ମାତ୍ର କେତେଜଣ ବ୍ୟକ୍ତି ନିଜ ଧର୍ମରେ ବିଶ୍ୱାସ କରି ନ ପାରନ୍ତି ବା ଧର୍ମ ପାଳନ ନିୟମିତ ଭାବେ କରି ନ ପାରନ୍ତି କିନ୍ତୁ ଗୋଷ୍ଠୀଗତ ସମାଜରେ ଏହାର ସ୍ଥିତି ବା ପ୍ରଭାବକୁ କେହି ଏଡ଼େଇ ନାହାନ୍ତି ।

ଧର୍ମ ସମ୍ବନ୍ଧୀୟ ସମସ୍ୟାର ଆଲୋଚନା ବିଭିନ୍ନ ପ୍ରକାର ଦୃଷ୍ଟିକୋଣରୁ କରାଯାଇପାରେ । ଦାର୍ଶନିକମାନେ ଧର୍ମର ଭାବାର୍ଥ ଓ ନୈତିକ ବିଜ୍ଞତା ପ୍ରତି ଦୃଷ୍ଟି ଦିଅନ୍ତି । ଐତିହାସିକମାନେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମର ଅତୀତ ପ୍ରତି ଦୃଷ୍ଟିଦେଇ

ଏହାର ଅଭିବୃଦ୍ଧି ଓ ପରିବର୍ତ୍ତନଶୀଳତା ବିଷୟ ଆଲୋଚନା କରିଥାଆନ୍ତି । ନୃତତ୍ତ୍ୱବିତ୍ ବା ସମାଜତତ୍ତ୍ୱବିତ୍ କୌଣସି ଧର୍ମର ଉତ୍ପତ୍ତି ଏବଂ ମନୁଷ୍ୟର ସାଂସ୍କୃତିକ ବିକାଶ ସହିତ ଏହାର ସମ୍ପର୍କ ବିଷୟରେ ଆଲୋଚନା କରନ୍ତି । ଏଠାରେ ଏହି ଉପରୋକ୍ତ ଦୃଷ୍ଟିକୋଣରୁ କେତେକ ଆଲୋଚନା କରାଯାଇଅଛି । ତେଣୁ ବର୍ତ୍ତମାନ ଚିନ୍ତା କରିବାର ବିଷୟ ହେଉଛି ଧର୍ମ ଆଦିମ କାଳରୁ ମାନବ ସମାଜରେ ସ୍ଥାନ ପାଇ ଆସିଛି କାହିଁକି ? ଏହାଦ୍ୱାରା ମାନବ ସମାଜର କି ଉପକାର ସାଧିତ ହେଉଛି ଏବଂ ଏହାର ଅନୁପସ୍ଥିତିରେ ସମାଜ କି ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି ?

ମନୁଷ୍ୟର ମନରେ ଏବଂ ସମାଜରେ ଧର୍ମର ଉତ୍ପତ୍ତି କିପରି ହେଲା ଏହି ସମସ୍ୟା ନେଇ ଅନେକ ଦାର୍ଶନିକ ଓ ବୈଜ୍ଞାନିକଗଣ ବିଭିନ୍ନ ପ୍ରକାର ମତ ପୋଷଣ କରିଅଛନ୍ତି । ଏଥିରୁ କେତେଗୁଡ଼ିଏ ଉଦ୍ଧାର କରାଯାଇପାରେ ।

ପାଟ୍ରୋନିୟସ୍ କହିଛନ୍ତି ମନୁଷ୍ୟ ମନରେ ଭୟର ଉତ୍ପତ୍ତି ସଙ୍ଗେ ଧର୍ମ ବିଶ୍ୱାସର ସୃଷ୍ଟି ହୋଇଛି । ଜର୍ମାନ ଦାର୍ଶନିକ ହେଗେଲ କହିଛନ୍ତି ଯାଦୁ ବା ଗୁପ୍ତ ବିଦ୍ୟାର ପ୍ରଚଳନରେ ଧର୍ମର ମୂଳଭିତ୍ତି ସ୍ଥାପିତ । ବ୍ରିଟିଶ ନୃତତ୍ତ୍ୱବିତ୍ ଟାଇଲର୍ କହିଛନ୍ତି ଯେ ନିଦ୍ରାରେ ସ୍ୱପ୍ନ ଦେଖିବା ବା ମୂର୍ଚ୍ଛା ଯିବା ଦ୍ୱାରା ମନୁଷ୍ୟର କେତେଗୁଡ଼ିଏ ଅନୁଭୂତ ଜାତହେଲା ଏବଂ ତାହାଦ୍ୱାରା ମନୁଷ୍ୟ ଆତ୍ମା ଓ ଶରୀରର ପାର୍ଥକ୍ୟ ବୁଝିପାରିଲା । ମନୁଷ୍ୟ ଏହି କଥା ସମସ୍ତ ବାହ୍ୟ ଜଗତରେ ପ୍ରତିପାଦନ କରିବାଦ୍ୱାରା ସମସ୍ତ ବସ୍ତୁ ଓ ପ୍ରାଣୀର ଆତ୍ମା ଥିବାର ବିଶ୍ୱାସ ଜାତହେଲା ଏବଂ ତାହା ଫଳରେ ପ୍ରେତ ପୂଜାର ସୃଷ୍ଟି ହେଲା । ସ୍ପେନ୍ସର କହିଛନ୍ତି ଯେ ସମସ୍ତ ପ୍ରକାର ଧର୍ମ ମୃତ ବ୍ୟକ୍ତିର ପୂଜାରୁ ଆରମ୍ଭ ହୋଇଛି । ଆଣ୍ଡ୍ରିଉ ଲ୍ୟାଙ୍ଗ୍‌ଙ୍କ ମତରେ ଚିନ୍ତନ ଫଳରେ ମନୁଷ୍ୟ ମନରେ ଗୋଟିଏ ଶ୍ରେଷ୍ଠ ଶକ୍ତିମାନ ପ୍ରଭୁ କଳ୍ପିତ ହେଲା ଓ ତାହା ଧର୍ମର ମୂଳଭିତ୍ତି ହେଲା । ଫ୍ରେଞ୍ଚ ସମାଜତତ୍ତ୍ୱବିତ୍ ଡୁର୍ଖେଇମ କୁହନ୍ତି ଯେ ସମବେତ ଜନତାର ଭାବପ୍ରବଣତାରୁ ଧର୍ମ ଉତ୍ପତ୍ତି ଲାଭ କରିଛି । ସେ ଏହା ଅଷ୍ଟ୍ରେଲିଆ ଆଦିବାସୀମାନଙ୍କର ଧର୍ମ ପାଳନ ରୀତିକୁ ଲକ୍ଷ୍ୟକରି ନିର୍ଦ୍ଦେଶ କରିଅଛନ୍ତି ଏବଂ କହିଛନ୍ତି ଯେ ଧର୍ମ କେବଳ ଗୋଷ୍ଠିଗତ ସମାଜରେ ହିଁ ସମ୍ଭବ ।

ଏହିପରି ନାନା ପ୍ରକାର ମତ ଧର୍ମର ଉତ୍ପତ୍ତି ସମ୍ବନ୍ଧରେ ପୋଷଣ କରାଯାଇଅଛି । ହୁଏତ ଗୋଟିଏ ମତ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସମାଜ ବା କେତେଗୁଡ଼ିଏ ସମାଜର ଧର୍ମପ୍ରତି ପ୍ରଯୁଜ୍ୟ ହୋଇପାରେ । କିନ୍ତୁ ଗୋଟିଏ ପ୍ରକାର ମତକୁ ଆମ୍ଭେମାନେ ସାର୍ବଜନୀନ ବୋଲି ଧରିନେଇ ସମସ୍ତ ପ୍ରକାର ଧର୍ମ ପ୍ରତି ପ୍ରଯୁଜ୍ୟ ବୋଲି ଭାବିବା ଠିକ୍ ନୁହେଁ । କାରଣ ସମୟର ସ୍ରୋତରେ ଧର୍ମର ଯେଉଁ ବିଭିନ୍ନତା ଆଜି ମନୁଷ୍ୟ ସମାଜରେ ଦେଖାଯାଏ କୌଣସି ଗୋଟିଏ ମତକୁ ସେ ସବୁପାଇଁ ନିର୍ଦ୍ଦିଷ୍ଟ କରି ରଖିବା ଅବାଞ୍ଛନୀୟ । ପ୍ରତ୍ୟେକଟି ମତରେ ଅବଶ୍ୟ କିଛି ସତ୍ୟତା ଅଛି । କିନ୍ତୁ ଧର୍ମର ଉତ୍ପତ୍ତି

ସମ୍ବନ୍ଧୀୟ ମତ ସମସ୍ୟାମୂଳକ ନୁହେଁ । ସମସ୍ୟା ହେଉଛି ଧର୍ମର ପ୍ରକୃତ ସ୍ୱରୂପ କ'ଣ ଯେଉଁଥିପାଇଁ ଏହା ଆଦିମ କାଳରୁ ମନୁଷ୍ୟ ସମାଜରେ ସ୍ଥାନ ପାଇ ଆସିଛି ।

ଧର୍ମ ମନୁଷ୍ୟର ଅସ୍ଥିମଜ୍ଜାଗତ ଏବଂ ବଦ୍ଧମୂଳକ ଭାବ । ମନୁଷ୍ୟର ଧର୍ମପରାୟଣତା ମୂଳରେ ନାନାପ୍ରକାର କାରଣ ରହିଛି । ଏହି କାରଣଗୁଡ଼ିକ ମୂଳରେ ମନୁଷ୍ୟର ସଂସ୍କୃତିର ପ୍ରଭାବହିଁ ମୁଖ୍ୟ । ମନୁଷ୍ୟର ସଂସ୍କୃତି ସହିତ ଧର୍ମର ସମ୍ବନ୍ଧ ବର୍ତ୍ତମାନ ଆଲୋଚନା କରାଯାଉ ।

ସୃଷ୍ଟିକାଳରେ ବିବର୍ତ୍ତନ ଫଳରେ ମନୁଷ୍ୟ ଯେତେବେଳେ ପଶୁ ସ୍ତରରୁ ଉନ୍ନତ ମନୁଷ୍ୟ ସ୍ତରକୁ ଆସିଲା ସେତେବେଳେ ବ୍ୟକ୍ତିଗତଭାବେ ଜୀବନ ଧାରଣ କରିବା ଅସମ୍ଭବ ମନେହେଲା କାରଣ ଜୀବନ ଧାରଣ କରିବାପାଇଁ ପ୍ରକୃତରେ ପାରିପାର୍ଶ୍ୱିକ ଅବସ୍ଥା ଅନୁକୂଳ ନ ଥିଲା । ଋତୁ ଓ ବିଭିନ୍ନ ପ୍ରକାର ଜଳବାୟୁର ପରିବର୍ତ୍ତନଦ୍ୱାରା ସୃଷ୍ଟି ହେଉଥିବା ପ୍ରାକୃତିକ ଦୁରବସ୍ଥାଗୁଡ଼ିକରୁ ରକ୍ଷା ପାଇବା ପାଇଁ ଗୃହ, ଉଦର ପୋଷଣ କରିବାପାଇଁ ଶିକାର ଓ ଫଳମୂଳ ସଂଗ୍ରହ ଇତ୍ୟାଦି କୌଣସି ଗୋଟିଏ ବ୍ୟକ୍ତି ପକ୍ଷରେ ସମ୍ଭବ ନୁହେଁ । ତେଣୁ ସମୁହବଦ୍ଧଭାବେ ଜୀବନ ଧାରଣ କରିବା ଉଚିତ ମନେକରି ମନୁଷ୍ୟ ଗୋଟିଏ ଗୋଷ୍ଠୀରେ ଏକତ୍ର ରହିବାକୁ ଶିଖିଲା । ଏହି ଗୋଷ୍ଠୀଗତ ଜୀବନ ଯାପନ କରିବାରେହିଁ ସଂସ୍କୃତିର ଭିତ୍ତିସ୍ଥାପିତ ହେଲା । ଏହି ଗୋଷ୍ଠୀ ମଧ୍ୟରେ ଏକତ୍ର ରହୁଥିବା ମନୁଷ୍ୟମାନଙ୍କର କ୍ରମଶଃ ମନସ୍ତାତ୍ତ୍ୱିକ ସମନ୍ୱୟ ସୃଷ୍ଟି ହୋଇ ଜୀବନ ଧାରଣ ପ୍ରଣାଳୀକୁ ସୁଗମ କଲା । ପ୍ରକୃତି ସହିତ ଲଢ଼ି ନିଜର ଜୀବନ ଧାରଣ କରିବା ଯେତେବେଳେ ମନୁଷ୍ୟର ଶକ୍ତିର ବାହାରେ ହେଉଥିଲା ସେତେବେଳେ ମନୁଷ୍ୟ ନିଜର ଶକ୍ତି ଉପରୁ ଅନେକ ସମୟରେ ଆସ୍ଥା ହରାଉଥିଲା । ତାହା ବ୍ୟତୀତ ମନୁଷ୍ୟ ଏପରିଭାବେ ଗଠିତ ଯେ ଏହି ପାର୍ଥିବ ଜଗତର ସମସ୍ତ ପ୍ରକାର ଅନୁଭୂତି ତାହାର ମନରେ କେବଳ ପ୍ରକାଶ ପାଇଥାଏ ଯାହା କୌଣସି ପଶୁର ଚିନ୍ତାରାଜ୍ୟରେ ପ୍ରବେଶ କରିପାରେ ନାହିଁ । ମନୁଷ୍ୟର ମନ ହେଉଛି ଅତୀତ ଅନୁଭୂତିର ଗୋଟିଏ ବିରାଟ ଭଣ୍ଡାର । ଦୁର୍ଭିକ୍ଷ, ରୋଗ, ମୃତ୍ୟୁ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ମନୁଷ୍ୟକୁ ଅନେକ ସମୟରେ ବିଚଳିତ ଓ ଆତଙ୍କିତ କରିଦେଉଥିଲା । ତେଣୁ ମନୁଷ୍ୟ ମନରେ ଭୟ ସ୍ଥାନ ପାଇଲା । ଏ ଭୟ ମଧ୍ୟରେ ଉଦ୍‌ବେଗ, ବିପଦର ଆଶଙ୍କା, ହତାଶଭାବ, ଅଶାନ୍ତି ଓ ଅସମନ୍ୱୟତା ପ୍ରଭୃତି ଅନ୍ତର୍ନିହିତ ଥିଲା । ମନୁଷ୍ୟ ଏ ଭୟରୁ ରକ୍ଷାପାଇବା ପାଇଁ ଉପାୟ ଖୋଜିବାକୁ ଲାଗିଲା । ଅତୀତ ଅନୁଭୂତି ଓ ଭାବପ୍ରବଣତା ମନୁଷ୍ୟକୁ ଗୋଟିଏ ଚିନ୍ତାଧାରା ଆଣିଦେଲା । ଯେଉଁଥିରେ ମନୁଷ୍ୟ ନିଜ ଶକ୍ତି ବ୍ୟତୀତ ଅନ୍ୟ ଗୋଟିଏ ଶକ୍ତି (not-man)ର ପ୍ରଭାବ ସ୍ୱତଃ ବୁଝିପାରିଲା । ଜୀବନ ଧାରଣ ପ୍ରଣାଳୀରେ ଏହି ଚିନ୍ତାଧାରାର ପ୍ରଭାବ ମନୁଷ୍ୟ ଅବଶ୍ୟ ଭାବେ ଅନୁଭବ କଲା । ତେଣୁ କ୍ଷୁଧାରୁ ରକ୍ଷା ପାଇବାପାଇଁ ଖାଦ୍ୟ ସଂଗ୍ରହ, ଋତୁ ଓ ଜଳବାୟୁ ପରିବର୍ତ୍ତନରୁ ରକ୍ଷାପାଇବା ପାଇଁ ଗୃହ ନିର୍ମାଣ ଇତ୍ୟାଦି ମନୁଷ୍ୟ ପକ୍ଷରେ ଯେତିକି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା ଏହି ଅତିମାନବ ବା ଅମାନବ (not-man)

ଶତ୍ରୁର କବଳରୁ ନିଜକୁ ରକ୍ଷା କରିବା କିମ୍ବା ତା ସହିତ ସମନ୍ୱୟ ରକ୍ଷା କରି ଜୀବନ ଧାରଣ ପ୍ରଣାଳୀକୁ ସୁଗମ କରିବା ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି ମନୁଷ୍ୟ ଅନୁଭବ କଲା ଏବଂ ଏଥିପାଇଁ କାଳକ୍ରମେ ନାନାପ୍ରକାର ଉପାୟ ଅବଲମ୍ବନ କରିବାକୁ ଲାଗିଲା । ଜୀବନ ଧାରଣ ପ୍ରଣାଳୀ ମଧ୍ୟରେ ଏହାର ଉପାଦେୟତା ଉପଲବ୍ଧି କରାଯିବାରୁ ଏହା ସଂସ୍କୃତିର ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଲା ।

ବର୍ତ୍ତମାନ ସଂସ୍କୃତି ସମ୍ବନ୍ଧରେ ସାମାନ୍ୟ ଆଲୋଚନା କରାଯାଉ । ସଂସ୍କୃତି କହିଲେ ଗୋଟିଏ ସମାଜ ବା ଗୋଷ୍ଠୀର ବିଭିନ୍ନ ପ୍ରକାର ରୀତିନୀତି, କାର୍ଯ୍ୟକଳାପ, ବିଶ୍ୱାସ ଓ ଅନେକ ପ୍ରକାର ଆନୁଷ୍ଠାନିକ କାର୍ଯ୍ୟକଳାପକୁ ବୁଝାଏ । ସେହି ସମାଜରେ ବାସ କରୁଥିବା ମନୁଷ୍ୟମାନଙ୍କର ମନସ୍ତାତ୍ତ୍ୱିକ ସମନ୍ୱୟତା ସୃଷ୍ଟି ହୋଇଥିବାରୁ ଜୀବନ ଧାରଣ ପ୍ରଣାଳୀ ସୁଗମ ହୋଇଥାଏ । ସଂସ୍କୃତି ପୁରୁଷାନୁକ୍ରମେ ସେହି ସମାଜରେ ଗତାନୁଗତିକ ଭାବେ ରହି ଆସିଥାଏ । କୌଣସି ନିର୍ଦ୍ଦିଷ୍ଟ ସମୟରେ ଗୋଟିଏ ସମାଜରେ ବାସ କରୁଥିବା ଲୋକମାନେ ମୃତ୍ୟୁପ୍ରାପ୍ତ ହୋଇପାରନ୍ତି କିନ୍ତୁ ସଂସ୍କୃତିର କ୍ଷୟ ନାହିଁ । କେବଳ ସମୟର ସ୍ରୋତରେ ଏହାର ସାମୟିକ ପରିବର୍ତ୍ତନଶୀଳତା ଲକ୍ଷ୍ୟ କରାଯାଇପାରେ । ମନୁଷ୍ୟ ଉପରେ ସଂସ୍କୃତିର ପ୍ରଭାବ ଅନେକ ବେଶୀ । ମନୁଷ୍ୟର ଚିନ୍ତାଧାରା, ଚାଲିଚଳନ, ରୀତିନୀତି ସମସ୍ତ ସେହି ମନୁଷ୍ୟର ସଂସ୍କୃତି ଦ୍ୱାରା ପ୍ରଭାବିତ ; ତାର ଦାର୍ଶନିକ ଚିନ୍ତାଧାରା ଉପରେ ମଧ୍ୟ ତାର ସଂସ୍କୃତିର ପ୍ରଭାବ ଅତ୍ୟଧିକ । ଏପରିକି ମନୁଷ୍ୟର ସତ୍ୟ ଓ ମିଥ୍ୟା, ସୁନ୍ଦର ଅସୁନ୍ଦର ସମ୍ବନ୍ଧୀୟ ଧାରଣା ମଧ୍ୟ ତାର ପରମ୍ପରାଗତ ରୀତିଦ୍ୱାରା ନିୟନ୍ତ୍ରିତ । ମନୁଷ୍ୟ ଜନ୍ମହେଲା ମାତ୍ରେ ସେହି ସଂସ୍କୃତି ମଧ୍ୟରେ ଜନ୍ମ, ସେହି ସଂସ୍କୃତିରେ ଥିବା ପାରମ୍ପରିକ ରୀତିଗୁଡ଼ିକ ତାର ଅନୁଭୂତ ଓ ଆଚରଣକୁ ଆକାରଦେବା ଆରମ୍ଭ କରନ୍ତି । ମନୁଷ୍ୟ ଯେତେବେଳେ କଥା କହିବାକୁ ଆରମ୍ଭକରେ ସେ ତାର ସଂସ୍କୃତିର ଗୋଟିଏ ଛୋଟ ଜୀବ । ଯେତେବେଳେ ବଡ଼ ହୋଇ ସଂସ୍କୃତି ନିର୍ଦ୍ଦିଷ୍ଟ କାର୍ଯ୍ୟ ଗୁଡ଼ିକ କରିବାକୁ ଯାଏ ସେତେବେଳେ ସଂସ୍କୃତିର ଅଭ୍ୟାସକୁ ନିଜର ଅଭ୍ୟାସ, ସଂସ୍କୃତିର ବିଶ୍ୱାସକୁ ନିଜର ବିଶ୍ୱାସ ଓ ସଂସ୍କୃତିର ଅସମ୍ଭବତା ଗୁଡ଼ିକ ମନୁଷ୍ୟ ନିଜର ଅସମ୍ଭବତା ବୋଲି ଧରିନିଏ । ଆମେ-ମାନେ ଜାଣୁ ଆଜି ବିବର୍ତ୍ତନ ଫଳରେ ପୃଥିବୀରେ ଅସଂଖ୍ୟ ମନୁଷ୍ୟଗୋଷ୍ଠୀ ରହିଛନ୍ତି । ଏବଂ ପ୍ରତ୍ୟେକ ଗୋଷ୍ଠୀ ନିଜ ନିଜର ସଂସ୍କୃତି ଦ୍ୱାରା ନିୟନ୍ତ୍ରିତ ଓ ପରିଗୃହୀତ ହୋଇ-ଅଛନ୍ତି । ଏହି ସଂସ୍କୃତିର ବିଭିନ୍ନତା କେତେଗୁଡ଼ିଏ କାରଣ ଉପରେ ନିର୍ଭର କରେ । ସେଥିରେ ପ୍ରଧାନତଃ ସମାଜର ଭୌଗୋଳିକ ପରିସ୍ଥିତି ବା ସାମାଜିକ ସଂସ୍ଥା ବା ଗଠନର ପ୍ରଭାବ ସବୁଠାରୁ ବେଶୀ । ଭିନ୍ନ ଭିନ୍ନ ପରିସ୍ଥିତିରେ ମନୁଷ୍ୟର ଚିନ୍ତା-ଧାରାରେ ବିଭିନ୍ନତା ସୃଷ୍ଟିହେବା ସ୍ୱାଭାବିକ । ତେଣୁ ମନୁଷ୍ୟ ସମାଜରେ ଧର୍ମର ବିଭିନ୍ନତା ବା ପ୍ରକାର ଭେଦହିଁ କେବଳ ଦେଖିବାକୁ ମିଳେ । ସମସ୍ତ ମାନବ ସମାଜ ବା ଗୋଷ୍ଠୀର ଧର୍ମ ବିଷୟକ ସମସ୍ୟା ଏକ । ଗୋଟିଏ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପ୍ରକାର ଉପାୟମାନ ଅବଲମ୍ବନ କରାଯାଇଛି ।

ବର୍ତ୍ତମାନ ଧର୍ମ ଓ ବିଜ୍ଞାନ ସମ୍ବନ୍ଧୀୟ କିଛି ଆଲୋଚନା କରାଯାଉ । ଆଧୁନିକ ମାନବ ସମାଜରେ ବିଜ୍ଞାନ ଓ ଧର୍ମ ପ୍ରତି ସୃଷ୍ଟି ହୋଇଥିବା ମନୋଭାବକୁ ଏହି ଆଲୋଚନାର ଉଦ୍ଦେଶ୍ୟ ।

ଆମ୍ଭେମାନେ ଜାଣୁ ଯେ ସଂସ୍କୃତିର ଅନ୍ତ ନାହିଁ । ସମୟର ସ୍ରୋତରେ ଏହାର ସମ୍ୟକ୍ ପରିବର୍ତ୍ତନଶୀଳତାହିଁ କେବଳ ଲକ୍ଷ୍ୟ କରାଯାଇପାରେ । ଏହାଆଧାରରେ ଦୃଷ୍ଟିଦେଲେ ମାନବ ସଂସ୍କୃତିର ଯେ ବିକାଶ ଘଟୁଛି ଏଥିରେ ଅବକାଶ ରହିବ ନାହିଁ । ଉଦାହରଣ ସ୍ୱରୂପ ଆଦିମମାନବର ସଂସ୍କୃତିଠାରୁ ଆଧୁନିକ ମାନବର ସଂସ୍କୃତି ପର୍ଯ୍ୟନ୍ତ ଗୋଟିଏ ମାପକାଠି ନିଆଯାଇପାରେ । ଆଦିମ ମାନବ ପକ୍ଷରେ ଶିକାରପାଇଁ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ରର ଉଦ୍ଭାବନ କରିବା ଯେପରି ବୈଜ୍ଞାନିକ କାର୍ଯ୍ୟ ଥିଲା ଆଧୁନିକ ମାନବର ଗ୍ରହାନ୍ତର ଯାବାପାଇଁ ଶକ୍ତିଶାଳୀ ରକେଟ୍ ତିଆରି କରିବା ମଧ୍ୟ ସେହିପରି ବୈଜ୍ଞାନିକ କାର୍ଯ୍ୟ ଅଟେ । ବିଜ୍ଞାନ କହିଲେ କୌଣସି ବିଷୟବସ୍ତୁ ବା ତଥ୍ୟ ସମ୍ବନ୍ଧୀୟ ବିଶେଷ ବା ସଠିକ ଜ୍ଞାନକୁ ବୁଝାଏ । ଆଦିମମାନବର ପଥର ଅସ୍ତ୍ରଶସ୍ତ୍ର ତିଆରି କରିବାର ପ୍ରଣାଳୀର କ୍ରମବିକାଶକୁ ଲକ୍ଷ୍ୟ କଲେ ଏହାର ସତ୍ୟତା ଜଣାପଡେ । ଆଜିର ପରମାଣୁ ଯୁଗର ମୂଳଭିତ୍ତି ପ୍ରସ୍ତର ଯୁଗ ଆଦିମ ମାନବ ଦ୍ୱାରାହିଁ ପଡିଥିଲା । ତେଣୁ ବିଜ୍ଞାନ ହିଁ ବିକାଶର ମୂଳ କାରଣ । ଆଦିମ ମାନବର ଧର୍ମକୁ ଲକ୍ଷ୍ୟ କଲେ ଦେଖାଯାଏ ଏହା ଆଧୁନିକ ମାନବର ଧର୍ମ ଅପେକ୍ଷା ଅଧିକ ବିସ୍ତୃତ ଲାଭ କରିଥିଲା । ଅର୍ଥାତ୍ ଏହାର ସୀମାମଧ୍ୟରେ ସାମାଜିକ ଜୀବନର ଅଧିକାଂଶ ଉପାଦାନ ଅନ୍ତର୍ନିହିତ ଥିଲା । ଏହାର କାରଣ ପ୍ରତି ଦୃଷ୍ଟି ଦେଲେ ବୁଝାପଡିବ ଯେ ଆଦିମମାନବର ବିଜ୍ଞାନର ବିକାଶ ସୀମାବଦ୍ଧ ଥିଲା । ତେଣୁ ଭୟରୁ ରକ୍ଷାପାଇବା ପାଇଁ ବୈଜ୍ଞାନିକ ଉପାୟ ମଧ୍ୟ ବିଶେଷ ନ ଥିଲା ଏବଂ ସେହି କାରଣରୁ ଧର୍ମ ବିଶ୍ୱାସ ସମାଜରେ ଅତିଶୟ ବଳଶାଳୀ ଥିଲା । ଆଧୁନିକ ମାନବ ସମାଜରେ ବିଜ୍ଞାନର ବିକାଶ ହେବା ସଙ୍ଗେ ସଙ୍ଗେ ମନୁଷ୍ୟ ତାର ସ୍ୱତଃଜାତ ଭୟକୁ ବୈଜ୍ଞାନିକ ଉପାୟରେ ଦମନକରି ସୀମାବଦ୍ଧ କରି ରଖିବାକୁ ଶିଖିଲା । କିନ୍ତୁ ଏହି ଦମନ ଯେ କେବଳ ଆଂଶିକ ଭାବେ ସଫଳ ହୋଇଛି ତାହା ପ୍ରତ୍ୟେକ ବୈଜ୍ଞାନିକ ହୃଦୟଙ୍ଗମ କରିଥାଆନ୍ତି । କାରଣ ଆଜିପର୍ଯ୍ୟନ୍ତ ବିଜ୍ଞାନର ସାହାଯ୍ୟରେ ପ୍ରକୃତିର ଅନ୍ତର୍ନିହିତ ନିୟମାବଳୀର କିୟଦଂଶ ମାତ୍ର ମନୁଷ୍ୟର ବୋଧଗମ୍ୟ ହୋଇଛି ।

ଧର୍ମ ଓ ବିଜ୍ଞାନ ପ୍ରତ୍ୟେକ ପରସ୍ପରକୁ ସମାଦର କରନ୍ତି । କାରଣ ମନୁଷ୍ୟ ନିଜର ସମସ୍ୟା ସମାଧାନ କରିବାକୁ ଯାଇ ଧର୍ମର କିମ୍ବା ବିଜ୍ଞାନର ଅଥବା ଉଭୟର ସାହାଯ୍ୟ ଲୋଡିଥାନ୍ତି । ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ଯେତେବେଳେ ବିଜ୍ଞାନ ବା ବୈଜ୍ଞାନିକ ଉପାୟ ମନୁଷ୍ୟର ସମସ୍ୟା ସମାଧାନ କରିବାକୁ ଅକ୍ଷମ ହୁଏ ସେତେବେଳେ ଧର୍ମହିଁ କେବଳ ମନୁଷ୍ୟକୁ ବଞ୍ଚାଇ ରଖିପାରେ । କେହି କେହି କହି ପାରନ୍ତି ବିଜ୍ଞାନ କେବଳ ମନୁଷ୍ୟ ସମାଜର ଉନ୍ନତି ଦିଗରେ ସାହାଯ୍ୟ କରିପାରେ । କିନ୍ତୁ ଏହା ଅମୂଳକ । କାରଣ ଆଜି ପର୍ଯ୍ୟନ୍ତ ବିଜ୍ଞାନର ଇତିହାସ ଦେଖିଆସିଲେ ଦେଖାଯାଏ ମନୁଷ୍ୟ

ବିଜ୍ଞାନ କ୍ଷେତ୍ରରେ ଯେଉଁ ଜ୍ଞାନ ଅର୍ଜନ କରି ଆସିଛି ତାହା ମନୁଷ୍ୟ ସମାଜ ପକ୍ଷରେ ଯେତିକି ହିତକର ହୋଇଛି ତାହା ଅପେକ୍ଷା ଅହିତକର ବେଶୀ ହୋଇଛି । ଯଦି ପରମାଣୁ ବୋମା କିମ୍ବା ଉଦ୍‌ଜାନ ବୋମାର ଉଦ୍ଭାବନକୁ ବୈଜ୍ଞାନିକ ଜ୍ଞାନ କୁହାଯାଏ ତେବେ ବିଜ୍ଞାନ ମନୁଷ୍ୟ ସମାଜର ବିଲୋପ ସାଧନ କରିବାରେ ଯେ କେବଳ ସାହାଯ୍ୟ କରିଛି ତାହାହିଁ ବୁଝିବାକୁ ହେବ । ଅନ୍ୟ ପକ୍ଷରେ ବିଜ୍ଞାନ ଯଦି ମନୁଷ୍ୟ ସମାଜର କଲ୍ୟାଣ ସାଧନ କରିବାରେ ସାହାଯ୍ୟ କରିଥାଏ ତେବେ ସେହି ଉଦ୍ଦେଶ୍ୟ ମୂଳରେ ମନୁଷ୍ୟର ମହତ୍ତ୍ୱ ଗୁଣର ସ୍ପଷ୍ଟ ସୂଚନା ମିଳେ । ଏହି ମହତ୍ ଗୁଣର ବିକାଶ କେବଳ ଧର୍ମ ବିଶ୍ୱାସ ହିଁ କରିଥାଏ । କାରଣ ମନୁଷ୍ୟର ନୈତିକତା, ବିବେକିତା ଓ ବିନମ୍ରଭାବ ପ୍ରବୃତ୍ତିର ଉଦ୍ରେକ କେବଳ ଧର୍ମ ବିଶ୍ୱାସ ଦ୍ୱାରାହିଁ ସମ୍ଭବ ହେତୁ ମାନବ ସମାଜରେ ଧର୍ମର ସ୍ଥାନ ଅତି ଉଚ୍ଚରେ । ମାନବ ସମାଜର ସ୍ଥିତି ଏବଂ ଭବିଷ୍ୟତ କଲ୍ୟାଣ ଧର୍ମଭାବ ବିକାଶ ଉପରେହିଁ ନିର୍ଭର କରୁଛି । ବିଜ୍ଞାନ ଯେଉଁ ଦୁର୍ଦ୍ଦମନୀୟ ଆକାଙ୍କ୍ଷା, ଆଶା ଓ ଲୋଭ ପ୍ରବୃତ୍ତିର ସଂଖ୍ୟା ବଢ଼ାଇ ଚାଲିଛି ତାହାକୁ ନିୟନ୍ତ୍ରିତ ମାର୍ଗରେ ଚାଳିତ କରିବା ଏକମାତ୍ର ଧର୍ମର ହିଁ କାର୍ଯ୍ୟ ।

ଗୋଟିଏ ଓରାଓଁ ଗ୍ରାମରେ ସାଂସ୍କୃତିକ ପରିବର୍ତ୍ତନ

ଶାନ୍ତିଭୂଷଣ ନନ୍ଦୀ

ଓରାଓଁମାନେ ଏକ ଦ୍ରାବିଡ଼ ଭାଷାଭାଷୀ ଜାତି । ଓରାଓଁମାନଙ୍କର ପରମ୍ପରାରୁ ଜଣାଯାଏ ଯେ ସେମାନଙ୍କର ମୂଳ ବାସସ୍ଥାନ ଦାକ୍ଷିଣାତ୍ୟରେ । ଯେତେବେଳେ ସେମାନେ ସେମାନଙ୍କ ମୂଳ ବାସସ୍ଥାନ ଦାକ୍ଷିଣାତ୍ୟରୁ ଛୋଟନାଗପୁରକୁ ଆସିଲେ (ଶରତ ଚନ୍ଦ୍ର ରାୟଙ୍କ ମତ ଅନୁସାରେ ଏହା ୨୦ ଖ୍ରୀ:ଅ: ପୂର୍ବରୁ ଘଟିଥିଲା) ସେତେବେଳେ ସେମାନଙ୍କୁ ମୁଣ୍ଡାମାନଙ୍କର ଖାଦ୍ୟପ୍ରଣାଳୀ ଓ କୃଷିପଦ୍ଧ ସମ୍ପୃକ୍ତ ଥିବା ଧର୍ମାଚାରକୁ ଗ୍ରହଣ କରିବାକୁ ପଡ଼ିଲା । ସେମାନେ କୃଷି ବିଷୟରେ ମୁଣ୍ଡାମାନଙ୍କଠାରୁ ଅଧିକ ଅଭିଜ୍ଞ ହୋଇଥିବାରୁ ବିସ୍ତୃତ ଜଙ୍ଗଲ ସବୁ କାଟି ସଫା କରି ଚାଷ ଜମିରେ ପରିଣତ କରିଥିଲେ ଓ ମୁଣ୍ଡାମାନେ ବହୁଦିନ ଧରି ସେ ଅଞ୍ଚଳକୁ ଅଧିକାର କରି ରହିଥିଲେ ମଧ୍ୟ, ସେମାନଙ୍କ ଉପରେ କ୍ରମଶଃ ପ୍ରଭୁତ୍ୱ ବିସ୍ତାର କରିପାରିଥିଲେ । ବର୍ତ୍ତମାନ ଓରାଓଁ ସମାଜର ବାତାବରଣରେ ନୂତନ ଅବସ୍ଥାର ସୃଷ୍ଟି ହୋଇଛି ଓ କେତେକ ନୂତନ ଶକ୍ତି କାର୍ଯ୍ୟ କରିବାକୁ ଆରମ୍ଭ କରିଛି । ଏହି ପ୍ରବନ୍ଧଟିରେ କେବଳ ଗୋଟିଏ ଗ୍ରାମର ପରିବର୍ତ୍ତନକୁ ବର୍ଣ୍ଣନା କରାଯାଇଛି । ଏହି ପ୍ରବନ୍ଧ ସଂକ୍ରାନ୍ତୀୟ ତଥ୍ୟ ସବୁ ଅକ୍ଟୋବର ୧୯୫୫ ଠାରୁ ଜାନୁଆରୀ ୧୯୫୬ ମଧ୍ୟରେ ସଂଗୃହୀତ ହୋଇଥିଲା ।

ଲୋହାରଡ଼ାଗା ରାଞ୍ଚି ଜିଲ୍ଲାର ଗୋଟିଏ କ୍ଷୁଦ୍ର ସହର ହେଲେ ମଧ୍ୟ ଏହାର ବଜାର ସକାଶେ ଜିଲ୍ଲାର ଉତ୍ତର-ପଶ୍ଚିମାଞ୍ଚଳରେ ଏହା ଖୁବ୍ ଗୁରୁତ୍ୱ ହାସଲ କରିଛି । ୧୯୧୩ ମସିହାରେ ବେଙ୍ଗଲ-ନାଗପୁର ରେଲପଥର ରାଞ୍ଚି-ଲୋହାରଡ଼ାଗା ଲାଇନ୍ ନିର୍ମିତ ହେବା ଫଳରେ ଏହାର ଗୁରୁତ୍ୱ ଆହୁରି ବଢ଼ିଯାଇଥିଲା । ଏହି ସହରଟି ରାଞ୍ଚିଠାରୁ ପଶ୍ଚିମରେ ୪୭ ମାଇଲ ଦୂରରେ ଅବସ୍ଥିତ ଏବଂ ୧୮୮୮ ମସିହାରେ ଏଠାରେ ଗୋଟିଏ ମ୍ୟୁନିସିପାଲିଟି ସ୍ଥାପିତ ହୋଇଥିଲା । ଏହି ସବୁ ରେଲପଥଗୁଡ଼ିକୁ ଛାଡ଼ି ଦେଲେ ଲୋହାରଡ଼ାଗା ରାଞ୍ଚି ଓ ଗୁମ୍‌ଲା ସହିତ ସୁନ୍ଦର ସୁଦୃଢ଼ ପ୍ରଶସ୍ତ ରାଜପଥ ଦ୍ୱାରା ସଂଯୁକ୍ତ । ଏହି ରାଜପଥରେ ବସ୍ ଚଳାଚଳ ନିୟମିତ ଭାବରେ ଅଛି । ଏଠାରେ ଗୋଟିଏ ପୋଷ୍ଟ ଅଫିସ, ବାଳକମାନଙ୍କ ପାଇଁ ଗୋଟିଏ ହାଇସ୍କୁଲ, ହାଇସ୍କୁଲରେ କେବଳ ଆଦିବାସୀ ଛାତ୍ରମାନଙ୍କ ପାଇଁ ଗୋଟିଏ ହଷ୍ଟେଲ, ଗୋଟିଏ ବାଳିକା ବିଦ୍ୟାଳୟ ଏବଂ ଗୋଟିଏ ଖ୍ରୀଷ୍ଟିଆନ୍ ମିଶନ ଓ ଗୀର୍ଜାଘର ଅଛି । ଦକ୍ଷିଣ-ପୂର୍ବ ଦିଗରେ ଛ' ମାଇଲ ଦୂରରେ ସୁଜଗ ବାଗ୍ରୁ ପାହାଡ଼ (୪,୨୨୦ ଫୁଟ) ଅବସ୍ଥିତ । ଏହାର ଶିଖରରେ ଗୋଟିଏ ବକ୍ସାଇଟ୍ ଖଣି ଓ ଅଫିସର ବସତି ଅଛି । ଏହି ଖଣିରେ ଶତଶତ ଓରାଓଁ ଶ୍ରମିକ କାର୍ଯ୍ୟ କରନ୍ତି ।

---

(୧) ଶରତ ଚନ୍ଦ୍ର ରାୟ "The Oraons of Chotangapur—ପୃଷ୍ଠା ୧୭"

ଲୋହାରଡାଗା ସହରଠାରୁ ସିଧା ଭାବରେ ଦେଢ ମାଇଲ ଦୂରରେ ଉତ୍ତର-ପଶ୍ଚିମରେ କୁଟମୁନାମକ ସୁନ୍ଦର ଓରାଓଁ ଗ୍ରାମଟି ଅବସ୍ଥିତ । ଏକ ପ୍ରଶସ୍ତ ଚଲାବାଟ ପଥ ସହିତ ଏହି ଗ୍ରାମକୁ ସଂଯୁକ୍ତ କରିଛି ।

ଶ୍ରୀ ଶରତ ଚନ୍ଦ୍ର ରାୟଙ୍କର ୧୯୧୫ ମସିହାରେ ପ୍ରକାଶିତ "ଛୋଟନାଗପୁରର ଓରାଓଁ" (**The Oraons of Chotanagpur**) ଶୀର୍ଷକ ପୁସ୍ତକରୁ ଜଣାଯାଏ ଯେ ଓରାଓଁ ମାନେ ଅତୀତରେ ବହୁ ବାହ୍ୟ ପ୍ରଭାବ ଦ୍ୱାରା ପ୍ରଭାବିତ ହୋଇଛନ୍ତି ଓ ବର୍ତ୍ତମାନ ମଧ୍ୟ ଏହି ପ୍ରଭାବ ଅତ୍ୟଧିକ ଭାବରେ ସେମାନଙ୍କ ଉପରେ ପଡୁଛି । ଯେଉଁ ସମସ୍ତ ମୁଖ୍ୟ ସାମାଜିକ କ୍ରିୟାପ୍ରକ୍ରିୟା ଦ୍ୱାରା ଏହି ପ୍ରଭାବ ସମାଜ ମଧ୍ୟରେ ପ୍ରବେଶ କରୁଛି ତଳରେ ଦିଆଯାଇଥିବା ନକ୍ସାଟିକୁ ଦେଖିଲେ ତାହାର ଏକ ସ୍ଥୂଳ ଧାରଣା କରିହେବ ।

ବାହକ		ଉପାୟ
୧ । ହିନ୍ଦୁ	...	(୧) ସହର, (୨) ସାପ୍ତାହିକ ବଜାର (ହାଟ), (୩) ବକ୍‌ସାଇଟ ଖଣି, (୪) ଟାଟା ଓ କଲିକତାର କାରଖାନା, (୫) ଅସାମ ଓ ଉତ୍ତର ବଙ୍ଗର ଚାହା ବଗିଚା ।
୨ । ମୁସଲମାନ	...	(୧) ସହର, (୨) ସାପ୍ତାହିକ ବଜାର ।
୩ । ଖ୍ରୀଷ୍ଟିଆନ	...	(୧) ମିଶନ ।
୪ । ସରକାର	...	(୧) ଆଇନ, (୨) ପୋଲିସ ବିଭାଗ ।

ଆମ୍ଭେମାନେ ଜାଣୁ ଯେ ବିଭିନ୍ନ ଲୋକ ପରସ୍ପରର ସମ୍ପର୍କକୁ ଆସିବାହିଁ କୃଷ୍ଟିଗତ ପରିବର୍ତ୍ତନର ଏକ ପ୍ରଧାନ କାରଣ । ବର୍ଣ୍ଣିତ ଗ୍ରାମରେ ପରସ୍ପରର ସମ୍ପର୍କ ରକ୍ଷା କରିବାରେ ହାଟ ସବୁଠାରୁ ବଡ଼ ଯୋଗସୂତ୍ର । ଅବଶ୍ୟ ସହର ଖୁବ୍ ନିକଟରେ ଥିବାରୁ ସହରର ଖୁବ୍ ପ୍ରଭାବ ଏହି ଗ୍ରାମ ଉପରେ ପଡ଼ୁଛି । (ଏହି ସହରରେ ହିନ୍ଦୁ, ମୁସଲମାନ, ଲୋହାର, ମୁଣ୍ଡା ଏବଂ ଅଲ୍ପ କେତେକ ପୂର୍ବବଙ୍ଗ ଆଶ୍ରୟପ୍ରାର୍ଥୀ ବାସ କରନ୍ତି) କିନ୍ତୁ ପରବର୍ତ୍ତୀ ଆଲୋଚନାରୁ ଏକଥା ସ୍ପଷ୍ଟ ହେବ ଯେ ସାପ୍ତାହିକ ହାଟହିଁ (ଏହାକୁ ସ୍ଥାନୀୟ ଲୋକେ ସୁଖ ବଜାର ବୋଲି କହନ୍ତି) ଏହି ଗ୍ରାମରେ ପରିବର୍ତ୍ତନ ଆଣିବାରେ ସବୁଠାରୁ ଅଧିକ ଦାୟୀ ।

ଯାଙ୍କଙ୍କ ହାଟରେ ସବୁ ଜାତି, ଶ୍ରେଣୀ ଓ ଧର୍ମର ଲୋକେ ଏକାଠି ହୁଅନ୍ତି । ସୁତରାଂ ଏଠାରେ ବିନାବାଧାରେ ପରସ୍ପରର ସମ୍ପର୍କରେ ଆସିବାର ଖୁବ୍ ସୁଯୋଗ ମିଳେ । ଏଠାରେ ବିଭିନ୍ନ କୃଷ୍ଟିର ଲୋକ ପରସ୍ପର ସମ୍ପର୍କକୁ ଆସିବା ଦ୍ୱାରା ଭାବ ଓ ଖବରାଖବରର ଆଦାନପ୍ରଦାନ ହୁଏ । ଏଠାରେ ଦୂରସ୍ଥ ବନ୍ଧୁ ଓ କୁଟୁମ୍ବମାନଙ୍କ ସହ ଦେଖାହୁଏ ଓ ବନ୍ଧୁତ୍ୱ ବଢ଼ାଇବାର ସୁଯୋଗ ମିଳେ । ଖାଦ୍ୟ ପ୍ରଣାଳୀ ଓ ପରିବାରର ଖରଚ-ପତ୍ର ବିଷୟ ଅନୁସନ୍ଧାନ କଲାବେଳେ ମୁଁ ଲକ୍ଷ୍ୟ କରିଥିଲି ଯେ ସମସ୍ତ ଲୋକେ ସେମାନଙ୍କର ଦୈନିକ ବ୍ୟବହାର୍ଯ୍ୟ ପଦାର୍ଥସବୁ ଏହି ହାଟରୁହିଁ କିଣନ୍ତି । ଜମିର ଖରିଦ ବିକ୍ରୀ ପାଇଁ ସମସ୍ତ ବ୍ୟବସ୍ଥା ଏହି ହାଟରେହିଁ ହୁଏ । ସୁତରାଂ ଏହି ହାଟରେ ସବୁ ଜାତି ଓ ସଂପ୍ରଦାୟ, ଯଥା—ହିନ୍ଦୁ, ମୁସଲମାନ, ଲୋହାର, ଓରାଓଁ, ମୁଣ୍ଡା, ମାହାଲି ଇତ୍ୟାଦି ଏକତ୍ରିତ ହୁଅନ୍ତି । ବ୍ୟବସାୟୀମାନେ ମଧ୍ୟ ବିଭିନ୍ନ ସଂପ୍ରଦାୟ ଓ ଅଧିବାସୀ ଗୋଷ୍ଠୀଭୁକ୍ତ । ଯେଉଁ ଯେଉଁ ଜିନିଷ ତିଆରି ଓ ଉତ୍ପାଦନରେ ଯେଉଁ ଜାତି ବା ଗୋଷ୍ଠୀର ବିଶେଷତ୍ୱ ଅଛି ସେହିମାନେହିଁ ହାଟରେ ସେହି ସବୁ ଜିନିଷର କାରବାର କରନ୍ତି । ଉଦାହରଣ ସ୍ୱରୂପ ବାଉଁଶ ତିଆରି ପାଛିଆ ଓ ଟୋକେଇ ଇତ୍ୟାଦିର କାରବାର ମାହାଲି ସ୍ତ୍ରୀ ଲୋକମାନେ କରନ୍ତି । ତାଡ଼ପତ୍ର (ତାଳପତ୍ର) ରେ ତିଆରି କାନ ଓ ନାକର ଗହଣା ସବୁ ଲୋହାର ସ୍ତ୍ରୀମାନେ ବିକନ୍ତି । ଧୂଆଁପତ୍ର, ଲୁଗାପଟା, ଚୁଡ଼ି ଇତ୍ୟାଦିର କାରବାର ହିନ୍ଦୁ ଓ ମୁସଲମାନମାନେ କରନ୍ତି । କୁମ୍ଭାରମାନେ ମାଟିପାତ୍ରର କାରବାର କରନ୍ତି । ମୋଟା ଚନ୍ଦୁଲିଗା, ଗାମୁଛା ଇତ୍ୟାଦିର କାରବାର ଜୋଲ୍ହାମାନେ କରନ୍ତି । ଲୋହାର ଗୋଟିଏ ସଂପ୍ରଦାୟ ବା ଗୋଷ୍ଠୀ ଦ୍ୱାରା ତିଆରି ଜିନିଷ ସବୁ ସମସ୍ତ ସଂପ୍ରଦାୟ ଓ ଗୋଷ୍ଠୀର ଲୋକେ ବ୍ୟବହାର କରନ୍ତି । ଏହି ଭଳି ଭାବରେ ବିଭିନ୍ନ ଗୋଷ୍ଠୀ ଓ ସଂପ୍ରଦାୟ ମଧ୍ୟରେ ଜିନିଷପତ୍ରର ଆଦାନପ୍ରଦାନ ହୁଏ ।

ଘଟିଥିବା ମୁଖ୍ୟ ପରିବର୍ତ୍ତନ ସବୁ ନିମ୍ନଲିଖିତ ଭାବରେ ବର୍ଣ୍ଣନା କରାଯାଇପାରେ :—

ଭୌତିକ କୃଷ୍ଟି

ଘର ତିଆରି ପ୍ରଣାଳୀରେ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଏହି ଯେ ଘାସ ଛାଆଣୀ ପୁରାପୁରି ଲୋପପାଇଯାଇଛି । ତାହା ପରିବର୍ତ୍ତେ 'ଖପର' (ଦେଶୀ ଟାଇଲ)ର ଛାଆଣୀ ବ୍ୟବହୃତ ହୋଇଛି । କିନ୍ତୁ କାନ୍ଥସବୁ ଚିକିଟାମାଟିରେ ତିଆରି ହେଉଛି । ଏହି ମାଟିରେ ତିଆରି କାନ୍ଥର ଦୃଢ଼ତା କର୍ଣ୍ଣେଲ ଡାଲ୍‌ଟନଙ୍କ ଦ୍ୱାରା ସ୍ୱୀକୃତ ହୋଇଛି (୩) । ଅଜିକାଲି ଯେଉଁ ନୂଆ କୁଡ଼ିଆ ସବୁ ତିଆରି ହେଉଛି ସେଥିରେ ପ୍ରତି କୋଠରୀର ଗୃହପାଖରେ କାନ୍ଥଥିବା ବାରଣ୍ଡା ରହୁଛି ଓ ଅଠକୋଣିଆ ଚୂଲ ରହୁଛି । ଗ୍ରାମରେ ଥିବା ୫୭ଟି କୁଟୀରର ନିର୍ମାଣ ସମୟ ସମ୍ବନ୍ଧୀୟ ତଥ୍ୟରୁ ଏ କଥା

(୩) କର୍ଣ୍ଣେଲ ଇ: ଟି: ଡାଲ୍‌ଟନ "Descriptive Ethnology of Bengal" ୫୨୨ ପୃ ୨୪୭ ।

ମିଳିଲ ଯେ ଗୃହଶ୍ରେଣିଆ ଘରଗୁଡ଼ିକ ଅପେକ୍ଷା ଆଠଶ୍ରେଣିଆ ଘରଗୁଡ଼ିକ ନୂତନ । ଗୃହଶ୍ରେଣିଆ ଇଦର ଘରଗୁଡ଼ିକ କେବେ ତିଆରି ହୋଇଥିଲା ସେ କଥା ଗ୍ରାମର କୌଣସି ଲୋକ ସ୍ମରଣ କରି ପାରିଲେନାହିଁ । ସବୁଠାରୁ ନୂତନ ଇଦର ଘରଟି ୯ ବର୍ଷ ପୂର୍ବେ ନିର୍ମିତ ହୋଇଥିଲା । ଆଠଶ୍ରେଣିଆ ଘର ଓ ଗୃହଶ୍ରେଣିଆ ଘରଗୁଡ଼ିକ ପୁରାତନ ହେଲେହେଁ ଗ୍ରାମବାସୀମାନେ ଉଭୟ ପ୍ରକାରର ଘରକୁ ପସନ୍ଦ କରନ୍ତି, କାରଣ ଉଭୟ ପ୍ରକାରର କେତେକ ଘର ଏକ ସମୟରେ ତିନିବର୍ଷ ତଳେ ନିର୍ମିତ ହୋଇଛି । କିନ୍ତୁ ଇଦର ଘରଗୁଡ଼ିକୁ ଲୋକେ ଅଧିକ ପସନ୍ଦ କରୁ ନ ଥିବାରୁ ସେଗୁଡ଼ିକର ସଂଖ୍ୟା କ୍ରମଶଃ କମିଯାଉଛି (ଶତକଡ଼ା ୨୬·୩୨) । ଗୃହଶ୍ରେଣିଆ ଘରଗୁଡ଼ିକ ବେଶୀ ଲୋକପ୍ରିୟ ହୋଇଥିବାରୁ ଏବଂ ଏଗୁଡ଼ିକ ଆଠଶ୍ରେଣିଆ ଘର ଅପେକ୍ଷା ପୁରାତନ ହୋଇଥିବାରୁ ଏଗୁଡ଼ିକର ସଂଖ୍ୟା ସବୁଠାରୁ ବେଶୀ (ଶତକଡ଼ା ୫୯·୩୮) । ଅର୍ଥନୈତିକ ଦୃଷ୍ଟିରୁ ଦେଖିଲେ ଗୃହ ଶ୍ରେଣିଆ ଘରଗୁଡ଼ିକ ଅପେକ୍ଷାକୃତ ଶସ୍ତା, କାରଣ ଏଥିରେ ଖୁବ୍ କମ୍ କାଠକଡ଼, ଟାଇଲ ଓ ଶ୍ରମ ଲାଗେ ।

ବନ୍ଦ ବାରଣ୍ଡା ଥିବା ଆଠଶ୍ରେଣିଆ ଘରଗୁଡ଼ିକ ସହରର ପ୍ରଭାବକୁ ସ୍ପଷ୍ଟ ଭାବରେ ସୂଚାଇ ଦିଏ । ଲୋହାରଡ଼ାଗା ସହରରେ ଏହିପରି ଘରଗୁଡ଼ିକ ବହୁଳ ଭାବରେ ଦେଖାଯାଏ । ହିନ୍ଦୁ ଓ ମୁସଲମାନମାନେ ବିଶେଷ କରି ଏହିପରି ଘର କରନ୍ତି । ଏହି ଘରଗୁଡ଼ିକରୁ ଅଧିକାଂଶ ହିନ୍ଦୁ ବା ମୁସଲମାନମାନଙ୍କର ବ୍ୟକ୍ତିଗତ ଘର । କେତେକୁଡ଼ିଏ ଢ଼ହାର ସରକାରଙ୍କର ଘର ମଧ୍ୟ ଅଛି । କୋଠରିଗୁଡ଼ିକରେ ବର୍ଷକର ଶସ୍ୟ ସଞ୍ଚିତ ରଖାଯାଏ ଓ ତାହା ବହୁତ ସ୍ଥାନ ମାଡ଼ି ବସେ, ସେଇଥିପାଇଁ ବୋଧହୁଏ ବନ୍ଦ ବାରଣ୍ଡାର ଆବଶ୍ୟକତା ଅନୁଭୂତ ହୋଇଛି । ମୁଁ ଏହା ଲକ୍ଷ୍ୟ କରିଛି ଯେ ଏହି ବନ୍ଦ ବାରଣ୍ଡାଗୁଡ଼ିକ ଗୋରୁ ଗୁହାଳ, ଢିଙ୍କିଶାଳ, ରୋଷେଇ ଘର ଓ ଚକି ପେଷିବା ସ୍ଥାନ ରୂପରେ ବ୍ୟବହୃତ ହୋଇଥାଏ । କୋଠରିଗୁଡ଼ିକ ଏପରି ଭାବରେ ତିଆରି ଯେ ସେଥିରେ ଆଲୋକ ଓ ବାୟୁ ପ୍ରବେଶ କରି ପାରେନାହିଁ । ସୁତରାଂ ଲୋକମାନେ ଗ୍ରୀଷ୍ମ ସମୟରେ ସଞ୍ଜବେଳା ଓ ଶୀତ ଋତୁରେ ମଧ୍ୟାହ୍ନରେ ଏହି ବନ୍ଦ ବାରଣ୍ଡାରେ ଶୋଇବାକୁ ପସନ୍ଦ କରନ୍ତି । କୋଠରିଗୁଡ଼ିକର ଗୃହପାଖରେ ବାରଣ୍ଡା ହୋଇଥିବାରୁ କୋଠରିଗୁଡ଼ିକର ଚାଳର ଦୈର୍ଘ୍ୟ ଓ ପ୍ରସ୍ଥ ବହୁତ ବଢ଼ିଯାଇଛି ଓ ତାହା ଫଳରେ ଚାଳର ଓଜନ ଏତେ ବଢ଼ିଯାଇଛି ଯେ ବାଉଁଶର ଖୁଣ୍ଟ ବର୍ତ୍ତମାନ ସେହି ଭାର ବହନ କରିବାକୁ ଅସମର୍ଥ । ସେଇଥିପାଇଁ ଆଠଶ୍ରେଣିଆ ଘରକରି ଚାଳର ଓଜନକୁ ଆଠ ଭାଗରେ ପୃଥକ କରିଦିଆହୋଇଛି । ଏହା ଫଳରେ ବାଉଁଶର ଖୁଣ୍ଟ ଓ ମାଟି କାନ୍ଥ ଉପରେ ଚାପ କମିଯାଇଛି ।

ଏହା ଗୋଟିଏ ଲକ୍ଷ୍ୟ କରିବାର ବସ୍ତୁ ଯେ ସହରରେ ଥିବା ଆଠଶ୍ରେଣିଆ ଘରଗୁଡ଼ିକର ପ୍ରତ୍ୟେକ କୋଠରିରେ ଝରକା ରହିଛି, କିନ୍ତୁ ଓରାଓଁମାନେ ବର୍ଣ୍ଣିତ ଗ୍ରାମରେ ଯେଉଁ ଆଠଶ୍ରେଣିଆ ଘର କରିଛନ୍ତି ସେଥିରେ ଆଦୌ ଝରକା ନାହିଁ । ଅବଶ୍ୟ

ଏହାଦ୍ୱାରା ଗ୍ରୀଷ୍ମଋତୁରେ ଦିନବେଳା କଞ୍ଚା ଗୃହର ଥଣ୍ଡା ରହେ ଓ ଶୀତ ଋତୁରେ ଭିତରେ ଗରମ ରହେ । ସେଇଥିପାଇଁ ସେମାନେ କୋଠାଘରେ ରହିବା କରନ୍ତି ନାହିଁ । କିନ୍ତୁ କୋଠା ଗୃହରେ ରହିବାର ଅଭାବ ପାଇଁ କେବଳ ଜଳବାୟୁ ଦାୟୀ ନୁହେଁ । ଲୋକମାନଙ୍କର ରକ୍ଷଣଶୀଳତା ମଧ୍ୟ ସେଥିପାଇଁ କେତେକ ପରିମାଣରେ ଦାୟୀ ।

ପୋଷାକ ବିଷୟ ବିଚାର କଲାବେଳେ ଦେଖାଯାଏ ଯେ ଓରାଓଁମାନେ ସେମାନଙ୍କର ପଡ଼ୋଶୀ ହିନ୍ଦୁମାନଙ୍କ ଦ୍ୱାରା ଅତ୍ୟନ୍ତ ଅଧିକ ପରିମାଣରେ ପ୍ରଭାବିତ ହୋଇଛନ୍ତି । ଶରତଚନ୍ଦ୍ର ରାୟଙ୍କ ବିବରଣୀ (୪)ରେ ଅଛି ଯେ "ଅଳ୍ପବୟସ୍କା ସ୍ତ୍ରୀମାନେ ମଧ୍ୟ ଅଣ୍ଟା ଉପରକୁ କୌଣସି ପ୍ରକାର ପରିଧେୟ ନ ପିନ୍ଧି ଗୃହଅଙ୍ଗନ ବିନା ଦ୍ୱିଧାରେ ଯାତାୟତ କରନ୍ତି ।" ବର୍ତ୍ତମାନ କିନ୍ତୁ ଦେଖାଯାଏ ଯେ ବୃଦ୍ଧା ସ୍ତ୍ରୀମାନେ ମଧ୍ୟ ଶରୀରର ଉପର ଅଂଶକୁ ଆବୃତ କରୁଛନ୍ତି । ଅଧିକାଂଶ ପ୍ରାପ୍ତ-ବୟସ୍କ ଓରାଓଁ ପୁରୁଷ ଛୋଟ ଧୋତି ପିନ୍ଧନ୍ତି । ଅଧିକାଂଶ ପୁରୁଷ ସାପ୍ତାହିକ ହାଟରେ ମିଳୁଥିବା ଛଅଣି ଜାମା (ଫୁଲ) ପିନ୍ଧନ୍ତି । ଗୋଟିଏ ଷ୍ଟେସନାରି ଦୋକାନର ମାଲିକ ମୋତେ ଖବର ଦେଲେ ଯେ ଏହି ଜାମାସବୁ କଲିକତା ସହର ନିକଟରେ ଥିବା "ଅକ୍ଷୟପତ୍ରା ଇଣ୍ଡଷ୍ଟ୍ରିଆଲ ପ୍ରତିଷ୍ଠାନ" ଭଳି କାରଖାନାମାନଙ୍କରୁ କିଣାଯାଏ । ଅଳ୍ପ ବୟସ୍କା ସ୍ତ୍ରୀମାନେ ବ୍ଲାଉଜ ବ୍ୟବହାର କରନ୍ତି । ବୃଦ୍ଧମାନେ ରକ୍ଷଣଶୀଳ ହୋଇଥିବାରୁ "କରିଆ" ବା "ସୁଦଲ୍" ପିନ୍ଧନ୍ତି (ଏହା ଦେଖିବାକୁ ଲେଙ୍ଗୁଟି ପରି) ।

ବ୍ୟକ୍ତିଗତ ଗହଣା କଥା ବର୍ତ୍ତମାନ ଆଲୋଚନା କରିପାରେ । ପୂର୍ବେ ଅଳ୍ପ ବୟସ୍କା ସ୍ତ୍ରୀମାନେ ହାତରେ ମୋଟା ମୋଟା ପିତଳ ଖଡ଼ୁ ପିନ୍ଧୁଥିଲେ (୫) । ବର୍ତ୍ତମାନ ତାହା ଏକେବାରେ ଉଠିଯାଇଛି । ବର୍ତ୍ତମାନ ଓରାଓଁ ଯୁବତୀମାନେ କାନରେ ପାଞ୍ଚ ଛଅ ଜାଗା ଛିଦ୍ରକରି ପତ୍ର ଗହଣା (ଝୋଲଣ୍ଡି) ବା କାଠି ଗହଣା (ଝିଙ୍ଗଟିନା) ପିନ୍ଧନ୍ତି ନାହିଁ । ବର୍ତ୍ତମାନ ଓରାଓଁ ସ୍ତ୍ରୀମାନେ ହାତରେ ଦୁଇପଟ ଖଡ଼ୁ ପିନ୍ଧନ୍ତି । ଏହି ଖଡ଼ୁ ସବୁ ରୁପା ଓ ଦସ୍ତାର ଏକ ମିଶ୍ର ଧାତୁରେ ତିଆରି । ସେହି ଧାତୁରେ ତିଆରି ମାଳି ଦୁଇଟି କାନ ପାସିଆ ପିନ୍ଧନ୍ତି । ହାତରେ କାଚ ଚୁଡ଼ିର ବ୍ୟବହାର ମଧ୍ୟ ଦେଖାଯାଏ । କାଚ ଗହଣା ଆଜିକାଲି ବିଶେଷ ଲୋକପ୍ରିୟ ହୋଇଛି କିନ୍ତୁ ଏହା ବିଶେଷ ଭଙ୍ଗୁର ହୋଇଥିବାରୁ ଏହା କେବଳ ବିଶେଷ ପର୍ବପର୍ବାଣୀରେ ବ୍ୟବହୃତ ହେଉଛି । ମିଶ୍ର ଧାତୁର ଗହଣା ହିନ୍ଦୁମାନଙ୍କଠାରୁ କିଣାଯାଏ । କାଚଚୁଡ଼ି ହାଟରୁ ମୁସଲମାନ ସ୍ତ୍ରୀମାନଙ୍କଠାରୁ କିଣାଯାଏ ।

ଏହି ଗ୍ରାମର ଓରାଓଁମାନଙ୍କର ଖାଦ୍ୟ ଅଭ୍ୟାସରେ ଅତି ସାମାନ୍ୟ ପରିବର୍ତ୍ତନ ହୋଇଛି । ସେମାନେ ମୁଣ୍ଡାମାନଙ୍କଠାରୁ ଯେଉଁ ଖାଦ୍ୟ ଅଭ୍ୟାସ ଅନୁକରଣ କରିଥିଲେ

(୪) ପୂର୍ବ ସୂଚିତ ପୁସ୍ତକ; ପୃ୯୩

(୫) ଏଜନ ପୃ୯୭

ତାହାସବୁ ଅପରିବର୍ତ୍ତିତ ଭାବରେ ରହିଯାଇଛି । କେବଳ ଯୋଡ଼ିଏ ଅଧିକ ଆଧୁନିକ ଦ୍ରବ୍ୟ ସେମାନଙ୍କ ବ୍ୟବହାରକୁ ଆସିଛି । (୧) ଖଇନି (ଚୂନ ମିଶିଥିବା ଧୂଆଁପତ୍ର ଗୁଣ୍ଡ), (୨) ଗୁଡ଼ା । ସମସ୍ତ ସମୟରେ ଅଳ୍ପବୟସ୍କ ଟୋକାମାନେ ଖଇନି ଖାଉଥିବାର ଦେଖାଯାଏ । ଏହି ଅଭ୍ୟାସ ସବୁ ଲୋହାରଡ଼ାଗା ସହରରୁ ବିଶେଷ କରି ହିନ୍ଦୁ ଓ ମୁସଲମାନମାନଙ୍କଠାରୁ ଅନୁକରଣ କରାଯାଇଛି ।

ଉପର ସମ୍ବନ୍ଧ ବର୍ଣ୍ଣିତ ସବୁ ଉତ୍ସବ ପାଇଁ ଆଜିକାଲି କେବଳ କେତେକ ଧାର୍ମିକ ପର୍ବପର୍ବାଣିରେ ବ୍ୟବହୃତ ହୁଏ, ଯଥା:—"ଖେରୱାରୀ ପୂଜା" (ଶସ୍ୟ ବୁଣାର ପୂଜା) ବା "ସାରହୁଲ" (ଶାଳ ଫୁଲର ପୂଜା) ଇତ୍ୟାଦି । ବର୍ତ୍ତମାନ ଏହା ପରିବର୍ତ୍ତେ ପିତ୍ତଳ ବାସନ ବ୍ୟବହୃତ ହେଉଛି । ପୂଜାପର୍ବରେ ପିତ୍ତଳ ବାସନ ବ୍ୟବହାର ନ ହେବାର କାରଣ ଲୋକମାନଙ୍କର ରକ୍ଷଣଶୀଳତା । କଲିକତାରେ ତିଆରି ଛତା, କମିଜ, ଲଣ୍ଠନ, ତାଲା ଏବଂ ସାବୁନର ବ୍ୟବହାର ବର୍ତ୍ତମାନ ଅତି ବ୍ୟାପକ । 'ଡାଗ୍ରିଚା' (କାଠ ପାଣିଆ)ର ବ୍ୟବହାର ବର୍ତ୍ତମାନ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇ ପ୍ଲାଷ୍ଟିକ ପାଣିଆ ବହୁଳ ଭାବରେ ବ୍ୟବହୃତ ହେଉଛି । ଏହି ସମସ୍ତ ଜିନିଷ କଲିକତାରୁ ଆସେ । କେବଳ ପାନଅଗୁଡ଼ିକ ବଜାରରେ ବିକ୍ରୀ କରାହୁଏ । ଲୋହାରଡ଼ାଗାର ଦୋକାନମାନଙ୍କରେ ଏସବୁ ମିଳେ ।

ଅର୍ଥନୈତିକ ଜୀବନ

ଅର୍ଥନୈତିକ ଜୀବନରେ ମଧ୍ୟ କେତେକ ପରିବର୍ତ୍ତନ ଆସିଛି । ଜଙ୍ଗଲରୁ ଫଳ, ମୂଳ, ପତ୍ର ସଂଗ୍ରହ କରିବା କେତେକ ପରିମାଣରେ ରହିଛି, କିନ୍ତୁ ଶିକାର କରିବା ଏକେବାରେ ଲୋପପାଇଯାଇଛି । ହଳହାବ କୃଷି କଲେ ବର୍ଷର ସବୁ ସମୟରେ ଅନବରତ ପରିଶ୍ରମ କରିବା ଆବଶ୍ୟକ ହୁଏ । ସେଇଥିପାଇଁ ଶିକାର କରିବାକୁ ବିଶେଷ ସମୟ ମିଳେନାହିଁ । ଏହାଛଡ଼ା ବହୁତ ଜଙ୍ଗଲ ଅଞ୍ଚଳକୁ କାଟି କୃଷୋପଯୋଗୀ ଜମିରେ ପରିଣତ କରାଯାଇଥିବାରୁ ଜଙ୍ଗଲସବୁ ଜନବସତିଠାରୁ ବହୁ ଦୂରକୁ ହଟିଯାଇଛି । ଏହାଦ୍ୱାରା ଏହି ଗ୍ରାମର ଲୋକମାନେ ପୁରାପୁରି କୃଷୀ ହୋଇଯାଇଛନ୍ତି । କିନ୍ତୁ ଜମିର ପରିମାଣ ଅଳ୍ପ ଓ ଉର୍ବରାଶକ୍ତି ସେତେ ଅଧିକ ହୋଇ ନ ଥିବାରୁ ଫେବୃୟାରୀ ମାସର ଅଧାରୁ ମେ ମାସର ଆରମ୍ଭ ପର୍ଯ୍ୟନ୍ତ ଯେତେବେଳେ ଫସଲ ଅମଦାନି ସଂକ୍ରାନ୍ତ ସବୁ କାର୍ଯ୍ୟ ସରି ଯାଇଥାଏ ସେତେବେଳେ ପୁରୁଷ ଲୋକମାନଙ୍କ ହାତରେ କିଛି କାମ ନ ଥାଏ । ଏହି ସମୟରେ ସେମାନେ ଶିଳ୍ପପ୍ରଧାନ ଅଞ୍ଚଳମାନଙ୍କୁ ବା ଚା' ବଗିଚାମାନଙ୍କୁ କାମର ସନ୍ଧାନରେ ଯାଇଥାନ୍ତି । କେତେକ ଲୋହାରଡ଼ାଗା ସହରରେ ମଧ୍ୟ କାମର ସନ୍ଧାନ କରନ୍ତି । ଏହି ସମୟରେ ସେମାନେ ବେଳେ ବେଳେ ଦଳବଦ୍ଧ ହୋଇ ଶିକାର କରନ୍ତି ଓ ଏହାକୁ ଏକ ପର୍ବର ରୂପ ଦିଅନ୍ତି । ଖରାଦିନରେ ଯେଉଁ ଶିକାର ଅଭିଯାନ ହୁଏ ତାହାକୁ "ବିଶୁ ସେନ୍ଦ୍ରା।"

କରନ୍ତି । ଗତ ଛ' ବର୍ଷ ମଧ୍ୟରେ ଏହି "ଶଣ୍ଢ ଷେଣ୍ଡ ।" ମାତ୍ର ଦୁଇଥର ହୋଇଛି, ଥରେ ୧୯୫୩ରେ ଓ ଆଉ ଥରେ ୧୯୫୫ରେ । ଏହିସବୁ ଭାବରେ ଲୋକଙ୍କର ଅର୍ଥନୈତିକ ଜୀବନରେ ନୂତନ ଜୀବନୀ ପ୍ରବେଶ କରିଛି ।

ସାମାଜିକ ସଂଗଠନ

ସାମାଜିକ ସଂଗଠନ ବିଷୟରେ ସବୁଠାରୁ ଲକ୍ଷ୍ୟ କରିବାର କଥା ଏହି ଯେ ଅବିବାହିତ ଯୁବକ ଓ ଅବିବାହିତା ଯୁବତୀମାନଙ୍କର ମଣ୍ଡ ଘର ପ୍ରଥା (ମଣ୍ଡ ଘର—ଯେଉଁ ଘରେ ଅବିବାହିତ ଯୁବକ ଓ ଅବିବାହିତା ଯୁବତୀମାନେ ଶୁଅନ୍ତି ଓ ଆମୋଦ ପ୍ରମୋଦ କରନ୍ତି) ପୂରାପୂରି ଉଠିଗଲାଣି । କାଳାରେ ଅନ୍ୟ ସ୍ଥାନମାନଙ୍କରେ ମଣ୍ଡଘର ପ୍ରଥା ଥିଲେ ମଧ୍ୟ କର୍ଣ୍ଣିତ ଗ୍ରାମରେ ଓ ନିକଟବର୍ତ୍ତୀ କାଇମୁ ଗ୍ରାମରେ ଏହାର ଚିହ୍ନ ସୁଦ୍ଧା ନାହିଁ ।

ଏକ ସମୟରେ ଏହି ଅନୁଷ୍ଠାନ ଯୁବକମାନଙ୍କୁ ଶିକାର ଶିକ୍ଷା ଦେବା ବିଷୟରେ ଖୁବ୍ ପ୍ରୟୋଜନୀୟ ଥିଲା । ଏଥିରେ ଯୁବକ ଯୁବତୀ ମାନଙ୍କୁ ଯୌନଶିକ୍ଷା ମଧ୍ୟ ଦିଆଯାଉଥିଲା—ଯାହାର ଉଦ୍ଦେଶ୍ୟ ଥିଲା ପ୍ରଜନନ କ୍ରିୟାର ଶିକ୍ଷା ଦ୍ୱାରା ଶିକାରୀ-ମାନଙ୍କର ସଂଖ୍ୟା ବୃଦ୍ଧି । ଏହା ଯୁବକ ସମାଜକୁ ସାମାଜିକ ଶିକ୍ଷାଦେଇ ସେମାନଙ୍କୁ ସାମାଜିକ ପ୍ରଥା ଓ ଆଦର୍ଶରେ ଅନୁପ୍ରାଣିତ କରିବାରେ ଏହା ଖୁବ୍ ସାହାଯ୍ୟ କରୁଥିଲା । ଏହି ଅନୁଷ୍ଠାନ କରିଆରେ କେତେକ ଧାର୍ମିକ ଓ ମନ୍ତ୍ରଗତ କାର୍ଯ୍ୟ ମଧ୍ୟ ହେଉଥିଲା ।

ଏହି ଅନୁଷ୍ଠାନ ଉଠିଯିବା ପରେ କେତେକ ଆନୁଷଙ୍ଗିକ ପରିବର୍ତ୍ତନ ମଧ୍ୟ ହୋଇଛି । ମଣ୍ଡଘରଗୁଡ଼ିକର ଚିହ୍ନ ଅସ୍ତିତ୍ୱ ମଧ୍ୟ ନାହିଁ । ଯୁବକମାନେ ଶିକାର ଓ ସାମାଜିକ କର୍ତ୍ତବ୍ୟ ବିଷୟକ ଶିକ୍ଷା ଆଉ ପାଉ ନାହାନ୍ତି । ବର୍ତ୍ତମାନ "ମୁଣ୍ଡିଅ" ବା "ଧାଙ୍ଗଡ଼ା" (ଅବିବାହିତ ଯୁବକ) ଇତ୍ୟାଦି ଶବ୍ଦ ଗୁଡ଼ିକ ଅର୍ଥହୀନ ହୋଇପଡ଼ୁଛି । ମନ୍ତ୍ରପୂତ ମାଠିଅରୁ ଝରଣା ପାଣିରେ ଭର୍ତ୍ତିକରିବା ଓ କରଞ୍ଜି ଫଳ ତୋଳିବାର ବାର୍ଷିକ ଉତ୍ସବ ଇତ୍ୟାଦି ଆଉ ପାରମ୍ପରିକ ଭାବରେ ପାଳିତ ହେଉନାହିଁ ।

ଏଠାରେ ଗୋଟିଏ ପ୍ରଧାନ କଥା ଲକ୍ଷ୍ୟ କରିବାକୁ ହେବ ଯେ ମଣ୍ଡଘର କଥା ପଚାରିଲେ ଓରାଓଁ ମାନେ ସାଧାରଣତଃ ବିବ୍ରତ ହୋଇପଡ଼ନ୍ତି କାରଣ ଅଣ ଆଦିବାସୀ-ମାନେ ଓ ଯେଉଁ ଓରାଓଁ ମାନେ ଖ୍ରୀଷ୍ଟିଆନ ହୋଇଯାଇଛନ୍ତି ସେମାନେ ମଣ୍ଡଘରକୁ ଅନାଚାର କେନ୍ଦ୍ର ବୋଲି ଭାବନ୍ତି । ଶିକାରରୁ ଜୀବିକା ଅର୍ଜ୍ଜନ କରିବାର ପ୍ରଥା ଲୋପ ପାଇଥିବା ଦ୍ୱାରା ଏହି ଅନୁଷ୍ଠାନର ଆବଶ୍ୟକତା ଅନେକ ପରିମାଣରେ କମିଯାଇଥିଲେ ମଧ୍ୟ ମୁଁ ମନେ କରେ ଯେ, ସେଉଁ ଲୋକମାନଙ୍କ ସହ ଓରାଓଁମାନେ ଘନିଷ୍ଠ ସମ୍ପର୍କରେ ଆସନ୍ତି ସେମାନଙ୍କର ଘୃଣାହିଁ ଏହି ଅନୁଷ୍ଠାନ ପୂରାପୂରି ଲୋପ ପାଇଥିବାର ପ୍ରଧାନ କାରଣ ।

ଏହି ଗ୍ରାମର ପୁରୁଷମାନେ ୧୨ଟି ଗୋତ୍ର (clan) ର ଅନ୍ତର୍ଭୁକ୍ତ । ସ୍ତ୍ରୀର ଗୋତ୍ର ବିବାହ ପରେ ବଦଳେ ନାହିଁ । ଏଠି ଲକ୍ଷ୍ୟ କରିବାର କଥା ଯେ ପ୍ରାୟ ୧୧।୧୨ ଭାଗ ଲୋକେ ସେମାନଙ୍କ ନିଜସମ୍ପର୍କୀୟ ଜ୍ଞାତି, ବିଶେଷ କରି ସେମାନଙ୍କର ମା' ଓ ସ୍ତ୍ରୀମାନଙ୍କର ଗୋତ୍ର ମନେ କରି ପାରିଲେ ନାହିଁ । ଶରତଚନ୍ଦ୍ର ରାୟଙ୍କ ମତ (୭) ଏହି ଯେ ପ୍ରତ୍ୟେକ ଟୋଟେମୀୟ (ଟୋଟେମ—କୌଣସି ପଶୁ, ବୃକ୍ଷ ବା ଅନ୍ୟ ପଦାର୍ଥ ଯାହା ପବିତ୍ର ବା ଅମାନୁଷିକ ଶକ୍ତିର ପ୍ରତୀକରୂପେ ବ୍ୟବହୃତ ହୋଇଥାଏ) ଗୋତ୍ରର କେତେକଗୁଡ଼ିଏ ଟାବୁ (ନିଷିଦ୍ଧ ବ୍ୟବହାର) ଅଛି ଓ ଏଗୁଡ଼ିକ ଖୁବ୍ କଠୋର ଭାବରେ ପାଳିତ ହୁଏ । ଏହି ନିଷିଦ୍ଧ ବ୍ୟବହାର ଯୌନକ୍ରିୟା, ଖାଦ୍ୟ ଓ ଅନ୍ୟ କେତେକ ବିଷୟ ପ୍ରତି ପ୍ରଯୁଜ୍ୟ ହୁଏ । ଏଥିରୁ କିନ୍ତୁ ଅନେକ ଲୋକ ଗୋତ୍ର ନାମ ମନେ ନରଖିବାରୁ ଏକଥା ଜଣାପଡ଼େ ଯେ ଏହି ସବୁ ନିଷିଦ୍ଧ ବ୍ୟବହାର କେତେକ ପରିମାଣରେ କୋହଳ ହୋଇଯାଇଛି । କିନ୍ତୁ ଏବେ ମଧ୍ୟ ଜାତିପ୍ରଥା, ବିବାହ ଓ ଯୌନସମ୍ପର୍କ ପ୍ରଭୃତି ମୁଖ୍ୟ ସାମାଜିକ ଘଟଣାଗୁଡ଼ିକ ଟୋଟେମୀୟ ଗୋତ୍ରର ସଂଗଠନ ଦ୍ୱାରା ନିୟନ୍ତ୍ରିତ ହେଉଛି (୮) ।

ଧର୍ମ

ଆଶ୍ଚର୍ଯ୍ୟର କଥା ଯେ ଗ୍ରାମର ଅତି ନିକଟରେ ଖ୍ରୀଷ୍ଟିଆନ ମିଶନାରୀ ଚର୍ଚ୍ଚ ଅବସ୍ଥିତ ହୋଇଥିଲେ ମଧ୍ୟ ଗ୍ରାମର କେହି ଖ୍ରୀଷ୍ଟିଆନ ହୋଇ ନାହାନ୍ତି । ସମ୍ଭବତଃ ହିନ୍ଦୁମାନେ ଓରାଓଁମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନ ଏବଂ ଧର୍ମକୁ ଅତ୍ୟନ୍ତ ଗଭୀର ଭାବରେ ପ୍ରଭାବିତ କରିସାରିଲା ପରେ ଖ୍ରୀଷ୍ଟିଆନ୍‌ମାନେ ଏଠାକୁ ଆସିଥିଲେ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ତାନାଭଗତ ଆନ୍ଦୋଳନ (୯) ଓରାଓଁ ସମାଜକୁ ଆଲୋଡ଼ିତ କରିଥିଲା । ଲୋହାରଡ଼ାଗା ଓ ତାହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳମାନଙ୍କରେ ଏହି ଆନ୍ଦୋଳନ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ଏହାଦ୍ୱାରା ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିବା ବିରୁଦ୍ଧରେ ପ୍ରତିକୂଳ ମନୋବୃତ୍ତିର ସୃଷ୍ଟି ହୋଇଥିଲା ।

ଧାର୍ମିକ କ୍ଷେତ୍ରରେ ହିନ୍ଦୁ ପ୍ରଭାବ ବିଶେଷ ଭାବରେ ଅନୁଭୂତ ହୁଏ । ଜାତିଗତ ଓ ପରିବାରଗତ କାର୍ଯ୍ୟାନୁଷ୍ଠାନମାନଙ୍କରେ, ହିନ୍ଦୁମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା

---

(୭) ପୂର୍ବ ଉଲ୍ଲିଖିତ ପୁସ୍ତକ ପୃ ୩୬୮ରୁ ୩୭୫

(୮) ଏହି ପରିବର୍ତ୍ତନର କାରଣର ଅଧିକ ଅନୁସନ୍ଧାନ ଆବଶ୍ୟକ । ହୁଏତ କୌଣସି ବାହ୍ୟ ପ୍ରଭାବ ଦ୍ୱାରା ଏହା ନ ଘଟି ସ୍ୱାଭାବିକ ଭାବରେ ଆସିଯାଇଛି ।

(୯) ଜଣେ ଯାତ୍ରା ଓରାଓଁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ପ୍ରେତପୂଜା, ପଶୁବଳି, ମାଂସ ଓ ମଦ୍ୟ ଭକ୍ଷଣ ଇତ୍ୟାଦି ଦୂର କରିବା ଏହି ଆନ୍ଦୋଳନର ଲକ୍ଷ୍ୟ ଥିଲା । ହଳ କରିବା ଦ୍ୱାରା ବଳଦମାନଙ୍କ ପ୍ରତି ନିଷ୍ଠୁରତା ହେଉଛି ବୋଲି ତାହାକୁ ମଧ୍ୟ ଦୂର କରିବା ଏହି ଆନ୍ଦୋଳନର ଲକ୍ଷ୍ୟ ଥିଲା ।

ସିନ୍ଦୂର, ଧୂପ ଓ ଦୁବର ବିଶେଷ ପ୍ରଚଳନ ଦେଖାଯାଏ । ସିନ୍ଦୁରର ବ୍ୟବହାର ବହୁ ପୂର୍ବରୁ ପ୍ରଚଳିତ ଅଛି । ଏହାବାଦ ଯେଉଁ ନୂତନ ଜିନିଷଗୁଡ଼ିକର ବ୍ୟବହାର ପ୍ରଚଳିତ ହୋଇଛି ତାହାର ତାଲିକା ନିମ୍ନରେ ଦିଆଗଲା:—

କ୍ରମିକ ସଂଖ୍ୟା	ପର୍ବର ନାମ		ଅନ୍ୟଠାରୁ ଗ୍ରହଣ କରିଥିବା ପଦାର୍ଥ	ମନ୍ତବ୍ୟ
	ଜାତିଗତ	ପରିବାରଗତ		
୧ ।	"ଖାଦୀ" ବା "ସାରହୁଲ୍"	...	ଝୁଣା, ଲାଲ୍ କପାସୂତା	
୨ ।	"ହରିହାରି" ବା "ଗଇରାହି"	...	ଦୁବ	
୩ ।	"ଦେଶୀମାଣ୍ଡି" ଓ "ମହାଦେଓ" ଙ୍କ ପୂଜା	...	ଗୋବରଗୋଳା ପାଣି—ପୂଜାର ସ୍ଥାନକୁ ପବିତ୍ର କରିବାକୁ ବ୍ୟବହୃତ ହୁଏ	
୪ ।	"କରମ"	...	ଦୁବ	
୫ ।	...	"ଗୋଏଖାଲି"	ଦୁବ ଓ ଧୂପ	
୬ ।	...	"ଖରିହାଣି"	ଗୋବରଗୋଳା ପାଣି	

ଗ୍ରାମର ପଶ୍ଚିମରେ ଟିକେ ଅମ୍ବ ତୋଟାରେ ନିମ୍ନଲିଖିତ ଦେବତାମାନେ ପ୍ରତିଷ୍ଠିତ ହୋଇଛନ୍ତି—"ଚଳପାଟ୍ଟେ" (ଗ୍ରାମର ମୁଖ୍ୟ ଅଶରୀରୀ ଦେବତା, "ଚଣ୍ଡୀ" (ହିନ୍ଦୁମାନଙ୍କ କାଳୀ ବା ଚଣ୍ଡୀମାତାଙ୍କ ଅନୁକରଣରେ), "କାଦେଲତା" ପର୍ବର ମଣ୍ଡପ ଓ ତା ନିକଟ "ଦେଶୀ-ମରହପ" (ଦେଶୀ-ମାଣ୍ଡି ହେଉଛନ୍ତି ହିନ୍ଦୁ 'ପାର୍ବତୀ'ଙ୍କର ଅନୁରୂପ), "ମହାଦେଓ" (ମହାଦେବଙ୍କର ଗୋଲ୍ ମଣ୍ଡପ ବାନ୍ଧି ଗୋଟିଏ ହିନ୍ଦୁ ଶିବଲିଙ୍ଗର ଅନୁରୂପ ଗୋଟିଏ ସୁନ୍ଦର ଲିଙ୍ଗ ଅଛି ।

ରାଜନୈତିକ ସଂଗଠନ

ଜମିଦାରୀ ପ୍ରଥାର ଲୋପ ଦ୍ୱାରା ଏହି କ୍ଷେତ୍ରରେ ଏକ ବିଶେଷ ପରିବର୍ତ୍ତନ ଘଟିଛି । ଏହା ପୂର୍ବରୁ ଗ୍ରାମ୍ୟ କର୍ମଚାରୀମାନଙ୍କ ମଧ୍ୟରେ "ମାହାତୋ"ମାନଙ୍କର ସ୍ଥାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ବର୍ତ୍ତମାନ ସେହି ଗୁରୁତ୍ୱ ଏକବାରେ କମିଯାଇଛି । ମାହାତୋମାନେ ଖଜଣା ଆଦାୟ କରିବାପାଇଁ ଜମିଦାରମାନଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି । ଗ୍ରାମର ପଞ୍ଚାୟତରେ ମାହାତୋମାନେ ଜମିଦାରର ପ୍ରତିନିଧିରୂପେ ବସନ୍ତି । ବର୍ତ୍ତମାନ ବିହାର ସରକାର ନିଜର କର୍ମଚାରୀମାନଙ୍କ ଦ୍ୱାରା ଖଜଣା ଆଦାୟ କରୁଛନ୍ତି । ଖଜଣା ଆଦାୟ ପାଇଁ ଗ୍ରାମର ପୂର୍ବ ଦିଗରେ ରାଞ୍ଚି-ଲୋହାରଡାଗା ରାସ୍ତାର କଡ଼ରେ ଗୋଟିଏ ଛୋଟ ଅଫିସ ସ୍ଥାପିତ ହୋଇଛି । ଜମିଦାରୀପ୍ରଥା ଓ ପରମ୍ପରାଗତ ପଞ୍ଚାୟତ ପ୍ରଥା ଯେପରି ଲୋପ ପାଇ

ଯାଇଛନ୍ତି "ମାହାତୋ" ପ୍ରଥା ଓରାଓଁମାନଙ୍କର ସାମାଜିକ ସଂଗଠନରୁ ଯେ ଅଚିରେ ଲୋପ ପାଇଯିବ ଏ କଥା ଖୁବ୍ ସ୍ୱାଭାବିକ ବୋଲି ବୋଧହୁଏ ।

ଆଇନ ଅଦାଲତ ଓ ପୋଲିସର କାର୍ଯ୍ୟପରିସର ବଢ଼ିବା ଦ୍ୱାରା ପଞ୍ଚାୟତର ପାରଂପରିକ ପ୍ରଥା କିପରି ଲୋପ ପାଇଯାଉଛି ସେ ସମ୍ପର୍କରେ ଗୋଟିଏ ଘଟଣା ନିମ୍ନରେ ବର୍ଣ୍ଣନା କରାଗଲା :—

ଅଠବର୍ଷ ତଳେ, ଯେତେବେଳେ ପଞ୍ଚାୟତ ଲୋପ ପାଇ ନ ଥିଲା, ସେତେବେଳେ ଏହାର ସଭ୍ୟ ରହିଥିଲେ "ପାହାନ" (ମୁଖ୍ୟ ପୁରୋହିତ), "ପଜାର" (ମୁଖ୍ୟ ପୁରୋହିତର ସାହାଯ୍ୟକାରୀ), "ମୁଣ୍ଡିଆ" (ଅବିବାହିତ ଯୁବକମାନଙ୍କର ମୁଖ୍ୟ) ଏବଂ ଛ' ଜଣ ବୟସ୍କ ଗ୍ରାମବାସୀ । ଘଟଣାଟି ଏହି ସମୟରେ ଘଟିଥିଲା ।

ଲକର୍ଣ୍ଣୀ ବୋଲି ଗୋଟିଏ ଲୋକର ଗୃହ ବର୍ଷ ବୟସର ଗୋଟିଏ ଝିଅ ହଠାତ୍ ମରିଗଲା । ରାଞ୍ଚି ଲୋହାରଡ଼ାଗା ରାସ୍ତା ସହିତ ଯେଉଁଠି ଗ୍ରାମ୍ୟ ରାସ୍ତା ମିଶିଛି ସେହି ସ୍ଥାନକୁ ସେ ସନ୍ଧ୍ୟାର କିଛି ସମୟ ପୂର୍ବରୁ ଖେଳିବାକୁ ଯାଇଥିଲା । ସେ ଫେରିଲା ବେଳକୁ 'ଅନ୍ଧାର ହୋଇଯାଇଥିଲା । ରାସ୍ତା କଡ଼ରେ ମଙ୍ଗରୁ ଓରାଓଁ ବୋଲି ଜଣେ ଲୋକର ଘର ନିକଟରେ ସେ ହଠାତ୍ ଡରିଲା ଓ ଘରକୁ ଦଉଡ଼ି ପଳାଇଗଲା । ଘରେ ପହଞ୍ଚି ସେ ମୂର୍ଚ୍ଛା ଯାଇ ପଡ଼ିଗଲା । ମୂର୍ଚ୍ଛା ଭାଙ୍ଗିଲା ପରେ ସେ ଖାଲି ଗୁଣୁଗୁଣୁ ହେବାକୁ ଲାଗିଲା । ତା ପରେ ସେ ପୁଣି ମୂର୍ଚ୍ଛା ଗଲା ଓ ଆଉ ତାର ଚେତା ଆସିଲା ନାହିଁ । ଶେଷରେ ତାର ମୃତ୍ୟୁ ଘଟିଲା । ତାହାର ମୃତ୍ୟୁରେ ପିତାମାତାଙ୍କର ସନ୍ଦେହ ହେଲା । ଲକର୍ଣ୍ଣୀ (ଝିଅର ବାପ) ତା ଝିଅର ଏପରି ଆଶ୍ଚର୍ଯ୍ୟଜନକ ମୃତ୍ୟୁର କାରଣ ବାହାର କରିବାକୁ ଜଣେ 'ଭଗତ' (୧୦) ପାଖକୁ ଗଲା । ଭଗତ ଏ କଥା ବାହାରକଲା ଯେ ଲକର୍ଣ୍ଣୀର ପଡ଼ୋଶୀ ମଙ୍ଗରୁ ଘରେ ଯେଉଁ ଭୂତ ରହେ ସେହି ଭୂତ ତାକୁ ମାରି ଦେଇଛି । ଭଗତ ଘରୁ ଫେରିଲା ବେଳେ ଲକର୍ଣ୍ଣୀ "ପାହାନ୍"କୁ ଭେଟିଲା ଏବଂ ତାକୁ ସବୁ କଥା କହିଲା । ସେ "ପୂଜାର" ଓ "ମାହାତୋ"କୁ ମଧ୍ୟ ଭେଟି ସବୁ କଥା କହିଲା । ସେମାନେ ସମସ୍ତେ "ଅଖଡ଼ା" ପାଖରେ ଗୁରୁବାର ଦିନ ଏକାଠି ହେବାକୁ କହିଲେ (ଅଖଡ଼ା—ଯେଉଁଠାରେ ନାଚ ହୁଏ ଓ ସବୁ ଲୋକେ ଏକାଠି ହୁଅନ୍ତି) ଓ ସେହିଠାରେ ଏହି ଘଟଣାର ମୀମାଂସା ହେବ ବୋଲି କହିଲେ । 'ପୂଜାର' ଗ୍ରାମର ଅନ୍ୟ ଲୋକମାନଙ୍କୁ ସଭାର ସମୟ ଓ ସ୍ଥାନ ବିଷୟରେ ଜଣାଇ ଦେଲା । ମଙ୍ଗରୁକୁ ମଧ୍ୟ ସେ ଦିନ ଉପସ୍ଥିତ ହେବାକୁ କୁହାଗଲା ।

---

(୧୦) "ଭଗତ" ବା "ସୋଖା"ର କାମ ହେଉଛି ଜଣେ ଲୋକକୁ "ମାଧ୍ୟମ" **(medium)** କରି ଡାହାଣୀର ନାମ ବାହାର କରିବା ଓ ରୋମାଞ୍ଚ କିମ୍ବା ଅନ୍ୟ ଦୁର୍ଘଟଣାର କାରଣ ବାହାର କରିବା ।

ନିର୍ଦ୍ଧାରିତ ଦିନ ପଞ୍ଚାୟତର ସମସ୍ତ ଲୋକ ଏକାଠି ହେଲେ । ଅଭିଯୁକ୍ତ ମଙ୍ଗରୁ ମଧ୍ୟ ଆସିଲା । ଲୋକମାନଙ୍କ ଭୁହାଭୁହିରୁ ସେ ଜାଣି ପାରିଥିଲା ତାକୁ କାହିଁକି ଡକା ହୋଇଛି । ଗ୍ରାମର ବହୁତ ଲୋକ କୌତୁହଳ ପରବଶ ହୋଇ ବିଚାର ସ୍ଥାନରେ ପାହାନ, ପୂଜାରି ଓ ମାହାତୋଙ୍କୁ ଘେରି ଠିଆ ହୋଇଥାଆନ୍ତି । ଅଭିଯୋଗକାରୀ ଲକ୍ଷ୍ମଣ ତାର ସମସ୍ତ ବକ୍ତବ୍ୟ ସବୁ ଲୋକଙ୍କ ସମ୍ମୁଖରେ ପ୍ରକାଶ କଲା । କିନ୍ତୁ ମଙ୍ଗରୁ କହିଲା, ଯେ ତା ଘରେ କୌଣସି 'ନାଜ୍' (ଦୁଷ୍ଟ ପ୍ରେତ) ନାହାନ୍ତି । ଏହାପରେ ପାହାନ, ମାହାତୋ ଓ ପଞ୍ଚାୟତର ଅନ୍ୟାନ୍ୟ ସଭ୍ୟମାନଙ୍କ ସହ ପରାମର୍ଶ କରି ସ୍ଥିର କଲେ ଯେ ମଙ୍ଗରୁ ପ୍ରକୃତରେ ଦୋଷୀ, ତେଣୁ ତାକୁ ଦଶ ଟଙ୍କା ଜୋରିମାନା କରାଗଲା ।

ମଙ୍ଗରୁ କିନ୍ତୁ କୌଣସି ଜୋରିମାନା ଦେବାକୁ ବା ତା ଘରୁ ପ୍ରେତକୁ ତଡ଼ିବାକୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ କରିବାକୁ ମନା କରିଦେଲା । ସେ କହିଲା ଯେ ତା ଘରେ କୌଣସି ପ୍ରେତ ନାହିଁ ବା ଅଭିଯୋଗକାରୀର ଝିଅକୁ ମାରି ନାହିଁ । ପଞ୍ଚାୟତର ସଭ୍ୟମାନେ ପୂର୍ବପୁରି ଏକମତ ହୋଇ ବିଚାର କରିଥିଲେ ମଧ୍ୟ ମଙ୍ଗରୁ ସେହି ବିଚାରକୁ ଅବଜ୍ଞା କରି ଦେଲା । ଏହାଦ୍ୱାରା ଖୁବ୍ ଉତ୍ତେଜନାର ସୃଷ୍ଟି ହେଲା । ଏକାଠି ହୋଇଥିବା ଲୋକମାନେ ଭୟଙ୍କର ଭାବରେ ରାଗିଗଲେ । ସେମାନେ ତାକୁ ବାଡ଼େଇ ମାରି ଦେବାକୁ ବାହାରିଲେ । ମଙ୍ଗରୁ ପଳେଇଯାଇ ତା ଘରେ ଲୁଚିଲା । ଗ୍ରାମବାସୀମାନେ ସବୁବେଳେ ତାକୁ ଜୀବନରେ ମାରି ଦେବାକୁ ଧମକାଇଲେ । ପାହାନ, ପୂଜାରି, ମାହାତୋ ଏବଂ ମୁଖିଆ ଖୁବ୍ ଚିଡ଼ିଯାଇଥିଲେ ଓ ଗ୍ରାମବାସୀମାନଙ୍କୁ କୌଣସି ପ୍ରକାର ବାଧା ଦେଇ ନ ଥିଲେ । ମଙ୍ଗରୁ ଓ ତାହାର ପରିବାରକୁ ସମାଜରୁ ବାସନ୍ଦ କରାଗଲା । ସେ ଏହା ଦେଖି ଲୋହାରଡାଗା ଥାନାକୁ ଯାଇ ଇତଲା ଦେଲା । ପୋଲିସ ତା ପରଦିନ ପହଞ୍ଚି ସମସ୍ତ ବିଷୟ ତଦନ୍ତ କଲା । ଏହା ଦ୍ୱାରା ପଞ୍ଚାୟତର ସଭ୍ୟମାନେ ଓ କେତେକ ଗ୍ରାମବାସୀ ଏତେ ଭୟ ପାଇଗଲେ ଯେ ସେମାନେ ନିକଟବର୍ତ୍ତୀ ଗ୍ରାମକୁ ପଳାଇଗଲେ । ଏହାପରେ ମଙ୍ଗରୁ ସବ୍ ମାଜିଷ୍ଟ୍ରେଟ କୋର୍ଟରେ ଗୋଟିଏ ମକଦ୍ଦମା ଦାଏର କଲା । ଏହି ମକଦ୍ଦମା ବର୍ଷକ ଯାଏଁ ଚାଲିଲା ଓ ପ୍ରାୟ ଦୁଇଶହ ଟଙ୍କା ଖର୍ଚ୍ଚ ହୋଇଗଲା । ପଞ୍ଚାୟତର ସଭ୍ୟମାନେ ସମାନ ଭାବରେ ଏହି ଖର୍ଚ୍ଚ ବହନ କଲେ । ଏହି ମକଦ୍ଦମାଟି ଅବଶେଷରେ ଡିସମିସ୍ ହୋଇଗଲା । କିନ୍ତୁ ଏହାପରେ ମଙ୍ଗରୁ ଗ୍ରାମର ସମସ୍ତ ସାମାଜିକ କାର୍ଯ୍ୟରୁ ଏକାବେଳକେ ଅଲଗା ହୋଇଗଲା ।

ଏତେଗୁଡ଼ାଏ ଟଙ୍କା ଖରଚ ହୋଇଯିବାରୁ ପଞ୍ଚାୟତର ସଭ୍ୟମାନଙ୍କ ମନରେ ଭୟ ଓ ବିରକ୍ତି ଆସିଗଲା । ଏହାପରେ ପଞ୍ଚାୟତ ସଭା ହେଲେ ସେମାନେ ଅନେକ ଖୁବ୍ ଜରୁରୀ କାମ ଅଛି ବା ସେହିପରି ଅନ୍ୟ କୌଣସି ବାହାନା ଦେଖାଇ ଯାଆନ୍ତି ନାହିଁ । ଉପରୋକ୍ତ ଘଟଣାଟି ଘଟିବା ପରେ ପଞ୍ଚାୟତର ଶକ୍ତିରେ ସମସ୍ତେ ବିଶ୍ୱାସ ହରାଇଲେ । ଏହି ଘଟଣା ପରେ ପଞ୍ଚାୟତ ସଭ୍ୟମାନେ ଅଳ୍ପ କେବେକେବେ ଏକାଠି ହୋଇ

ନାହାନ୍ତି । ଏଥିରୁ ଏକଥା ସ୍ପଷ୍ଟ ହେବ ଯେ ପୋଲିସ ଓ ଆଇନ ଅଦାଲତର ଶକ୍ତିସହ ପଞ୍ଚାୟତ ଶକ୍ତିର ସଂଘର୍ଷ ହେବା ଫଳରେ ପଞ୍ଚାୟତର ଅବସାନ ଘଟିଲା ।

ଏହିପରି ଭାବରେ ବାହ୍ୟ ପ୍ରଭାବ ଦ୍ୱାରା ବିଭିନ୍ନ ଦିଗରୁ ପରିବର୍ତ୍ତନର ଧାର ପ୍ରବେଶ କରୁଛି ଯାହାର ପ୍ରତିରୋଧ କରିବା ଗ୍ରାମବାସୀଙ୍କ କ୍ଷମତାର ବହିର୍ଭୂତ ।

ନିମ୍ନରେ ପରିବର୍ତ୍ତନର ଏକ ତାଲିକା ଦିଆଗଲା । ଏଥିରୁ ସ୍ପଷ୍ଟ ହେବ ଯେ ପରିବର୍ତ୍ତନ ଦ୍ୱାରା ହିନ୍ଦୁ ପ୍ରଭାବ ସବୁଠାରୁ ଅଧିକ ଭାବରେ ବଢ଼ୁଛି ।

ପରିବର୍ତ୍ତନକାରୀ		ପରିବର୍ତ୍ତନ
୧ । ହିନ୍ଦୁ	...	ବାସ୍ତବ କୃଷ୍ଟି (**Material culture**) (୧) ଘରର ଆକୃତ, (୨) ପୋଷାକ ଓ ଗହଣା ଏବଂ ସେଗୁଡ଼ିକର ସାମାଜିକ ମୂଲ୍ୟ, (୩) ଖାଦ୍ୟ (ଖାଦ୍ୟ ମୂଲ୍ୟ ନଥିବା ଜିନିଷର ପ୍ରଚଳନ, ଯଥା—ଗୁଣ୍ଡି, ଧୂଆଁ ପତ୍ର ଇତ୍ୟାଦି), (୪) ବାହନ ଭୂଷନ, (୫) ଘରର ଆସବାବ ପତ୍ର (ଛତା, କେରୋସିନ ଆଲୁଅ, ପ୍ଲାଷ୍ଟିକ ପାନିଆ ପ୍ରଭୃତିର ପ୍ରଚଳନ ହୋଇଛି) । ଅର୍ଥନୈତିକ ଜୀବନ (୬) ରୋଜଗାର (କଳକାରଖାନାରେ ହିନ୍ଦୁ ଲୋକମାନଙ୍କ ଉଦାହରଣରେ ଚାକିରୀ କରିବା ପ୍ରଚଳନ ହୋଇଛି) । ସାମାଜିକ ଜୀବନ (ଏହାସହ ଖ୍ରୀଷ୍ଟିଆନ ପ୍ରଭାବ ମଧ୍ୟ ମିଶିଛି) (୭) ସାମାଜିକ ଅନୁଷ୍ଠାନ (ଅବିବାହିତ ଯୁବକ ଓ ଯୁବତୀଙ୍କର "ମଣ୍ଡାଘର"ର ଲୋପ ଓ ଆନୁସଙ୍ଗିକ ପରିବର୍ତ୍ତନ) । ଧର୍ମ (୮) ପୂଜା (ହିନ୍ଦୁ ଧର୍ମରେ ବ୍ୟବହୃତ ପଦାର୍ଥର ପ୍ରଚଳନ) (୯) ମୂର୍ତ୍ତିପୂଜା (ଶିବଲିଙ୍ଗର ପ୍ରଚଳନ) ।
୨ । ମୁସଲମାନ	...	ବାସ୍ତବ କୃଷ୍ଟି (ଏଥିରେ ହିନ୍ଦୁ ପ୍ରଭାବ ମିଶିଛି) ଘରର ଆକୃତ, ଗହଣା (କାଚ ଗହଣାର ପ୍ରଚଳନ) ଖାଦ୍ୟ ଓ ଘରର ଆସବାବପତ୍ର ।
୩ । ଖ୍ରୀଷ୍ଟିଆନ	...	ସାମାଜିକ ଜୀବନ (ଏଥିରେ ହିନ୍ଦୁ ପ୍ରଭାବ ମିଶିଛି) ଅବିବାହିତ ଯୁବକଯୁବତୀମାନଙ୍କର ମଣ୍ଡାଘରର ଲୋପ ଓ ଆନୁସଙ୍ଗିକ ପରିବର୍ତ୍ତନ ।
୪ । ସରକାର	...	ରାଜନୈତିକ ସଂଗଠନ (୧୦) ରାଜନୈତିକ କର୍ମଚାରୀ (ମାହାତୋ ପଦବୀର ଗୁରୁତ୍ୱ ହ୍ରାସ) (୧୧) ରାଜନୈତିକ ଶକ୍ତି (ଗ୍ରାମପଞ୍ଚାୟତର ଲୋପ) ।

ପ୍ରବୃତ୍ତି, ପ୍ରକୃତି ଓ ବିବେକ

ଏନ୍: କେ: ବେହୁରା

ମନୁଷ୍ୟ ଇତର ପ୍ରାଣୀମାନଙ୍କଠାରୁ ବୁଦ୍ଧିମାନ, ଶକ୍ତି ଏବଂ ପ୍ରତ୍ୟେକ ଗୁଣରେ ଶ୍ରେଷ୍ଠ—ଏ ବିଷୟ କହିବା ଆଜି ଅନାବଶ୍ୟକ । କାରଣ ମନୁଷ୍ୟର ଶାରୀରିକ କ୍ରମ ବିକାଶ ହେବା ସଙ୍ଗେ ସଙ୍ଗେ ମଧ୍ୟ ତାହାର ସାଂସ୍କୃତିକ ଜୀବନ ବଢ଼ିଛି । ସୁଦୂର ପ୍ରସ୍ତର ଯୁଗରୁ ଆରମ୍ଭ କରି ବିଭିନ୍ନ ସ୍ତର ମଧ୍ୟ ଦେଇ ସେ ଆଜି **Sputnik** ଯୁଗରେ ପହଞ୍ଚି ପାରିଛି ।

ମନୁଷ୍ୟ ଜାତିର ଏକ ବିଶେଷ ବୈଶିଷ୍ଟ୍ୟ ଏହି ଯେ ଏହା କୌଣସି ଯୁଗରେ ଶାରୀରିକ ଏବଂ ସାଂସ୍କୃତିକ ସମତା ରକ୍ଷା କରି ପାରି ନାହିଁ । ଭୌଗଳିକ ପରିବେଷ୍ଟନୀ ସହିତ ପ୍ରତିଯୋଗିତା କରିବା ପାଇଁ ମନୁଷ୍ୟ ବିଭିନ୍ନ ସ୍ଥାନରେ ବିଭିନ୍ନ ସାଂସ୍କୃତିକ ବ୍ୟବସ୍ଥା ଅବଲମ୍ବନ କରିଛି । ଭୌଗଳିକ ପରିବେଷ୍ଟନୀ ଓ ଜଳବାୟୁ ତଦୁପରି ପ୍ରତିଯୋଗିତାମୂଳକ ପ୍ରଭାବ ପକାଇ ଥାଏ ମନୁଷ୍ୟ ଶରୀର ଉପରେ ।

ସୁସ୍ଥ ଓ ଅନୁକୂଳ ଜୀବନଯାପନ ପାଇଁ ମନୁଷ୍ୟ ଆଦିମ କାଳରୁ ଦଳ ଓ ଗୋଷ୍ଠୀଭୁକ୍ତ ହୋଇଛି । ସ୍ୱଭାବତଃ ମନୁଷ୍ୟ ନିର୍ଭରଶୀଳ । ଏହି ନିର୍ଭରଶୀଳତା ମନୁଷ୍ୟକୁ ଗୋଷ୍ଠୀବଦ୍ଧ କରାଇଛି । ପ୍ରତି ଗୋଷ୍ଠୀର ଏକ ନିର୍ଦ୍ଦିଷ୍ଟ ସଂସ୍ଥା ଅଛି । ଏହି ସଂସ୍ଥା ବିଶେଷତଃ ପ୍ରଚଳିତ ପ୍ରଥା ଅଟେ । ଏହା ଲିଖିତ କାନୁନ ନୁହେଁ । ଏକ ଗୋଷ୍ଠୀର ସଂସ୍ଥା ଅନ୍ୟ ଏକ ଗୋଷ୍ଠୀର ସଂସ୍ଥାର ଅବିକଳ ପ୍ରତିରୂପ ହୋଇ ପାରେ ନା । ଧରାପୃଷ୍ଠରେ ଅନେକ ମାନବ ସମାଜ ଅଛି ଯେଉଁଠି ଏକକାଳୀନ ଏକାଧିକ ପତ୍ନୀ ଗ୍ରହଣ ବ୍ୟବସ୍ଥା ପ୍ରଚଳିତ ଅଛି । କିନ୍ତୁ ଏକ ପତ୍ନୀ ଗ୍ରହଣ କରୁଥିବା ସମାଜ ପକ୍ଷରେ ଏହା ନିଶ୍ଚୟ ଅଶୋଭନୀୟ ଏବଂ ଘୃଣ୍ୟ । ଏହିପରି ଅନେକ ପ୍ରଥା ଅଛି ଯାହା ଏକ ପକ୍ଷରେ ସୁନ୍ଦର, ତାହା ଅନ୍ୟ ପକ୍ଷରେ ଅସୁନ୍ଦର ଓ ଅଗ୍ରହଣୀୟ ଅଟେ । କିନ୍ତୁ ଆଜି ଯେ କୌଣସି ଗୋଷ୍ଠୀ ବା ସମ୍ପ୍ରଦାୟରେ ଏକ ମା ଗର୍ଭରୁ ଜନ୍ମିତ ଭାଇ ଓ ଭଉଣୀ, ମାଆ ଓ ପୁଅ ବା ବାପ ଏବଂ ଝିଅ ଭିତରେ ଯୌନ ସଙ୍ଗମକୁ ଦୃଢ଼ଭାବେ ସାମାଜିକ ସଂସ୍ଥାଦ୍ୱାରା ବନ୍ଦ କରାଯାଇ ଅଛି । ଅବହମାନକାଳରୁ ମାନବ ଜାତି ଉପରେ ଦୃଷ୍ଟିପାତ କଲେ ଜଣାଯାଏ ଯେ ମନୁଷ୍ୟ ପ୍ରଥମେ ପଶୁବତ୍ ଥିଲା । କ୍ରମଶଃ ସେ ଭ୍ରମ ଓ ପ୍ରଚେଷ୍ଟା ଦ୍ୱାରା ଆଜି ଏ ଉନ୍ନତ ସ୍ତରକୁ ଆସି ପାରିଛି ।

କେତେଗୋଟି ଦୃଷ୍ଟାନ୍ତ ଆଲୋଚନା କଲେ ଜଣାଯିବ ଯେ ମନୁଷ୍ୟ କାହିଁକି ଆତ୍ମୀୟସ୍ୱଜନମାନଙ୍କ ମଧ୍ୟରେ ବିବାହ ପ୍ରଥା ତଥା ଯୌନସଙ୍ଗମକୁ ପରିତ୍ୟାଗ କରିଛି । ଅବଶ୍ୟ ଏହାର ବ୍ୟତିକ୍ରମ ଦେଖାଯାଏ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ବିଶେଷତଃ ସ୍ଥାନ ବିଶେଷରେ ।

ପୁରାକାଳରେ ଆଦିମ ଲୋକମାନଙ୍କ ମଧ୍ୟରେ କୁଟୁମ୍ବ, ଜାତି, ଗୋଷ୍ଠୀ ଏବଂ ସମ୍ପ୍ରଦାୟ ପ୍ରଭୃତି ଭିନ୍ନ ଭିନ୍ନ ସ୍ତର ନ ଥିଲା । ସେମାନେ ଏକତ୍ର ବସବାସ କରୁଥିବା ସମସ୍ତ ଲୋକଙ୍କୁ ନିଜର ଆତ୍ମୀୟ ସ୍ୱଜନ ବୋଲି ମନେ କରୁଥିଲେ । ତେଣୁ ଏକ ଦଳ ମଧ୍ୟରେ ନିକଟ ଓ ଦୂର ରକ୍ତ-ସମ୍ପର୍କ ମଧ୍ୟରେ କୌଣସି ପ୍ରଭେଦ ନ ଥିଲା । କିନ୍ତୁ ପ୍ରତି ଦଳର ଗୋଟିଏ ବଂଶ ଚିହ୍ନ ବା ଗୋତ୍ର ଥିଲା । ଗୋତ୍ର ଅନୁସାରେ ଜନ୍ମିତ ଶିଶୁର ମାତୃଦଳ ସହିତ କୌଣସି ପ୍ରକାର ବୈବାହିକ ସଂପର୍କ ସ୍ଥାପିତ ହୋଇ ପାରୁ ନ ଥିଲା । ଅର୍ଥାତ୍ ମାତୃଦଳ ସହିତ କୌଣସି ପ୍ରକାର ଯୌନ ସଂଗମକୁ ଅନୁମୋଦନ କରାଯାଉ ନ ଥିଲା ଏବଂ ଏକ ସମୟରେ କୌଣସି ପୁରୁଷ ନିଜର ପିଉସୀ ଓ ମାଉସୀ ଝିଅ ଭଉଣୀଙ୍କୁ ପତ୍ନୀ ରୂପେ ଗ୍ରହଣ କରି ପାରୁ ଥିଲା ଯଦି ତାର ବାପା ଓ ମାମୁଁଙ୍କର ଗୋତ୍ର ଭିନ୍ନ ଭିନ୍ନ ହୋଇଥାଏ । ଏଣୁ ସ୍ୱାମୀ ଓ ସ୍ତ୍ରୀ ଦୁଇ ଜଣଙ୍କର ଗୋତ୍ର ତଫାତ୍ ହୋଇଥାଏ । ଯେଉଁ ଗୋଷ୍ଠୀରେ ପୁରୁଷ ବିବାହ ପରେ ସ୍ତ୍ରୀର ଗୃହରେ ରହୁଥିଲା, ସେଠାରେ ସେମାନଙ୍କର ସନ୍ତାନସନ୍ତତି ମାତୃ ଗୋତ୍ରଭୁକ୍ତ ହେଉଥିଲେ ଏବଂ ଯେଉଁଠାରେ ସ୍ତ୍ରୀ ବିବାହ ପରେ ସ୍ୱାମୀ ଗୃହକୁ ଯିବା ପ୍ରଥା ପ୍ରଚଳିତ ଥିଲା, ସେଠାରେ ସେମାନଙ୍କର ସନ୍ତାନ ସନ୍ତତିମାନେ ପିତୃ ଗୋତ୍ରଭୁକ୍ତ ହେଉଥିଲେ । ଉପରୋକ୍ତ ନିୟମକୁ ପର୍ଯ୍ୟାଲୋଚନା କଲେ ଧାରଣା କରେ, ଯେ ପିତା ନିଜର କନ୍ୟାକୁ ସ୍ତ୍ରୀ ଭାବେ ଗ୍ରହଣ କରି ପାରେ, ଯେଉଁଠାରେ ସନ୍ତାନସନ୍ତତିମାନେ ମାତୃ ଗୋତ୍ରଭୁକ୍ତ ହୁଅନ୍ତି ଏବଂ ଏହି ଭାବେ ମାଆ ମଧ୍ୟ ନିଜର ପୁତ୍ରକୁ ସ୍ୱାମୀ ରୂପେ ଗ୍ରହଣ କରିପାରେ, ଯେଉଁଠାରେ ସନ୍ତାନସନ୍ତତି-ମାନେ ପିତୃ ଗୋତ୍ରଭୁକ୍ତ ହୁଅନ୍ତି । କିନ୍ତୁ ଏଭଳି ଦୃଷ୍ଟି ଭୀଷଣ ଅନ୍ୟାୟ । ଦୁନିଆଁରେ କ୍ୱଚିତ୍ କେଉଁଠାରେ ବ୍ୟତିକ୍ରମ ଦେଖାଯାଏ ଏବଂ ଏହା ମଧ୍ୟ ନିର୍ଦ୍ଧାରିତ ନିୟମର ଏକ ବ୍ୟତିକ୍ରମ । ଏକଦା ଏହା ଆଫ୍ରିକା ମହାଦେଶସ୍ଥ କେତେକ ଆଦିମ ଜାତିଙ୍କ ମଧ୍ୟରେ ହୁଏତ ଘଟୁଥିଲା ।

ଭାଇଭଉଣୀ ବିବାହ ପ୍ରଥା ପୁରାତନ ମିଶରୀୟ ସମ୍ଭ୍ରାନ୍ତ ବଂଶ ଓ ଉତ୍ତର ଆମେରିକା ଉପକୂଳସ୍ଥ ବାସିନ୍ଦାମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା । ମଧ୍ୟପ୍ରାଚ୍ୟରେ ବିଶେଷତଃ ମୁସଲମାନ ଧର୍ମାବଲମ୍ବୀ ଲୋକମାନଙ୍କ ମଧ୍ୟରେ ଅନେକ ଅଂଶରେ ପ୍ରଚଳନ ଥିଲା । ସଭ୍ୟତାର ଅଗ୍ରଗତି ସଙ୍ଗେ ସଙ୍ଗେ ଏତାଦୃଶ ପ୍ରଥା ପ୍ରତି ଭୀଷଣ ପ୍ରତିକ୍ରିୟା ସୃଷ୍ଟି ହେଲା ଏବଂ ଏହିପରି ସମ୍ପର୍କକୁ ନିଷିଦ୍ଧ ବୋଲି ବିଭିନ୍ନ ସଭ୍ୟ ମାନବଗୋଷ୍ଠୀ ଘୋଷଣା କଲେ । ଏହା ପ୍ରତି ମଧ୍ୟ କଠୋର ସାମାଜିକ ବ୍ୟବସ୍ଥା ବିଧାନ କଲେ । ଅବୈଧ ସଙ୍ଗମ ସର୍ବଦା ରକ୍ତ ସମ୍ପର୍କ ସହିତ ସଂଶ୍ଳିଷ୍ଟ, କାରଣ ଅଦ୍ୟାବଧି ଆଫ୍ରିକା ମହାଦେଶସ୍ଥ କେତେକ ଆଦିମ ଜାତିଙ୍କ ମଧ୍ୟରେ ପିତୃ ବିୟୋଗ ପରେ ନିଜର ଜନ୍ମିତ ମା ବ୍ୟତୀତ ମୃତ ପିତାଙ୍କର ଅନ୍ୟାନ୍ୟ ବିଧବା ସ୍ତ୍ରୀମାନଙ୍କୁ ସ୍ତ୍ରୀ ରୂପେ କୌଣସି ପୁତ୍ର ଗ୍ରହଣ କରି ପାରେ ।

କୌଣସି ପ୍ରକାର ସମ୍ପର୍କ ନ ଥିବା ପୁରୁଷ ବା ସ୍ତ୍ରୀକୁ ବିବାହ ସାଥୀରୂପେ ଗ୍ରହଣ କରା ଯାଇଥାଏ । ଏହାର ମନସ୍ତାତ୍ତ୍ୱିକ ଓ ଜୀବତାତ୍ତ୍ୱିକ କାରଣ ଅଛି ।

ନିକଟ ରକ୍ତସମ୍ପର୍କୀୟ ସଙ୍ଗମରୁ ଜନ୍ମିତ ସନ୍ତାନସନ୍ତତି ଦୁର୍ବଳ ଓ କ୍ଷୀଣକାୟ ହୁଅନ୍ତି । ଜନ୍ମିତ ଶିଶୁମାନେ ଅଳ୍ପାୟୁ ଓ ବିକଳାଙ୍ଗ ହୁଅନ୍ତି । କିନ୍ତୁ ରକ୍ତର ସମ୍ପର୍କ ନ ଥିବା ପୁରୁଷ ଓ ସ୍ତ୍ରୀମାନଙ୍କ ସଙ୍ଗମରୁ ଜନ୍ମିତ ଶିଶୁ ଅଧିକ ଶକ୍ତିଶାଳୀ ଓ ଦୀର୍ଘାୟୁ ହୁଅନ୍ତି । ଶରୀରତତ୍ତ୍ୱବିତ୍ ଓ ପ୍ରାଣୀ ବିଜ୍ଞାନବିତ୍ ମାନେ ପ୍ରମାଣ କରି ଦେଖାଇଛନ୍ତି, ବହିର୍ଜାତି ଓ ବହିର୍ଗୋଷ୍ଠୀ ବିବାହ ମିଳନରୁ ଜନ୍ମିତ ଶିଶୁମାନେ ସୁନ୍ଦର, ବୁଦ୍ଧିମାନ୍ ଓ ଦୀର୍ଘାୟୁ ହୋଇଛନ୍ତି । ଏତଦ୍‌ବ୍ୟତୀତ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଆଲୋଚନା କଲେ ଜଣାଯାଏ ଯେ ରକ୍ତ ସମ୍ପର୍କ ସଂଗମ ସମାଜର ଶାନ୍ତିସମୃଦ୍ଧି ପକ୍ଷରେ ଭୀଷଣ କ୍ଷତିକାରକ । **Westermark**ଙ୍କ ବିବୃତିରୁ ଜଣାଯାଏ ପ୍ରାକୃତିକ ନିର୍ବାଚନରେ ନିଷିଦ୍ଧ ସଙ୍ଗମ ପ୍ରଚଳନ କରିଥିବା ଗୋଷ୍ଠୀ ବା ଜାତି କାଳକ୍ରମେ ପୃଥିବୀ ପୃଷ୍ଠରୁ ସମ୍ପୂର୍ଣ୍ଣରୂପେ ନିର୍ବାପିତ ହୋଇଗଲେ । ଏକ ଗୃହରେ ବା ଏକ ସ୍ଥାନରେ ବାସ କରୁଥିବା ପୁରୁଷ ଓ ସ୍ତ୍ରୀମାନଙ୍କ ମଧ୍ୟରେ ଯୌନ ଲିପ୍ସା ପରସ୍ପର ପ୍ରତି ନ ଥାଏ । **Antipathy to sex relations, sex dullardness** । ଯାହାହେଉ ସୃଷ୍ଟିର ପ୍ରାରମ୍ଭରେ ଅବାଧ ମିଳାମିଶା ପ୍ରଚଳିତ ଥିଲା । କିନ୍ତୁ କାଳକ୍ରମେ ଏହା ଅପସାରିତ ହୋଇଛି ।

ଆଦିମ ସମାଜରେ ପ୍ରତ୍ୟେକ ପୁରୁଷର ଗୋଟିଏ ନିର୍ଦ୍ଦିଷ୍ଟ ସ୍ତ୍ରୀ ଥିଲା ବା ତାର ଅନ୍ତର୍ଭୁକ୍ତ କୌଣସି ଏକ ସଂଖ୍ୟା ଲଘିଷ୍ଠ ଦଳରେ ପରିବେଷ୍ଟିତ ଥିଲା । ତନ୍ମଧ୍ୟରୁ ସେ ନିର୍ବାଚିତ ସ୍ତ୍ରୀକୁ ପ୍ରକୃତ ସ୍ତ୍ରୀ ବୋଲି ସମ୍ମାନ ଦେଉଥିଲା, କିନ୍ତୁ ଅତ୍ୟଧିକ ଗୃହ ଓ ବହିର୍କାର୍ଯ୍ୟ ସମ୍ପାଦନ ନିମିତ୍ତ ପ୍ରକୃତ ସ୍ତ୍ରୀ ଅକ୍ଷମ ହେବାରୁ ଅନ୍ୟ ଏକ ଦଳରୁ ବଳପୂର୍ବକ କୌଣସି ସ୍ତ୍ରୀକୁ ଅପହରଣ କରି ତାହାକୁ "କାମିକା ସ୍ତ୍ରୀ" ରୂପେ ଗ୍ରହଣ କରି ଯାଉଥିଲା । ଅନେକ କ୍ଷେତ୍ରରେ ଏକ ପୁରୁଷ ଅନ୍ୟ ଏକ ଦଳର ସ୍ତ୍ରୀ ପ୍ରତି ଆକର୍ଷିତ ହୋଇ ତାହାକୁ ଜୀବନସାଥୀରୂପେ ବରଣ କରୁଥିଲା । ଏଥିରୁ ଜାଣିବାର ବିଷୟ ଏହି ଯେ ନିଜର ଦଳ ବା ଗୋଷ୍ଠୀର ବାହାରୁ ଅଣା ଯାଇଥିବା ସ୍ତ୍ରୀର ସନ୍ତାନସନ୍ତତି ଗୋଷ୍ଠୀ ମଧ୍ୟସ୍ଥ କୌଣସି ସନ୍ତାନସନ୍ତତିଠାରୁ ସୁନ୍ଦର ଓ ଶକ୍ତିବାନ୍ ହେଉଥିଲେ । ଏଣୁ ଅସଂପୃକ୍ତ ଗୋଷ୍ଠୀରୁ ସ୍ତ୍ରୀ ଗ୍ରହଣ କରିବା ପ୍ରଥା ଆଦିମ ଯୁଗରୁ ହିଁ ଗଢି ଉଠିଛି । ଏଥିରେ ବୈଜ୍ଞାନିକ ବା ବାସ୍ତବ ଭାବ ଯେତେ ଅଛି, ତାହାଠାରୁ ମନସ୍ତାତ୍ତ୍ୱିକ ଭାଗ ବେଶୀ ଅଛି ।

ସମଗ୍ର ମାନବ ଜାତି ପାଇଁ ପତ୍ନୀ ମନୋନୟନ ପ୍ରଥା ଏକ ଧରଣର ନୁହେଁ । ବିଭିନ୍ନ ଗୋଷ୍ଠୀରେ ପତ୍ନୀ ମନୋନୟନ ପ୍ରଥା ବିଭିନ୍ନ ଧରଣର । ରକ୍ତ ସମ୍ପର୍କୀୟ ବନ୍ଧୁବର୍ଗ ମଧ୍ୟରୁ କାହାକୁ ପତ୍ନୀରୂପେ ଗ୍ରହଣ କରାଯାଇ ପାରିବ, ତାହା ସମାଜର ମୌଳିକ ଏବଂ ନୈତିକ ନୀତି ଉପରେ ନିର୍ଭର କରେ । ଯେଉଁଠାରେ ନିକଟ ରକ୍ତସମ୍ପର୍କୀୟ ବନ୍ଧୁବର୍ଗ ମଧ୍ୟରୁ ପତ୍ନୀ ଗ୍ରହଣ କରିବା ପ୍ରଥା ପ୍ରଚଳିତ ଅଛି, ସେଠାରେ ସାଧାରଣତଃ ମାମୁଁ ଝିଅ ଭଉଣୀ ଓ ପିଉସୀ ଝିଅ ଭଉଣୀକୁ ଉତ୍କର୍ଷ ବିବାହ-ସାଥୀ ରୂପେ ବିବେଚନା କରି ଯାଇଥାଏ । ଏହା କେବଳ କେତେକ ଆଦିମ ଜାତି ବାହୁଁକ, ଅନେକ ସଭ୍ୟ ସମାଜ ତଥା ହିନ୍ଦୁ ଧର୍ମର ଅନେକ ଜାତି ମଧ୍ୟରେ ପ୍ରଚଳିତ । ଏତଦ୍‌ବ୍ୟତୀତ ଅଷ୍ଟ୍ରିକାସ୍ଥ

ଆଦିବାସୀ ମଧ୍ୟରେ ସ୍ତ୍ରୀର ଭାଇର ସ୍ତ୍ରୀଅକୁ, ଅନ୍ୟ ଏକ ଜାତିରେ ମାମୁଁଙ୍କର ବିଧବା ପତ୍ନୀକୁ ସ୍ତ୍ରୀରୂପେ ଗ୍ରହଣ କରି ପାଇଥାଏ। ଅଧିକନ୍ତୁ ପତ୍ନୀ ଗ୍ରହଣର ଅନ୍ୟ ଦୁଇଟି ବ୍ୟବସ୍ଥା ଅଛି, ଯଥା ସ୍ତ୍ରୀର ଜୀବିତ ବା ମୃତ ଅବସ୍ଥାରେ ତାହାର କନିଷ୍ଠା ଭଗ୍ନୀକୁ ସ୍ତ୍ରୀ ରୂପେ ଗ୍ରହଣ କରାଯାଏ। ବଡ଼ ଭାଇର ବିଧବା ପତ୍ନୀକୁ ପତ୍ନୀ ରୂପେ ଗ୍ରହଣ କରାଯାଏ। କିନ୍ତୁ ଅସଂପୃକ୍ତ ନାରୀକୁ ପତ୍ନୀରୂପେ ଗ୍ରହଣ କରିବା ପ୍ରଥା ବଢ଼ିଲ। ଏହାର କାରଣ ଅନେକ ଅଛି। ପ୍ରଥମତଃ ସମ୍ପୃକ୍ତ ଦମ୍ପତିଙ୍କ ମଧ୍ୟରେ ସନ୍ତାନ ଉତ୍ପାଦନ କେବଳ ଯେ ଶିଶୁମାନଙ୍କ ପକ୍ଷରେ କ୍ଷତିକାରକ ତାହା ନୁହେଁ, ଏହା ପୂର୍ବବର୍ତ୍ତୀ ବଂଶଧର ତଥା ସାମାଜିକ ଜୀବନର ଶାନ୍ତି ଓ ଶୃଙ୍ଖଳା ପକ୍ଷରେ କ୍ଷତିକାରକ। ଦ୍ୱିତୀୟତଃ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଜଣେ ଅସମ୍ପର୍କୀୟ ନାରୀକୁ ଜୀବନସାଥୀ କରିବାର ଲିପ୍ସା ଅନେକ ବେଶୀ, ତୃତୀୟତଃ ସାମାଜିକ ପ୍ରତିବନ୍ଧ ଏବଂ ଲଜ୍ଜିନା ନିଳଃ ରକ୍ତସମ୍ପର୍କୀୟ ବ୍ୟକ୍ତି ସହିତ ଦାମ୍ପତ୍ୟ ଜୀବନର ଅନ୍ତରାୟ ହୁଏ। ସେଥିରେ ଆଦିମ କାଳରେ ଅନ୍ୟ ଏକ ଗୋଷ୍ଠୀରୁ ବଳ ପ୍ରୟୋଗ ପୂର୍ବକ ସ୍ତ୍ରୀ ଅଣିବା ଏକ ସାହସିକତା ଏବଂ ବୀରତ୍ୱର ପରିଚୟ ଦେବା ସଙ୍ଗେ ସଙ୍ଗେ ନିଜ ସମାଜରେ ସମ୍ମାନ ଓ ଖ୍ୟାତି ଆଣି ଦେଉଥିଲା। ଏ ବିଷୟରେ ବିଶଦ ଆଲୋଚନା କଲେ ଜଣାଯାଏ ଯେ ଧନୀ, ମାନୀ, ଉନ୍ନତ ଓ ଶକ୍ତିଶାଳୀ ଗୋଷ୍ଠୀରେ ନିଷିଦ୍ଧ ଅବୈଧ ଯୌନ ସଙ୍ଗମ ନିବାରଣ ଅତି ଦୃଢ଼। ଏହି ଧରଣର ଗୋଷ୍ଠୀ ବଳପ୍ରୟୋଗ, ଧନବଳ ଏବଂ ମିତ୍ରତା ସ୍ଥାପନ ଦ୍ୱାରା ଅନ୍ୟ ଏକ ଗୋଷ୍ଠୀରୁ ସ୍ତ୍ରୀ ଗ୍ରହଣ କଲେ, ପରିଣାମରେ ନିଜ ଗୋଷ୍ଠୀ-ମଧ୍ୟରେ ଶାନ୍ତି ଶୃଙ୍ଖଳା ଓ ସାମ୍ୟନୀତି କାଳକ୍ରମେ ଅତି ଘନିଷ୍ଠ ହୋଇ ଉଠିଲା। ଯେଉଁ ସମାଜ ଉପରୋକ୍ତ ନୀତି ଅବଲମ୍ବନ ନକଲେ ସେଠାରେ ଅଶାନ୍ତି, ଈର୍ଷା, ବିଦ୍ୱେଷ ଏବଂ ହତ୍ୟା ଲାଗି ରହିଲା। କାରଣ ସବୁ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ତ୍ରୀର ପ୍ରଣୟପ୍ରାର୍ଥୀ ଭାଇପୁ ପିତା ଓ ପୁତ୍ର କିମ୍ବା ଭାଇ ଭାଇ ହୁଅନ୍ତି ତା'ହେଲେ ରକ୍ତପାତ ସହଜେ ଅନୁମେୟ। ଏହା ଦ୍ୱାରା କେବଳ ପାରିବାରିକ ଶାନ୍ତିଶୃଙ୍ଖଳା ତଥା ମାନସିକ ବିଗ୍ରହ ସମ୍ପନ୍ନ ଜୀବନ ନଷ୍ଟ କରି ପଶୁତ୍ୱକୁ ଆହ୍ୱାନ ଦିଆଯାଏ।

ମନୁଷ୍ୟର ମାନବିକତା ବିକାଶ ନିମିତ୍ତ ଓ ଇତର ପ୍ରାଣୀମାନଙ୍କ ଠାରୁ ତା'ର ଶ୍ରେଷ୍ଠତା ରକ୍ଷା କରିବା ପାଇଁ ନିଷିଦ୍ଧ ଯୌନ ସଙ୍ଗମକୁ ତିରସ୍କାର ସହିତ ଦୂଷଣ ଭାବେ ବହିଷ୍କାର କରାଯାଇଛି। ନଚେତ୍ ମାନବ ସମାଜର ଗଠନ କିଭଳି ଧରଣର ହୋଇଥାନ୍ତା। କିନ୍ତୁ ଏହି ନିୟମର ବ୍ୟତିକ୍ରମ ଐତିହାସିକ ଯୁଗରେ ଥିଲା ଏବଂ ବର୍ତ୍ତମାନ ମଧ୍ୟ କେତେକ ସ୍ଥାନରେ ଅଛି। ସଭ୍ୟତା ଉପରେ ସଭ୍ୟତା ଗଢ଼ି ଉଠୁଛି। କିନ୍ତୁ କୌଣସି କ୍ଷେତ୍ରରେ ଏହା ମାନବ ଜାତି ପାଇଁ ଏକ ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠା କରି ପାରୁ ନାହିଁ। ପ୍ରକୃତିର ବୈଚିତ୍ର୍ୟ ଏହି ଯେ ମନୁଷ୍ୟ ଗ୍ରହ-ଭ୍ରମଣରେ କୃତକାର୍ଯ୍ୟ ହେବାକୁ ଯାଉଥିଲେ-ହେଁ ସେହି ମନୁଷ୍ୟ ପୃଥିବୀର କୌଣସି ଅଂଶରେ ଇତର ପ୍ରାଣୀଙ୍କ ଭଳି ଜୀବନ ଯାପନ କରୁଛି।

Martinsଙ୍କ ବିବରଣୀରୁ ଜଣାଯାଏ ଯେ ଆମେରିକା ନଦୀ ଉପତ୍ୟକାରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରେ ନିଜର ସହୋଦରା ସହିତ ସହବାସ କରିବା ବା ନିଜର ଭ୍ରାତୃକନ୍ୟା ସହିତ ସହବାସ କରିବା ଦୃଷ୍ଟାନ୍ତ ବିରଳ ନୁହେଁ । **Efferts**ଙ୍କ ବିବୃତିରୁ ଜଣାଯାଏ ଯେ **Mexico** ଅଞ୍ଚଳରେ ପିତା ଓ କନ୍ୟା ମଧ୍ୟରେ ଯୌନ ସମ୍ପର୍କ ଏକ ନିତ୍ୟନୈମିତ୍ତିକ ଘଟଣା; କିନ୍ତୁ ଏ ଧରଣର ଜଘନ୍ୟ ସମ୍ପର୍କ ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ଦେଖାଯାଏ ନାହିଁ । ପ୍ରଥମ ଘଟଣାଟି ସୁବିପୁଳ ଆର୍ଥିକ ସଂସ୍ଥା ନିମିତ୍ତ । ପିତା ଶସ୍ୟ ଅମଳ କରିବା ନିମିତ୍ତ ତାର ଦୂରଦୂରାନ୍ତ କ୍ଷେତକୁ ଚାଲିଯାଏ । ଏପରି କି ସମୁଦାୟ ଶସ୍ୟ ଅମଳ ଶେଷ ନ ହେବା ପର୍ଯ୍ୟନ୍ତ ସେ ଘରକୁ ଫେରେ ନାହିଁ । କରଫାଇଲ ରାତି ଗୁଡ଼ିକ ମଧ୍ୟ ସେ ସେହି କ୍ଷେତ ମଧ୍ୟରେ କଟାଏ । ପ୍ରାପ୍ତ ବୟସ୍କା କନ୍ୟା (ଯଦି ପୁଅ କିମ୍ବା ଅନ୍ୟ କୌଣସି ପୁରୁଷ ବ୍ୟକ୍ତି ଘରେ ନ ଥାନ୍ତି) ତାରପିତା ପାଇଁ ଖାଦ୍ୟ ଓ ସେଥି ଶଯ୍ୟା କ୍ଷେତକୁ ନେଇଯାଏ ଏବଂ ପିତାକୁ ସାହାଯ୍ୟ କରିବା ନିମିତ୍ତ ତାକୁ ମଧ୍ୟ ସମୟେ ସମୟେ ରାତି ଯାପନ କରିବାକୁ ପଡ଼େ) । ପିତା ଓ କନ୍ୟା ଏହିପରି ଭାବରେ ଘରଠାରୁ ଦୂରରେ ଏକା ଓ ଏକତ୍ରରେ ରାତି ଯାପନ କରିବା ହେଲେ ସେମାନଙ୍କର ପ୍ରବୃତ୍ତି ଜଘନ୍ୟ ଓ ଭିନ୍ନ ଆକାର ଧାରଣ କରିଥାଏ । **Mantegazza** ଙ୍କ ବିବରଣୀରୁ ଜଣାଯାଏ ଆନାମାଇଟିମାନଙ୍କ ମଧ୍ୟରେ **Oedipus Complex** ଏବଂ **Electra Complex** ଦେଖାଯାଏ ଏବଂ **Cambodia** ରେ ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ହୀନ ସମ୍ପର୍କ ଦୋଷାବହ ନୁହେଁ । ବୟସର ଅଗ୍ରଗତି ସଙ୍ଗେ ସଙ୍ଗେ ସେମାନେ ପ୍ରକାଶ୍ୟ ସ୍ୱାମୀ ଓ ସ୍ତ୍ରୀରୂପେ ସମାଜରେ ଚଳନ୍ତି । ବାଲି ଦ୍ୱୀପପୁଞ୍ଜରେ **Batak**ଙ୍କ ମଧ୍ୟରେ ନିଜର ପିଉସୀ ସହିତ ବିବାହପ୍ରଥା ପ୍ରଚଳିତ ଥିଲା । କିନ୍ତୁ ସେମାନେ ବିପଳହେବା ଫଳରେ ଏ ପ୍ରଥା କାଳକ୍ରମେ ଅଦୃଶ୍ୟ ହୋଇଯାଇଅଛି । ଆଫ୍ରିକାରେ କନ୍ୟା ମୂଲ୍ୟ (**Bride price**) ନ ଦେଇ ପାରି **Teite**ମାନେ ନିଜର ମାତା ଓ ଭଗ୍ନୀଙ୍କୁ ସମୟେ ସମୟେ ସ୍ତ୍ରୀ ରୂପେ ବରଣ କରନ୍ତି । **Niam tribe**ରେ ଦଳପତି ନିଜର କନ୍ୟାକୁ ବିବାହ କରନ୍ତି କାରଣ ନିଜର କନ୍ୟାକୁ ଅନ୍ୟ କାହାକୁ ବିବାହ ଦେବା ଅସମ୍ମାନଜନକ ବୋଲି ସେ ମନେ କରନ୍ତି ।

Ossetes ମାନେ ନିଜର ମାଉସୀକୁ ସ୍ତ୍ରୀ ରୂପେ ଗ୍ରହଣ କରନ୍ତି । କିନ୍ତୁ ପିଉସୀ ସହିତ କୌଣସି ଗୁପ୍ତ ସମ୍ପର୍କ ପ୍ରତି କଠୋର ଦଣ୍ଡ ବିଧାନ କରନ୍ତି ।

Teneriffe ର ପ୍ରାଚୀନ ରାଜାମାନେ ନିଜ ସମକକ୍ଷ ପାତ୍ର ନ ପାଇଲେ ସାଧାରଣ (**plebcian blood**) ରକ୍ତର ମିଶ୍ରଣରୁ ରକ୍ଷା ପାଇବା ପାଇଁ ନିଜର ସହୋଦରାମାନଙ୍କୁ ଦାରା ରୂପେ ଗ୍ରହଣ କରୁଥିଲେ । ମିଶରର ପ୍ରାଚୀନ ରାଜାମାନେ ମଧ୍ୟ ନିଜର ଭଗ୍ନୀ ଓ କନ୍ୟାମାନଙ୍କୁ ଜୀବନସାଥି କରିଥିବା ଦୃଷ୍ଟାନ୍ତ ଇତିହାସରେ ବିରଳ ନୁହେଁ । **Ramses** ଏବଂ ପ୍ରଥମ **Psammetik (I)** ସେମାନଙ୍କର କନ୍ୟାମାନଙ୍କୁ ଆମୋଦ ସଙ୍ଗିନୀ କରିଥିବାର ଜ୍ୱଳନ୍ତ ପ୍ରମାଣ ଏବେବି ମିଳେ । **Cleopatra** ତାଙ୍କର

ଷ୍ଠି ଦ୍ୱାଦଶ ଏବଂ ତ୍ରୟୋଦଶ Ptolemy ଙ୍କୁ (XII ଏବଂ XIII) ପ୍ରଥମେ ବିବାହ କରିଥିବା ପ୍ରମାଣ ରୋମୀୟ ଇତିହାସରୁ ମିଳେ । କାଳକ୍ରମେ ଏ ପ୍ରଥା (obsolete and antiquated) ଅପ୍ରଚଳିତ ହୋଇଗଲା । ଏହାର ଅନ୍ୟ ଏକ ପ୍ରତିବନ୍ଧକ ଏହି ଯେ ଏତାଦୃଶ ବୈବାହିକ ଜୀବନ (marital union) ବନ୍ଧ୍ୟା (sterile) ବୋଲି ପ୍ରମାଣିତ ହେଲା । ଏଠାରେ ପୁଣି ପ୍ରଶ୍ନ ଉଠିପାରେ ଯେ ଏବେ ଧନ ଧରି ସଫଳ (successful) ହେବାପରେ କିପରି ଏହା ବନ୍ଧ୍ୟାରେ (barrenness) ପରିଣତ ହେଲା। କିନ୍ତୁ ଜାଣି ରଖିବା ଉଚିତ ଯେ ଜୀବବିଜ୍ଞାନ ଏବଂ ଶରୀରତତ୍ତ୍ୱ ସହିତ ମନସ୍ତତ୍ତ୍ୱର ଗଭୀର ଏବଂ ନିଗୂଢ଼ ସମ୍ପର୍କ ଅଛି । ଯେପର୍ଯ୍ୟନ୍ତ ଏ ପ୍ରକାର ବୈବାହିକ ଜୀବନକୁ (conjugal union) ଅନ୍ୟାୟ ଏବଂ ବିପଜ୍ଜନକ ବୋଲି ଲୋକେ ନ ଥିଲେ ବା ମୁହୂର୍ତ୍ତିକ ପାଇଁ ମନରେ ସ୍ଥାନ ଦେଉ ନ ଥିଲେ ସେପର୍ଯ୍ୟନ୍ତ ସେମାନଙ୍କର କୌଣସି କ୍ଷତି ହେଉ ନ ଥିଲା । ଯେତେବେଳେ ସେମାନେ ସଚେତ ହେଲେ ଏବଂ ଅନୁଭବ କଲେ ଯେ ସମ୍ପୃକ୍ତ ରକ୍ତମାଧ୍ୟମରେ (inbreeding) ସନ୍ତାନ ଉତ୍ପାଦନ ନିଜ ତଥା ଭବିଷ୍ୟତ ବଂଶଧରମାନଙ୍କ ପକ୍ଷରେ ଅପକାରକ ଏବଂ ଏହାଦ୍ୱାରା ସ୍ୱାସ୍ଥ୍ୟ ଦୁର୍ବଳ ହୁଏ, ମାନସିକ ଶକ୍ତିର ହ୍ରାସ ହୁଏ, ବିବେଚନା ଶକ୍ତିର କ୍ଷୟ ଘଟେ, ଶରୀର ଖର୍ବକାୟ ହୁଏ ଏବଂ ଲୋକ ଅଳ୍ପାୟୁ ହୁଏ ସେତେବେଳେ ସେମାନେ ସମ୍ପୂର୍ଣ୍ଣଭାବେ ଏ ପ୍ରଥାକୁ ତ୍ୟାଗ କଲେ । ଏଠାରେ ଅନ୍ୟ ଏକ ପ୍ରଶ୍ନ ଉଠିପାରେ ଯେ (Cleopatra)ଙ୍କ ପିତା ଅଷ୍ଟମ (Ptolemy) ଏବଂ ତାଙ୍କର ମାତା ଏକ ଗର୍ଭରୁ (uterus) ଜାତ ହୋଇଥିଲେ ଏବଂ ସେମାନଙ୍କ ସଂଯୋଗରୁ ଜନ୍ମିତ (Cleopatra) କିପରି ପୃଥିବୀ ବିଖ୍ୟାତ ସୁନ୍ଦରୀ ହୋଇଥିଲେ । ଏହା ବାସ୍ତବିକ ଏକ ଜଟିଳ ପ୍ରଶ୍ନ । ଏ ବିଷୟରେ ବିଶିଷ୍ଟ ଜୀବବିଜ୍ଞାନବିତ୍‌ମାନଙ୍କର ମତାନୈକ୍ୟ ଘଟେ । ଯାହାହେଉ ଏହା ନିର୍ଦ୍ଧାରିତ ନିୟମର ଏକ ବ୍ୟତିକ୍ରମ ବୋଲି ଆମକୁ ମାନି ନେବାକୁ ହେବ । ଅନ୍ୟ ପକ୍ଷରେ ତତ୍କାଳୀନ କୌଣସି କୌଣସି ସମାଜ ନିଷିଦ୍ଧ ଅବୈଧ ଯୌନ ସଙ୍ଗମ ପ୍ରତି କଠୋର ଦଣ୍ଡ ବିଧାନ କରୁଥିଲେ । ଅଷ୍ଟମ ଟୋଲେମୀଙ୍କର ସମସାମୟିକ ଗ୍ରୀକ୍ ରାଜା (Hammurabi) କୌଣସି ପ୍ରକାର ଅସଦ ସମ୍ପର୍କ ପ୍ରତି ମୃତ୍ୟୁ ଦଣ୍ଡବିଧାନ କରୁଥିଲେ । Oedipus ଅଜ୍ଞାତ ଅବସ୍ଥାରେ ତାଙ୍କର ମାତାଙ୍କ ସହିତ ସଂଯୁକ୍ତ ହୋଇଥିଲେ । ପରେ ପରିଚୟ ପାଇବା ପରେ ସେ ଭୀଷଣ ଅନୁତପ୍ତ ହେଲେ କିନ୍ତୁ ତାଙ୍କୁ ଏଥିପାଇଁ ମୃତ୍ୟୁ ଦଣ୍ଡ ଭୋଗିବାକୁ ପଡ଼ିଥିଲା । ଏହିପରି ଦୃଷ୍ଟାନ୍ତ ଇତିହାସରୁ ଯଥେଷ୍ଟ ମିଳିବ । କିନ୍ତୁ ବର୍ତ୍ତମାନ ଆଲୋଚ୍ୟ ବିଷୟ ଏହିଯେ କାହିଁକି କେତେକ ସମାଜରେ ଅସଙ୍ଗତ ସଙ୍ଗମ ପ୍ରଚଳିତ ଥିଲା ବା ବର୍ତ୍ତମାନ ପ୍ରଚଳିତ ଅଛି ?

ଆଜି ମଧ୍ୟ ଅନେକ ଆଦିମଜାତିଙ୍କ ମଧ୍ୟରେ ମାମୁଁ ଝିଅ ଭଉଣୀ ବା ପିଉସୀ ଝିଅ ଭଉଣୀମାନଙ୍କ ସହିତ ବିବାହ ପ୍ରଥା ପ୍ରଚଳିତ ଅଛି । ଭାରତୀୟ ଆଦିମ ଜାତିମାନଙ୍କ ମଧ୍ୟରେ 'ନାଗା', 'ଶବର' 'ଗଣ୍ଡ' ଓ 'ହରହୋର' ପ୍ରଭୃତି ଅନେକଙ୍କ ମଧ୍ୟରେ ଏଇ ପ୍ରଥା ଦେଖାଯାଏ । ଏହି ପ୍ରଥାପାଇଁ 'ଗଣ୍ଡ'ମାନଙ୍କ ମଧ୍ୟରେ ବର ଓ କନ୍ୟାଙ୍କର

ବୟସରେ ଅନେକ ତାରତମ୍ୟ ଦେଖାଯାଏ । ଆଫ୍ରିକାସ୍ଥ "ବାଣ୍ଟୁ" ମାନଙ୍କ ମଧ୍ୟରେ ଯଦି ପୁଅ କିମ୍ବା ଝିଅ ସେମାନଙ୍କର ସାମାଜିକ ପ୍ରଥା ଦ୍ୱାରା ନିର୍ଦ୍ଧାରିତ ବିବାହ ସାଥୀ ଠାରୁ ବୟସରେ ବଡ଼ ହୋଇଥାନ୍ତି ତା'ହେଲେ ସେମାନେ ଉକ୍ତ ଲୋକକୁ ଉପଯୁକ୍ତ କ୍ଷତି ପୂରଣ ଦେଇ ଏବଂ ତା'ର ଅନୁମତି ନେଇ ଅନ୍ୟ କାହାକୁ ବିବାହ କରି ପାରନ୍ତି । ଅନେକ ସମୟରେ ପୁଅ ବା ଝିଅକୁ ଅନେକଦିନ ଅପେକ୍ଷା କରିବାକୁ ପଡ଼େ ଯେଉଁ ପର୍ଯ୍ୟନ୍ତ ଅପେକ୍ଷିତ ସାଥୀ ପ୍ରାପ୍ତବୟସ୍କ ବା ବୟସ୍କା ନ ହୋଇଛି । ଭାରତର ଦାକ୍ଷିଣାତ୍ୟରେ ଅନେକ ହିନ୍ଦୁଙ୍କ ମଧ୍ୟରେ ଏହି (Cross cousin) ବିବାହ ପ୍ରଥା ପ୍ରଚଳିତ ଅଛି । କେବଳ ଏହା ନୁହେଁ, ଅନେକ ତେଲଙ୍ଗଙ୍କ ମଧ୍ୟରେ ମାମୁଁ ନିଜର ଭଣିଜୀକୁ ବିବାହ କରିବା ପ୍ରଥା ପ୍ରଚଳିତ ଅଛି । ମୁସଲମାନମାନଙ୍କ ମଧ୍ୟରେ ଏକ ମା ଗର୍ଭରୁ ଜନ୍ମିତ ସନ୍ତାନ ସନ୍ତତିଙ୍କୁ ବାଦ ଦେଇ ଅନ୍ୟମାନଙ୍କ ସହିତ ବୈବାହିକ ସମ୍ବନ୍ଧ ସ୍ଥାପନ କରାଯାଏ ।

ପ୍ରଥମତଃ ଏବଂ ମୁଖ୍ୟତଃ ଏହା ଏକ ଅର୍ଥ ନୈତିକ ସମସ୍ୟା—ଯେଉଁ ଗୋଷ୍ଠୀ ବା ସମାଜରେ କନ୍ୟାମୂଲ୍ୟ (Bride priec) ଦେଇ ବିବାହ ସାଥୀ କରିବାକୁ ପଡ଼େ ଏବଂ ଲୋକମାନଙ୍କର ଅର୍ଥନୈତିକ ସ୍ୱାଚ୍ଛନ୍ଦ୍ୟ ଅଧିକ ନ ଥାଏ । ଫଳରେ ସେଠାରେ ଅନେକ ଝିଅ ଏବଂ ପୁଅ ଅବିବାହିତ ରହିବା ସ୍ୱାଭାବିକ । ବୟସ ନିତ୍ୟନୈମିତ୍ତିକ ଗତିରେ ବଢିଚାଲେ । ମନର ଗତିପଥ ବଦଳେ ଏବଂ ଶେଷ ପରିଣାମ ହୁଏ କଦାଚାର । ପରିସ୍ଥିତିର କବଳରେ ପଡ଼ି ମନୁଷ୍ୟ ତାର ବିଚାର ବୁଦ୍ଧିକୁ ଅନୁନ୍ନତ କରେ ଯେଉଁ ବିବେଚନା ତାକୁ ପଶୁ ଜଗତଠାରୁ କୌଣସି ଗୁଣରେ ଶ୍ରେଷ୍ଠ କରି ରଖିପାରେ ନାହିଁ ।

ଦ୍ୱିତୀୟତଃ ମୁସଲମାନ ଧର୍ମରେ ପୁତ୍ର ଓ କନ୍ୟା ଉଭୟଙ୍କୁ ସମ୍ପତ୍ତିରେ ସମାନ କ୍ଷମତା ଦେଇଥାଏ । ବିବାହ ପରେ ଝିଅମାନେ ପୁଅମାନଙ୍କ ପରି ସେମାନଙ୍କ ବାପମାନଙ୍କଠାରୁ ତାଙ୍କର ସମ୍ପତ୍ତିରୁ ସମାନ ଭାଗ ପାଇଥାନ୍ତି । ଏଣୁ ନିଜର ସମ୍ପତ୍ତିକୁ ଭାଗ ଭାଗ ନ କରିବା ବା ଅନ୍ୟକୁ ହସ୍ତାନ୍ତର ନ କରିବା ପାଇଁ ସେମାନେ ନିଜ ନିଜ ମଧ୍ୟରେ ବୈବାହିକ ସମ୍ବନ୍ଧ ସ୍ଥାପନ କରି ନିଜର ଲକ୍ଷ୍ୟ ସାଧନ କରନ୍ତି ।

ତୃତୀୟତଃ ଉପଯୁକ୍ତ ବା ଆଶାନୁରୂପ ବିବାହ ସାଥୀ ନପାଇବା ଏବଂ ଇତର ଜାତିରୁ ବିବାହ ସାଥୀ ନ କରିବା କାରଣ ତତ୍କାଳୀନ ସମ୍ଭ୍ରାନ୍ତ ଏବଂ ରାଜବଂଶମାନଙ୍କର ଧାରଣା ଥିଲା ଯେ ସେମାନେ ଅସାଧାରଣ ଐଶୀ ରକ୍ତ ନେଇ ଜନ୍ମଗ୍ରହଣ କରିଛନ୍ତି । ଏହି ଐଶୀ ରକ୍ତ ଫଳରେହିଁ ସେମାନେ ସାଧାରଣ ଲୋକଙ୍କୁ ଶାସନ କରିପାରନ୍ତି । ଏଣୁ ଏମାନଙ୍କର ଉକ୍ତ ଐଶୀ ରକ୍ତ ଇତର ଲୋକ ସହିତ ବିବାହ କରି ନିଜର ସନ୍ତାନ ସନ୍ତତିଙ୍କ ନିକଟରେ ଏହି ରକ୍ତକୁ ଅକ୍ଷୁର୍ଣ୍ଣ ରଖିବା ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ।

ଶେଷରେ ଏହି ସମ୍ଭ୍ରାନ୍ତ ବଂଶୀୟ ଲୋକମାନଙ୍କର ଅନେକ ଧାରଣା ଥିଲା ଯେ ସେମାନଙ୍କ ସହିତ ସାଧାରଣ ଲୋକଙ୍କର ସମ୍ମିଶ୍ରଣ ଘଟିଲେ ଦେଶର ତଥା ଏହି ସାଧାରଣ ଲୋକଙ୍କର ସାମାଜିକ ଓ ଅର୍ଥନୈତିକ କ୍ଷତି ଘଟିବ ।

ଉପରୋକ୍ତ ବିବରଣୀରୁ ବୁଝାଯାଏ ଯେ ଅବୈଧ ଯୌନ ସମ୍ପର୍କ କୌଣସି କାଳରେ ସାର୍ବଭୌମ ବା ସର୍ବବ୍ୟାପୀ ନଥିଲା କିମ୍ବା ଏହାର କୌଣସି ସମତା ନଥିଲା ବା ସମଅନିଚ୍ଛା ଏହା ପ୍ରତି ପ୍ରଦର୍ଶନ କରାଯାଉନଥିଲା । ଅନ୍ୟ ପକ୍ଷରେ ଏହା ଯେକୌଣସି ଏକ ନିର୍ଦ୍ଦିଷ୍ଟ ପରିସ୍ଥିତି ଘଟୁଥିଲା ତାହା କହିବା ମଧ୍ୟ ଅନ୍ୟାୟ । ପ୍ରକୃତି ଓ ପରିସ୍ଥିତି ଅନୁଯାୟୀ ଏହା ବିଭିନ୍ନ ସ୍ଥାନରେ ବିଭିନ୍ନ ଆକାର ଗ୍ରହଣ କରୁଥିଲା ।

ସାଂସାରିକ ପ୍ରତିବନ୍ଧକ ଓ ମାନବିକ ସତଃ ନିର୍ବାଚନ

ମାନବିକତାର ପୂର୍ଣ୍ଣବିକାଶ ପାଇଁ ସାମାଜିକ ନିୟମକାନୁନ ଯେ କୌଣସି ଲୋକର ଜୀବନ ସାଥୀ ପସନ୍ଦ ଅଧିକାର ଯଥେଷ୍ଟ ସୀମାବଦ୍ଧ କରିଦେଇଛି । ଅନେକ ସମୟରେ ଏକ ଅଜଣା ଓ ଅଦେଖା ଲୋକକୁହିଁ ସାଥୀ କରି ନେବାକୁ ପଡ଼େ । ସ୍ତ୍ରୀ ଏବଂ ପୁରୁଷ ପରସ୍ପର ପ୍ରତି ଆକର୍ଷିତ ହେବା ସେମାନଙ୍କର ସ୍ୱଭାବ ସୁଲଭ ଗୁଣ । ଭଗବାନଙ୍କ ସୃଷ୍ଟିରେ ଏହାର ବେଶୀ କିଛି ନାହିଁ କାରଣ ଏହା ବିହୁନେ ସମାଜ ସଂରକ୍ଷଣ କେବେ ହୋଇପାରନ୍ତା ନାହିଁ । ଉଭୟ ପୁରୁଷ ଓ ନାରୀ ଜୀବ ଶେଷରେ ଏହି ପିପାସା ଏତେ ବଳବାନ୍ ଯେ ଏହା ବୟସର ତାରତମ୍ୟ, ସୌନ୍ଦର୍ଯ୍ୟ-ରୁଚି, ଜାତିଗତ ଭେଦଭାବ, ଶ୍ରେଣୀଗତ ତଫାତ ଏବଂ ଧନୀ-ଦରିଦ୍ର କିଛି ସ୍ୱୀକାର କରେ ନାହିଁ । ଅନେକ ସମୟରେ ଏହା ଯେ ସାମାଜିକ ଜୀବନର ଶାନ୍ତି ଭଙ୍ଗ କରେ ତାହା ନୁହେଁ, ଏହା ସମଗ୍ର ସାମାଜିକ ତଥା ଜାତିଜାତି ମଧ୍ୟରେ ବନ୍ଧୁତା ବା ସୌଜନ୍ୟ ସୃଷ୍ଟି କରି ଏକତା ସ୍ଥାପନ କରେ । ପୁରାଣ ଏବଂ ଇତିହାସରେ ଏ ସବୁର ଯଥେଷ୍ଟ ପ୍ରମାଣ ଦେଖିବାକୁ ମିଳେ । କିନ୍ତୁ ଆମକୁ ବୁଝିବାକୁ ହେବ ଯେ ମନୁଷ୍ୟ ପଶୁଜଗତଠାରୁ ଉନ୍ନତ । ଏଣୁ ଯାହା କରଣୀୟ ଏବଂ ଯାହା ସମଷ୍ଟି-କଲ୍ୟାଣ ସାଧନ କରେ ତାହାହିଁ କରିବା ଉଚିତ । ଆଜି ସମସ୍ତ ବୈବାହିକ ପ୍ରଥାକୁ ଆଲୋଚନା କଲେ ଦେଖାଯାଏ ଯେ ସଂଖ୍ୟା ଗରିଷ୍ଠ ସମାଜମାନଙ୍କ ମଧ୍ୟରେ ଗୋଟିଏ ମନରୁଚି ବିବାହ ସାଥୀ ପାଇବା କିପରି ଅସାଧ୍ୟ । ନିଷିଦ୍ଧ ଅବୈଧ ବିବାହ, ଧର୍ମ, ଗୋଷ୍ଠୀ, ଶ୍ରେଣୀ, ଜାତି, ବଂଶମର୍ଯ୍ୟାଦା, ଅର୍ଥନୈତିକ ସ୍ଥିତି, ଶାରୀରିକ ସୌଷ୍ଠବ, ଶିକ୍ଷା ଏବଂ ବୟସ ପ୍ରଭୃତି ଅନେକ ପ୍ରତିବନ୍ଧକ ଅଛି—ଏତଦ୍ ବ୍ୟତୀତ ନୈତିକ ବିଚାର ତ ନିଶ୍ଚୟ ଅଛି ।

ବର୍ତ୍ତମାନ ଲୋକ ପ୍ରିୟ ମତାନୁଯାୟୀ ଜୀବନ ସାଥୀ ମନୋନୟନରେ କୌଣସି ପରିମାପକ ନ ରହିବା ଉଚିତ, କାରଣ କଥିତ ଆଦର୍ଶର ବାହ୍ୟ ଆଡ଼ମ୍ବର ମଧ୍ୟରେ

ପର୍ଯ୍ୟନ୍ତ ପରିବର୍ଜନା ପୂର୍ବ ରହିଛି । ଧର୍ମ ବା ଆଦର୍ଶ ନାମରେ ଅନ୍ୟାୟ କରିବା ମାନବିକତା ଦୃଷ୍ଟିରୁ ଆଦୌ ସ୍ୱସ୍ତି ସ୍ୱସ୍ତି ନୁହେଁ । କେତେକ ଶକ୍ତିଶାଳୀ ବ୍ୟକ୍ତି କହନ୍ତି ଯେ ଏହି ସମସ୍ତ ଦୃଢ ଏବଂ ଦୁର୍ବୋଧ୍ୟ ପରିମାପକୁ ବର୍ଜନ ବାଂଛିତ ଇଚ୍ଛା ଏବଂ କାମନା ନିକଟରେ ବଳି ଦେବା ଉଚିତ । ତାହାହେଲେ ମନୁଷ୍ୟ ଏକ ବୃହତ୍ତର ପାରିପାର୍ଶ୍ୱିକ ପରିସର ଗଢ଼ିପାରିବ । ନଚେତ୍ ଫଳରେ କିମ୍ବଦଂଶ ଲୋକ ଅବିବାହିତ ରହିଯିବେ ଏବଂ ପ୍ରକୃତି ନିକଟରେ ପରାଜୟ ଲଭି ପୁନର୍ବାର ନିଷିଦ୍ଧ ସ୍ପର୍ଶକୁ ପୁନର୍ଦ୍ଧାର କରିବେ । ଅନେକ ସଭ୍ୟ ସମାଜରେ ବିବାହ ପ୍ରଥା ଏକ ଲବ୍‌ଜନକ ବ୍ୟବସାୟ ହୋଇଛି । ଅର୍ଥାଭାବରୁ କେବଳ ଯେ କେତେକ ନାରୀ ଅବିବାହିତ ରହୁଛନ୍ତି ତାହା ନୁହେଁ ଅନ୍ୟ ଦିଗରେ ଅଧିକାଂଶ ପୁରୁଷ ଉକ୍ତ ସମସ୍ୟାର ସମ୍ମୁଖୀନ । ପ୍ରକୃତିକୁ କେହି କେବେ ପ୍ରତିରୋଧ କରିପାରିବେ ନାହିଁ । ଏଣୁ ଆଜି ଅବୈଧ ସନ୍ତାନ ସନ୍ତତିଙ୍କ ସଂଖ୍ୟା ବଢ଼ି ଚାଲିଛି । ଆତ୍ମହତ୍ୟା, ଅପହରଣ, ହତ୍ୟା ଏବଂ ଏକତ୍ର ପଳାୟନ (elopement) ଘଟଣାମାନ ଅତି ଦୈନନ୍ଦିନ ହୋଇଛି । ଏଥିପାଇଁ ଦାୟୀ କିଏ ସମାଜ ଏବଂ ଏହି ସବୁର ପ୍ରତିଷେଧକ କଣ ? Darwinଙ୍କ କ୍ରମ ବିବର୍ତ୍ତନ ନୀତିରୁ ଜଣାଯାଏ ଯେ ପ୍ରକୃତି ସର୍ବଦା ଜିବନ୍ତ ପୁରୁଷ ଓ ନାରୀମାନଙ୍କ ମଧ୍ୟରେ ସମାନ ଅନୁପାତ ରକ୍ଷା କରେ । ଅତଏବ ଜଣେ ପୁରୁଷ ଏବଂ ଜଣେ ସ୍ତ୍ରୀ ଏକ ଦାମ୍ପତ୍ୟ ଜୀବନ ଗଢ଼ିବାର ହକ୍‌ଦାର । ଏଣୁ ସମଗ୍ର ମାନବ ଜାତିର ଏହାହିଁ ଏକମାତ୍ର ଏବଂ ମୁଖ୍ୟ ଉଦ୍ଦେଶ୍ୟ ହେବା ଉଚିତ । ତାହାହେଲେ ସମଗ୍ରମାନବ ଜାତି ସମଗତିରେ ଅଗେଇ ପାରିବ ।

ଏଣୁ ବିବାହସାଥୀ ମନୋନୟନର ପରିମାପକ ସୁଗମ ଓ ସହଜସାଧ୍ୟ ହେବା ଉଚିତ । ପ୍ରତ୍ୟେକ ସଂକୀର୍ଣ୍ଣ ମନୋଭାବ ପରିତ୍ୟାଗ କରି ଦୂରଦର୍ଶୀ ହେବା ଉଚିତ । ନଚେତ୍ କେତେକାଂଶ ଲୋକଙ୍କର ସାଂସ୍କୃତିକ ଜୀବନର ଅବସାନ ଘଟିପାରେ । କାରଣ ସଭ୍ୟ ସମାଜରେ ମଧ୍ୟ ବର୍ତ୍ତମାନ ବିଭିନ୍ନ ପ୍ରକାରର ବିବାହସାଥୀ ମନୋନୟନ ପରି-ମାପକ ଦେଖାଯାଏ । ଯଥା:—ମଦ୍ୟପାୟୀ, ଦସ୍ୟୁ, ଭିକ୍ଷୁକ, ହେଜିଲିଆ ବ୍ୟକ୍ତି, ଅପାରଗ ଲୋକ ଏବଂ ଅଳ୍ପ କିଛି ନ ଥିବା ବ୍ୟକ୍ତି ପ୍ରଭୃତିଙ୍କ ହସ୍ତରେ କୌଣସି ପିତା ତାଙ୍କର କନ୍ୟାକୁ ଅର୍ପଣ କରିବା ପାଇଁ ଅସମ୍ମତ । ଏତଦ୍‌ବ୍ୟତୀତ ଧର୍ମଦ୍ରୋହୀ କିମ୍ବା ଅନ୍ୟ ଧର୍ମାବଲମ୍ବୀ ଲୋକଙ୍କୁ ମଧ୍ୟ କେତେକ ପିତା ଅଗ୍ରାହ୍ୟ କରନ୍ତି । ଆଉ କେତେକ ପ୍ରଚୁର ସମ୍ପତ୍ତିର ଉତ୍ତରାଧିକାରୀ ଅସାଧାରଣ ପ୍ରତିଭାବାନ୍ ବ୍ୟକ୍ତି ବା ଉଚ୍ଚ କୋଟିର ନୈତିକ ଚରିତ୍ରବାନ୍ ବ୍ୟକ୍ତିଙ୍କୁ ପସନ୍ଦ କରିଥାଆନ୍ତି । ମୂଳତଃ ଏହି ନିର୍ବାଚନ ପ୍ରଥା ସବୁ ଯୁଗରେ ଥିଲା ଏବଂ ଏବେବି ବିସ୍ତୃତ ଭାବରେ ଅଛି ଏବଂ ଅବୈଧ ଯୌନ ସଙ୍ଗମରେ ନିଶ୍ଚୟ ଏହି ଦିଗରେ ଏକ ସ୍ୱାଭାବିକ ପ୍ରବୃତ୍ତିମୂଳକ ପ୍ରଚେଷ୍ଟା ।

ଆଜି ଯାହା ଅଛି ପୂର୍ବରୁ ବି ତାହା ଥିଲା । କିନ୍ତୁ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ତର ବା ମାନକୁ ପରିମାର୍ଜିତ କରିବା ଏବଂ ସୁଧାରିବା ଏବଂ ସେଗୁଡ଼ିକର ଆପେକ୍ଷିକ ଗୁରୁତ୍ୱ ଉପଲବ୍‌ଧି କରିବା ଏବଂ ନିରୁପଣ କରିବାହିଁ ମାନବ ଜାତିର ଶ୍ରେଷ୍ଠତାର ପରିଚାୟକ ।

ଛୋଟନାଗପୁରର ଓରାଓଁମାନଙ୍କ ମଧ୍ୟରେ ଧୁମକୁରିଆ ଘରର ପ୍ରଚଳନ

କେ. ଏନ୍. ଶର୍ମା

ଛୋଟନାଗପୁର ଅଞ୍ଚଳର କେତେକ ଆଦିବାସୀମାନଙ୍କ ମଧ୍ୟରେ ଧୁମକୁରିଆ ଘର ପ୍ରଥା ପ୍ରଚଳିତ ଅଛି । ଓରାଓଁମାନଙ୍କର ସାମାଜିକ ବ୍ୟବସ୍ଥାରେ ଏହି ପ୍ରଥାର ଏକ ବିଶେଷ ସ୍ଥାନ ଅଛି ଏବଂ ସେମାନଙ୍କ ମଧ୍ୟରେ ଏହା ଏକ ଅଦ୍ୟାବଧି ପ୍ରାଣବନ୍ତ ପ୍ରଥା । ଓରାଓଁମାନଙ୍କର ପଡ଼ୋଶୀ ଜାତି ମୁଣ୍ଡାମାନଙ୍କ ମଧ୍ୟରେ ଏହି ପ୍ରଥା କିଛି କିଛି ଦେଖାଯାଏ । କିନ୍ତୁ ସେମାନଙ୍କ ମଧ୍ୟରେ ଏହାର ପ୍ରଚଳନ ନିତାନ୍ତ କମ ଏବଂ ସାନ୍ତାଳମାନଙ୍କ ମଧ୍ୟରେ ବିଲକୁଲ ନାହିଁ କହିଲେ ଚଳେ । ଗଣ୍ଡାମର ଧେବସ୍ମାନଙ୍କୁ ନୃତତ୍ତ୍ୱବିତ୍‌ମାନେ ଓରାଓଁମାନଙ୍କର ସ୍ୱଜାତୀୟ ବୋଲି ସ୍ୱୀକାର କରନ୍ତି ଓ ଏମାନଙ୍କ ମଧ୍ୟରେ ଯୁବାଘରର ପ୍ରଚଳନ ଅଛି । ଏହି ପ୍ରକାର ପ୍ରଥା ନାଗାମାନଙ୍କ ମଧ୍ୟରେ ବି ପ୍ରଚଳିତ ଅଛି । ଏହାକୁ ମୋରଙ୍ଗ କହନ୍ତି ।

ଓରାଓଁ ଭାଷାରେ ଏହି ଧୁମକୁରିଆ ଘରର ନାମ ହେଉଛି ଜୋଁଖଏରପା । ଏହାର ଅନ୍ୟ ଏକ ପ୍ରଚଳିତ ନାମ ଧାଁଗରକୁରିଆ, ଯାହାକୁ କି ମୁଣ୍ଡାମାନେ ଧାଁଗରବାସ କହନ୍ତି । ହିନ୍ଦୀ ଭାଷାରେ ଏହା ଧୁମକୁରିଆ ନାମରେ ପରିଚିତ । ମଧ୍ୟପ୍ରଦେଶର ଗୋନ୍ଦମାନେ ଏହାକୁ ଗୋଟୁଲ କହନ୍ତି । ମୁଣ୍ଡାମାନେ ଏହାକୁ ଗିତିଓର ବା ନିଦ୍ରାଗୃହ ବୋଲି ମଧ୍ୟ କହନ୍ତି ।

ଯେଉଁ ଗ୍ରାମଗୁଡ଼ିକ ବଡ଼ ଓ ଯେଉଁଠିରେ ଅନେକଗୁଡ଼ିଏ ଟୋଲି ଥାଏ ସେହି ଗ୍ରାମରେ ଧୁମକୁରିଆ ଘର ଦେଖାଯାଏ । ଯୁବାଗୃହ ସହ ସ୍ତ୍ରୀମାନଙ୍କ ପାଇଁ ମଧ୍ୟ ଅଲଗା ଘରଥାଏ, ଯାହାକୁ ପେଲ-ଏରପା କୁହାଯାଏ ।

ଧୁମକୁରିଆ ଏପରି ଏକ ଆର୍ଥିକ, ସାମାଜିକ ତଥା ରାଜନୈତିକ ସଂଗଠନ ଯେଉଁଠାରେ ଯୁବକ ଯୁବତୀମାନଙ୍କର ଚରିତ୍ର ଗଠନ ହୁଏ ଏବଂ ଯେଉଁଠାରେ ସେମାନଙ୍କର ଶିକ୍ଷାଦୀକ୍ଷା ମଧ୍ୟ ହୋଇଥାଏ । ଓରାଓଁ ସମାଜର ବହୁ ରୀତିନୀତିରେ ପଡ଼ୋଶୀ ମୁଣ୍ଡାମାନଙ୍କର ପ୍ରଭାବ ଦେଖାଯାଏ କିନ୍ତୁ ଧୁମକୁରିଆ ଏମାନଙ୍କର ପ୍ରାଚୀନତମ ସଂଗଠନ ଯାହାକି ଏମାନଙ୍କର ଆଦିବାସସ୍ଥାନ ରୋହତାସ ଗଡ଼ରୁ ଆସିଛି ।

ସାଧାରଣତଃ ଧୁମକୁରିଆ ଏକ ଆୟତାକାର ମାଟି ଘର । ଏଥିରେ ଖପର କିମ୍ବା ଘାସ ବା କୁଟା ଛାଉଣୀ କରାଯାଇଥାଏ । ଏଥିରେ ଝରକା ନ ଥାଏ କେବଳ ଯିବା ଆସିବା ପାଇଁ ଗୋଟିଏ କବାଟ ଥାଏ । ଘର ସାମନାରେ ଏକ ପରିଷ୍କୃତ ସ୍ଥାନ ଥାଏ । ଏହାକୁ ଆଖଡ଼ା କହନ୍ତି । ଏଠାରେ ପ୍ରତ୍ୟେକ ସନ୍ଧ୍ୟାରେ ନୃତ୍ୟଗୀତ ଇତ୍ୟାଦି

ହୋଇଥାଏ । ପ୍ରତିଦିନ ସନ୍ଧ୍ୟାରେ ଏଠାରେ ଯୁବକଯୁବତୀମାନଙ୍କର ସମାବେଶ ହୋଇଥାଏ । ନୃତ୍ୟଗୀତ ଇତ୍ୟାଦି ରାତି ୧୦ଟା ୧୧ଟା ପର୍ଯ୍ୟନ୍ତ ଚାଲେ । ଘର ଭିତରେ ଯୁବକମାନଙ୍କର ଶୋଇବା ପାଇଁ କେତେଗୁଡ଼ିଏ ଚଟେଇ ପଡ଼ିଥାଏ । ଶୀତଦିନେ ଏହି ଘର ଭିତରେ ମୋଟା ମୋଟା କାଠ ଗଣ୍ଡିମାନ ଜାଳି ଘରକୁ ଗରମ ରଖାଯାଏ । ଏହି ନିଆଁ ଚୁଲିପାଖରେ ବସି ସମସ୍ତେ ଗପସପ କରନ୍ତି କିମ୍ବା କୌଣସି କାହାଣୀ କୁହାକୁହି ହୁଅନ୍ତି ।

ଧୁମକୁଡ଼ିଆରେ ବାଳକମାନଙ୍କୁ ତିନି ବର୍ଗରେ ବିଭକ୍ତ ରଖାଯାଏ । ଏହି ବର୍ଗଗୁଡ଼ିକ ହେଉଛି ପୁନା ଜୋଖର, ମାଝ୍‌କୁଡ଼ିଆ ଯୋଖର ଏବଂ କୋହ ଜୋଖର । ପ୍ରଥମ ଦୁଇଟି ବର୍ଗରେ ପ୍ରତ୍ୟେକ ବାଳକକୁ ତିନି ବର୍ଷ ଲେଖାଏଁ ରହିବାକୁ ହୁଏ, କିନ୍ତୁ କୋହ ଯୋଖରରେ ବିବାହ ହେବା ପର୍ଯ୍ୟନ୍ତ ରହିବାକୁ ହୁଏ ।

ଧୁମକୁଡ଼ିଆର ମୁଖ୍ୟଗୁଲକଙ୍କୁ ଧାଙ୍ଗରମହତୋ କହନ୍ତି । ସମସ୍ତ କାର୍ଯ୍ୟ ଦେଖାଶୁଣା କରିବା ପାଇଁ ଗୋଟିଏ ଦ୍ୱିତୀୟ ବ୍ୟକ୍ତି ଥାଏ ଯାହାଙ୍କୁ 'ଗୁଲଗୁ' ବା 'କୋଟୋବାର' କୁହାଯାଏ । ପ୍ରତ୍ୟେକ ଧୁମକୁଡ଼ିଆରେ ସମ୍ବାଦ ନିଅଣା କରିବାକୁ ଜଣେ ଲୋକ ଥାଏ ଯାହାଙ୍କୁ 'ଗୋଡାଇତ' କୁହାଯାଏ ।

ଧାଙ୍ଗର ମୁଖିଆ ଏବଂ କୋଟବାରଙ୍କ ନିର୍ବାଚନ ପ୍ରତ୍ୟେକ ଦଶବର୍ଷରେ ଥରେ ହୁଏ । ଏହାକୁ 'ମୁଖିଆ ହଣ୍ଡି' କୁହନ୍ତି । ଧାଙ୍ଗର ମହତୋ ଧୁମକୁଡ଼ିଆର ବାଳକମାନଙ୍କୁ ସାମାଜିକ ଓ ଧାର୍ମିକ କର୍ତ୍ତବ୍ୟ ଶିଖାଏ ଏବଂ କୋଟବାର, ବାଳକମାନେ କୌଣସି ଯାତ୍ରା, ପର୍ବ, ଉତ୍ସବ ବା ନୃତ୍ୟ ସମୟରେ ଫୁଲ ଏବଂ ପତ୍ରରେ ଯେପରି ସୁସଜ୍ଜିତ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦିଏ । ଏହି ଯାତ୍ରା ପ୍ରଭୃତିରେ ସେ ନିଜେ ଉପସ୍ଥିତ ରହି ସମସ୍ତ ବାଳକଙ୍କୁ ଉପସ୍ଥିତ ରହିବାକୁ ବାଧ୍ୟ କରେ ଏବଂ ଯେଉଁମାନେ ଉପସ୍ଥିତ ରହିବାକୁ ଅନିଚ୍ଛୁକ ହୁଅନ୍ତି ସେମାନଙ୍କୁ ଦଣ୍ଡ ଦିଏ । କର୍ତ୍ତବ୍ୟଚ୍ୟୁତ ହେଲେ 'କୋଟୱାର' ନିଜେ ମଧ୍ୟ ଦଣ୍ଡିତ ହୁଏ । ଏହି ପ୍ରକାରରେ ଏକ ପ୍ରକାର ସାମରିକ ଅନୁଶାସନ ମଧ୍ୟ ଦେଇ କାମ ଚାଲେ । ଧୁମକୁଡ଼ିଆର ସମ୍ପତ୍ତି ଭିତରେ ପତାକା, ନାଗରା, ଶିଙ୍ଗାବାଦ୍ୟ ଏବଂ ଝାଞ୍ଜ ପ୍ରଧାନ ।

କାମକୁ ସୁରୁଖୁରୁରେ ଚଳାଇବା ପାଇଁ ପ୍ରତ୍ୟେକଙ୍କୁ ଗୋଟିଏ ପ୍ରକାର ଟିକସ ଦେବାକୁ ପଡ଼େ । ଏହାକୁ 'ଧୁମକୁଡ଼ିଆ ଶୁଳ୍କ' କହନ୍ତି । ଏହା ଟଙ୍କା ଆକାରରେ ଦିଆଯାଏ ନାହିଁ କେବଳ ଶସ୍ୟ ଆକାରରେ ଦିଆଯାଏ । ଯେଉଁ ପରିବାରରେ ଅଧିକାର-ପ୍ରାପ୍ତ ଜମି ଅଛି ସେହି ପରିବାରର ପ୍ରତ୍ୟେକ ବାଳକ 'ପୁନା ଯୋଖର'କୁ ପ୍ରଥମ ବର୍ଷ ଦଶ ସେର, ଦ୍ୱିତୀୟ ବର୍ଷ ପନ୍ଦର ସେର ଓ ତୃତୀୟ ବର୍ଷ କୋଡ଼ିଏ ସେର କରିକି ମଞ୍ଜି ଦିଅନ୍ତି । ଯେଉଁ ପରିବାରର ସେପରି ଜମି ନାହିଁ ସେମାନେ ପ୍ରଥମ ବର୍ଷ ପାଞ୍ଚ ସେର, ଦ୍ୱିତୀୟ ବର୍ଷ ଦଶ ସେର ଓ ତୃତୀୟ ବର୍ଷ ପନ୍ଦର ସେର କରିକି ମଞ୍ଜି ଦିଅନ୍ତି । ଏଥିରୁ ତେଲ୍ ତିଆର କରାଯାଏ । ଏହି ତେଲ ଧୁମକୁଡ଼ିଆ ବା ଅଖଡ଼ାରେ ଦୀପ ବା ମଶାଲ

ଜାଳିବାରେ ବ୍ୟବହୃତ ହୁଏ । ଏହା ବ୍ୟତୀତ ଜାତୀଙ୍କି କାଠ ମଧ୍ୟ ଦେବାକୁ ପଡ଼େ । ପେଲ୍‌ଓ଼ରପା (womens dormitory) ର ବାଳିକାମାନଙ୍କୁ ଧୁମ୍‌କୁରିଆ ଘର ପାଇଁ ଚଟେଇ ବା ଛପା ଇତ୍ୟାଦି ବୁଣି ଦେବାକୁ ପଡ଼େ ।

ପ୍ରାୟ ପ୍ରତ୍ୟେକ ଗ୍ରାମରେ ଅବିବାହିତ ସ୍ତ୍ରୀମାନଙ୍କ ପାଇଁ ଧୁମ୍‌କୁରିଆ ଘର ଥାଏ । ଯାହାକୁ "ପେଲ୍‌ଓ଼ରପା" କହନ୍ତି । ଏହା ଗୋଟିଏ ସାର୍ବଜନୀନ ଗୃହ ନୁହେଁ । କୌଣସି ବିଧବା ବା ସନ୍ତାନହୀନ ଦମ୍ପତି ଏଠାରେ ବାସ କରନ୍ତି । ଏମାନଙ୍କର ସଂରକ୍ଷଣ ପାଇଁ ଜଣେ ଅଭିଜ୍ଞ ବ୍ୟକ୍ତି ଥାଏ ଯାହାକୁ "ପେଲୋ-କୋଟଓ୍ବାର" କହନ୍ତି । ପେଲୋ-କୋଟଓ୍ବାର ଏମାନଙ୍କର କୌଣସି ଦୁର୍ବ୍ୟବହାର ବା ଦୁଷ୍କର୍ମ ପାଇଁ ପୂର୍ଣ୍ଣତଃ ଦାୟୀ । ଗୀତ ଏବଂ ନୃତ୍ୟଗୀତାଦି ସମ୍ବନ୍ଧରେ ଏମାନେ ବଡ଼ବର ସତର୍କ ଦୃଷ୍ଟି ରଖନ୍ତି । ଏମାନଙ୍କର ଦେଖାଶୁଣା କରିବା ପାଇଁ ସ୍ତ୍ରୀଲୋକ ମଧ୍ୟରୁ ଜଣେ ଅଭିଜ୍ଞ ମହିଳାଙ୍କୁ ବାଛି ଦିଆଯାଏ । ଏହାଙ୍କୁ "ବଡ଼କା ଧାଙ୍ଗରିନ୍" କହନ୍ତି । ବାଳକ ବାଳିକାମାନଙ୍କ ପାଇଁ ପୃଥକ ଧୁମ୍‌କୁରିଆ ରହିଲେ ମଧ୍ୟ ଏମାନଙ୍କର ଅଖଡ଼ା ଗୋଟିଏ । ଏଠାରେ ସେମାନେ ଏକତ୍ରିତ ହୋଇ ନୃତ୍ୟଗୀତାଦି କରନ୍ତି । ଧୁମ୍‌କୁରିଆ ଘର ଏମାନଙ୍କର ସମାଜ ପାଇଁ ବିଶେଷ ଆବଶ୍ୟକ ବୋଲି ଗୃହୀତ ହୋଇଛି । ଗ୍ରାମରେ କେଉଁଠାରେ ବିବାହ ବା ଭୋଜି ହେଲେ ଧୁମ୍‌କୁରିଆର ସଭ୍ୟମାନେ ଅସି ଖାଦ୍ୟ ତିଆରି କରନ୍ତି ଏବଂ ଅନ୍ୟ ପ୍ରକାର କାମ ମଧ୍ୟ କରନ୍ତି । ବୁଣିବା ବା କାଟିବା ସମ୍ବନ୍ଧରେ ଯଦି ବାଳିକାମାନଙ୍କର ସାହାଯ୍ୟ ଆବଶ୍ୟକ ହୁଏ ତାହାହେଲେ 'ବଡ଼କି ଧାଙ୍ଗରିନ୍‌କୁ' ସେ କଥା ଜଣାଇଦିଆଯାଏ ଏବଂ ତାଙ୍କ ଆଜ୍ଞାରେ ସମସ୍ତେ ଯାଇ କାର୍ଯ୍ୟ କରନ୍ତି । ଯଦି କୌଣସି ପରିବାରରେ କୌଣସି ଅତିଥିଙ୍କର ରହିବାକୁ ସ୍ଥାନାଭାବ ପଡ଼େ ତାହାହେଲେ ତାଙ୍କୁ ଧୁମ୍‌କୁରିଆ ଘରେ ରଖାଯାଏ ଏବଂ 'ପୁନାଏର୍‌ପା'ର ବାଳକମାନେ ତାଙ୍କର ହାତଗୋଡ଼ ମାଲିସ କରିଦିଅନ୍ତି ଓ ଅନ୍ୟାନ୍ୟ ସେବା ମଧ୍ୟ କରନ୍ତି । ଏହି ପ୍ରକାର ଗ୍ରାମରେ ଯେତେବେଳେ ସାମୂହିକ ଶ୍ରମର ଆବଶ୍ୟକ ପଡ଼େ ସେତେବେଳେ ଏମାନେ ସଂଗଠିତ ଭାବେ କାମ କରନ୍ତି । ଛୋଟ ବାଳକମାନଙ୍କୁ ବଡ଼ମାନଙ୍କର ଆଜ୍ଞା ପାଳନ କରିବାକୁ ପଡ଼େ । ଆଜ୍ଞା ଅମାନ୍ୟ କଲେ ଦଣ୍ଡ ଦିଆଯାଏ । ସାମୂହିକ କାର୍ଯ୍ୟ ବା ଦଣ୍ଡ ଦ୍ୱାରା ଯେଉଁ ପଦାର୍ଥସବୁ ସଂଗୃହୀତ ହୁଏ ତାହାଦ୍ୱାରା ଧୁମ୍‌କୁରିଆର ଯେତେକ ଜିନିଷପତ୍ର କିଣାଯାଏ ।

ବର୍ଷରେ ଥରେ ଏମାନଙ୍କୁ ଗ୍ରାମର ପ୍ରତ୍ୟେକ କରଞ୍ଜ ଗଛରୁ କରଞ୍ଜ ମଞ୍ଜି ତୋଳିବାର ଅଧିକାର ଦିଆଯାଏ । ଏଥିରୁ ତେଲ ତିଆରି କରାଯାଇ ଧୁମ୍‌କୁରିଆର ଅଖଡ଼ାରେ ଜଳାଯାଏ । ଏହିପରି ବର୍ଷକେ ଥରେ ଏମାନଙ୍କୁ ମହୁଲ ଗଛରୁ ମହୁଲ ତୋଳିବାକୁ ଦିଆଯାଏ । ଏଥିରୁ ମହୁଲ ମଦ ତିଆରି ହୁଏ । ଗ୍ରାମକୁ ବରଯାତ୍ରୀ ଦଳ ଆସିଲେ ଧାଙ୍ଗରମାନେ ତୋ ଗୃହଅଣାଠାରୁ ଆରମ୍ଭ କରି ଛାଡ଼ିଏ ପର୍ଯ୍ୟନ୍ତ "ତୋହ୍‌ଜର" ଆଦାୟ କରନ୍ତି ଏବଂ ଏହାଙ୍କର ଆଜ୍ଞା ଅନୁସାରେ ବରଯାତ୍ରୀମାନଙ୍କର ସମସ୍ତ କାର୍ଯ୍ୟ

ସୁସ୍ପଷ୍ଟରୂପେ ସମ୍ପନ୍ନ ହୁଏ । ଗ୍ରାମରେ ପଶୁରୋଗ ହେଲେ ଏହି ବାଳକମାନେ ଗୁଣି ଗାରେଡ଼ି କରି ରୋଗ ତଡ଼ିଦିଅନ୍ତି । ଏହି ପ୍ରକାରେ ଗ୍ରାମର ବହୁତ କଠିନ କାର୍ଯ୍ୟ ସଂଗଠିତ ଭାବେ ସହଜରେ କରାଇଦିଏ । ଏବଂ ସମାଜ ପକ୍ଷରେ ଏହି ପ୍ରକାର ସଙ୍ଘର ବହୁତ ମୂଲ୍ୟ ଅଛି । ସେହି ସମୟରେ ଆନୁଷ୍ଠାନିକ ଶିକ୍ଷାର ପ୍ରଚଳନ ନ ଥିଲା ସେହି ସମୟରେ ଏହା ବିଶେଷ ଉପଯୋଗୀ ଥିଲା । କିନ୍ତୁ ଅନ୍ୟ ଜାତିମାନଙ୍କର ସମ୍ପର୍କରେ ଆସିବାରୁ ଏହା ଧୀରେ ଧୀରେ ଲୋପପାଇ ଯାଉଅଛି ।

ଆମ କୁଟିଆ ଭାଇ (କୁଟିଆ କନ୍ଧର ଉତ୍ପତ୍ତି)

[ପୂର୍ବ ପ୍ରକାଶିତ ପରରୁ]

ଆଜି ପାଠକମାନଙ୍କୁ 'କୁଟିଆ କନ୍ଧ'ର ଉତ୍ପତ୍ତି ସମ୍ବନ୍ଧରେ ଲୋକମୁଖରେ ପ୍ରଚଳିତ ଗଳ୍ପଟି କହିବି । ପୂର୍ବ ପ୍ରବନ୍ଧରେ ଆଦିମ ମାନବ 'କୁଟିଆ'ମାନଙ୍କ ସମ୍ବନ୍ଧରେ କିଞ୍ଚିତ ଆଲୋଚନା କରିଥିଲି । ଯଦିଓ ଓଡ଼ିଶାର ପୁରପଲ୍ଲୀ ତଥା ସହରମାନଙ୍କରେ କୁଟିଆ କନ୍ଧର ନାମଗନ୍ଧ ପ୍ରଚାରିତ ନ ହୋଇଥିବ, ତଥାପି 'ଆଦିବାସୀ' ପତ୍ରିକାର ପାଠକ ଓ ଆଦିବାସୀମାନଙ୍କର ଉନ୍ନତି ଚିନ୍ତା କରୁଥିବା ବ୍ୟକ୍ତିମାନଙ୍କ ନିକଟରେ, କୁଟିଆ ଭାଇ ଆଜି ଅପରିଚିତ ହୋଇ ରହିଥିବ ବୋଲି ମୋର ବିଶ୍ୱାସ ନୁହେଁ । କୌଣସି ଅପରିଚିତ ଲୋକ ସହ ପରିଚୟ ହେଲେ, ଆମେ ଯେପରି ସେହି ଲୋକର ନାମ, ଧାମ, ଜାତି ଓ ବ୍ୟବସାୟ ଆଦି ସମ୍ପର୍କରେ ନାନାଦି ପ୍ରଶ୍ନ କରି, ସେହିସବୁ ପ୍ରଶ୍ନର ଯଥାଯଥ ଉତ୍ତର ପାଇ ପାରିଲେ ପରେ ଆମର ପରିଚୟ ସୁଦୃଢ଼ କରୁ, ସେହିପରି କୁଟିଆ ଭାଇମାନଙ୍କ ସହ ପରିଚୟ ସୁଦୃଢ଼ କରିବାକୁ ହେଲେ, ପାଠକମାନଙ୍କୁ ଓଡ଼ିଶାର ୬୨ ଗୋଟି ଆଦିବାସୀ ଜାତିମାନଙ୍କ ମଧ୍ୟରୁ କୁଟିଆ କନ୍ଧର ତଥ୍ୟ ଜଣାଇ ଦେବା ଏକାନ୍ତ ଆବଶ୍ୟକ । ତେଣୁ ପ୍ରଥମେ କୁଟିଆର ଉତ୍ପତ୍ତି ସମ୍ବନ୍ଧରେ କିଞ୍ଚିତ ଆଲୋଚନା କରାଯାଉଛି ।

ଆଦିବାସୀ ଓ ଅଣଆଦିବାସୀମାନଙ୍କର · ଉତ୍ପତ୍ତି ସମ୍ବନ୍ଧରେ ଆମ୍ଭେମାନେ ଐତିହାସିକମାନଙ୍କ ମତକୁ ପୂର୍ଣ୍ଣରୂପେ ଗ୍ରହଣ କରିଥାଉଁ । ସେମାନଙ୍କ ମତରେ ମଧ୍ୟ ଆଦିବାସୀମାନେହିଁ ଏ ଦେଶର ଆଦିମାନବ । ଅନାର୍ଯ୍ୟ ସଭ୍ୟତା ପରେ ଆଜିର ଏ ଆର୍ଯ୍ୟ ସଭ୍ୟତା ଆସିଛି ; କିନ୍ତୁ ଇତିହାସରେ ଆଦିବାସୀମାନଙ୍କର ଉତ୍ପତ୍ତି ସମ୍ବନ୍ଧରେ ବିଶେଷ କିଛି ଆଲୋଚନା ହୋଇଥିବାର ପରିଦୃଷ୍ଟ ହୁଏ ନାହିଁ । ତେଣୁ ଆଦିବାସୀମାନଙ୍କର ଉତ୍ପତ୍ତି ସମ୍ବନ୍ଧରେ, ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ କେତେଗୁଡ଼ିଏ ଗଳ୍ପ ଉପରେ ନିର୍ଭର କରିବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ । ଓଡ଼ିଶାର ୬୨ ଗୋଟି ଆଦିବାସୀ ଜାତି ମଧ୍ୟରୁ କୁଟିଆ କନ୍ଧମାନଙ୍କ ମଧ୍ୟରେ ପ୍ରଚଳିତ ଗଳ୍ପଟି ବର୍ତ୍ତମାନ ବର୍ଣ୍ଣନା କରାଯାଉଛି । ପାଠକମାନେ ଏହି ଗଳ୍ପଟିରୁ କୁଟିଆ କନ୍ଧର ଉତ୍ପତ୍ତି ଓ କୁଟିଆ ଶବ୍ଦର ଅର୍ଥ କିପରି କନ୍ଧମାନଙ୍କ ପୂର୍ବରେ ବ୍ୟବହାର କରାଯାଇ କନ୍ଧଠାରୁ କୁଟିଆ କନ୍ଧ କିପରି ପୃଥକ ଜାତିରେ ପରିଗଣିତ ହୋଇପାରିଛି ତାହା ଉତ୍ତମ ରୂପେ ହୃଦୟଙ୍ଗମ କରି ପାରିବେ ।

ବର୍ତ୍ତମାନ ଗଳ୍ପଟି ଶୁଣନ୍ତୁ :—

"ସେ ଏକ କଳ୍ପନାତୀତ ଅତୀତ । ବର୍ତ୍ତମାନର ଏ ବିସ୍ତୀର୍ଣ୍ଣ ସୃଷ୍ଟି କେତେ ଯୁଗ ଧରି ଯେ ଅଗାଧ ଜଳଧି ଜଳରେ ନିମଜ୍ଜିତ ଥିଲା, ତାହା କେବଳ ସେହି ସୃଷ୍ଟି କର୍ତ୍ତାଙ୍କୁହିଁ ଗୋଚର । ଚତୁର୍ଦ୍ଦିଗ ନୀଳ ଜଳରାଶିର ଢଳ କଲ୍ଲୋଳରେ ମୁଖରିତ ହେଉଥାଏ । ଉପରେ ନୀଳ ଆକାଶ, ଆଉ ତାରି ତଳେ ଆମର ଏ ସୁନ୍ଦର ଧରଣୀର ଗର୍ଭପାତ

ତଥି ନୀଳ ଜଳଧି ନିଜର ଉତ୍ତାଳ ତରଙ୍ଗ ଛାଡ଼ୁଥିଲା। ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା, ବାୟୁ, ଅଗ୍ନି, ବନ, ପର୍ବତ, ପଶୁ, ପକ୍ଷୀ, କୀଟ, ପତଙ୍ଗ ଓ ମାନବ ଆଦି ତାହାର ଗୋଟିକର ହେଲେହେଁ ଅସ୍ତିତ୍ୱ ନ ଥାଏ। ଅତୀତର ସେହି ଦୁର୍ଦ୍ଦିନଗୁଡ଼ିକ କେତେ ଯେ ଅବସାନ ହେଲା ତାହାର ମଧ୍ୟ ହିସାବ କେହି କହି ପାରିବେ ନାହିଁ।

ବୋଧହୁଏ ସୃଷ୍ଟିକର୍ତ୍ତାର ପ୍ରାଣରେ ଦୟା ସଞ୍ଚାର ହେଲା। ଅଧିକ କାଳ ନିଜକୁ ଓ ଏ ସୁନ୍ଦର ସୃଷ୍ଟିକୁ ଜଳଧି ଜଳରେ ମଗ୍ନ ରଖିବାକୁ ଉଚିତ ମନେକଲେ ନାହିଁ। ତେଣୁ ହଠାତ୍ ଦିନେ ସୃଷ୍ଟିକର୍ତ୍ତା ନିଜକୁ ସେହି ପ୍ରଳୟଙ୍କରୀ ବାରିରାଶି ମଧ୍ୟରୁ ମୁକ୍ତକଲେ। ଫୁଲବାଣୀ ଜିଲ୍ଲାର ବାଲିଗୁଡ଼ା ସବ୍‌ଡିଭିଜନରୁ ଗୁମା ନାମକ ଏକ ଗ୍ରାମ ନିକଟରେ ସ୍ତମ୍ଭାକାର ହୋଇ ପ୍ରଥମେ ଆବିର୍ଭାବ। ଏହି ସୃଷ୍ଟିକର୍ତ୍ତାଙ୍କ ନାମ 'ସପାଙ୍ଗଡ଼ା'। ସପାଙ୍ଗଡ଼ା ନିଃସଙ୍ଗ ଜୀବନ ଯାପନର ଦୁଃଖ ଦୂର କରିବା ପାଇଁ ନିଜର ସୃଷ୍ଟିପରେ କେତେଗୁଡ଼ିଏ ଦେବୀଙ୍କୁ ସୃଷ୍ଟି ମଧ୍ୟ କରିଥିଲେ। ଏହି ଦେବୀମାନଙ୍କର ସଂଖ୍ୟା ପାଞ୍ଚ ଥିଲା। ସେମାନଙ୍କର ନାମ ହେଉଛି, ୧—ରଣୀଆଡ଼ୁ, ୨—ବେଦଆଡ଼, ୩—ପୁଷରାଣୀ, ୪—ଦେଉଷାଡ଼ ଓ ୫—ଭୁମ୍ବାଷାଡ଼ୁ। ଅନ୍ୟ କେତେକଙ୍କ ମତରେ ଏହି ଦେବୀମାନଙ୍କର ସଂଖ୍ୟା ପାଞ୍ଚ ନହୋଇ ସାତ ଅଟେ ଓ ସେହି ସପ୍ତଦେବୀମାନଙ୍କର ନାମ ହେଉଛି—'ସାରଗୃଗାଡ଼ୀ', 'ବାକଲକିଙ୍ଗା', 'ପେନ୍ନଲଙ୍ଗା', 'ଝପିମାନାସ୍ରି', 'ଝୁମ୍ପାଝରଣୀ', 'କନ୍ଦୁଙ୍ଗଡ଼େଲ୍' ଓ 'ବେନାଙ୍ଗଡ଼ାଲି'। ଏହି ପଞ୍ଚଦେବୀ ବା ସପ୍ତଦେବୀ ମାନେ ହେଉଛନ୍ତି ସୃଷ୍ଟିକର୍ତ୍ତା 'ସପାଙ୍ଗଡ଼ା'ଙ୍କ ରାଣୀ। ସପାଙ୍ଗଡ଼ାଙ୍କୁ ମଧ୍ୟ ଦେବତାଙ୍କ ରାଜା ବୋଲି ଲୋକେ ମାନିଥାନ୍ତି। ଏହି ଦେବୀମାନଙ୍କ ସହ 'ସପାଙ୍ଗଡ଼ା' ଅଗାଧ ଜଳଧି ମଧ୍ୟରୁ ଆତ୍ମପ୍ରକାଶ କରନ୍ତେ, ସୃଷ୍ଟି ହେଲା ବିରାଟ ସ୍ଥଳଭାଗ। ଏହା ମଧ୍ୟ ତାଙ୍କର ନିର୍ଦ୍ଦେଶରେ ହୋଇଥିଲା। ସେତେବେଳେ ପର୍ଯ୍ୟନ୍ତ ମଧ୍ୟ ଏହି ଧରାପୃଷ୍ଠରେ କୀଟ ଅବା ପତଙ୍ଗଟିଏ ବି ଜନ୍ମଲାଭ କରିନଥିଲା।

ଦେବଦେବୀମାନେ ଧରାପୃଷ୍ଠରେ କିଛି ଦିନ ରହିଲା ପରେ ନିଜର ପୂଜା ଆରାଧନା ନିମିତ୍ତ ମାନବର ଅଭାବ ଅନୁଭବ କଲେ। ତେଣୁ 'ସପାଙ୍ଗଡ଼ା' ସ୍ୱକ୍ଷମତା ବଳରେ ଗାତ ବା ଖାଲ ମଧ୍ୟରୁ କେତେଗୁଡ଼ିଏ ମନୁଷ୍ୟ ସୃଷ୍ଟି କଲେ। ଏହି ଆଦି ମାନବହିଁ ଆଜିର କୁଟିଆକନ୍ଧର ପୂର୍ବପୁରୁଷ। ଏହି ଗାତ ବା ଖାଲକୁ କୁଟିଆମାନଙ୍କ ଭାଷାରେ 'କୁଟି' ବୋଲି କୁହାଯାଏ। ତେଣୁ ସପାଙ୍ଗଡ଼ା କୁଟି ମଧ୍ୟରୁ ଯେଉଁମାନଙ୍କୁ ସୃଷ୍ଟିକଲେ, ସେମାନେହିଁ ହେଲେ କୁଟିଆ। ଗଳ୍ପଟି ଏତିକିରେ ସମାପ୍ତ ହେଲା ନାହିଁ।

ଦେବତାଙ୍କ ପ୍ରସାଦରୁ ଗାତରୁ ଯେଉଁମାନବମାନେ ଜନ୍ମଲାଭ କଲେ ସେମାନେ ଅତି ଭକ୍ତିପୂର୍ଣ୍ଣ ଚିତ୍ତରେ ଦେବଦେବୀମାନଙ୍କୁ ପୂଜା କରିବାକୁ ଲାଗିଲେ। ସେମାନେ ଦେବତାଙ୍କ ନିକଟରେ କୋଳଲା ଗୃହଳରେ ଭାତ ଓ ମହୁଲି ମଦ ପ୍ରତିଦିନ ଭୋଗ ଦେବାରେ ତ୍ରୁଟି କରୁ ନଥାନ୍ତି। ମାନବ ସୃଷ୍ଟି ପରେ ପରେ ଦେବତା

ଗଛଲତା, ବନପର୍ବତ ଆଦିର ସୃଷ୍ଟି କଲେ । ସପାଙ୍ଗଡ଼ା ଏହି ଅର୍ଦ୍ଧ ମାନବ ମାନଙ୍କର ସେବା ପ୍ରକାରରେ ତୃପ୍ତିଲାଭ କରି ପାରିଲେ ନାହିଁ, କାରଣ ଅର୍ଦ୍ଧମାନବର ହସ୍ତ-ପ୍ରସ୍ତୁତ ଖାଦ୍ୟ ଓ ମଦରୁ ମନୁଷ୍ୟର ଶରୀର ଗନ୍ଧ ନିର୍ଗତ ହେବାକୁ ଲାଗିଲା । ତେଣୁ ଦେବତା ସେହି ଭୋଗଗୁଡ଼ିକୁ ଗ୍ରହଣ ନକରି ଉପବାସରେ କାଳ କାଟିବାକୁ ଲାଗିଲେ । କିନ୍ତୁ ଉପବାସ କେତେ ଦିନ ବା ଦେବତା ସହ୍ୟ କରିବେ ? ତେଣୁ ଉପାୟାନ୍ତର ନଦେଖି ଦ୍ୱିତୀୟଥର ମାନବ ସୃଷ୍ଟି କରିବା ପାଇଁ ଦେବତା ସ୍ଥିର କଲେ ।

କାଳଗୁଡ଼ା ସବଡ଼ିଭିଜନରେ ଗଦାପୁର ନାମକ ଏକ ସ୍ଥାନରେ 'ସପାଙ୍ଗଡ଼ା' ଗୁମାରୁ ଯାଇ ଅବତୀର୍ଣ୍ଣ ହେଲେ । ସେଠାରେ ସେ ପ୍ରଥମେ ମୃତ୍ତିକା ନିର୍ମିତ ଏକ ହାଣ୍ଡିରେ ଏକ ହାତ ଲମ୍ବ ବିଶିଷ୍ଟ ସାତ ଖଣ୍ଡି ବାଉଁଶ ରଖି ହାଣ୍ଡିର ମୁଖ ବନ୍ଦ କରି ସପ୍ତଦିନ ପର୍ଯ୍ୟନ୍ତ ମାନବ ସୃଷ୍ଟି ଉଦ୍ଦେଶ୍ୟରେ ଅପେକ୍ଷା କରିବାକୁ ଲାଗିଲେ । ସପ୍ତମ ଦିବସରେ ହାଣ୍ଡିର ଢାଙ୍କୁଣୀ ଖୋଲିଦେନ୍ତେ ତହିଁରୁ ଦେବଦେବୀମାନଙ୍କର ତୃପ୍ତିଦାତା ସାତଗୋଟି ମନୁଷ୍ୟ ସୃଷ୍ଟି ହେଲେ । ଏହି ସାତଟି ମନୁଷ୍ୟ ସୃଷ୍ଟିକରି ଦେବତା 'ସପାଙ୍ଗଡ଼ା' ଅପାର ଆନନ୍ଦ ଲାଭକଲେ । ମାନବ ସୃଷ୍ଟି ପରେ ଦେବତାଙ୍କ କାର୍ଯ୍ୟ ସମାପ୍ତ ହୋଇ ନ ଥିଲା । ସେ ସେହିଠାରେ ମନୁଷ୍ୟମାନଙ୍କର ଜାତି ବିଭାଗ ଓ ମନୁଷ୍ୟମାନଙ୍କ ମଧ୍ୟରେ ରାଜପଦ ପାଇଁ କିଏ ଉପଯୁକ୍ତ ତାହା ମଧ୍ୟ ସ୍ଥିର କରି ଦେଇଥିଲେ । ପ୍ରଥମେ ସେ ତିନିଗୋଟି ଜାତି ସୃଷ୍ଟି କଲେ । ସେ ଜାତିମାନଙ୍କର ନାମ ହେଉଛି— 'କନ୍ଧ', 'ପାଣ' ଓ 'ଓଡ଼ିଆ' । ପାଣମାନେ ଓଡ଼ିଆମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେଲେ ମଧ୍ୟ କନ୍ଧମାନଙ୍କ ମତରେ ପାଣମାନେ ସେମାନଙ୍କପରି ଏକ ସ୍ୱତନ୍ତ୍ର ଜାତି ।

ଏହି ତିନିଗୋଟି ଭିନ୍ନ ଜାତି ସୃଷ୍ଟି କରିବା ପାଇଁ ସପାଙ୍ଗଡ଼ା ପ୍ରଥମେ ଗୋରୁ, ଛେଳି ଓ ଘୋଡ଼ାର ମାଂସ ଆଣି ମନୁଷ୍ୟମାନଙ୍କୁ ଭକ୍ଷଣ କରିବାକୁ ଆଦେଶ ଦେଲେ । ଦେବତାଙ୍କ ଆଦେଶକ୍ରମେ ସମସ୍ତେ ଆଗ୍ରହରେ ମାଂସଗୁଡ଼ିକ ଭକ୍ଷଣ କରନ୍ତେ ଦେବତା ଜାତି ନିର୍ଣ୍ଣୟ ପାଇଁ ପୂର୍ବରୁ ସ୍ଥିର କରିଥିବା ଘୋଷଣାଟି ପ୍ରକାଶ କଲେ । ଘୋଷଣା ଅନୁଯାୟୀ ଗୋମାଂସ ଭକ୍ଷଣକାରୀ ପାଣ ବା ଡମ, ଘୋଡ଼ା ମାଂସଭକ୍ଷଣକାରୀ କନ୍ଧ ଓ ଛେଳି ମାଂସ ଭକ୍ଷଣକାରୀମାନେ ଓଡ଼ିଆ ଜାତିରୂପେ ପରିଚିତ ହେଲେ । ଦେବତାଙ୍କ ଆଦେଶରେ ଭକ୍ଷଣ କରାଯାଇଥିବା ମାଂସତକ ମନୁଷ୍ୟମାନେ ପୁନର୍ବାର ବାନ୍ତିକଲେ ଓ ପୂର୍ବ ଘୋଷଣା ଅନୁଯାୟୀ କନ୍ଧ, ପାଣ ଓ ଓଡ଼ିଆ ନାମକ ଏହି ତିନିଗୋଟି ଜାତିରେ ନିଜ ନିଜକୁ ବିଭକ୍ତ କଲେ ।

ଜାତି ବିଭାଗ ପରେ ରାଜପଦ ପାଇଁ ଏହି ମାନବମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗୁଥିଲା । ତହୁଁ 'ସପାଙ୍ଗଡ଼ା' ଏକ ବୃହଦକାୟ ଅଶ୍ୱ ସୃଷ୍ଟିକରି ତହିଁ ଉପରକୁ ଆରୋହଣ କରିବା ପାଇଁ ଏହି ତିନିଗୋଟି ଜାତିକୁ ଆଦେଶ ଦେଲେ । ଅଶ୍ୱପୃଷ୍ଠରେ ଆରୋହଣ କରିବାରେ ଯେ କୃତକାର୍ଯ୍ୟ ହେବ ସେ ହିଁ ରାଜପଦ ପାଇଁ ଉପଯୁକ୍ତ

ବିବେଚିତ ହେବ ବୋଲି ସପାଙ୍ଗଡ଼ା ଦ୍ୱିତୀୟ ଥର ଘୋଷଣା କରିଦେଲେ । ଏହି ଘୋଷଣା ଶ୍ରବଣ ମାତ୍ରକେ ତିନିଗୋଟି ଜାତିର ଲୋକମାନେ ଅଶ୍ୱ ପୃଷ୍ଠରେ ଆରୋହଣ କରିବା ପାଇଁ ବ୍ୟଗ୍ର ହୋଇଉଠିଲେ । କିନ୍ତୁ ଏହି ଭଳି ଅଶ୍ୱ ପୃଷ୍ଠରେ ଆରୋହଣ କରିବା କି ସହଜ କଥା ପାଣ ଜାତିର ଲୋକମାନେ ନିଜର ଅକ୍ଷମତା ଜଣାଇ ଅଶ୍ୱାରୋହଣରୁ ନିବୃତ୍ତି ରହି ରାଜପଦ ଲାଭ ଲାଳସା ମନ ମଧ୍ୟରୁ ପରିତ୍ୟାଗ କଲେ । କିନ୍ତୁ କନ୍ଧମାନେ ଏତେ ବଡ଼ ଅଶ୍ୱ ପୃଷ୍ଠକୁ ଅକ୍ଳେଶରେ ଗୋଟିଏ ନିଶୁଣି ଦ୍ୱାରା ଆରୋହଣ କରିହାଇ ପାରିବ ଭାବି ନିଶୁଣି ଅନୁସନ୍ଧାନରେ କାର୍ଯ୍ୟରେ ଲିପ୍ତ ରହିଲେ । ଇତ୍ୟବସରେ ଓଡ଼ିଆ ଲୋକମାନେ ସୁଦକ୍ଷ ଅଶ୍ୱାରୋହୀ ସଦୃଶ ଲମ୍ଫ ପ୍ରଦାନ ପୂର୍ବକ ଅଶ୍ୱ ପୃଷ୍ଠରେ ଅନାୟାସରେ ମୁହୂର୍ତ୍ତକ ମଧ୍ୟରେ ଆରୋହଣ କଲେ । ଓଡ଼ିଆମାନଙ୍କର ଏତାଦୃଶ କୌଶଳ ପ୍ରଦର୍ଶନ ପାଣ ଓ କନ୍ଧମାନଙ୍କୁ ଚମତ୍କୃତ କରିଦେଲା ଓ ଦେବତା ସପାଙ୍ଗଡ଼ାଙ୍କ ଆଦେଶାନୁସାରେ ଏବଂ କନ୍ଧ ଓ ପାଣମାନଙ୍କ ସମ୍ମତିରେ ଓଡ଼ିଆମାନେ ରଜା ବୋଲି ଘୋଷିତ ହେଲେ । ସେହି ଦିନଠାରୁ କନ୍ଧ ଓ ପାଣମାନେ ଓଡ଼ିଆମାନଙ୍କୁ ରାଜାସନ ଦେଇ ଆସୁଛନ୍ତି । ଯଦିଓ କନ୍ଧ ଏବଂ ପାଣ ଉଭୟେ ଗୋ ମାଂସ ବର୍ତ୍ତମାନ ସୁଦ୍ଧା ଭକ୍ଷଣ କରୁଛନ୍ତି ତଥାପି କନ୍ଧ ନିଜକୁ ପାଣଠାରୁ ଉଚ୍ଚ ଜାତି ବୋଲି ମନେ କରେ ।

ପୂର୍ବରୁ କୁହାଯାଇଛି 'ସପାଙ୍ଗଡ଼ା' ପ୍ରଥମ ଥରରେ ସୃଷ୍ଟି କରିଥିବା ମାନବର ସେବା ପୂଜାରେ ସନ୍ତୁଷ୍ଟି ଲାଭ କରି ନପାରିବାରୁ ଦ୍ୱିତୀୟ ଥର ପାଇଁ ପୁନର୍ବାର ମାନବ ସୃଷ୍ଟି କରିଥିଲେ । ଜାତି ବିଭାଗ ଓ ରଜା (ଦଳପତି) ପଦ ଆଦି ବଣ୍ଟାବଣ୍ଟି କାର୍ଯ୍ୟମାନ ସ୍ଥିର ହୋଇ ଗଲା ପରେ 'ସପାଙ୍ଗଡ଼ା' ତାଙ୍କ ସୃଷ୍ଟିର ଉଦ୍ଦେଶ୍ୟ ଲୋକମାନଙ୍କୁ ବୁଝାଇ ଦେଲେ ଓ କନ୍ଧମାନଙ୍କୁ ସଂଗରେ ଧରି ଗଦାପୁରରୁ ଗୁମା ଅଭିମୁଖେ ଯାତ୍ରା କଲେ । ଗୁମାରେ ପହଞ୍ଚି କନ୍ଧମାନେ ପୂର୍ବରୁ ସୃଷ୍ଟି ହୋଇଥିବା କନ୍ଧମାନଙ୍କ ସହ ମିଳାମିଶି ବାସ କଲେ ଏବଂ ଅତି ଶ୍ରଦ୍ଧାଯୁକ୍ତ ଭାବରେ 'ସପାଙ୍ଗଡ଼ା' ଓ ଅନ୍ୟାନ୍ୟ ଦେବାମାନଙ୍କର ପୂଜା ଆରାଧନା କରିବାକୁ ଲାଗିଲେ । ଗୋଟିଏ ନିର୍ଦ୍ଦିଷ୍ଟ କନ୍ଧ ପରିବାର ଦେବଦେବୀଙ୍କ ପୂଜାର ପୂର୍ଣ୍ଣ ଦାୟିତ୍ୱ ଶରଦାନ ପାଇଁ ଚୟନ ହେଲା । ପୁରୁଷାନୁକ୍ରମେ କନ୍ଧମାନଙ୍କ ପୁରୋହିତ ହୋଇ ସେହି ପରିବାରଟି ଦେବତାଙ୍କ ପୂଜା କରି ଆସୁଅଛି । ଏହି ପୁରୋହିତ ବା ପୂଜାରୀଙ୍କୁ 'ବୁଡୁକା' ନାମରେ ଅଭିହିତ କରାଯାଇଛି । ଦେବତାଙ୍କର ପୂଜା ପଦ୍ଧତି ଓ ପର୍ବ ପର୍ବାଣୀ ସମ୍ବନ୍ଧରେ କାଳାନ୍ତରେ ଆଲୋଚନା କରାଯିବ ।

ଗଦାପୁରରୁ ଆସିଥିବା କନ୍ଧ ଓ ଗୁମାର କନ୍ଧମାନେ ଏକତ୍ର ମିଶି ପର୍ବତମାନଙ୍କରେ ବାସ କରିବାକୁ ଲାଗିଲେ ଓ ଓଡ଼ିଆ ଏବଂ ପାଣମାନେ ସମତଳଭୂମିରେ ଗୃହବାସ କରି ରହିଲେ । ତାପରେ ସପାଙ୍ଗଡ଼ାଙ୍କ ପ୍ରସାଦରୁ ସୃଷ୍ଟି ଦିନକୁ ଦିନ ନୂଆ ରୂପ ଧାରଣ କରି ବୃଦ୍ଧି ପାଇବାକୁ ଲାଗିଲା । ବର୍ତ୍ତମାନ ପର୍ଯ୍ୟନ୍ତ ସୃଷ୍ଟି ଓ ପ୍ରଳୟର ମୂଳରେ 'ସପାଙ୍ଗଡ଼ା' ଙ୍କର ପ୍ରଚ୍ଛନ୍ନ ହସ୍ତ ନିହିତ ଥିବାର ବିଶ୍ୱାସ କନ୍ଧମାନଙ୍କ ମନରେ ଦୃଢ଼ଭାବରେ ସ୍ଥାନ ପାଇଅଛି ।

ବର୍ତ୍ତମାନ 'କୁଟିଆ' ଶବ୍ଦ ଉପରେ ଈଷତ୍ ଆଲୋଚନା କରିଲ ପର୍ଦ୍ଧାର ରୂପେ ବୁଝା ପଡ଼ିବ ଯେ 'କୁଟି' (ଗାଡ଼) ରୁ ଜାତ ହୋଇ ଓ 'କୁଟ' (ପର୍ବତ)ରେ ବାସକରି ରହୁଥିବା ଏକ ନିର୍ଦ୍ଦିଷ୍ଟ ମାନବ ଗୋଷ୍ଠୀକୁ 'କୁଟିଆକନ୍ଧ' ରୂପେ ଅନ୍ୟମାନଙ୍କଠାରୁ ପୃଥକ କରାଯାଇଛି । ସେ ଯାହା ହେଉନା କାହିଁକି, ସୃଷ୍ଟିର ପ୍ରଥମ ମାନବ ବୋଲି 'କୁଟିଆ' ନିଜକୁ ଦାବୀକରି ଆମଠାରୁ ଦୀର୍ଘ ଦିନ ଧରି ଦୂରରେ ରହୁଛି ଏକ ଦୁର୍ଗମ ଗିରି ଓ ଅଭେଦ୍ୟ ଅରଣ୍ୟ ମଧ୍ୟରେ । ଆମେ ଯଦି ନିଜକୁ ସଭ୍ୟ ଓ ଶିକ୍ଷିତ ବୋଲି ଦାବି କରି ଗର୍ବକରିବା, ତେବେ ଲୋଚନ ତଥା ଘଞ୍ଚାର ଅନ୍ତରାଳରେ ପଡ଼ିରହୁଥିବା ଏହି ସରଳ ଓ ନିରୀହ 'କୁଟିଆ' ମାନଙ୍କ ସମ୍ବନ୍ଧରେ ଚିନ୍ତାକରିବା ଉଚିତ ହେବ ନାହିଁ କି ? ସେ ପରି ଆମ 'କୁଟିଆଭାଇ' ।

ଆଦିବାସୀ ଶିକ୍ଷା

ଶ୍ରୀ ବିଶ୍ୱନାଥ ଷ

ଶିକ୍ଷା ସାଧାରଣତଃ ଦୁଇ ପ୍ରକାର—ପାରଂପାରିକ ଓ ପ୍ରଗତିଶୀଳ । ଯେଉଁ ସମାଜ ଯେତେ ଉନ୍ନତ ତାର ଶିକ୍ଷା ସେତେ ପ୍ରଗତିଶୀଳ ଓ ଯେଉଁ ଜାତି ଯେତେ ଅନୁନ୍ନତ ତାର ଶିକ୍ଷା ସେତେ ପାରଂପାରିକ । ଅନ୍ୟଦିଗରୁ ବିଚାର କଲେ ଯେ କୌଣସି ଦେଶ ବା ସମାଜର ପ୍ରାଚୀନ ଶିକ୍ଷା ପାରଂପାରିକ ଓ ଆଧୁନିକ ଶିକ୍ଷା ପ୍ରଗତିଶୀଳ । ଆମ ଦେଶରେ ତଥା କଥିତ ଆଦିବାସୀ ସମାଜ ବିଭିନ୍ନଭାବରେ ଅନୁନ୍ନତ । ସେମାନଙ୍କ ମଧ୍ୟରେ ଆଧୁନିକ ଶିକ୍ଷା ପ୍ରବର୍ତ୍ତନ କରି ସେମାନଙ୍କୁ ଶିକ୍ଷିତ ତଥା ଉନ୍ନତ କରିବାପାଇଁ ସମସ୍ତେ ତତ୍ପର । ଆଦିବାସୀ ସମାଜ ଅନୁନ୍ନତ ହେଲେ ମଧ୍ୟ ସେମାନଙ୍କର ଏକ ପ୍ରକାର ସଂସ୍କୃତି ରହିଛି ଯାହାକି ଅଣଆଦିବାସୀ ସଂସ୍କୃତିଠାରୁ କୌଣସି ଗୁଣରେ ନିକୃଷ୍ଟ ନୁହେଁ । ସେମାନଙ୍କ ସମାଜରେ ମଧ୍ୟ ପାରମ୍ପରିକ ଶିକ୍ଷା ବ୍ୟବସ୍ଥା ପ୍ରଚଳିତ । ଆଦିବାସୀମାନଙ୍କ ପାଇଁ ଶିକ୍ଷା ଯୋଜନା କରିବାବେଳେ ସେମାନଙ୍କ ସମାଜରେ ପ୍ରଚଳିତ ଶିକ୍ଷା, ତାର ପ୍ରକୃତି ଓ ପଦ୍ଧତି ସମ୍ପର୍କରେ ଆଲୋଚନା ହେବା ଏକାନ୍ତ ଆବଶ୍ୟକ । ନଚେତ୍ ରୋଗ ପରୀକ୍ଷା ନ କରି ଡାକ୍ତର ରୋଗୀ ପାଇଁ ଔଷଧ ବ୍ୟବସ୍ଥା କଲେ ଫଳ ଯାହା ହୁଏ ଏ କ୍ଷେତ୍ରରେ ପରିଣାମ ତଦନୁରୂପ ହେବା ସ୍ୱାଭାବିକ ।

ଆଦିବାସୀ ଶିକ୍ଷାର ପ୍ରକୃତି

ଆଦିବାସୀ ଶିକ୍ଷା ପ୍ରାକୃତିକ (**naturalistic**) । ଆଦିବାସୀ ବାଳକବାଳିକା ପ୍ରଥମେ ପିତାମାତା ଓ ପରିବାରର ବୟସ୍କ ପୁରୁଷ ଓ ସ୍ତ୍ରୀ ଲୋକମାନଙ୍କଠାରୁ ବିଭିନ୍ନ ବିଷୟ ଶିକ୍ଷା କରନ୍ତି । ପରେ ସେମାନେ ସମାଜର ଅନ୍ୟ ବ୍ୟକ୍ତିମାନଙ୍କଠାରୁ ବିଭିନ୍ନ ବିଷୟରେ ଶିକ୍ଷା ଲାଭ କରନ୍ତି । ଖାଦ୍ୟ ସଂଗ୍ରହ, କୃଷି, ପଶୁପାଳନ, ଗୃହ ନିର୍ମାଣ, ନୃତ୍ୟଗୀତ ଓ ଗଳ୍ପ କଥନ ଆଦି ତାର ଶିକ୍ଷାର ଅନ୍ତର୍ଗତ । ଶିକ୍ଷା ଏକ ଅର୍ଥରେ ଭବିଷ୍ୟତ ଜୀବନ ପାଇଁ ପ୍ରସ୍ତୁତି । ଆଦିବାସୀ ଶିଶୁ ତା'ର ଭବିଷ୍ୟତ ଜୀବନ ପାଇଁ ଯେଉଁ ସମସ୍ତ ଶିକ୍ଷା ଲାଭ କରେ ତାହା ପ୍ରକୃତ ଶିକ୍ଷା । ଏହି ଶିକ୍ଷା ପାଇଁ କୌଣସି ନିର୍ଦ୍ଦିଷ୍ଟ ଅନୁଷ୍ଠାନ ବା ନିର୍ଦ୍ଦିଷ୍ଟ ଶିକ୍ଷକର ବ୍ୟବସ୍ଥା ନାହିଁ । କର୍ମ କ୍ଷେତ୍ରହିଁ ତା'ର ଶିକ୍ଷାନୁଷ୍ଠାନ ଓ ପିତାମାତା ଓ ସମାଜ ତା'ର ଶିକ୍ଷକ । ତେଣୁ ଆଦିବାସୀ ଶିକ୍ଷା କୃତ୍ରିମତାର ଆଶ୍ରୟ ନିଏ ନାହିଁ । ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ଓ ପ୍ରାକୃତିକ ଉପାୟରେ ତା'ର ଶିକ୍ଷା ସମ୍ପୂର୍ଣ୍ଣ ହୁଏ ।

ଆଦିବାସୀ ଶିକ୍ଷା ଖେଳ ଓ କର୍ମ ମାଧ୍ୟମରେ ସମ୍ପୂର୍ଣ୍ଣ ହୁଏ । ତା'ର ଶିକ୍ଷାରେ ତତ୍ତ୍ୱ ବା ଥିଓରି (**theory**) ର ସ୍ଥାନ ନାହିଁ । ଖେଳ ଓ କର୍ମ ମାଧ୍ୟମରେ ଶିକ୍ଷାଦାନ ପଦ୍ଧତିକୁ ପେଷ୍ଟାଲୋଜୀଙ୍କଠାରୁ ଆରମ୍ଭ କରି ଆଧୁନିକ ମୌଳିକ ଶିକ୍ଷା ପନ୍ଥୀମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଉଚ୍ଚ ସ୍ଥାନ ଦେଇ ଆସିଛନ୍ତି । ସେ ଦୃଷ୍ଟିରୁ ବିଚାରକଲେ ଆଦିବାସୀ ଶିକ୍ଷା ପଦ୍ଧତି ଯେ ଶିକ୍ଷାନୀତି ସମ୍ମତ ଏଥିରେ ସନ୍ଦେହ ନାହିଁ ।

ଆଦିବାସୀ ଶିକ୍ଷା ବିଶେଷ ଭାବରେ ଅନୁକରଣ ଉପରେ ପ୍ରତିଷ୍ଠିତ । ଶିଶୁମାନେ ଅନୁକରଣ ପ୍ରିୟ । ସେ ଯାହା ଦେଖେ ଓ ଶୁଣେ ତାହା କରିବାକୁ ଓ କହିବାକୁ ଚେଷ୍ଟା କରେ । ଶିକ୍ଷାବିତମାନେ ଶିଶୁର ଏହି ଅନୁକରଣ ପ୍ରବୃତ୍ତିକୁ ଶିକ୍ଷା କ୍ଷେତ୍ରରେ ଉପଯୁକ୍ତ ଭାବରେ ପ୍ରୟୋଗ କରିବା ଫଳରେ ବିଶେଷ ଫଳ ପାଇଥାନ୍ତି । ଆଦିବାସୀ ଶିଶୁ ତା'ର ପିତାମାତା ବା ସମାଜର ଅନ୍ୟମାନଙ୍କଠାରୁ ଯାହା ଦେଖେ ଓ ଶୁଣେ ତାହା ସାଧାରଣତଃ ଶିକ୍ଷା କରିଥାଏ । ଏହି ଅନୁକରଣ ଫଳରେ ଆଦିବାସୀ ପୁରୁଷାନୁକ୍ରମେ ତା'ର ସଂସ୍କୃତିକୁ ରକ୍ଷା କରି ପାରିଛି ।

ଆଦିବାସୀ ସମାଜରେ ଶିକ୍ଷାନୁଷ୍ଠାନ

ଆଦିବାସୀ ଶିକ୍ଷା ପ୍ରଧାନତଃ ପ୍ରାକୃତିକ ହେଲେ ମଧ୍ୟ କେତେକ କ୍ଷେତ୍ରରେ ଆନୁଷ୍ଠାନିକ । ଆଦିବାସୀ ସମାଜର 'ଧାଙ୍ଗଡ଼ା-ଧାଙ୍ଗଡ଼ୀ ଘର' ଏହାର ଅନ୍ୟତମ ନିଦର୍ଶନ । ଯୁଗ ଯୁଗ ଧରି ଏହା ଆଦିବାସୀ ସମାଜର ଏକ ଶିକ୍ଷାନୁଷ୍ଠାନର କାର୍ଯ୍ୟ କରି ଆସିଛି । କେତେକ ଆଦିବାସୀ ସମାଜରେ ଧାଙ୍ଗଡ଼ା ଓ ଧାଙ୍ଗଡ଼ୀମାନଙ୍କ ପାଇଁ ଗୋଟିଏ ଓ କେତେକ ସ୍ଥାନରେ ଧାଙ୍ଗଡ଼ା ଓ ଧାଙ୍ଗଡ଼ୀମାନଙ୍କ ପାଇଁ ଅଲଗା ଅଲଗା ଦୁଇଟି ଘର ଥାଏ । ଗ୍ରାମର ଅବିବାହିତ ଯୁବକ ଯୁବତୀ ରାତିରେ ଉକ୍ତ ଗୃହରେ ରହିବା ସାମାଜିକ ନିୟମ । ଜଣେ ବୟସ୍କ ପୁରୁଷ ଓ ଜଣେ ବୟସ୍କା ସ୍ତ୍ରୀ ଉକ୍ତ ଗୃହର ଦାୟିତ୍ୱରେ ରହନ୍ତି । ସେମାନଙ୍କଠାରୁ ଯୁବକ ଯୁବତୀମାନେ ନୃତ୍ୟଗୀତ ଓ ଗ୍ରାମ୍ୟ ଗଳ୍ପମାନ ଶିକ୍ଷା କରିଥାନ୍ତି । ତତ୍ତ୍ୱାବଧାରକ ଓ ତତ୍ତ୍ୱାବଧାୟିକା ଯୁବକ ଓ ଯୁବତୀମାନଙ୍କୁ ସେମାନଙ୍କର ସାମାଜିକ ଜୀବନ ଓ ଯୌନ ସଂପର୍କରେ ନାନା କଥା ଶିକ୍ଷା ଦେଇଥାନ୍ତି । ଏହା ଭବିଷ୍ୟତରେ ସମାଜର ଉପଯୁକ୍ତ ସଭ୍ୟ ହେବାପାଇଁ ସେମାନଙ୍କୁ ଉପଯୋଗୀ କରିବାରେ ସାହାଯ୍ୟ କରେ ।

ଆଧୁନିକ ଶିକ୍ଷାର ଆବଶ୍ୟକତା

ଆଦିବାସୀମାନେ ଅନୁନ୍ନତ । ତା'ର କାରଣ ଯୁଗ ଯୁଗ ଧରି ସେମାନେ ଅନ୍ୟମାନଙ୍କ ଦ୍ୱାରା ନାନା ଭାବରେ ଶୋଷିତ, ନିର୍ଯ୍ୟାତିତ ଓ ଅବହେଳିତ ହୋଇ ଆସିଛନ୍ତି । ଆଦିବାସୀମାନଙ୍କୁ ଚିରକାଳ ଏହିପରି ଅନୁନ୍ନତ ଅବସ୍ଥାରେ ରଖି କୌଣସି ଗଣତନ୍ତ୍ର ରାଷ୍ଟ୍ରର ଉନ୍ନତି କଳ୍ପନା କରାଯାଇପାରେନା । ଦେଶରେ ପ୍ରବର୍ତ୍ତିତ ଗଣତାନ୍ତ୍ରିକ ଶାସନ, ତଥା ଉନ୍ନତ କୃଷି ଓ ଶିଳ୍ପ ଯୋଜନାରେ ଉପଯୁକ୍ତ ଅଂଶ ଗ୍ରହଣ କରିବାପାଇଁ ପ୍ରତ୍ୟେକଙ୍କର ଉପଯୁକ୍ତ ଶିକ୍ଷା ଏକାନ୍ତ ଆବଶ୍ୟକ । ଆଦିବାସୀ ସମାଜରେ ପ୍ରଚଳିତ ପାରଂପରିକ ଶିକ୍ଷା ଦ୍ୱାରା ଉକ୍ତ ଉଦ୍ଦେଶ୍ୟ ସାଧିତ ହୋଇ ପାରିବ ନାହିଁ । ତେଣୁ ଆଦିବାସୀ ସମାଜରେ ଆଧୁନିକ ପ୍ରଗତିଶୀଳ ଶିକ୍ଷାର ପ୍ରସାର ଏକାନ୍ତ ଆବଶ୍ୟକ ।

ସାବଧାନତା ଆବଶ୍ୟକ

ଆଦିବାସୀ ସମାଜରେ ଆଧୁନିକ ଶିକ୍ଷାର ପ୍ରବର୍ତ୍ତନ କରିବା ପୂର୍ବରୁ ଆମକୁ କେତେକ ବିଷୟ ଅତି ଗୁରୁତ୍ୱପୂର୍ଣ୍ଣ ଭାବରେ ବିଚାର କରିବାକୁ ହେବ । ଆବଶ୍ୟକତାର ଦୋହାଇ ଦେଇ ଅଯଥା ଏ ଦିଗରେ ବ୍ୟଗ୍ରତା ପ୍ରକାଶ କରିବାର କୌଣସି କାରଣ ନାହିଁ । ଆଦିବାସୀ କହିଲେ ସାଧାରଣତଃ ଏକ ପ୍ରକାର ଛବି ଆମ ଆଗରେ ଦେଖାଯାଏ । କିନ୍ତୁ ଆଦିବାସୀମାନଙ୍କ ମଧ୍ୟରୁ ଅନୁନ୍ନତ ଓ ଉନ୍ନତ ଆଦିବାସୀ ମଧ୍ୟ ଅଛନ୍ତି । କେତେକ ଆଦିବାସୀ ଅଣଆଦିବାସୀମାନଙ୍କ ନିକଟରେ ବସବାସ କରିବା ଫଳରେ ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇଗଲେଣି । କେତେକ ଆଦିବାସୀ ବର୍ତ୍ତମାନ ଯୁଗରେ ମଧ୍ୟ ଜନବସତିଠାରୁ ବହୁ ଦୂରରେ ପାହାଡ଼ ଉପରେ ବସବାସ କରି ଶିକାର ଓ ଫଳମୂଳ ସଂଗ୍ରହ ଓ ପୋଡୁ ଚାଷ ଦ୍ୱାରା ଜୀବିକା ନିର୍ବାହ କରୁଛନ୍ତି । ଅନ୍ୟମାନଙ୍କଠାରୁ ଏମାନେ ଦୂରରେ ରହିବାକୁ ଚାହାନ୍ତି । ସେମାନଙ୍କୁ ଉତ୍ତମ ବାସଗୃହ ଓ ଚାଷ କରିବା ପାଇଁ ଜମି ଓ ହଳଅଣ୍ଡା ଦେଲେ ମଧ୍ୟ ସେମାନେ ପାହାଡ଼ ଉପରୁ ସମତଳକୁ ଆସିବାକୁ ଇଚ୍ଛା କରନ୍ତି ନାହିଁ । ଅନ୍ୟ ଏକ ପ୍ରକାର ଆଦିବାସୀ ପାହାଡ଼ ଉପରେ ନ ରହୁଥିଲେ ମଧ୍ୟ ଗ୍ରାମ ବା ସହର ନିକଟରେ ବସବାସ ନକରି ସମତଳ ଭୂମିରେ ବସବାସ କରୁଛନ୍ତି ଓ ସେମ କୃଷିକୁ ପ୍ରଧାନ ଜୀବିକା ରୂପେ ଗ୍ରହଣ କରୁଛନ୍ତି ।

ଉପରୋକ୍ତ ତିନି ଶ୍ରେଣୀର ଆଦିବାସୀମାନଙ୍କ ପାଇଁ ସମାନ ପ୍ରକାର ଶିକ୍ଷା ବ୍ୟବସ୍ଥା ପ୍ରବର୍ତ୍ତନ କଲେ ତାହା ଯେ ସଫଳ ହେବ ଏଥିରେ ସନ୍ଦେହ ନାହିଁ । ଶିକ୍ଷା ଜୀବନ ସହିତ ସଂପର୍କ ହରାଇଲେ ତାହା ସମାଜର ମଙ୍ଗଳ କରିପାରେ ନାହିଁ । ତେଣୁ ଆଦିବାସୀମାନଙ୍କର ଜୀବନଯାପନର ସ୍ତର ଓ ପ୍ରଣାଳୀ ପ୍ରତି ଦୃଷ୍ଟି ଦେଇ ଶିକ୍ଷା ପରିକଳ୍ପନା କରାଯିବା ଉଚିତ । ପ୍ରଥମେ ଅଣଆଦିବାସୀମାନଙ୍କର ନିକଟବର୍ତ୍ତୀ ବା ତାଙ୍କ ସଂସ୍ପର୍ଶରେ ଆସୁଥିବା ଆଦିବାସୀମାନଙ୍କ ମଧ୍ୟରେ, ଦ୍ୱିତୀୟ ସମତଳ ଅଞ୍ଚଳରେ ବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ଓ ତୃତୀୟରେ ପାହାଡ଼ ଉପରେ ବାସ କରୁଥିବା ଅତି ଅନୁନ୍ନତ ଆଦିବାସୀମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର କରାଯିବା ଉଚିତ । ଉକ୍ତ ଶିକ୍ଷା ପ୍ରାକୃତିକ ପରିବେଶ ମଧ୍ୟରେ ହେବାର ବ୍ୟବସ୍ଥା ହେବା ଉଚିତ ଓ ଶିକ୍ଷାକୁ କର୍ମମୁଖୀ କରିବା ପାଇଁ ଉପଯୁକ୍ତ ଶିକ୍ଷାଦାନ ପଦ୍ଧତି ଅନୁସରଣ କରାଯିବା ଉଚିତ । ଆଧୁନିକ ଶିକ୍ଷାର ପ୍ରସାର ଫଳରେ ଆଦିବାସୀ ସଂସ୍କୃତିର ଯେପରି ମୂଳୋତ୍ପାଟନ ନହୁଏ ସେଥିପାଇଁ ଦୃଷ୍ଟି ଦିଆଯିବା ଉଚିତ ।

ଶିକ୍ଷାବିତ୍ ଓ ନୃତତ୍ତ୍ୱବିତ୍

ବ୍ରିଟିଶ୍ ରାଜତ୍ୱ କାଳରେ ସରକାର ଆଦିବାସୀମାନଙ୍କର ଶିକ୍ଷା ସଂପର୍କରେ ପୂର୍ଣ୍ଣ ଉଦାସୀନ ନୀତି ଅବଲମ୍ବନ କରିଥିଲେ । ଖ୍ରୀଷ୍ଟିୟାନ ମିସନାରୀମାନେ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଶିକ୍ଷାର ପ୍ରସାର କରିବା ପାଇଁ ଆଦିବାସୀ ଅଞ୍ଚଳରେ ସ୍କୁଲ୍‌ମାନ ପ୍ରତିଷ୍ଠା

କରିଥିଲେ । ସେମାନଙ୍କ ବ୍ୟତୀତ ଭାରତ ସେବକସମାଜ ଓ ଆଦିମ ଜାତି ସେବକ ସଂଘ ପ୍ରଭୃତି କେତେକ ସମାଜସେବା ଅନୁଷ୍ଠାନ ମଧ୍ୟ ଆଦିବାସୀମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ ଉଦ୍ୟମ କରିଛନ୍ତି । ଦେଶ ସ୍ୱାଧୀନ ହେବା ପରେ କାଂଗ୍ରେସ ସରକାର ଆଦିବାସୀ ଅଞ୍ଚଳରେ ବ୍ୟାପକ ଶିକ୍ଷା ପ୍ରସାର ପାଇଁ ଉଦ୍ୟମ କରୁଛନ୍ତି । କେତେକ ସ୍ଥଳରେ ଦେଶରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଓ କେତେକ ସ୍ଥଳରେ ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା ମଧ୍ୟ ଆଦିବାସୀ ଅଞ୍ଚଳରେ ପ୍ରବର୍ତ୍ତନ କରାଯାଉଛି । ଆଦିବାସୀମାନଙ୍କ ପାଇଁ ଶିକ୍ଷା ନୀତି ଓ ପଦ୍ଧତି ସ୍ଥିର କରିବାରେ ଦେଶର ଶିକ୍ଷାବିତ୍‌ମାନଙ୍କର ଯେପରି ଦାୟିତ୍ୱ ରହିଛି ଦେଶର ନୃତତ୍ତ୍ୱବିତ୍‌ମାନଙ୍କର ମଧ୍ୟ ସେପରି କର୍ତ୍ତବ୍ୟ ରହିଛି । ଉଭୟଙ୍କ ମିଳିତ ଭିତ୍ତିର ଆଲୋଚନା ଆଦିବାସୀମାନଙ୍କ ପାଇଁ ଉପଯୁକ୍ତ ଶିକ୍ଷା ନୀତି ଓ ପଦ୍ଧତି ସ୍ଥିର କରିବାରେ ଯଥେଷ୍ଟ ସାହାଯ୍ୟ କରିବ ଏଥିରେ ସନ୍ଦେହ ନାହିଁ ।

ଯାଯାବର ଜାତିମାନଙ୍କର ଉନ୍ନତି ସମ୍ପର୍କରେ କେତୋଟି ମୌଳିକ କଥା

ବକ୍ରମହମ୍ମ ବର୍ମନ

ଭାରତବର୍ଷର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆନ୍ଥ୍ରୋପୋଲୋଜି ଅନୁଯାୟୀ ଯେଉଁମାନେ ଜୀବିକା ନିର୍ବାହ ପାଇଁ ସଦାସର୍ବଦା ବା କୌଣସି ନିର୍ଦ୍ଦିଷ୍ଟ ଋତୁରେ ଭ୍ରମଣ କରନ୍ତି କିମ୍ବା କୌଣସି ଗୋଟିଏ ସ୍ଥାନରୁ ବାହାରି ବୁଲି ବୁଲି ଆସି ସେହି ସ୍ଥାନରେ ପହଞ୍ଚନ୍ତି ସେମାନଙ୍କୁ ଯାଯାବର କୁହାଯିବ ।

ଏନ୍‌ସାଇକ୍ଲୋପେଡ଼ିଆ ଅଫ୍ ସୋସିଆଲ ସାଇନ୍‌ସେସ (ଏକାଦଶ ଓ ଦ୍ୱାଦଶ ପୁସ୍ତକ)ରେ ଅର୍ ନର୍ଥ୍‌ଫାଲଡ଼ କହନ୍ତି ଯେ ଯାଯାବରତ୍ୱର ଅର୍ଥ ହେଉଛି "ଜୀବିକା ନିର୍ବାହ ପାଇଁ ବାରମ୍ବାର ବାସ ପରିବର୍ତ୍ତନ" । ଏହା ଲକ୍ଷ୍ୟହୀନ ବା ଅନିର୍ଦ୍ଦିଷ୍ଟ ଭ୍ରମଣ ନୁହେଁ । କେତେଗୁଡ଼ିଏ ନିର୍ଦ୍ଦିଷ୍ଟ କିନ୍ତୁ ଅସ୍ଥାୟୀ ବସତିକୁ କେନ୍ଦ୍ର କରି ଏହି ଭ୍ରମଣ ସମ୍ପାଦିତ ହୋଇଥାଏ । ଖାଦ୍ୟ ମିଳିବାର ସୁବିଧା ଓ ନିକଟବର୍ତ୍ତୀ ଅଞ୍ଚଳରୁ ମିଳୁଥିବା ପଦାର୍ଥକୁ ଉପଯୋଗ କରିବାର ବୈଷୟିକ ଦକ୍ଷତା ଉପରେ ଏହି କେନ୍ଦ୍ରଗୁଡ଼ିକର ସ୍ଥାୟିତ୍ୱ ନିର୍ଭର କରେ । ଖାଦ୍ୟ ଆହରଣ କରିବାର ଉପାୟ, ଜଳବାୟୁ ଓ ଭୌଗୋଳିକ ପରିସ୍ଥିତି ଉପରେ ଯାଯାବରମାନଙ୍କର ପ୍ରକୃତି ନିର୍ଭର କରେ । ସେଥିପାଇଁ ନାନାପ୍ରକାରର ଯାଯାବର ଦେଖାଯାଆନ୍ତି ଯଥା—ଶିକାରୀ, ପଶୁପାଳକ । କୃଷିକାମ କରୁଥିବା ଯାଯାବର ମଧ୍ୟ ଅଛନ୍ତି କିନ୍ତୁ ସେମାନଙ୍କର ଦୃଷ୍ଟାନ୍ତ ବିରଳ ।

ଯାଯାବରମାନଙ୍କର ଉନ୍ନତି କରିବାକୁ ହେଲେ ନିମ୍ନଲିଖିତ ବିଷୟ ଗୁଡ଼ିକ ପ୍ରତି ଧ୍ୟାନ ଦେବା ଆବଶ୍ୟକ—

(୧) କେଉଁ ସ୍ଥାନରୁ ସେମାନେ ଆସିଛନ୍ତି ?
(୨) ସେମାନଙ୍କର ଜୀବିକା ।
(୩) ସେମାନଙ୍କର ଅପରାଧ ମନୋବୃତ୍ତି ।
(୪) ସେମାନଙ୍କ ସଂଖ୍ୟା ଓ ସାମାଜିକ ସଂଗଠନ ।
(୫ ସେମାନେ କେଉଁ ପ୍ରକାରର ଭ୍ରମଣ କରନ୍ତି ଓ ଗୋଟିଏ ସ୍ଥାନରେ କେତେ ଦିନ ଧରି ରୁହନ୍ତି ।

୧ । ଯାଯାବରମାନେ ଯେଉଁ ସ୍ଥାନରୁ ଆସିଥାନ୍ତି ତାହାକୁ ଭିତ୍ତିକରି ନିମ୍ନ ପ୍ରକାରରେ ଶ୍ରେଣୀ ବିଭାଗ କରାଯାଇପାରେ—

(କ) ଯେଉଁମାନେ ରାଜ୍ୟ ଭିତରର ଲୋକ ।
(ଖ) ଯେଉଁମାନେ ରାଜ୍ୟ ବାହାରର ଲୋକ ।
(ଗ) ଯେଉଁମାନେ ଭାରତ ବାହାରୁ ଆସିଛନ୍ତି ।

(କ) ଯେଉଁ ମାନେ ରାଜ୍ୟ ଭିତର ଲୋକ

ଉଦାହରଣ ସ୍ୱରୂପ ପଶ୍ଚିମବଙ୍ଗକୁ ନିଆଯାଉ । ପଶ୍ଚିମ ବଙ୍ଗରେ ବାସ କରୁଥିବା କୌଣସି ଯାଯାବର ଜାତି ନାହାନ୍ତି କିନ୍ତୁ ସ୍ୱକସ୍ଥାନରେ ଝାଗାଭୁଝ, କାନ୍‌ଜୋର ପ୍ରଭୃତି ଯାଯାବରମାନଙ୍କର ଘର ସେହି ସ୍ୱକସ୍ଥାନରେ । ସୁତରାଂ ଏହି ଜାତିମାନଙ୍କର ଉନ୍ନତି ସାଧନ କରିବା ମୁଖ୍ୟତଃ ସେହି ରାଜ୍ୟର ଦାୟିତ୍ୱ ।

(ଖ) ଯେଉଁ ମାନେ ରାଜ୍ୟ ବାହାରର ଲୋକ

କେଉଟ, ମାରୱା ପ୍ରଭୃତି ଯାଯାବରମାନେ ଜୀବିକାର୍ଜନ ପାଇଁ ବାହାରୁ ପଶ୍ଚିମବଙ୍ଗକୁ ଆସିଥାଆନ୍ତି; କିନ୍ତୁ ସେମାନେ ସେଠାରେ ବସବାସ କରି ରହନ୍ତି ନାହିଁ । ପଶ୍ଚିମବଙ୍ଗରେ ସେମାନେ ନିଜକୁ ଭ୍ରମଣକାରୀ ବୋଲି ଭାବନ୍ତି । ଯଯାବର ହେଲେ ମଧ୍ୟ ସେମାନେ ଯେଉଁ ସ୍ଥାନରୁ ଆସିଥାଆନ୍ତି ସେହି ଅଞ୍ଚଳ ସହ ସେମାନଙ୍କର ଭାଷା ଓ ସଂସ୍କୃତିଗତ ସମ୍ପର୍କ ଥାଏ ଓ ସେହି ଅଞ୍ଚଳ ପ୍ରତି ସେମାନଙ୍କର ଗଭୀର ଆକର୍ଷଣ ମଧ୍ୟ ଥାଏ । ଉଦାହରଣସ୍ୱରୂପ ଝାଗାଭୁଝମାନେ ନିଜକୁ ପ୍ରବାସୀ ବଙ୍ଗାଳୀ ବୋଲି ଭାବନ୍ତି । ସୁତରାଂ ସେମାନଙ୍କର ପୁନର୍ବସତି କଥା ଚିନ୍ତା କଲାବେଳେ ସେମାନେ ଯେଉଁ ସ୍ଥାନରୁ ଆସିଛନ୍ତି ସେହି ସ୍ଥାନରେ ସେମାନଙ୍କୁ ବସବାସ କରାଇବାର ଯୋଜନା କରାଇବା ଦରକାର । ସେମାନେ ଯେଉଁ ବଙ୍ଗରେ ଭ୍ରମଣ କରୁଥିବେ ସେଠାରେ ସେମାନଙ୍କୁ ବସବାସ କରାଇବା ଉଚିତ ନୁହେଁ ।

(ଗ) ଯେଉଁ ମାନେ ଭାରତ ବାହାରୁ ଆସିଛନ୍ତି

ଇରାନୀ ଯାଯାବରମାନେ ନିଜକୁ ଇରାନର ଲୋକ ବୋଲି ମନେ କରନ୍ତି । ସେମାନେ ଭାରତରେ ଜନ୍ମ ଓ ବହୁପୁରୁଷ ଧରି ଭାରତରେ ବସବାସ କରି ଆସୁଛନ୍ତି । ତଥାପି ମଧ୍ୟ ଭାରତର କୌଣସି ଅଂଶ ପ୍ରତି ସେମାନଙ୍କର ବିଶେଷ ଆକର୍ଷଣ ଦେଖାଯାଏ ନାହିଁ । ଏଣେ ପୁଣି ଇରାନ ସରକାର ସେମାନଙ୍କୁ ଇରାନବାସୀ ବୋଲି ଗ୍ରହଣ କରିବାକୁ ମନା କରି ଦେଉଛନ୍ତି । ଏହି ଦୃଷ୍ଟିରୁ ଏମାନଙ୍କୁ ଭାରତର କୌଣସି ସ୍ଥାନରେ ବସବାସ କରି ରହିବା ପାଇଁ ଉତ୍ସାହିତ କରିବା ଦରକାର । କିନ୍ତୁ ଏମାନଙ୍କ ପାଇଁ ସ୍ଥାନ ନିର୍ବାଚନ କଲାବେଳେ ଦେଖିବାକୁ ହେବ ଯେ ସେହି ସ୍ଥାନ ଏମାନଙ୍କ ସଂସ୍କୃତି ଦୃଷ୍ଟିରୁ ବସବାସର କେତେଦୂର ଉପଯୋଗୀ । ଏହି ଇରାନୀମାନେ ନିଜ ନିଜ ମଧ୍ୟରେ କଥାବାର୍ତ୍ତା କଲାବେଳେ ପାରସ୍ୟଭାଷା ବ୍ୟବହାର କରନ୍ତି । ଏମାନେ ଉର୍ଦ୍ଦୁ ମଧ୍ୟ ଖୁବ୍ ଭଲ ଭାବରେ କହି ପାରନ୍ତି । ସୁତରାଂ ଏମାନଙ୍କୁ କୌଣସି ଉର୍ଦ୍ଦୁ ଭାଷାଭାଷୀ ଅଞ୍ଚଳରେ ରଖିଲେ ଏମାନେ ସହଜରେ ସେଠାର ଲୋକଙ୍କ ସହ ମିଶି ପାରିବେ । ଧର୍ମ ମତରେ ଏମାନେ ସିଆ ମୁସଲମାନ । ସୁତରାଂ ଯେଉଁ ଉର୍ଦ୍ଦୁ ଭାଷାଭାଷୀ ଅଞ୍ଚଳର ସିଆ ମୁସଲମାନମାନଙ୍କର ସଂଖ୍ୟା ଅଧିକ ସେହି ସ୍ଥାନରେ ଏମାନଙ୍କୁ ରଖିଲେ ଅଧିକ ସୁବିଧା ହେବ ।

୨ । ଜୀବିକା

ଜୀବିକା ଦୃଷ୍ଟିରୁ ଯାଯାବରମାନଙ୍କର ନିମ୍ନମତେ ଶ୍ରେଣୀ ବିଭାଗ କରାଯାଇ ପାରେ—

(୧) ଶିକାର ଓ ଖାଦ୍ୟ ଆହରଣ ।
(୨) ପଶୁପାଳନ ।
(୩) କୃଷି ।
(୪) ସର୍ବସାଧାରଣ ମନୋରଞ୍ଜନ ।
(୫) ନାନାପ୍ରକାର ଜଡ଼ିବୁଟି ବା ମନୋହାରୀ ଜିନିଷ ବିକ୍ରି ।
(୬) ଅନ୍ୟାନ୍ୟ ।

ଭିନ୍ନ ଭିନ୍ନ ଜୀବିକା ଦୃଷ୍ଟିରୁ ଯାଯାବରମାନଙ୍କର ଥଇଥାନ ଯୋଜନା ଭିନ୍ନ ହେବା ଆବଶ୍ୟକ । ଶିକାର ଓ ଖାଦ୍ୟ ଆହରଣ ଯେଉଁମାନଙ୍କର ଜୀବିକା ସେମାନଙ୍କୁ ଆଧୁନିକ ଓ ଉନ୍ନତ ଧରଣର ଜୀବିକା ନିର୍ବାହ ପ୍ରଣାଳୀର ସୁଯୋଗ ଯୋଗାଇ ଦେବା ଆବଶ୍ୟକ; କିନ୍ତୁ ଏପରି କଲାବେଳେ ଦେଖିବାକୁ ହେବ ଯେପରିକି ସେମାନଙ୍କର ପରମ୍ପରାଗତ ଜୀବନଧାରା ସମ୍ପୂର୍ଣ୍ଣରୂପେ ନଷ୍ଟଭ୍ରଷ୍ଟ ହୋଇନଯାଏ । ଯେଉଁମାନେ ପଶୁ-ପାଳନ କରନ୍ତି ସେମାନଙ୍କୁ ଚାରଣଭୂମି ଓ ଉନ୍ନତ ଧରଣର ପଶୁ ଖାଦ୍ୟ ଯୋଗାଇ-ଦେବା ଆବଶ୍ୟକ । ଏମାନଙ୍କ ମଧ୍ୟରେ ଉନ୍ନତ ଧରଣର ପଶୁପାଳନ ବ୍ୟବସ୍ଥା ଧୀରେ ଧୀରେ ପ୍ରବର୍ତ୍ତନ କରାଇବା ଆବଶ୍ୟକ । ଏପର୍ଯ୍ୟନ୍ତ ଯେତେଦୂର ଜଣାଯାଇଛି ଭାରତରେ କୃଷି କାର୍ଯ୍ୟ କରୁଥିବା ଯାଯାବର ନାହାନ୍ତି । ଅବଶ୍ୟ ଯେଉଁ ଆଦିବାସୀମାନେ ପୋଡୁଚାଷ କରନ୍ତି ସେମାନଙ୍କର ସମସ୍ୟା ସ୍ୱତନ୍ତ୍ର । ଅନ୍ୟ ସ୍ଥାନକୁ ଯାଇଁ କୃଷି କ୍ଷେତ୍ରରେ ମଜୁରିଆ କାମ କରୁଥିବା ଲୋକମାନଙ୍କୁ ମଧ୍ୟ ଯାଯାବର ଶ୍ରେଣୀଭୁକ୍ତ କରାଯାଇ ନପାରେ । ସୁତରାଂ ଭାରତରେ କୃଷିକାର୍ଯ୍ୟ କରୁଥିବା ଯାଯାବରମାନଙ୍କର କୌଣସି ସ୍ୱତନ୍ତ୍ର ସମସ୍ୟା ନାହିଁ ବୋଲି ଧରି ନିଆଯାଇପାରେ । ସାପଖେଳ ବା ନାନାପ୍ରକାର କୁସ୍ତିକସରତ ଦେଖାଉଥିବା ଯାଯାବରମାନେ ଭିକ୍ଷା ବୃତ୍ତିରେ ଗ୍ରାମମାନଙ୍କରେ ବୁଲନ୍ତି । ଏମାନଙ୍କର ଓ ନାନାପ୍ରକାର ଜିନିଷ ବିକୁଥିବା ଯାଯାବରମାନଙ୍କର ସମସ୍ୟା ପ୍ରାୟ ସମାନ । ଏମାନଙ୍କ ସମସ୍ୟା ସହିତ ଭିକାରୀମାନଙ୍କର ସମସ୍ୟାର ସାଦୃଶ୍ୟ ମଧ୍ୟ ରହିଛି । ଏମାନଙ୍କୁ ପ୍ରଥମେ ରେଜିଷ୍ଟ୍ରିଭୁକ୍ତ କରିବାପାଇଁ ଚେଷ୍ଟା କରିବା ଆବଶ୍ୟକ । ଗ୍ରାମ ଅଞ୍ଚଳରେ ଏମାନଙ୍କର ପରିଭ୍ରମଣକୁ ନିୟନ୍ତ୍ରଣ କରିବା ଆବଶ୍ୟକ ଓ ଏମାନଙ୍କର ପ୍ରଦର୍ଶନୀର ଆୟୋଜନ ପଞ୍ଚାୟତ ବା କମ୍ୟୁନିଟିସେଣ୍ଟର ପ୍ରଭୃତି ଦ୍ୱାରା ହେବା ଆବଶ୍ୟକ ।

୩ । ଅପରାଧ ମନୋବୃତ୍ତି

ବେଡ଼ିଆ ପ୍ରଭୃତି ଯାଯାବରମାନଙ୍କ ମଧ୍ୟରେ ଅପରାଧ ମନୋବୃତ୍ତି ବହୁଳ ଭାବରେ ଦେଖାଯାଏ । ପଶୁପାଳନ ବା ଅନ୍ୟପ୍ରକାର ଜୀବିକା ନିର୍ବାହ କରୁଥିବା ଯାଯାବରମାନଙ୍କଠାରୁ ଏମାନଙ୍କୁ ସ୍ୱତନ୍ତ୍ର କରି ଦେଖିବା ଆବଶ୍ୟକ । ଯେଉଁ ଯାଯାବର-ମାନଙ୍କର ଅପରାଧୀ ମନୋବୃତ୍ତି ଅଛି ସେମାନଙ୍କର ଗତିବିଧି ପୋଲିସ ଦ୍ୱାରା ନିୟନ୍ତ୍ରିତ

ହେବା ଆବଶ୍ୟକ; କିନ୍ତୁ ଏହି ନିୟନ୍ତ୍ରଣର ପରିମାଣ ନିର୍ଦ୍ଦିଷ୍ଟ ହେବା ଅବଶ୍ୟକ । ଭିନ୍ନ ଭିନ୍ନ ସ୍ଥାନରେ ନିୟନ୍ତ୍ରଣର ପରିମାଣ ଭିନ୍ନ ହୋଇପାରେ । ଏହି ଶ୍ରେଣୀର ଯାଯାବର-ମାନଙ୍କର ଉନ୍ନୟନରେ ଗୋଟିଏ ବିଶେଷ ସମସ୍ୟା ହେଉଛି ଏହିପରି ଏମାନଙ୍କୁ ଗୋଟିଏ ଦିଗରେ ପୋଲିସର ଅଯଥା ହସ୍ତକ୍ଷେପରୁ ରକ୍ଷା କରିବାକୁ ହେବ ଓ ଅନ୍ୟ ଦିଗରେ ଏମାନଙ୍କର ଅପରାଧୀ ମନୋବୃତ୍ତିକୁ ନିୟନ୍ତ୍ରିତ କରିବାକୁ ହେବ । ଏହି ଦିଗରେ ଭାରତ ସାଧୁ ସମାଜ କେତେଦୂର କାର୍ଯ୍ୟକାରୀ ହୋଇ ପାରିବେ ତାହା ଅନୁସନ୍ଧାନ କରିବା ଆବଶ୍ୟକ ।

୪ । ସଂଖ୍ୟା ଓ ଆଭ୍ୟନ୍ତରୀଣ ସଂଗଠନ

ଯାଯାବର ଗୋଷ୍ଠୀମାନଙ୍କର ସଂଖ୍ୟା ନିର୍ଦ୍ଧାରଣ, ସେମାନଙ୍କ ଉନ୍ନୟନ ଯୋଜନା ପାଇଁ ଗୋଟିଏ ପ୍ରାଥମିକ ଓ ଜରୁରୀ ବ୍ୟବସ୍ଥା ଅବଶ୍ୟକ । ଯେଉଁ ଗୋଷ୍ଠୀମାନଙ୍କର ସଂଖ୍ୟା କମ୍ ସେମାନଙ୍କ ଉନ୍ନୟନ ଯୋଜନା ସଂଖ୍ୟାଗରିଷ୍ଠ ଗୋଷ୍ଠୀମାନଙ୍କଠାରୁ ପୃଥକ ହେବ । ଉଦାହରଣ ସ୍ୱରୂପ ଯେଉଁ ଗୋଷ୍ଠୀ ଗୁଡ଼ିକରେ ବହୁ ସଂଖ୍ୟକ ପରିବାର ଥିବେ ସେମାନଙ୍କ ପାଇଁ ଭ୍ରାମ୍ୟମାଣ ସ୍କୁଲ ବା ତାଲିମ କେନ୍ଦ୍ରର ବ୍ୟବସ୍ଥା କରାଯାଇ ପାରେ, କିନ୍ତୁ ସାନ ସାନ ଗୋଷ୍ଠୀପାଇଁ ସେପରି ବ୍ୟବସ୍ଥା କରିବା ସମ୍ଭବ ନୁହେଁ ।

ଯାଯାବର ଗୋଷ୍ଠୀ ଗୁଡ଼ିକର ଆଭ୍ୟନ୍ତରୀଣ ସଂଗଠନ ମଧ୍ୟ ଅତି ଗୁରୁତ୍ୱ ପୂର୍ଣ୍ଣ । ଯେଉଁ ଗୋଷ୍ଠୀରେ ପରିବାରମାନଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥାଏ ଓ ଯେଉଁ ଗୋଷ୍ଠୀରେ ସେହି ସମ୍ପର୍କ ଅଭ ହୋଇଲ ସେମାନଙ୍କର ସମସ୍ୟା ପୃଥକ ହେବ । ସେହି ଅନୁସାରେ ସେମାନଙ୍କର ଉନ୍ନୟନ ଯୋଜନା ମଧ୍ୟ ପୃଥକ୍ ହେବ । ଯେଉଁମାନେ ପ୍ରଥମ ଶ୍ରେଣୀଭୁକ୍ତ ସେମାନଙ୍କୁ ସାମୂହିକ ଭାବରେ ଉନ୍ନୟନ ଯୋଜନା ଗ୍ରହଣ କରିବାକୁ ପ୍ରବର୍ତ୍ତା ଯାଇପାରେ । କିନ୍ତୁ ଯେଉଁମାନେ ଦ୍ୱିତୀୟ ଶ୍ରେଣୀଭୁକ୍ତ ସେମାନଙ୍କୁ ବ୍ୟକ୍ତିଗତ ସ୍ତରରେ ବୁଝାଇବାକୁ ହେବ ।

୫। ଭ୍ରମଣର ପ୍ରକାର ଓ ସମୟଭେଦ

(କ) ନିର୍ଦ୍ଦିଷ୍ଟ ଋତୁରେ ।

(ଖ) ଅନିର୍ଦ୍ଦିଷ୍ଟ ।

ଯେଉଁ ଯାଯାବରମାନେ ପଶୁପାଳନ କରନ୍ତି ସେମାନେ ନିର୍ଦ୍ଦିଷ୍ଟ ଋତୁରେ ଭ୍ରମଣ କରନ୍ତି । ଇରାନୀ ପ୍ରଭୃତି ଯାଯାବରମାନଙ୍କର ଭ୍ରମଣର କୌଣସି ନିର୍ଦ୍ଦିଷ୍ଟ ଋତୁ ନାହିଁ । ସେମାନେ ଚାଲୁଥିବା କାମାକୁରୁ ସମ୍ବଳ ପର୍ଯ୍ୟନ୍ତ ଇତସ୍ତତଃ ବୁଲୁଥାଆନ୍ତି । ଯେଉଁମାନେ ନିର୍ଦ୍ଦିଷ୍ଟ ଋତୁରେ ଭ୍ରମଣ କରନ୍ତି ସେମାନଙ୍କର ବିଶ୍ରାମର ମଧ୍ୟ ନିର୍ଦ୍ଦିଷ୍ଟ ସମୟ ଥାଏ । ସେମାନଙ୍କର ଉନ୍ନୟନ କାର୍ଯ୍ୟ ଏହି ସମୟରେ ବିଶେଷ ଭାବରେ ହେବା ଆବଶ୍ୟକ । ଇତସ୍ତତଃ ବୁଲୁଥିବା ଯାଯାବରମାନଙ୍କ ସମସ୍ୟାର ସମାଧାନ ଭିନ୍ନ ଭିନ୍ନ ଋତୁରେ କରିବାକୁ ହେବ ଏବଂ ପ୍ରତ୍ୟେକ ଗୋଷ୍ଠୀପାଇଁ ସ୍ୱତନ୍ତ୍ର ଯୋଜନା କରିବାକୁ ହେବ ।

କନ୍ଧ ସମାଜରେ କଳାର ସ୍ଥାନ

ସୁବୋଧ ଚନ୍ଦ୍ର ଦାସ (ସହକାରୀ ଶିକ୍ଷକ ନୂଆ ଆଶ୍ରମସ୍କୁଲ, ଫୁଲବାଣି)

ଆଜିର ଏ ଦୁନିଆରେ କଳାର ସ୍ଥାନ ଖୁବ୍ ଉଚ୍ଚରେ । କଳାର ବିକାଶ ସକାଶେ ଆମ ସରକାରଙ୍କ ଦୃଷ୍ଟି ପଡ଼ିଛି ଏବଂ କଳାବିକାଶ କେନ୍ଦ୍ର ପ୍ରଭୃତି ବିଭିନ୍ନ ଶିକ୍ଷାକେନ୍ଦ୍ର ଜରିଆରେ କଳାର ଉନ୍ନତି ପାଇଁ ବହୁ ଅର୍ଥ ବ୍ୟୟ କରଯାଇ ଭାରତୀୟଙ୍କୁ ଉତ୍ସାହିତ କରୁଛନ୍ତି । ଏଣୁ କଳା ପ୍ରତି ଭାରତୀୟମାନେ ଅଗ୍ରଗାମୀ ହେଉଛନ୍ତି ଏବଂ ନାମ କରି ଆସୁଛନ୍ତି । ଫଳରେ ଦେଶର ସଂଗୀତ, ନୃତ୍ୟ କଳାର ବିଶେଷଜ୍ଞ ରୂପେ ଚଳଚ୍ଚିତ୍ର, ଥିଏଟର, ଅପେରା, ସଖୀନାଚ, ପାଲା, ଦାସକାଠିଆ ପ୍ରଭୃତିର ସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଅଜ୍ଞାନ ବି ଅସୁସ୍ଥ ଏବଂ ସ୍ୱାଧୀନ ନାଗରିକମାନେ ଉପଭୋଗ କରି ଖୁବ୍ ଆନନ୍ଦ ପାଉଛନ୍ତି ଅଭ ଅନୁଭବ କରି ପାରୁଛନ୍ତି କଳା କଣ ?

ଆଦିବାସୀ ସମ୍ପ୍ରଦାୟର ଏକ ଜାତି (କନ୍ଧ) ଯେଉଁମାନେ କି ପାହାଡ଼ ପର୍ବତ ରୂପକ ପାଚେରିଘେରା, ହିଂସ୍ରଜନ୍ତୁପୂର୍ଣ୍ଣ ଘଞ୍ଚ ଜଙ୍ଗଲ ମଧ୍ୟରେ ବସବାସ କରି ରହୁଛନ୍ତି । ସେମାନଙ୍କ କଳାସମ୍ବନ୍ଧୀୟ ଉପଭୋଗ ବିଷୟରେ ବିଶଦ ଆଗକୁ ଜାଣିବା ।

ସେମାନଙ୍କ ସହିତ ମିଳାମିଶି ବୁଝାଯାଉଛି ଯେ ଜଙ୍ଗଲାଞ୍ଚଳର ଅଧିବାସୀ କନ୍ଧମାନେ ମଧ୍ୟ ସଂଗୀତ, ନୃତ୍ୟ କଳାପ୍ରିୟ କିନ୍ତୁ ପ୍ରଦେଶ ଏବଂ ଦେଶର ଅମ୍ଭମାନଙ୍କପାଇଁ ସିନେମା ଥିଏଟର, ରେଡ଼ିଓ, ଗ୍ରାମୋଫୋନ୍ ଅପେରା, ଦାସକାଠିଆ, ପାଲା ପ୍ରଭୃତି ମହଜୁଦ ରହିଛି । କିନ୍ତୁ ସେମାନଙ୍କପାଇଁ ସେ ପ୍ରକାର ସୁବିଧା ସୁଯୋଗ ନାହିଁ । ସେମାନଙ୍କର କଳା-ମନୋଭାବ ସ୍ୱାଧୀନ । ଅମ୍ଭମାନଙ୍କ ପରି କଳା ବିଷୟ ନେଇ ସୁଖୀ ହେବାକୁ ସେମାନେ କୌଣସି ଯନ୍ତ୍ର ବା ବ୍ୟକ୍ତି ବିଶେଷ ଉପରେ ନିର୍ଭର କରନ୍ତି ନାହିଁ । ନିମ୍ନରେ କେତୋଟି ଦୃଷ୍ଟିରୁ ସେମାନଙ୍କ ସହିତ ଅମ୍ଭମାନଙ୍କ କଳାପ୍ରିୟତା ପାର୍ଥକ୍ୟ ଦିଆଗଲା ।

ସଂଗୀତ ଯନ୍ତ୍ର

ଆଧୁନିକ ଯୁଗକୁ ଖାପ ଖାଇଲା ଭଳି ପ୍ରଥମେ ହାରମୋନିୟମଠାରୁ ଆରମ୍ଭକରି ବେହେଲା, ବୀଣା, ଏସ୍ରାଜ, ଡୁଗିତବଲା, ବଂଶୀ ପ୍ରଭୃତି ବିଭିନ୍ନ ରକମର ନୂଆ ନୂଆ ଦେଶୀ ବିଦେଶୀ ଦାମିକା ସଂଗୀତ ଯନ୍ତ୍ର ଅଟେ ଦେଖିବାକୁ ହାତରେ ବା ଭିନ୍ନ ବ୍ୟବହାର କରୁଛେ । ସେମାନେ ତାର ଧାର ଧାରନ୍ତି ନାହିଁ । ସେମାନେ ନିଜେ ନିଜେ ବାଉଁଶ, କାଠ, ଚେଲା, ଗୋଧି ବା ବେଙ୍ଗ ଚମଡ଼ା ପୋଡ଼ା ଲଙ୍ଗୁଡ଼ି ବାଳକୁ ନେଇ ସୁନ୍ଦର ସୁନ୍ଦର ବୀଣା, କେନ୍ଦରା ପ୍ରଭୃତି ବାଦ୍ୟଯନ୍ତ୍ର ତିଆରି କରନ୍ତି ଏବଂ ବଜାଇବାରେ ଖୁବ୍ ସୁନ୍ଦର ଏବଂ ମଧୁର ଶୁଭେ । ପୋଢ଼ ଚମଡ଼ାରେ ମଧ୍ୟ ଢୋଲକ ଏବଂ ବାଉଁଶ ପାଡିଆକୁ ପାହାଳକରି ପାହିରେ ଏପରି ବଜାନ୍ତି ଯେ ତା ଠିକ ଆମର "ମାଉଥ ଅର୍ଗାନ"

ପର ଶୁଣେ । ତା ଛଡ଼ା ଭୁଗ୍ଗି, ବଂଶୀ, ଢାଣ୍ଡ ଓ କେତେ ରକମର ବାଜା ପ୍ରଭୃତି ବିଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ର ସେମାନେ ନିଜେ ନିଜେ ବିନା ପଇସାରେ ତିଆରି କରି ତାର ଆଶ୍ରୟରେ ସେମାନେ ଗୀତଟିକୁ ଖୁବ୍ ମଧୁର କରିଥାନ୍ତି । ବିଦେଶୀ ସଂଗୀତ ଯନ୍ତ୍ର ତ'ଣ ସେମାନେ ଜାଣନ୍ତି ନାହିଁ ।

ସଂଗୀତ

ଆମ ରେଡ଼ିଓରୁ ଯେତେବେଳେ ସିଲୋନ୍ ବିବିଧ ଭାରତୀ ବା ପାକିସ୍ଥାନରୁ ହିନ୍ଦି ସିନେମା ଗୀତ ବିଭିନ୍ନ ନାମ ଜାଦା କଳାକାରଙ୍କ କଣ୍ଠରୁ ରେକର୍ଡ଼ କରିଆରେ ବାହାରି ଆସେ, ଆମେ ନବୁଝି ପଛକେ ଗୀତର ସ୍ୱର ଏବଂ ବାଜା ସଂଯୋଗ ଆମକୁ ଖୁବ୍ ଭଲ ଲାଗେ । ସେହିପରି କନ୍ଧମାନେ ତାଙ୍କର ନିଜ ଭାଷା "କୁଇ" ରେ ଏପରି ସୁନ୍ଦର ସୁନ୍ଦର ସ୍ୱର ନେଇ ଗୀତ ଗାଆନ୍ତି ଯେ, ଆମେମାନେ ନ ବୁଝି ପାରିଲେ ମଧ୍ୟ ଶୁଣିଲେ ଖୁବ୍ ମଧୁର ଏବଂ ସୁନ୍ଦର ଲାଗେ ।

ଗୀତର ତାଳ ମାନ ଖୁବ୍ ମାନି ଓ ଜଗି ରଖି ସେମାନେ ଗୀତ ଗାଇଥାନ୍ତି । ସେମାନଙ୍କର ଗୀତ ସାଧାରଣତଃ ଗାଁ ମଧ୍ୟରେ କୌଣସି ଏକ ଘଟିଥିବା ବିଶେଷ ଘଟଣାକୁ କେନ୍ଦ୍ରକରି ସେମାନେ ନିଜେ ରଚନା କରି ଠିକ୍ ସ୍ୱର ନେଇ ଗାଇଥାନ୍ତି । ନକଲ କରି ଗାଇବାକୁ ସେମାନେ ପସନ୍ଦ କରନ୍ତି ନାହିଁ । ଏଣୁ ଗୀତ ରଚନା କରିବାରେ ସେମାନଙ୍କର ଦକ୍ଷତା ଖୁବ ଅଛି । ଯେପରି ଗାରେ ପୁଲିସ୍ ଇନିସ୍ପେକ୍ଟରଙ୍କୁ ନେଇ, ପାଚିଲା ଧାନ କ୍ଷେତକୁ ନେଇ, ନିର୍ଦ୍ଦିଷ୍ଟ ଯୁବକ ଯୁବତୀଙ୍କ ଭଲ ପାଇବାକୁ ନେଇ ସେମାନଙ୍କର ଗୀତର ବିଷୟ ବସ୍ତୁ ଥାଏ ।

ଗୀତକୁ ଶିଖେଇବା ପାଇଁ ଯେପରି ଆମେ ଶିକ୍ଷକ ନିଯୁକ୍ତକରୁ ସେମାନେ ତା କରନ୍ତି ନାହିଁ । ଆପେ ଆପେ ମନକୁ ମନ ସେମାନେ ଗୀତ ରଚନା କରି ଗାଇଥାନ୍ତି ଏବଂ ସ୍ୱର, ମାନ ପରସ୍ପର ମଧ୍ୟରେ ସଂଶୋଧନ କରି ନିଅନ୍ତି । ଧରନ୍ତୁ ସେ କୌଣସିଠାରୁ ଗୋଟିଏ ନୂଆ ଗୀତର ନୂଆ ସୁର ଯଦି ଶୁଣିଲେ, ସେମାନେ ସେଇ ସୁରରେ ତାଙ୍କ ଭାଷା "କୁଇ"ରେ ଗୀତ ରଚନା କରନ୍ତି ଏବଂ ଗାଇଥାନ୍ତି । ଏଇ ଗୀତ ଗାଇବା ବା ରଚନା କରିବା କାର୍ଯ୍ୟ ପୁରୁଷ ଏବଂ ସ୍ତ୍ରୀ ସମସ୍ତେ କରିଥାନ୍ତି । କାମ କଲାବେଳେ ପର୍ବପର୍ବାଣୀ, ବିବାହରେ, ଦୁଃଖବେଳେ, କର୍ମକ୍ଲାନ୍ତିକୁ ଓ ଦୁଃଖକୁ ଭୁଲିଯିବା ପାଇଁ ଏବଂ ତା ସ୍ଥାନରେ ଆନନ୍ଦ ପାଇବା ପାଇଁ ସେମାନେ ଗୀତ ଗାଇଥାନ୍ତି । ତା ଫଳରେ ସେମାନେ ମାନସିକ ଶାନ୍ତି ପାଆନ୍ତି ଓ ବେଶୀ କାମ କରିପାରନ୍ତି । ଅନ୍ତମଧ୍ୟ ସେମାନଙ୍କ ଗୀତରେ ଦୁଃଖ, ସୁଖ, ଅନୁତାପ, ପ୍ରକୃତି ବର୍ଣ୍ଣନା ସ୍ଥାନ ପାଇ ଭାବ ମିଶିଥାଏ ।

ନୃତ୍ୟ

ଗୀତ ଗାଇବା ପରି ନାଚ ମଧ୍ୟ କେହି ସେମାନଙ୍କୁ ଶିଖାଏ ନାହିଁ । ଛୋଟିଆ ବେଳେ ସେମାନେ ପିଲାଦିନୁ ନାଚ କରିବାକୁ ଶିଖିଥାନ୍ତି । କ୍ରମେ କ୍ରମେ ପର୍ବପର୍ବାଣୀ

ପୂର୍ବରୁ ନାଚ କରିବା ପାଇଁ ବସୁଥିଲେ, ବଡ଼ ଲୋକମାନେ ସେମାନଙ୍କର ନାଚକୁ ପରିମାର୍ଜିତ କରି ଠିକ୍ ରୂପେ ଚଳାଇଥାନ୍ତି । ଏ ନାଚ ଉତ୍ସବରେ ବାଳକ, ବାଳିକା ବା ଯୁବକ ଯୁବତୀ ଓ ପୁରୁଷ ସ୍ତ୍ରୀ ମିଶି କରିଥାନ୍ତି । ଗୋଷ୍ଠିକିଆ ଏବଂ ଦଳ ଦଳ ହୋଇ ସେମାନେ ମଧ୍ୟ ନାଚନ୍ତି । ସେମାନେ ଯୁବକ ଯୁବତୀ ମିଶି ନାଚିବାକୁ ବେଶୀ ପସନ୍ଦ କରନ୍ତି ଏବଂ ବେଶୀ ଆନନ୍ଦ ପାଆନ୍ତି । ବିବାହିତ ପୁରୁଷ ବା ସ୍ତ୍ରୀ ଏ ନାଚରେ ଯୋଗ ଦିଅନ୍ତିନି । ଏଥିରେ କେବଳ ନାଚ ହୁଏନି, ନାଚ ସଙ୍ଗେ ସଙ୍ଗେ ମଧ୍ୟ ବାଦ୍ୟ ବାଜୁଥାଏ । ଏ ନାଚକୁ ଧାଙ୍ଗଡ଼ା ଧାଙ୍ଗଡ଼ୀ ନାଚ କୁହାଯାଏ ।

ସେମାନଙ୍କ ନାଚ ଆଧୁନିକ ନୁହେଁ । ପୁରୁଣା ପୁରାଣକୁ ଭିତ୍ତିକରି ଶ୍ରୀକୃଷ୍ଣ ନାଚ, ପର୍ଶୁରାମ ନାଚ, ରାବଣ ନାଚ, ପ୍ରହ୍ଲାଦ ନାଚ ଏହିପରିଭାବେ ଗୋଟିଏ ଗୋଟିଏ ଏକାଙ୍କିକା କରି ନାଚ କରିଥାନ୍ତି । ପାହାଡ଼, ପକ୍ଷୀ, ଓଡ଼ିଶୀ ନାଚ, ମଣିପୁରୀ ନାଚ ବୋଲି ଆମେ ଯାହାକୁ ନାଁ ଦେଇଛେ ସେ ସବୁ ତାଙ୍କ ନାଚରେ ଦେଖାଯାଏ । କିନ୍ତୁ ସେମାନେ ନାଁ ଦେଇ ନାହାନ୍ତି ଏଣୁ ଦେଖିଲେ ସେମାନେ ନିଜେ ନିଜେ ବିଭିନ୍ନ ପ୍ରକାର ନାଚ କରି ଉପଭୋଗ କରିଥାନ୍ତି ।

ପୋଷାକ

ପୋଷାକ, ନୃତ୍ୟ ସଙ୍ଗୀତ କଳାର ଗୋଟିଏ ଅଙ୍ଗ । ପୋଷାକ ବ୍ୟତୀତ ଏହା ଅସୁନ୍ଦର । ଏଣୁ ସେମାନେ ମଧ୍ୟ ପୋଷାକର ଆବଶ୍ୟକତା ଉପଲବ୍ଧି କରିଥାନ୍ତି । ମାତ୍ର ଆମମାନଙ୍କପରି ବହୁ ଅର୍ଥବ୍ୟୟ କରି ବିଭିନ୍ନ ପୋଷାକ ଏବଂ ଉପାଦାନ ସେମାନେ ମଗାଇ ବ୍ୟବହାର କରନ୍ତିନି । ସେମାନେ ବଣର ପତ୍ର, ଫୁଲ, କାଇଁଚ ସୁନ୍ଦର ସୁନ୍ଦର ପକ୍ଷୀଙ୍କର ପର, ସିଙ୍ଗ, ଗଛର ରଙ୍ଗ ଓ ରସ ପ୍ରଭୃତିକୁ ପୋଷାକରୂପେ ବ୍ୟବହାର କରିଥାନ୍ତି । ସାଧାରଣ ବସ୍ତ୍ରହିଁ ସେମାନେ ପିନ୍ଧନ୍ତି । ମନେ ମନେ ଭାବନ୍ତି ଯେ ସେମାନଙ୍କ ପୋଷାକ ଖୁବ୍ ଉନ୍ନତ ଧରଣର । ଏହି ପୋଷାକ ସେମାନଙ୍କ ଗୀତ ଗାଇ ନାଚିବାରେ ଉତ୍ସାହ ଦେଇଥାଏ । ଏଣୁ ପ୍ରକୃତିର ଦାନକୁ ସେମାନେ ପୋଷାକ ରୂପେ ବ୍ୟବହାର କରନ୍ତି । ଯଥା:—ମୟୂରପକ୍ଷୀ, କୁକୁଡ଼ାପର, କାଇଁଚମାଳ, ହରିଣ ବା ଘୋଡ଼ାଶିଙ୍ଗ, ବଣର ନାଲି ଓ ହଳଦିଆ ମାଟି, ବିଭିନ୍ନ ଗଛର ପତ୍ର ଏବଂ ଫୁଲ ଇତ୍ୟାଦି ଇତ୍ୟାଦି ।

ସମୟ

ଆମମାନଙ୍କପରି ସେମାନେ ରାତିରେ ସୁଇଚ୍ ଲଗାଇ ବା ହଜାର ହଜାର ପାୱାର ବିଜୁଳିବତୀ ଲଗାଇ ନାଚ ଗୀତ କରନ୍ତି ନାହିଁ । ପ୍ରାୟ ସେମାନେ ଦିନବେଳେ ଏ ପ୍ରକାର ଆନନ୍ଦ ଉପଭୋଗ କରିବାକୁ ଭଲ ପାନ୍ତି ନାଚିବା ଜିଷ୍ଣୁ ସ୍ଥିତିରେ । ସେମାନଙ୍କର ପର୍ବପର୍ବାଣୀ ଓ ବିବାହରେ ସେମାନେ ଏ ନୃତ୍ୟଗୀତର ସମୟ ନିର୍ଦ୍ଧାରଣ କରିଥାନ୍ତି ।

ଶିକ୍ଷା ପ୍ରଣାଳୀ

ଅଧୁନିକ ଶିକ୍ଷିତ ଆଦିବାସୀ ସମାଜକୁ ଛାଡିଦେଲେ ମଧ୍ୟ ପୂର୍ବକାଳରୁ କନ୍ଧମାନଙ୍କ ମଧ୍ୟରେ ଏ ନୃତ୍ୟଗୀତ ବା କଳାର ଆଦର ରହି ଆସିଛି । ବର୍ତ୍ତମାନ ପରି ସେମାନେ ସ୍କୁଲ୍ କଣ ଜାଣି ନଥିଲେ, ଅଥଚ ସ୍କୁଲର ସୃଷ୍ଟି ହୋଇନଥିଲା ବା କୌଣସି ଆଦିବାସୀ ମଙ୍ଗଳ କାର୍ଯ୍ୟ କାର୍ଯ୍ୟକାରୀ ହୋଇ ନ ଥିଲା । ତଥାପି ସେଇଦିନୁ ସେମାନେ ମନେ ରଖି ଗୀତ ଗାଉଥିଲେ ଏବଂ ନାଚୁଥିଲେ ମଧ୍ୟ । ତେଣୁ କନ୍ଧମାନଙ୍କର କଳାପ୍ରତି ଆଦର ଅତି ପ୍ରାଚୀନ — ସେମାନେ ବେଶ୍ ଉପଲବ୍ଧି କରି ପାରିଛନ୍ତି ଯେ ସଙ୍ଗୀତ ଓ ନୃତ୍ୟ କଳା ମନୁଷ୍ୟଙ୍କୁ ବେଶୀ ଦିନ ବଞ୍ଚାଇ ରଖେ, ଦୁଃଖ ଭୁଲାଇ ଦିଏ, ଦିନର ହାଡ଼ଭଙ୍ଗା ପରିଶ୍ରମ ପରିଶ୍ରମ ପରି ଲାଗେନା, ସୁଖ ଓ ଶାନ୍ତି ପୂର୍ଣ୍ଣ ଜୀବନ ଯାପନର ଏ ଗୋଟିଏ ମାର୍ଗ ।

ଏହିସବୁ ବିଷୟ ଆଲୋଚନା କଲେ ଆମର ଯେଉଁ ଧାରଣା ଥିଲା ଯେ "ଆଦିବାସୀମାନେ, ବେରସିକ ବା ମଳିନ ମଜଲିସ କ'ଣ ଜାଣନ୍ତି ନାହିଁ, ନିରସ ଜୀବନ ଯାପନ କରିବା ତାଙ୍କର ପ୍ରକୃତି" । ଏ ଧାରଣା ଆମ ମନରୁ ଦୂରେଇ ଯିବ । ଆମେ ଯାହା ଭାବୁ ସେମାନେ ନୁହନ୍ତି । ସେମାନେ ଠିକ୍ ଆମମାନଙ୍କ ସହିତ ତାଳଦେଇ ଚାଲିଛନ୍ତି । କିନ୍ତୁ ଆମର ନିଜର ଶିକ୍ଷିତ କାଇଦା ତାଙ୍କର ନିଜର ମଫସଲ ଢଙ୍ଗ । ଏଣୁ ଆଦିବାସୀ କନ୍ଧମାନେ ଯେ କଳାପ୍ରିୟ ଓ କଳାର ପ୍ରଭାବ ସେମାନଙ୍କ ମଧ୍ୟରେ ପଡ଼ିଛି ଏକଥା ମାନି ନେବାକୁ ହେବ । ସେମାନଙ୍କ ଭିତରେ ଥିବା ସଙ୍ଗୀତ, ନୃତ୍ୟ କଳାର ସ୍ଥାନ ଖୁବ୍ ପ୍ରଶଂସନୀୟ ଏବଂ ଯାହାର ଉଦାହରଣ ସ୍ୱରୂପ, ଆମ ସରକାରଙ୍କ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଚଳଚିତ୍ର ଜରିଆରେ ପରିବେଷଣ କରାଯାଉଥିବା, ଓଡ଼ିଶାର ଆଦିବାସୀ ତଥା କନ୍ଧମାନଙ୍କ ନୃତ୍ୟଗୀତକୁ ଧରିନେଲେ ଯଥେଷ୍ଟ ହେବ ।

ଆଦିବାସୀ ଓ ଧର୍ମ ବିଶ୍ୱାସ

ଅଜିତ ବସୁ

ଏହି ପ୍ରବନ୍ଧରେ ମୁଁ ଓଡ଼ିଶାର ଆଦିବାସୀମାନଙ୍କର ଧର୍ମ ଓ ହିନ୍ଦୁଧର୍ମ ସମ୍ବନ୍ଧରେ ଚର୍ଚ୍ଚା କରିବି । ମୁଁ ନୃତାତ୍ତ୍ୱିକ ଦୃଷ୍ଟିକୋଣରୁ ସମସ୍ତ ଆଲୋଚନା କରୁଛି ଏ କଥା କହିବା ବାହୁଲ୍ୟ ମାତ୍ର । ବିଜ୍ଞାନ ଓ ଯୁକ୍ତି ଅନୁଯାୟୀ ଯେ ସମସ୍ତ ସାକ୍ଷ ଓ ପ୍ରମାଣ ଗ୍ରାହ୍ୟ ଯଥାସମ୍ଭବ ତାହାହିଁ ବ୍ୟବହାର କରୁଛି । ବିଷୟଟି ଯେ ଖୁବ୍ ଜଟିଳ ଏଥିରେ ସନ୍ଦେହ ନାହିଁ । ନାନା ଧର୍ମମତ ଓ ବର୍ଣ୍ଣବିନ୍ୟାସ ଏବଂ ପ୍ରଚଳିତ ଧାରଣା ଓ ବିଶ୍ୱାସ ଏହାକୁ ଅଦ୍ଭୁତ ଜଟିଳ କରିଛି । ତାହା ସତ୍ତ୍ୱେ ବି ମୋର ଜ୍ଞାନ ଓ ବୁଦ୍ଧି ଅନୁଯାୟୀ ତଥ୍ୟ ଗୁଡ଼ିକୁ ଅବିକୃତ ଭାବରେ ଉପସ୍ଥାପିତ କରିବାର ଚେଷ୍ଟା କରୁଛି ।

ଭାରତ ସରକାରଙ୍କର ସେନ୍‌ସସ୍ ବା ଜନସଂଖ୍ୟାଗଣନାରେ ଧର୍ମ ଅନୁସାରେ ଜନସଂଖ୍ୟା ଗଣନା କରାହୁଏ । କିନ୍ତୁ ଆଦିବାସୀର ଧର୍ମ ନେଇ ଅସୁବିଧା ହୁଏ । ଭାରତ-ସରକାର ଆଦିବାସୀମାନଙ୍କ ପାଇଁ କୌଣସି ବିଜ୍ଞାନ ସମ୍ମତ ନାମ ନପାଇ ଆନିମିଜମ (animism) ଶବ୍ଦଟିର ଆଶ୍ରୟ ନେଇଛନ୍ତି । ଆନିମିଜମ୍‌ର ଅର୍ଥ ହେଲା ଜଡ଼-ଉପାସନା । ଏହାଦ୍ୱାରା ଆଦିବାସୀ ଧର୍ମର ପ୍ରକୃତ ସଂଜ୍ଞା ଜଣାପଡ଼େ ନାହିଁ । କାହିଁକିନା ତାହାଦ୍ୱାରା ହିନ୍ଦୁଧର୍ମଠାରୁ ଆଦିବାସୀ ଧର୍ମକୁ ପୃଥକ କରି ଦେଖାଯାଇପାରେ ନାହିଁ କାରଣ ଏହି ଜଡ଼ୋପାସନା ବା ଭୂତ ପୂଜା ବୋଇଲେ ଆମେ ଯାହା ବୁଝୁ ତାହା ବହୁଳ ଶ୍ରେଣୀର ହିନ୍ଦୁମାନଙ୍କ ଧର୍ମରେ ମଧ୍ୟ ଅନେକ ସମୟରେ ସ୍ୱୀକୃତ ହୋଇଥାଏ । ସୁତରାଂ ଏହି ଧର୍ମ ମତରେ ସମାଜ ସଂଗଠନର ମଧ୍ୟରେ ଆଦିବାସୀମାନଙ୍କୁ ଚାଲିକାଭୁକ୍ତ କରିବା ଯୁକ୍ତି ସଙ୍ଗତ ନୁହେଁ । ପ୍ରଥମେ ଆଲୋଚନା କରିଯାଉ କିପରି ଭାବରେ ବିଭିନ୍ନ ଜନ-ସଂଖ୍ୟା କର୍ମକର୍ତ୍ତାମାନେ ଆଦିବାସୀମାନଙ୍କ ଧର୍ମ ନେଇ ନିଜର ମତ ପ୍ରକାଶ କରିଛନ୍ତି । ପରିଶେଷରେ ଓଡ଼ିଶାର ଆଦିବାସୀମାନଙ୍କର ଧର୍ମ ଓ ହିନ୍ଦୁ ଧର୍ମର ପ୍ରଭାବ ନେଇ ବିଶଦ ଭାବରେ ଆଲୋଚନା କରାଯିବ ।

୧୮୯୧ ସାଲରେ ସେନସସ କମିଶନର ଜେ. ଏ ବେଇନସ୍ କହିଥିଲେ "ବହୁ ଉପଜାତୀୟ ଗୋଷ୍ଠୀ ବର୍ତ୍ତମାନ ହିନ୍ଦୁ ହୋଇ ଯାଇଛନ୍ତି । ଏମାନଙ୍କର ଧର୍ମମତ ଏବଂ ଯେଉଁମାନେ ଏପର୍ଯ୍ୟନ୍ତ ଅହିନ୍ଦୁ ଆଦିବାସୀ ଭାବରେ ଅଛନ୍ତି ସେମାନଙ୍କ ଧର୍ମମତ ମଧ୍ୟରେ କୌଣସି ଭେଦ ରେଖା ଟଣା ଯାଇପାରେ ନାହିଁ ।" ସାର ହର୍ବର୍ଟ ରିଜଲେ ତାଙ୍କର ୧୯୦୧ ସାଲରେ ସେନସସ୍ ରିପୋର୍ଟରେ ମନ୍ତବ୍ୟ କରିଛନ୍ତି "ହିନ୍ଦୁଧର୍ମ ଓ ଜଡ଼ୋପାସନା animism) ମଧ୍ୟରେ କୌଣସି ପାର୍ଥକ୍ୟ ଦେଖାଇବା ସମ୍ଭବ ନୁହେଁ । ଆଦିବାସୀ ଗୋଷ୍ଠୀ ହିନ୍ଦୁ ସମାଜର ସଂସ୍ପର୍ଶରେ ଆସି ଧୀରେ ଧୀରେ, ଅଳ୍ପ ଅଳ୍ପ କରି ହିନ୍ଦୁତ୍ୱ ଗ୍ରହଣ କରି ଚାଲିଛନ୍ତି । ସୁତରାଂ ଗୋଟିଏ ଆଦିବାସୀ ଗୋଷ୍ଠୀକୁ ଠିକ କେତେବେଳର

ଓ କୀ ପରିମାଣରେ ହିନ୍ଦୁଧର୍ମ ଗ୍ରହଣ କଲେ ପରେ, ସେମାନଙ୍କୁ ଠିକ ହିନ୍ଦୁ କୁହାଯାଇ-ପାରେ ତାର ମାପ ଠିକ କରିବା ଖୁବ କଷ୍ଟକର ।" ୧୯୨୧ ସାଲର ବିହାର ଓ ଓଡ଼ିଶାର ସେନସସ୍ ସୁପରିନ୍‌ଟେଣ୍ଡେଣ୍ଟ ଟି.ସି.ଟଲେଣ୍ଟସ କହିଛନ୍ତି,"ପ୍ରତ୍ୟେକ ଜନଗଣନା ସମୟରେ ଆମକୁ ଏକ ବିଶେଷ ଅସୁବିଧାରେ ପଡ଼ିବାକୁ ହୋଇଛି—ଆଦିବାସୀମାନଙ୍କୁ ଅବନତ ଶ୍ରେଣୀର ହିନ୍ଦୁମାନଙ୍କଠାରୁ ପୃଥକ କରି ଦେଖିବା ଖୁବ୍ କଠିନ" । ୧୯୨୧ ରେ ଉତ୍କଳର ସେନସସ୍ ସୁପରିନ୍‌ଟେଣ୍ଡେଣ୍ଟ ପରିଷ୍କାର ଭାବେ ମନ୍ତବ୍ୟ କରିଛନ୍ତି, 'ମୋର କହିବାକୁ କୌଣସି ଦ୍ୱିଧା ନାହିଁ ଯେ ଆନିମିଜମ୍ ବା ଭୂତୋପାସନା କଥାଟାକୁ ଏକେବାରେ କାଟି ଦେବା ଉଚିତ । ଏ ପର୍ଯ୍ୟନ୍ତ ଲୋକମାନଙ୍କୁ ଆମେ ଆନିମିଷ୍ଟ ନାମରେ ତାଲିକାଭୁକ୍ତ କରି ଆସିଛୁ ସେ ସମସ୍ତଙ୍କୁ ହିନ୍ଦୁ ନାମରେ ତାଲିକାଭୁକ୍ତ କରିବା ଉଚିତ" । ୧୯୨୧ ସାଲର ଭାରତର ସେନ୍‌ସସ୍ କମିଶନ୍‌ର ଜେ. ସି. ମାର୍ଟିନ ତାଙ୍କର ଅଭିମତ ବ୍ୟକ୍ତ କରିଛନ୍ତି, "ଅବନତ ଶ୍ରେଣୀର ହିନ୍ଦୁମାନଙ୍କର ଧର୍ମମତ ଓ ଜଣେ ଭିଲ୍ ବା ଗଣ୍ଡର ଧର୍ମମତ ମଧ୍ୟରେ ପାର୍ଥକ୍ୟ ବିଚାର ଖୁବ୍ ସାମାନ୍ୟ କାରଣ ଅଛି । ଉଭୟ ସମାଜ (ଅବନତ ହିନ୍ଦୁ ଏବଂ ଭିଲ ବା ଗଣ୍ଡ) ପ୍ରଧାନତଃ ଜଡ଼ ଉପାସକ । ପ୍ରଭେଦ ଏତିକି ଯେ ଅନୁନ୍ନତ ହିନ୍ଦୁମାନେ ସେମାନଙ୍କର ବ୍ୟକ୍ତିଗତ ଓ ସାମାଜିକ ଜୀବନକୁ ହିନ୍ଦୁ ସମାଜ ବ୍ୟବସ୍ଥା ଓ ଅନୁଶାସନ ଭିତରକୁ ଆଣିଛନ୍ତି । ଭିଲ ଓ ଗଣ୍ଡମାନେ ଏ ପର୍ଯ୍ୟନ୍ତ ତାହା ପାରିନାହାନ୍ତି "।

୧୯୩୧ ମସିହାର ସେନସସ୍ କମିଶନର ଡକ୍ଟର ଜେ. ଏଚ. ହାଟନ "ଆନିମିଜମ୍" ର ବ୍ୟବହାର ନେଇ ଆପତ୍ତି କରିଛନ୍ତି । ତାହା ବଦଳରେ ଉପଜାତୀୟ ଧର୍ମସମୂହ (tribal religion) ବୋଲି ଗୋଟିଏ ଶ୍ରେଣୀ ସୃଷ୍ଟିକରି ଆଦିବାସୀମାନଙ୍କୁ ତାଲିକାଭୁକ୍ତ କରିବାର ଚେଷ୍ଟା କରିଛନ୍ତି । ଉପଜାତୀୟ "ଧର୍ମସମୂହରେ" ସ୍ପଷ୍ଟତଃ ହାଟନ ବହୁବଚନର ଆଶ୍ରୟ ନେଇଛନ୍ତି । ଅର୍ଥାତ୍ ଉପଜାତିମାନଙ୍କର ଧର୍ମ ଅନେକ । ସେମାନଙ୍କ ପାଇଁ ସେ କୌଣସି ଗୋଟିଏ ବିଶେଷ ଧର୍ମ ଖୋଜି ପାଇନାହାନ୍ତି । ସେ କହନ୍ତି ୧୯୧୧ ମସିହାର ସେନ୍‌ସସ୍ ରିପୋର୍ଟରେ ଉପଜାତୀୟ ଧର୍ମସମୂହକୁ ଗୋଟାଏ ଆକାର ବିହୀନ (amorphous) ଓ ଅଶିକ୍ଷିତ ମନର ଏକ ଅସ୍ପଷ୍ଟ କୁସଂସ୍କାର ବୋଲି ଯେପରି ଭାବରେ ବ୍ୟକ୍ତ କରାହୋଇଛି ତାହାକୁ ସେ ସ୍ୱୀକାର କରନ୍ତି ନାହିଁ । ସେ ମନେ କରନ୍ତି ଅତୀତରେ ଏକ ସମୟରେ ଅଷ୍ଟ୍ରୋଏସିଆଟିକ (Austro Asiatic) ଏବଂ ଅଷ୍ଟ୍ରୋଲଏଡ଼ (Austroloid) ସଂସ୍କୃତି ଧୀରେ ଧୀରେ ଏହି ଭୂଖଣ୍ଡରେ ଗଢ଼ି ଉଠିଥିଲା । ଏବଂ ତା ମଧ୍ୟରେ ଯେ ଗୋଟିଏ ସ୍ୱତନ୍ତ୍ର ଦର୍ଶନ (a real religious system and a definite philosophy) ଦେଖା ଦେଇଥିଲା, ଆଜିକାଲିକାର ଆଦିବାସୀମାନଙ୍କର ଧର୍ମ ତାହାର ଧ୍ୱଂସଜନିତ ଆବର୍ଜନାର ଖଣ୍ଡବିଖଣ୍ଡିତ ନିଦର୍ଶନ । ଡକ୍ଟର ହାଟନଙ୍କ ଧାରଣା ବର୍ତ୍ତମାନର ହିନ୍ଦୁଧର୍ମର ପ୍ରଧାନତଃ ଋକ୍‌ବେଦର ଧର୍ମ ଓ ଆର୍ଯ୍ୟପୂର୍ବ ପ୍ରଚଳିତ ଭାରତୀୟ ବିଶ୍ୱାସ ସମୂହର ସମ୍ମିଳିତରୂପ । ସେ ଆହୁରି କହିଛନ୍ତି ଯେ ଉପଜାତୀୟ ବା ଆଦିବାସୀମାନଙ୍କ ମଧ୍ୟରେ ଯେଉଁସବୁ ଧର୍ମ ପ୍ରଚଳିତ ଅଛି ସେସବୁ ଅତିବିକ୍ତ

ଉଦ୍ବୃତ୍ତ (surpuls material) ଯାହା ହିନ୍ଦୁମାନଙ୍କର ମନ୍ଦିର ଗାତ୍ରରେ ଏପର୍ଯ୍ୟନ୍ତ ଲକ୍ଷ୍ୟ କରାଯାଇ ନାହିଁ । ସେ ଏ ବିଷୟରେ ଗୋଟିଏ ଯୁକ୍ତି ଦେଇଛନ୍ତି ଯେ ଯେତେବେଳ ପର୍ଯ୍ୟନ୍ତ ଆଦିବାସୀମାନେ ବ୍ରାହ୍ମଣ ପୁରୋହିତ ଗ୍ରହଣ ନ କରନ୍ତି, ଗୋରୁକୁ ପବିତ୍ର ଜୀବ ବୋଲି ମନେ ନ କରନ୍ତି, ହିନ୍ଦୁମାନଙ୍କର ବିଗ୍ରହ ପୂଜା ନ କରନ୍ତି ସେତେବେଳ ପର୍ଯ୍ୟନ୍ତ ଆଦିବାସୀମାନଙ୍କୁ ହିନ୍ଦୁ କହିବା ଠିକ୍ ହେବ ନାହିଁ । ତାଙ୍କର ଶେଷ ମନ୍ତବ୍ୟ ହେଲା ହିନ୍ଦୁ ଧର୍ମ ଓ ଉପଜାତୀୟ ବା ଆଦିବାସୀ ଧର୍ମ ମଧ୍ୟରେ କୌଣସି ଭେଦରେଖା ଟାଣିବା ଦୁଷ୍କର । ଉପଜାତୀୟମାନଙ୍କୁ ହିନ୍ଦୁ ଧର୍ମର ଅନ୍ତର୍ଭୁକ୍ତ କରିବା ସହଜ । ଯେଉଁ ଯେଉଁ ଅଞ୍ଚଳରେ ପାହାଡ଼ୀ ବା ଜଙ୍ଗଲୀ ଉପଜାତୀୟ ଲୋକମାନେ ସେମାନଙ୍କର ଦୈନନ୍ଦିନ ଜୀବନ ଓ ଜୀବିକାର ସମ୍ପର୍କରେ ଆସିଛନ୍ତି ସେଠାରେ ଦେଖା-ଯାଉଛି ଯେ ଉପଜାତୀୟ ଲୋକେ ସେମାନଙ୍କ ପ୍ରତିବେଶୀ ହିନ୍ଦୁ ଧର୍ମରୁ ଅଜସ୍ର ଭାବରେ ଉପାଦାନ ଆହରଣ କରି ନେଇଛନ୍ତି । ଯଦିଓ ମାନସିକ ଦୃଷ୍ଟିରୁ ଦେଖିବାକୁ ଗଲେ ସେମାନଙ୍କର ପ୍ରାଚୀନ ଚିନ୍ତା ପଦ୍ଧତି ଅପରିବର୍ତ୍ତନୀୟ ରହିଯାଇଛି ।

ଆଦିବାସୀମାନଙ୍କର ହିନ୍ଦୁ ସମାଜର ଧର୍ମମତର ଗଣ୍ଡି ମଧ୍ୟରେ ସ୍ଥାନ କେଉଁଠି ହେବା ଉଚିତ ସେ କଥା ଆଲୋଚନା କରିବା ଆଗରୁ ଆଦିବାସୀମାନଙ୍କର ଧର୍ମ ସଂପର୍କରେ ଆଲୋଚନା କରିବା ଆବଶ୍ୟକ । ପ୍ରଥମେ ମନରେ ପ୍ରଶ୍ନ ଆସେ ଆଦିବାସୀ ମାନଙ୍କର ଧର୍ମ କ'ଣ । ଗୋଟିଏ କଥାରେ ଏହାର ଉତ୍ତରଦେବା ଅତ୍ୟନ୍ତ ଶକ୍ତ କାରଣ ହିନ୍ଦୁମାନଙ୍କ ପରି ଏମାନଙ୍କର ଧର୍ମ ବହୁ ମତ, ବିଶ୍ୱାସ, ପ୍ରଥା ଓ ସଂସ୍କାର ନେଇ ଗଠିତ । ତା ଛଡ଼ା ଭିନ୍ନ ଶ୍ରେଣୀର ଆଦିବାସୀମାନଙ୍କ ମଧ୍ୟରେ ଧର୍ମରେ ପାର୍ଥକ୍ୟ ଦେଖାଯାଏ । ଆଦିବାସୀ ଧର୍ମକୁ ମୂଳରୁ ଯଦି ବିଶ୍ଳେଷଣ କରି ଦେଖାଯାଏ ତାହେଲେ ଦେଖିବାକୁ ମିଳିବ ଯେ ଏହି ଧର୍ମ ବିଶ୍ୱାସ ସହିତ ମନୁଷ୍ୟ ଜାତିର ଧର୍ମ ବିଶ୍ୱାସ ଜଡ଼ିତ ହୋଇରହିଛି । ବର୍ତ୍ତମାନ ଆଦିବାସୀମାନଙ୍କର ଧର୍ମ ବସ୍ତୁତଃ ମନୁଷ୍ୟ ଜାତିର ମୂଳ ଧର୍ମ ବିଶ୍ୱାସର ନିଦର୍ଶନ । ଟିକେ ତଲେଇ କରି ଦେଖିଲେ ବୁଝାଯାଏ ପ୍ରାଚୀନ ଧର୍ମମତ ଗୁଡ଼ିକ ଧୀରେ ଧୀରେ ମାର୍ଜିତ ହୋଇ ବା ସଭ୍ୟ ପରିଚ୍ଛଦ ଧାରଣ କରି ଏବେ ମଧ୍ୟ ସଭ୍ୟ ସମାଜରେ ପ୍ରଚଳିତ ଅଛନ୍ତି । ଆଦିବାସୀମାନଙ୍କ କ୍ଷେତ୍ରରେ ସେହି ଧର୍ମମତ ଆଦିମ ରୂଢ଼ତାରେ ହିଁ ରହିଯାଇଛି—ବିବର୍ତ୍ତନ ପଥରେ ଅଧିକ ଅଗ୍ରସର ହୋଇ ପାରିନାହିଁ । ଅନେକ ପଣ୍ଡିତ ବର୍ତ୍ତମାନ ଭାରତର ଧର୍ମକୁ ଆର୍ଯ୍ୟ ଧର୍ମ ବୋଲି କହନ୍ତି । ସେମାନଙ୍କର ଏହି ଯୁକ୍ତି ହୁଏତ ଠିକ୍ ନୁହେଁ କାରଣ ଆର୍ଯ୍ୟ ଆଗମନ ଆଗରୁ ମଧ୍ୟ ଭାରତରେ ମନୁଷ୍ୟ ଥିଲେ ଓ ସେମାନଙ୍କର ମଧ୍ୟ ଧର୍ମ ଥିଲା । ସୁତରାଂ ବର୍ତ୍ତମାନ ଭାରତର ଧର୍ମକୁ ଆର୍ଯ୍ୟ ପ୍ରଭାବିତ ଧର୍ମ ବୋଲି କହିଲେ ଅଧିକ ସତ୍ୟ ହେବ । ଡକ୍ଟର ହାଟନ ଏହି ସଂପର୍କରେ ଗୋଟାଏ କଥା ବ୍ୟବହାର କରିଛନ୍ତି । ତାହା ହେଉଛି "ପ୍ରାକ୍ ହିନ୍ଦୁଧର୍ମ" (Proto Hinduism) ଆର୍ଯ୍ୟ ଆଗମନ ପୂର୍ବରୁ ବିଭିନ୍ନ ସମାଜ, ଜାତି ଓ ଗୋଷ୍ଠୀ ମଧ୍ୟରେ ଯେ ସମସ୍ତ ଧର୍ମମତ ପ୍ରଚଳିତ ଥିଲା ସେହିସବୁ ଧର୍ମବିଶ୍ୱାସ

ଗୁଡ଼ିକୁ ସେ "ପ୍ରାକ୍ ହିନ୍ଦୁଧର୍ମ" ଆଖ୍ୟା ଦେଇଛନ୍ତି । ଏହି "ପ୍ରାକ୍ ହିନ୍ଦୁଧର୍ମ" ଗୋଟାଏ ବିଶେଷ ବିଶ୍ୱାସ ବା ସଂସ୍କାର ନ ଥିଲା, ବହୁ ବିଶ୍ୱାସ ଓ ସଂସ୍କାର ସମାବେଶ ମାତ୍ର । ଆଜିକାଲି ଆମେ ହିନ୍ଦୁ ଧର୍ମରେ ଯେ ବହୁ ସଂସ୍କାର ବା ବିଶ୍ୱାସ ଦେଖୁ ସେ ସବୁ ମୂଳତଃ "ପ୍ରାକ୍ ହିନ୍ଦୁଧର୍ମର" ଐତିହ୍ୟ । ଆର୍ଯ୍ୟ ଧର୍ମ ଥିଲା ବିଶେଷ କରି ଗୋଟାଏ ଜାତିଗତ ଧର୍ମ । ସୁତରାଂ ତାହାର ରୂପ ବିଶେଷ ଭାବରେ ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ ଥିଲା । ତା ମଧ୍ୟରେ କୌଣସି ବହୁତ୍ୱ ବା ବିଭିନ୍ନତାକୁ ପ୍ରଶ୍ରୟ ଦିଆଯାଉ ନ ଥିଲା । ଅନେକ ବିଜ୍ଞ ମନେ କରନ୍ତି ଯେ ବର୍ତ୍ତମାନ ହିନ୍ଦୁର ସମାଜଗତ ଗଠନ ହେଲା ଆର୍ଯ୍ୟମାନଙ୍କ ପରି ଓ ହିନ୍ଦୁର ଧର୍ମଗତ ଗଠନ ହେଲା ପ୍ରାଚୀନ ବା ଅନାର୍ଯ୍ୟ ଯୁଗର । ଅନ୍ୟ ଦଳେ ପଣ୍ଡିତ ପ୍ରଚାର କରନ୍ତି ଯେ ଆର୍ଯ୍ୟମାନେ ଗୋଟାଏ ଉନ୍ନତ ଧର୍ମ ନେଇ ଭାରତକୁ ଆସିଥିଲେ କିନ୍ତୁ ଅନେକ ଏ କଥାରେ ବିଶ୍ୱାସ କରନ୍ତି ନାହିଁ । ସେମାନେ ମନେ କରନ୍ତି ଆର୍ଯ୍ୟମାନେ ଭାରତକୁ ଆସିବା ଆଗରୁ ଉନ୍ନତ ଧର୍ମ ସଙ୍ଗରେ ନେଇ ଆସି ଥିଲେ ଅଥବା ଭାରତକୁ ଆସି ଉନ୍ନତ ଧର୍ମ ସୃଷ୍ଟି କରିଥିଲେ । ଏହା ମଧ୍ୟରୁ କେଉଁଟା ସତ୍ୟ ତା କହିବା କଠିନ । ତା' ଛଡ଼ା ଭାରତରେ ହିନ୍ଦୁ ସଭ୍ୟତାର ନିଦର୍ଶନ ଆବିଷ୍କୃତ ହେବା ପରେ ଆର୍ଯ୍ୟ ସଭ୍ୟତାକୁ ଭାରତର ପ୍ରଥମ ବା ପ୍ରାଚୀନତର ସଭ୍ୟତା ବୋଲି ଆଖ୍ୟା ଦେବା ହୁଏତ ଠିକ୍ ହେବ ନାହିଁ । ଭାରତର ଆଦିବାସୀ ସମାଜର ଦୈହିକ ରୂପର ଆଲୋଚନା କଲେ ଆମେ ଦେଖିବାକୁ ପାଉ 'ନିଗ୍ରୋବଟୁ' 'ପ୍ରାକ୍ ଅଷ୍ଟ୍ରେଲଏଡ୍' ଏବଂ 'ମଙ୍ଗୋଲଏଡ୍' ନରବଂଶର ମନୁଷ୍ୟମାନଙ୍କର ପ୍ରଚଳିତ ଧର୍ମ ଓ ମନର ସଂସ୍କାର ଯାହା ଥିଲା, ଭାରତର ଆଦିବାସୀ ସମାଜର ଧର୍ମ ପ୍ରଧାନତଃ ସେହି ଉପାଦାନରେ ଗଠିତ । ଆଉ ଟିକିଏ ତଳେଇ ଦେଖିଲେ ଆମେ ଦେଖିବାକୁ ପାଉ 'ମେଡିଟେରେନିଅନ୍' ନରବଂଶ ଆର୍ଯ୍ୟ ଆଗମନ ପୂର୍ବରୁ ଭାରତକୁ ଆସିଥିଲା । ଭାରତର ମାନବ ସମାଜର ଧର୍ମଗତ ରୂପ କଳ୍ପନା କରି କେତେଗୁଡ଼ିଏ ଧର୍ମବିଶ୍ୱାସ ଆସିଛି । ଉଦାହରଣ ସ୍ୱରୂପ—

ପ୍ରାଚୀନ ମନୁଷ୍ୟର ସଂସ୍କୃତି ମଧ୍ୟରେ ପ୍ରସ୍ତରର ସ୍ଥାନ କେଉଁଠି ଓ ବୈଶିଷ୍ଟ୍ୟ କଅଣ ତାହା ବାହାର କରିବାକୁ ସମାଜ ବିଜ୍ଞାନୀମାନେ ପ୍ରାଚୀନ ମନୁଷ୍ୟର ସଭ୍ୟତାକୁ ବିଭିନ୍ନ ସ୍ତରରେ ଭାଗ କରିଛନ୍ତି, ଯଥା—ବୃହତ୍ ପ୍ରସ୍ତର ସଭ୍ୟତା, ଏକ ପ୍ରସ୍ତର ସଭ୍ୟତା ଇତ୍ୟାଦି । ପୂର୍ବକାଳରେ ମୃତର ସମାଧି ଉପରେ ଗୋଟିଏ ପ୍ରସ୍ତର ସ୍ଥାପନ କରିଦେବାର ରୀତି ପ୍ରଚଳିତ ଥିଲା । ସେମାନଙ୍କର ଧାରଣା ଥିଲା ମୃତ ବ୍ୟକ୍ତିର ଆତ୍ମାବସ୍ତୁ ସେହି ପଥରର ଆଶ୍ରୟ ଗ୍ରହଣ କରିବ । ଏହି ସଂସ୍କାରରୁ ପ୍ରସ୍ତରସ୍ତମ୍ଭ ସଭ୍ୟତାର ଉତ୍ପତ୍ତି । ମେନହିର, ଡୋଲମେନ ଇତ୍ୟାଦି ବିଭିନ୍ନ ଗଠନର ଓ ବିଭିନ୍ନ ମୂର୍ତ୍ତିର ଯେଉଁସବୁ ନିଦର୍ଶନ ଦେଖାଯାଏ ତାହା 'ଆତ୍ମାବସ୍ତୁ' ଓ 'ଜଡ଼ବତା' ସଂସ୍କାରର ପ୍ରଭାବ । ପଥର ପୂଜା ଗୋଟିଏ ବହୁ ପ୍ରଚଳିତ ଧର୍ମ । ଏହି ଧାର୍ମିକ ସଂସ୍କାରଟି ବିଭିନ୍ନ ଆଦିବାସୀ ଗୋଷ୍ଠୀ ମଧ୍ୟରେ ଦେଖାଯାଏ ଏବଂ ସେଇଟି ଅନ୍ୟ ଭାବରେ ଆଜି ଏକ ପ୍ରଥାରେ ପରିଣତ ହୋଇଛି । ଆଗେ ଆତ୍ମାବସ୍ତୁକୁ ଆଶ୍ରୟ ଦେବାପାଇଁ ମୃତର ସମାଧି ଉପରେ ଗୋଟିଏ

ପ୍ରସ୍ତର ସ୍ଥାପନ କରାହେଉଥିଲା । ଏହି ପ୍ରଥା ଧୀରେ ଧୀରେ ଉନ୍ନତ ହୋଇ ମୂର୍ତ୍ତି-ପ୍ରତୀକ ସ୍ଥାପନର ପ୍ରଥାରେ ପରିଣତ ହୋଇଥିଲା । ଯେତେବେଳେ କେବଳ ପଥର ନୁହେଁ ମାଟି, ଧାତୁ ଓ କାଠର ମୂର୍ତ୍ତି ସ୍ଥାପନର ପ୍ରଥା ପ୍ରଚଳିତ ହୋଇଥିଲା । ସୁତରାଂ ଦେଖାଯାଏ ଯେ ଆତ୍ମା-ପଥର ଧୀରେ ଧୀରେ ଆତ୍ମା-ମୂର୍ତ୍ତିରେ ପରିଣତ ହୋଇଛି । ଆଦିବାସୀ ଗୋଷ୍ଠୀମାନଙ୍କର କଳ୍ପନାରେ ଆତ୍ମା କହିଲେ ସାଧାରଣତଃ ଏଇ ଧରଣର ଏକ କ୍ଷୁଦ୍ର ପୁରୁଷ ବୁଝାଏ, ଯାହାର ଅଧିଷ୍ଠାନ ହେଉଛି ପ୍ରତ୍ୟେକ ମନୁଷ୍ୟର ମସ୍ତକରେ ।

ସେହି ସଂସ୍କାରରୁ ଅସ୍ଥିପଥର ସ୍ଥାପନର ପ୍ରଥା ଆସିଛି ବା ଆଗେ କୁହା-ହୋଇଛି । ଉର୍ବରତା ହ୍ରାସ ନ ହେବାପାଇଁ ମୃତର ଆତ୍ମାବସ୍ତୁକୁ ନିଜ ନିକଟରେ ଧରି ରଖିବାର ଚେଷ୍ଟା କରାଯାଏ । ମନେ କରାଯାଇପାରେ ଏଇ ସଂସ୍କାରରୁ ପ୍ରାଚୀନ ମନୁଷ୍ୟର ମନରେ ମୃତ ବିଷୟରେ କେତେଗୁଡ଼ିଏ ସଂସ୍କାର ଜନ୍ମଲାଭ କରିଛି, ତାହାର ସ୍ୱାଭାବିକ ରୂପ ହେଲା ପୂର୍ବପୁରୁଷ ପୂଜା ।

ପୂର୍ବପୁରୁଷ ପୂଜାରୁ ରଜା ପୂଜାର ସଂସ୍କାର ଆସିଛି ବୋଲି ମନେ କରାଯାଇ-ପାରେ । ରଜାକୁ ସାଧାରଣତଃ ଶକ୍ତିମାନ ପୁରୁଷ ବୋଲି ମନେ କରାହୁଏ । ସେ ଅନେକ ଶକ୍ତିର ଆଧାର; କିନ୍ତୁ ଧାରଣା ଆସେ ତାଙ୍କଠାରେ ଏତେ ଶକ୍ତି ଅଛି କାହିଁକି ? ମନରେ ସ୍ୱାଭାବିକ ପ୍ରଶ୍ନ ଆସେ ଯେ ବୋଧହୁଏ ଏକ ବିଶେଷ ଶକ୍ତି, ବିଶେଷ ରୂପେ ଆତ୍ମାବସ୍ତୁ ଭାବରେ ଧାରଣ କରି ରଖିଛନ୍ତି । ତାଙ୍କ ବିଷୟରେ ଅଦ୍ଭୁତ ମଧ୍ୟ କଳ୍ପନା କରାହୁଏ ଯେ ସେ ପୂର୍ବପୁରୁଷମାନଙ୍କର ଆତ୍ମାବସ୍ତୁର ଉତ୍ତରାଧିକାରୀ ଓ ସେଥିପାଇଁ ସେ ଶକ୍ତିଶାଳୀ ଓ ବିଶେଷ ହୁଅନ୍ତି ।

ମାତ୍ର କଳ୍ପନା ମଧ୍ୟରେ ବି ଉର୍ବରତାବାଦ ମିଶି ରହିଛି, ଜୀବ ପ୍ରସବିନୀ ଶକ୍ତିର ପୂଜା—ଯାହାର ପ୍ରସାଦରେ ଶସ୍ୟ ଲାଭହୁଏ । ଶକ୍ତିର ଅର୍ଥ ହେଲା ଉର୍ବରତା ବା ସୃଷ୍ଟିର କ୍ଷମତା । ଆତ୍ମାବସ୍ତୁ ଆସିଛି ସେହି ମହାପ୍ରସବିନୀ ମହାମାତାର ବୋଲନ୍ତି । ଏହି ମହାମାତାର କଳ୍ପନାହିଁ ଧୀରେ ଧୀରେ ଶକ୍ତିତତ୍ତ୍ୱରେ ପରିଣତ ହୋଇଛି ।

ମ୍ୟାଜିକ ବା ଯାଦୁବଳର ମୂଳତତ୍ତ୍ୱ କେଉଁଟି ବୋଲି ଚିନ୍ତାକଲେ ଦେଖାଯାଏ ଯେ ଏହା ଆତ୍ମାବସ୍ତୁ ଓ ଉର୍ବରତାତତ୍ତ୍ୱ ସହିତ ଜଡ଼ିତ । ଯେଉଁଠାରେ ଆତ୍ମାବସ୍ତୁର ଅଭାବ ଅଛି ବା ଧୀରେ ଧୀରେ ଲୋପ ପାଇ ଯାଉଛି ସେଠାରେ ଆତ୍ମାବସ୍ତୁର ସଞ୍ଚାର କରାଇବା ହେଲା ଯାଦୁବଳ ବା ମ୍ୟାଜିକ । ଏହି ଯାଦୁବଳର ଭିତର ଦେଇ ମନୁଷ୍ୟ ପାଇଛି ତାର ପ୍ରଥମ ଗୁରୁ ବା ପୁରୋହିତଙ୍କୁ । ଆତ୍ମାବସ୍ତୁ କମିଯିବା ସଙ୍ଗେ ସଙ୍ଗେ ରୋଗହୁଏ, ମୃତ୍ୟୁ ହୁଏ, କ୍ଷେତରେ ଫସଲ ହୁଏନା, ବର୍ଷା ହୁଏନା, ସନ୍ତାନ ହୁଏନା, ଏବଂ ନାନାପ୍ରକାରର ଅସୁବିଧାର ସୃଷ୍ଟି ହୁଏ । ସୁତରାଂ ଏହିସବୁ ଅସୁବିଧାରୁ ମୁକ୍ତ ହେବାପାଇଁ ଆତ୍ମାବସ୍ତୁର ପ୍ରୟୋଜନ ହୁଏ ।

ଆଦିବାସୀମାନଙ୍କ ମଧ୍ୟରେ ଆଉ ଗୋଟାଏ ସଂସ୍କାର ଦେଖିବାକୁ ମିଳେ। ତାହା ହେଲା 'ଟୋଟେମ' ତତ୍ତ୍ୱ। ଅର୍ଥାତ କୌଣସି ଜୀବ ବା ବୃକ୍ଷ ଗୋଟିଏ ଗୋଟିଏ ଗୋଷ୍ଠୀର ଟୋଟେମ। ଟୋଟେମର ନାମ ଅନୁଯାୟୀ ଗୋଷ୍ଠୀର ନାମକରଣ ହୁଏ। ଗୋଟିଏ ଜାତି ମଧ୍ୟରେ ବିଭିନ୍ନ ପ୍ରକାରର ଟୋଟେମ ଦେଖାଯାଏ, ଯେପରିକି କାହାର ବାଘ ଟୋଟେମ କାହାର ଛେଳି ଆଉ କାହାର ବା ଶାଳଗଛ ଇମିଳି ଗଛ ଇତ୍ୟାଦି। ଏଇ ଟୋଟେମ ଗୁଡ଼ିକ ହେଲେ ଅନ୍ୟ କଥାରେ ଆଦିବାସୀମାନଙ୍କର ଗୋତ୍ରର ପରିଚୟ, ଯାହା ସହ ବିବାହ ପ୍ରଥା ଘନିଷ୍ଠ ଭାବରେ ଜଡ଼ିତ। ଯେଉଁ ଆଦିବାସୀ ଗୋଷ୍ଠୀର ଟୋଟେମ ହେଲା ବାଘ ତାର ନିକଟରେ ବାଘ ପବିତ୍ର ଜୀବ ଓ ଶ୍ରଦ୍ଧେୟ କାରଣ ସେମାନଙ୍କର ବିଶ୍ୱାସ ବାଘ ହେଲା ସେମାନଙ୍କର ଆଦିପୁରୁଷ ଏବଂ ବାଘ ମଧ୍ୟରେ ସେମାନଙ୍କର ଆତ୍ମାବସ୍ତୁ ଆଶ୍ରମ ଗ୍ରହଣ କରିଛି।

ନିଜକୁ ପୀଡ଼ା ଦେବା ବା ନିଜକୁ ବଳିଦେବା ଆଦିବାସୀମାନଙ୍କ ମଧ୍ୟରେ ଦେଖାଯାଏ। ନାନାପ୍ରକାରର ସାମାଜିକ ଓ ବ୍ୟକ୍ତିଗତ ଅସୁବିଧା ପାଇଁ ଆଦିବାସୀମାନେ ଆହୁତିଦେଇ ଦିଅନ୍ତି। ନିଜର ଦେହକୁ ପୀଡ଼ିନ କରିବାର ପ୍ରଥା ଅନେକ ଜାତି ମଧ୍ୟରେ ଦେଖିବାକୁ ମିଳେ ଏବଂ ତାହା ବର୍ତ୍ତମାନ ହିନ୍ଦୁ ସମାଜ ମଧ୍ୟରେ ବି ରହିଛି। ଏଇ ପ୍ରଥା ଧର୍ମାଚରଣର ଗୋଟାଏ ରୂପ ଅର୍ଥାତ ଏହାକୁ କୁଣ୍ଠାର ସଂସ୍କାର କହିଲେ ଭୁଲ ହେବ ନାହିଁ। କାରଣ ବଳି, ପୀଡ଼ନ ବା ନିଗ୍ରହ କରିବା ଦ୍ୱାରା ଏପରି ଗୋଟାଏ ଶକ୍ତିର ଉଦ୍ଭବ ହୁଏ ଯାହା ଫଳରେ ମନୁଷ୍ୟ ଉନ୍ନତ ଜୀବ ଭାବରେ ପୁନର୍ଜନ୍ମ ଲାଭ କରେ।

ଆଦିବାସୀ ସମାଜରେ ନୃତ୍ୟର ସ୍ଥାନ ଉବରତା ସହିତ ଜଡ଼ିତ କାରଣ ବିଭିନ୍ନ ଗୋଷ୍ଠୀର ଆଦିବାସୀମାନଙ୍କ ମଧ୍ୟରେ ବିଭିନ୍ନ ଋତୁରେ ଫସଲ ଉତ୍ସବ ସହିତ ନୃତ୍ୟ ଜଡ଼ିତ ହୋଇରହିଛି। ଏଇ ନୃତ୍ୟ ଦ୍ୱାରା ଭୂମିରେ ଶସ୍ୟ ଓ ନିଜ ଦେହରେ ବଳର ଆହରଣ କରନ୍ତିଏ ଆତ୍ମାବସ୍ତୁର ମାଧ୍ୟମରେ।

ଶିକାର ଆଦିବାସୀମାନଙ୍କ ମଧ୍ୟରେ ଗୋଟାଏ ବିଶିଷ୍ଟ ଋତୁ ଉତ୍ସବର ଆକାର ଧାରଣ କରିଛି। ଆଦିବାସୀମାନେ ଦଳବଦ୍ଧ ଭାବରେ ଶିକାର କରନ୍ତି ଓ ବହୁ ଜନ୍ତୁ ହତ୍ୟା କରିଥାନ୍ତି। ଏହି ସବୁ ଜନ୍ତୁର ଅତ୍ମାବସ୍ତୁ ସମାଜର ସମସ୍ତଙ୍କ ଦେହରେ ସଞ୍ଚାରିତ ହୁଏ। ଶିକାର ଉତ୍ସବ ସହିତ ଯାଦୁବିଦ୍ୟା ଜଡ଼ିତ।

ବଳିପ୍ରଥା ଭାରତକୁ ଆସିଥିବା ପ୍ରାଯ୍ ଅଷ୍ଟ୍ରେଲାଏଡ୍, ମଙ୍ଗୋଲଏଡ୍, ମେଡ଼ିଟେରେନିଆନ ପ୍ରଭୃତି ନରବଂଶ ମାନଙ୍କର ଧର୍ମାଚରଣର ଗୋଟାଏ ପ୍ରଧାନ ଅଙ୍ଗ ଥିଲା। ଉର୍ବରତାବାଦ ଏହି ବଳିପ୍ରଥା ସହ ଯୋଗସୂତ୍ରରେ ଆବଦ୍ଧ। ଆତ୍ମାବସ୍ତୁ ହତ୍ୟାକାରୀ ମଧ୍ୟରେ ପ୍ରବେଶ

କରେ ଏବଂ ବନ୍ୟାକାଶ୍ରୀ ତାହାଠାରୁ ଶକ୍ତି ଲାଭ କରେ ଓ ଉର୍ବରତାର ସୃଷ୍ଟି ହୁଏ । ଅନେକ ସମୟରେ ଦେଖାଯାଏ ଏହି ନରବଳି ପ୍ରଥା ଫଳେ ପୂଜାର ରୂପ ଗ୍ରହଣ କରିଛି । ଭୂମି ଦେବତାଙ୍କୁ ଅସ୍ଥିବସ୍ତୁ ଦେଇ ସନ୍ତୁଷ୍ଟ କରାହୁଏ । ଯାହାଙ୍କୁ ବଳିଦିଆଯାଏ ତାହାର ଅସ୍ଥିବସ୍ତୁ ମାଟିକୁ ଉର୍ବର କରିଦିଏ, ଭୂମି ଶସ୍ୟ ପ୍ରସବ କରେ ଏବଂ ଅନ୍ୟାନ୍ୟ ଅର୍ଦ୍ଧଶ ପାଇଁ ମଧ୍ୟ ବଳି ଦେଇ ତାହାର ଅସ୍ଥିବସ୍ତୁକୁ ଗ୍ରହଣ କରାଯାଏ ।

ଭୂୟାଁ ଜାତି

କେଶବ ଚନ୍ଦ୍ର ମିଶ୍ର

ଓଡ଼ିଶାର ଉତ୍ତର-ପଶ୍ଚିମ ସୀମାରେ (ଏକପ୍ରାନ୍ତରେ) ଗଡ଼ଜାତ ମହାଲ ଅନ୍ତର୍ଗତ କେନ୍ଦୁଝର ଜିଲ୍ଲା ଅବସ୍ଥିତ । ଏହି ଜିଲ୍ଲାର ଉତ୍ତର-ପଶ୍ଚିମ ସୀମାରେ ଅତି ପାର୍ବତ୍ୟ ଅଂଶରେ ଏକ ଅସଭ୍ୟ ଜାତି ବାସ କରୁଅଛନ୍ତି । ସେମାନେ ନିଜକୁ ଭୂମିପୁତ୍ର ବୋଲି କହନ୍ତି । ସେମାନେ ଯେଉଁ ପ୍ରଦେଶରେ ବାସ କରନ୍ତି, ସେଥିରେ ସେମାନଙ୍କର ସମ୍ପୂର୍ଣ୍ଣ ଅଧିକାର ଏବଂ ତାହା ସେମାନେ ଆପଣା ଇଚ୍ଛାନୁସାରେ ବ୍ୟବହାର କରି ପାରନ୍ତି । ଏ ବିଷୟରେ ସେମାନଙ୍କର ଦୃଢ଼ ବିଶ୍ୱାସ ଅଛି । ସେମାନଙ୍କ ଆକୃତି ଓ ଗାତ୍ରବର୍ଣ୍ଣ, ସେମାନଙ୍କ ଚତୁର୍ଦ୍ଦିଗରେ ବାସ କରୁଥିବା ଅନ୍ୟାନ୍ୟ ହିନ୍ଦୁଜାତି ଅପେକ୍ଷା ପୃଥକ୍ ଓ କୃଷ୍ଣ ବର୍ଣ୍ଣ । ଭୂୟାଁମାନେ ଓଡ଼ିଶାର ଦ୍ୱିତୀୟ ଅସଭ୍ୟ ଜାତି । ସେମାନଙ୍କ ନିକଟରେ ବାସ କରୁଥିବା ହିନ୍ଦୁ ଜାତିମାନଙ୍କ ସହ ସଂସର୍ଗୀ ହୋଇ ପୃଥକ୍ ପୃଥକ୍ ଆଚାର ବ୍ୟବହାରଦ୍ୱାରା ସେମାନେ ପୃଥକ୍ ପୃଥକ୍ ଶ୍ରେଣୀରେ ବିଭକ୍ତ ହୋଇଅଛନ୍ତି । ଯେଉଁମାନେ ପ୍ରକୃତ ଭୂୟାଁ ବୋଲି ଦାବି କରନ୍ତି, ସେମାନଙ୍କ ମଧ୍ୟରେ ମୁଖ୍ୟତଃ ଚାରିଗୋଟି ଶ୍ରେଣୀ ଲକ୍ଷିତ ହୁଏ । ଏହି ଶ୍ରେଣୀଗୁଡ଼ିକ କାଳକ୍ରମେ କେତେକ କ୍ଷୁଦ୍ର ଶାଖାଶ୍ରେଣୀରେ ବିଭକ୍ତ ହୋଇଅଛି, ମାତ୍ର ଏହା ଏତେ ବିରଳ ଯେ ଉଲ୍ଲେଖ କରିବା ଆବଶ୍ୟକ ନାହିଁ । ପୈତ୍ରିକ ସମ୍ପ୍ରଦାୟ ଦେଶ ଭୂୟାଁ ନାମରେ ପରିଚିତ, ସେମାନେ ଅନ୍ୟାନ୍ୟ ସମ୍ପ୍ରଦାୟ ଭୂୟାଁମାନଙ୍କଠାରୁ ଶ୍ରେଷ୍ଠ ବୋଲି କହନ୍ତି । ରାଜକୋଲି ଭୂୟାଁମାନେ ଉପସ୍ତ୍ରୀଗର୍ଭଜାତ ରାଜବଂଶ ବୋଲି ଅନୁମିତ ହୁଅନ୍ତି । ଏମାନଙ୍କ ବିଷୟ ପରେ ଉଲ୍ଲେଖ କରାଯିବ । ଅନ୍ୟ ଦୁଇଶ୍ରେଣୀ ରଉତାଲି ଏବଂ ପାବନ ନାମରେ ପରିଚିତ, ଏମାନଙ୍କ ସଂଖ୍ୟା ଅପର ଦୁଇ ଶ୍ରେଣୀ ଅପେକ୍ଷା ଅଳ୍ପ । ଏମାନେ ହିନ୍ଦୁମାନଙ୍କର ଅନେକ ରୀତି ନୀତି ଅନୁସରଣ କରି କୃଷି କାର୍ଯ୍ୟରେ ଲିପ୍ତ ହୋଇଅଛନ୍ତି ଏବଂ ଦେଶ ଭୂୟାଁମାନଙ୍କଠାରୁ ନିଜକୁ ଅଧିକ ଉନ୍ନତ ମନେ କରନ୍ତି ।

ବର୍ତ୍ତମାନ ଦେଶ ଭୂୟାଁମାନଙ୍କ ବିଷୟରେ କେତେକ କଥା ଲେଖାଯାଉଅଛି । ଭୂୟାଁମାନେ କେବଳ ଓଡ଼ିଶାର ଦ୍ୱିତୀୟ ଅସଭ୍ୟ ଜାତି ନୁହନ୍ତି । ସେମାନେ ଅନ୍ୟାନ୍ୟ ପାର୍ବତ୍ୟ ଜାତିମାନଙ୍କଠାରୁ ଅଧିକ କ୍ଷମତାଶାଳୀ ଅଟନ୍ତି ଏବଂ କେନ୍ଦୁଝରରେ ନିରୂପିତ ସମୟମାନଙ୍କରେ ପ୍ରଭୂତ ଶକ୍ତି ପ୍ରକାଶ କରିଅଛନ୍ତି । ଏ ଜିଲ୍ଲାରେ ଅନେକ ଅନାର୍ଯ୍ୟ ବାସ କରନ୍ତି । ମାତ୍ର ସେମାନେ ପ୍ରକୃତ ପାର୍ବତ୍ୟ ଜାତି ବୋଲି ବୋଧ ହୁଏ ନାହିଁ । କାରଣ ସେମାନେ ସେମାନଙ୍କ ପୂର୍ବ ଆଚାର, ବ୍ୟବହାର ଛାଡ଼ି ନିଜ ରୁଚି ଅନୁଯାୟୀ ହିନ୍ଦୁଧର୍ମର କେତେକ ନିୟମ ପରିବର୍ତ୍ତନପୂର୍ବକ ହିନ୍ଦୁ ରୀତି, ନୀତି, ଅନୁସରଣ କରି ମିଶି ଯାଇଅଛନ୍ତି । କେବଳ ସେମାନଙ୍କ ପୂର୍ବପୁରୁଷ ମାନଙ୍କର ଦେହ ରଙ୍ଗ ଓ କେତେକ ଢଙ୍ଗ ଏମାନଙ୍କଠାରେ ଦୃକାର ଦେଖାଯାଏ । ପ୍ରକୃତରେ ପାର୍ବତ୍ୟ

ଜାତିମାନଙ୍କ ଭେଳ ଏମାନଙ୍କଠାରେ ଦୃଷ୍ଟିଗୋଚର ହୁଏ ନାହିଁ । ପାହାଡ଼ିଆ ଭୂୟାଁମାନେ ବାଘୁଣି ଓ ଅନ୍ୟାନ୍ୟ ମାନେ ବାଣ୍ଡ ଅପଣା ଆପଣାର ସନ୍ତକ ବୋଲି ଲେଖାନ୍ତି । ଏହି ସନ୍ତକଙ୍କୁ ସେମାନେ ପର୍ବପର୍ବାଣୀରେ ଦେବତାରୂପେ ପୂଜା କରନ୍ତି ।

ଭୂୟାଁମାନେ ପ୍ରଥମେ ସିଂହଭୂମିର ଦକ୍ଷିଣ-ପଶ୍ଚିମ ସୀମାରୁ କ୍ରମଶଃ ଆସି ଉତ୍ତରରେ ପାଲଲହଡ଼ା, ତାଳଚେର ଓ ଢେଙ୍କାନାଳ ପର୍ଯ୍ୟନ୍ତ ଉପନିବେଶ ସ୍ଥାପନ କଲେ । କାଳକ୍ରମେ ପଶ୍ଚିମରେ ବଣେଇ, ବାମଣ୍ଡା, ସିଂହଭୂମିର ଓ ମଧ୍ୟପ୍ରଦେଶର କେତେକ ପାର୍ବତ୍ୟ ପ୍ରଦେଶରେ ଉପନିବେଶ ବିସ୍ତାର କଲେ ଓ ପୂର୍ବଦିଗରେ କେନ୍ଦୁଝରର ପର୍ବତ୍ୟ ପ୍ରଦେଶର ପାଦଦେଶ ପର୍ଯ୍ୟନ୍ତ ଅଧିକାର କଲେ । ଭୂୟାଁମାନଙ୍କର ବର୍ତ୍ତମାନ ବାସଭୂମିର ପରିମାଣ ୧୬୦୦ ବର୍ଗ ମାଇଲ, ମାତ୍ର ସେମାନଙ୍କର ଅନ୍ତର୍ବାସ-ସ୍ଥଳୀର ପରିମାଣ ୨୫୬ ବର୍ଗ ମାଇଲ । ଏହି ୨୫୦ ବର୍ଗ ମାଇଲ ସ୍ଥାନ ପାହାଡ଼ିଆ ଭୂୟାଁମାନଙ୍କର ବାସସ୍ଥାନ । ଦେଶ ଭୂୟାଁମାନେ ସମସ୍ତ ପାର୍ବତ୍ୟ ପ୍ରଦେଶରେ ବାସ କରନ୍ତି । ମାତ୍ର ପର୍ବତର ପାଦଦେଶରେ ସ୍ୱକଡ଼ୋଲୀ, ସ୍ୱକବାଲୀ ଓ ମାହନ •ଶ୍ରେଣୀର ଭୂୟାଁମାନେ ବାସ କରିବାର ଦେଖାଯାଏ ।

କେନ୍ଦୁଝର ଭୂୟାଁମାନଙ୍କର ଆଦ୍ୟ ବାସସ୍ଥାନ । କାଳକ୍ରମେ ସେମାନଙ୍କର ବଂଶବୃଦ୍ଧି ହେବାରୁ ସେମାନଙ୍କ ମଧ୍ୟରୁ କେତେକ ନିକଟବର୍ତ୍ତୀ ଜିଲ୍ଲାମାନଙ୍କୁ ଯାଇ ବାସକଲେ । ମାତ୍ର ଅନ୍ୟ ଜିଲ୍ଲାରେ ବାସ କରୁଥିବା ଭୂୟାଁମାନେ ସେମାନଙ୍କ ପୈତୃକ ସ୍ୱତ୍ୱ ଛାଡ଼ିବାକୁ ବାଧ୍ୟ ହେଲେ ।

ଭୂୟାଁମାନେ ମୟୂରଭଞ୍ଜରୁ କେଉଁଝରକୁ ପୃଥକ କରିବାର କିମ୍ବଦନ୍ତୀ ଅଛି । ପ୍ରାୟ ଏକସହସ୍ର ବର୍ଷ ପୂର୍ବେ ଭୂୟାଁମାନେ ବହୁଦୂର ଶ୍ୱାପଦସଙ୍କୁଳ ଅରଣ୍ୟ ଅତିକ୍ରମ କରି ମୟୂରଭଞ୍ଜ ରାଜାଙ୍କ ନିକଟକୁ ସମ୍ମାନ ଦର୍ଶାଇବା ଓ କର ଦେବାପାଇଁ ଯାଉଥିଲେ । ଏହି ସାମୟିକ ପ୍ରତ୍ୟୋଜନରେ ଯେଉଁମାନେ ଯାଉଥିଲେ, ସେମାନେ ପ୍ରାୟ ଫେରି ଆସି ପାରୁନଥିଲେ । କେହି ହିଂସ୍ରଜନ୍ତୁ ମାନଙ୍କଦ୍ୱାରା ନିହତ ହେଉଥିଲେ, କେହି ବା ରୋଗଦ୍ୱାରା ଆକ୍ରାନ୍ତ ହୋଇ ପଥରେ ମୃତ୍ୟୁମୁଖରେ ପତିତ ହେଉଥିଲେ । ଏହି କାରଣରୁ ସେମାନଙ୍କର ନିଜର ଜଣେ ରାଜା କରିବାର ସ୍ଥିରକରି ତତ୍କାଳୀନ ନର-ପତିଙ୍କର ଗୋଟିଏ ପୁଅକୁ ଚୋରାଇ ଆଣି ଆପଣା ବାସସ୍ଥଳୀରେ ରାଜା ବୋଲି ଘୋଷଣା କଲେ । ସେ ସମୟରେ ଏମାନେ ବାସ କରୁଥିବା ସ୍ଥଳକୁ ବିଦେଶୀ ଲୋକ ଆସିବା ସହଜସାଧ୍ୟ ନ ଥିଲା । ଅଧିକ ମଧ୍ୟ ସେହି ସମୟରେ ମୟୂରଭଞ୍ଜ ରାଜପରିବାର ମଧ୍ୟରେ ଗୃହ ବିବାଦ ଚାଲୁଥିବାରୁ ସେମାନଙ୍କ ପରିବାର ବର୍ଗରୁ ଅନେକେ ଭୂୟାଁମାନଙ୍କର ଉକ୍ତ କାର୍ଯ୍ୟରେ ସାହାଯ୍ୟ ଦେଇଥିଲେ । ଗଡ଼ଜାତ ଓ ଅନ୍ୟାନ୍ୟ କେତେକ ଜାତି ଉକ୍ତ ରାଜାଙ୍କର ଆବଶ୍ୟକ କାର୍ଯ୍ୟ ନିର୍ବାହ କରିବା ପାଇଁ ଅନ୍ୟାନ୍ୟ ଜିଲ୍ଲାରୁ ଆସିଲେ ହେଲେ ମଧ୍ୟ ସେ ରାଜାଙ୍କର ଖାଦ୍ୟ ପୃଥକରୂପେ ଅତି ସାବଧାନତା ସହକାରେ ପାକ

କରାଯାଉଥିଲା । ଏପରି ପ୍ରବାଦ ଅଛି ଯେ, ଭୂୟାଁମାନେ ତାଙ୍କୁ ଏପରି ସମ୍ମାନ କରୁଥିଲେ ଯେ ସେମାନଙ୍କ ମଧ୍ୟରୁ କେହି ତାହାଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଖାଦ୍ୟ ସ୍ପର୍ଶ କରୁନଥିଲେ । ଛୁଇଁଲେ ଅଶୁଚି ହେବାର ଭୟ ସେମାନଙ୍କର ଥିଲା ଏବଂ ଏହି କାରଣରୁ ଯେଉଁ ପାତ୍ରରେ ରନ୍ଧନକାର୍ଯ୍ୟ ହେଉଥିଲା, ତାହା ଖାଲିହେବା ମାତ୍ରେ ଜଣେ ପ୍ରଧାନ ଭୂୟାଁ । ତାଣ୍ଡ ଶବ ସେ ପାତ୍ରକୁ ଭାଙ୍ଗି ଦେଉଥିଲା । ଏହି ମୃତ୍ତିକା ପାତ୍ର ଭାଙ୍ଗିବା କାର୍ଯ୍ୟ ଅତି ପବିତ୍ର ଆବଶ୍ୟକ ବିବେଚିତ ହେଉଅଛି । ବର୍ତ୍ତମାନ ତାଣ୍ଡଦ୍ୱାରା ଭାଙ୍ଗିବା ପ୍ରଥା ଉଠି ଯାଇଥିଲେହେଁ ଏହି କାର୍ଯ୍ୟ ରାଜାଙ୍କ ପାଖଲୋକଙ୍କ ଦ୍ୱାରା ସାଧିତ ହେଉଅଛି । ରାଜପୁତ୍ର ବୟଃପ୍ରାପ୍ତ ହେବାରୁ ତାଙ୍କ ସକାଶେ ଗୋଟିଏ ଦୁର୍ଗ ନିର୍ମାଣ କରିବାପାଇଁ ତାହାଙ୍କର ଭୂୟାଁ ଅଭିଭାବକମାନେ ଗୋଟିଏ ସୁବିଧାଜନକ ସ୍ଥାନ ନିରୂପଣ କରିବାକୁ ମନସ୍ଥ କଲେ । ଉକ୍ତ ବାସଭୂମି ନିରୂପଣାର୍ଥ ସ୍ଥାନ ଖୋଜୁ ଖୋଜୁ ସେମାନେ ଏକସ୍ଥାନରେ ପହଞ୍ଚି ଗୋଟିଏ ଅତ୍ୟାଶ୍ଚର୍ଯ୍ୟଜନକ ଘଟଣା ଦେଖିଲେ । ଗୋଟିଏ କୁକୁର ଗୋଟିଏ ଶଶକଦ୍ୱାରା ଆକ୍ରାନ୍ତ ହୋଇ ଭୟରେ ପଳାଇ ଯାଉଅଛି । ଉକ୍ତ ଘଟଣା ସେମାନଙ୍କୁ ଅତଏବ ଶୁଭସୂଚକ ବୋଲି ବୋଧ ହୋଇଥିଲା ଏବଂ ସେମାନେ ତତ୍‌କ୍ଷଣାତ୍ ସ୍ଥିରକଲେ ଯେ, ଯେଉଁ ସ୍ଥାନରେ ଘଟଣା ଘଟିଥିଲା, ସେହି ସ୍ଥାନରେ ଯୁବରାଜଙ୍କପାଇଁ ଦୁର୍ଗ ପ୍ରସ୍ତୁତ କରିବାକୁ ହେବ । ସେହି ସ୍ଥାନରେ ରାଜବଂଶର ଅଧିଷ୍ଠିତ ନଗର ପ୍ରତିଷ୍ଠିତ ହୋଇଅଛି ଏବଂ ଏହା ଏହି ରାଜ୍ୟର ରାଜଧାନୀ ଅଟେ । ଏହା ଭୂୟାଁପୀଢ଼ ପ୍ରଗଣାର ସୀମାରେ ଏକ ପର୍ବତମାଳାର ପାଦଦେଶରେ ଅତି କଦର୍ଯ୍ୟ ଖାଲି ଜମିରେ ଅବସ୍ଥିତ । ଏଠାରେ ମ୍ୟାଲେରିଆ ଜ୍ୱର ଅତି ପ୍ରବଳ ହୁଏ । ଦୁର୍ଗର ପୃଷ୍ଠଦେଶରେ ଦଣ୍ଡାୟମାନ ପର୍ବତଶିଖର ଉପରକୁ (ଯେଉଁଠାରେ ବାର୍ଷିକ ଉତ୍ସବ ହୁଏ ସେହି ସ୍ଥାନକୁ) ନଗରର ସମସ୍ତ ଅଂଶ ଦେଖାଯାଏ । ଓଡ଼ିଶାର ଅନ୍ୟାନ୍ୟ କରଦରାଜ୍ୟସମୂହର ଦୁର୍ଗମାନ ଯେଉଁପରି ସ୍ଥାନରେ ଅବସ୍ଥିତ, ଏହା ମଧ୍ୟ ସେହିପରି ଅଟେ । ଜନଶ୍ରୁତି ଅଛି ଯେ, ମରହଟ୍ଟା ଓ ଅନ୍ୟାନ୍ୟ ଶତ୍ରୁମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ନିମନ୍ତେ ରାଜପରିବାରବର୍ଗ ସୁବିଧାକ୍ରମେ ଅରଣ୍ୟ ମଧ୍ୟରେ ପ୍ରବେଶ କରିବାପାଇଁ ଦୁର୍ଗମାନଙ୍କର ଅବସ୍ଥିତି ଏହିପରି ସ୍ଥାନମାନଙ୍କରେ ହୋଇଅଛି । ତତ୍‌କାଳୀନ ଇତିହାସ ଦୃଷ୍ଟିରେ ଏହା ମଧ୍ୟ ପ୍ରକୃତ ବୋଲି ବୋଧ ହୁଏ ।

ପ୍ରୋକ୍ତ ଯୁବରାଜଙ୍କ ଅନ୍ତଃପୁରରେ ଉପପତ୍ନୀ ଓ ଦାସୀରୂପେ ରହିବାପାଇଁ ଭୂୟାଁମାନେ ଆପଣା ଜାତି ମଧ୍ୟରୁ କେତେକ ବାଳିକା ପ୍ରଦାନ କରିଥିଲେ । ଉକ୍ତ ସ୍ତ୍ରୀମାନଙ୍କଠାରୁ ରାଜାଙ୍କ ଔରସରେ ଜାତ ସନ୍ତାନମାନେ ରାଜକୋଲୀ ଭୂୟାଁମାନଙ୍କ ପୂର୍ବପୁରୁଷ ବୋଲି କଥିତ ହୁଅନ୍ତି । ସେମାନେ ରାଜକୋଲ ବା ରାଜକୁଳରୁ ଜାତ ବୋଲି ରାଜକୋଲୀ ନାମରେ ଅଭିହିତ ହେବାର ଅନୁମିତ ହୁଏ । ରାଜବଂଶ ସହିତ ଏହି ସମ୍ପର୍କରୁ ସେମାନେ ଅନ୍ୟାନ୍ୟ ଭୂୟାଁମାନଙ୍କ ଅପେକ୍ଷା ଅଧିକ ଉନ୍ନତ ଏବଂ ରାଜାଙ୍କ ଅବଲମ୍ବିତ ହିନ୍ଦୁ ରୀତି ନୀତି ଅବଲମ୍ବନ କରିଅଛନ୍ତି ।

କେଉଁଝର ଦୁର୍ଗ ସ୍ଥାପନର ପ୍ରଥମ ଦିବସରୁ ଆଜି ପର୍ଯ୍ୟନ୍ତ ଭୂୟାଁମାନେ ସେମାନଙ୍କର ଅତ୍ୟାବଶ୍ୟ ପାରମ୍ପରିକ ପ୍ରଥା ସମ୍ପାଦନ ନ କରିବା ପର୍ଯ୍ୟନ୍ତ ରାଜାଙ୍କର ରାଜ୍ୟାଭିଷେକ ସମ୍ପୂର୍ଣ୍ଣ ହୋଇଅଛି ବୋଲି ସ୍ୱୀକାର କରନ୍ତି ନାହିଁ । ଏହି ଦାବି ଆଜି ପର୍ଯ୍ୟନ୍ତ ପ୍ରବଳ ହୋଇ ଆସୁଅଛି । ରାଜ୍ୟାଭିଷେକ ସମୟରେ ଏହି ସମ୍ପ୍ରଦାୟର ଭୂୟାଁମାନେ ବଂଶାନୁକ୍ରମେ ସେମାନଙ୍କର କାର୍ଯ୍ୟ ସମ୍ପାଦନ କରୁଥିବା ନେତାଙ୍କ ଅଧୀନରେ ଦଳବଦ୍ଧ ହୋଇ ଅନିୟମିତ କର୍କଶସ୍ୱର ବିଶିଷ୍ଟ ନାନା ବାଦ୍ୟଯନ୍ତ୍ର ବାଦନ ପୂର୍ବକ ରାଜନଗରର ପ୍ରାଙ୍ଗଣକୁ ଅତି ସମାରୋହରେ ଗମନ କରନ୍ତି । ଏହି ସମୟରେ ଦଳପତି ରାଜଭକ୍ତିର ଚିହ୍ନସ୍ୱରୂପ ଗୋଟିଏ ବୃହତ କଖାରୁ କାନ୍ଧରେ ବହୁଥାଏ । ପ୍ରବେଶ ମାତ୍ରେ କଖାରୁଟି ଭେଟି ଏବଂ ଦଳପତି ଯୁବରାଜଙ୍କୁ ନିଜ ଜଙ୍ଘରେ ବସାଏ, ତତ୍ପରେ ସେ ରାଜାଙ୍କ ମସ୍ତକରେ ଚନ୍ଦନ ଲଗାଇ ଦେଇ ଯଥା ସ୍ଥାନରେ ସିଂହାସନାରୋହଣ କରାଏ । ଏଥି ଉତ୍ତାରୁ ସେମାନେ ସମସ୍ତେ ଏକାବେଳକେ ରାଜାଙ୍କ ଚରଣ ତଳରେ ସାଷ୍ଟାଙ୍ଗ ପ୍ରଣିପାତ କରି ପୂର୍ବକୃତ ଅପରାଧ ନିମିତ୍ତ କ୍ଷମା ପ୍ରାର୍ଥନା କରନ୍ତି ଏବଂ ପ୍ରକାଶ କରନ୍ତି ଯେ ସେମାନଙ୍କ ପ୍ରାର୍ଥନା ଗୃହୀତ ନ ହେବା ପର୍ଯ୍ୟନ୍ତ ସେମାନେ ଭୂମିରୁ ଉଠିବେ ନାହିଁ । ତତ୍ପରେ ନବାଭିଷିକ୍ତ ରାଜା ସେମାନଙ୍କୁ କ୍ଷମା ପ୍ରଦାନ କରି ସନ୍ତୋଷରେ ଗାତ୍ରୋତ୍ଥାନ କରିବାକୁ ଆଦେଶ ଦିଅନ୍ତି । ତଦୁତ୍ତାରେ ଦଳପତି ଅଗ୍ରସର ହୋଇ ରାଜା ଓ ରାଜବଂଶର ଚତୁରଙ୍ଗ ସୈନ୍ୟ ଏବଂ ରାଜ୍ୟର ସମସ୍ତ କୁଶଳ ଜିଜ୍ଞାସା କରେ । ଏହି ସବୁ ପ୍ରଶ୍ନର ଯଥା ବିଧି ଉତ୍ତର ଦିଆଗଲେ ପରେ ରାଜାଙ୍କ ମାଦଳାପାଞ୍ଜି ଲେଖକ ଖଣ୍ଡିଏ ତାଳ ପତ୍ର ପୋଥିରୁ କେତେଗୁଡ଼ିଏ ପ୍ରଶ୍ନ ପାଠ କରି ଭୂୟାଁମାନଙ୍କ ସ୍ୱାସ୍ଥ୍ୟ, ସେମାନଙ୍କ ବଂଶଧର, ଗୋମେଷାଦି ପଶୁ , ଶାବକାଦି ଝରଣା ଏବଂ ଗ୍ରାମ୍ୟ କ୍ଷେତ୍ରମାନଙ୍କ ଅବସ୍ଥା ଉତ୍ତମ ଅଛି କି ବୋଲି ପଚାରନ୍ତି । ଏହାର ଉତ୍ତର ଛଳରେ ପ୍ରତି ଗ୍ରାମର ପ୍ରଧାନମାନେ କ୍ରମାନ୍ୱୟରେ ପୁନର୍ବାର ରାଜାଙ୍କ ଚରଣ ତଳରେ ସାଷ୍ଟାଙ୍ଗ ପ୍ରଣାମ କରନ୍ତି ଏବଂ ପ୍ରତ୍ୟେକ ନବାଭିଷିକ୍ତ ରାଜାଙ୍କ ଚରଣକୁ ହସ୍ତରେ ଧାରଣ ପୂର୍ବକ ପ୍ରଥମେ ଏକ ସ୍କନ୍ଧରେ ତତ୍ପରେ ଅପର ସ୍କନ୍ଧରେ ସ୍ଥାପନ କରି ଶେଷରେ ମସ୍ତକରେ ଲଗାନ୍ତି । ପୁନର୍ବାର ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ରାଜାଙ୍କ ନିକଟରୁ ବିଦାୟ ଗ୍ରହଣ କରନ୍ତି । ଏହିପରି ସେମାନଙ୍କ ଦ୍ୱାରା ରାଜ୍ୟାଭିଷେକ ସମାପନ ହୁଏ । ଏହାପରେ ନାନା ପ୍ରକାର ଉତ୍ସବ ଓ ଭୋଜିର ଆୟୋଜନ କରାଯାଏ । ଯଥାର୍ଥରୂପେ (ମୂଳକ୍ଷାନୁକ୍ରମେ) ସିଂହାସନାରୋହଣ କାର୍ଯ୍ୟ ସମ୍ପାଦନକାରୀ ଭୂୟାଁମାନଙ୍କ ମଧ୍ୟରେ ଏହି ପ୍ରଥା କିଛି ଉନ୍ନତ ଲାଭ କରିଅଛି । ଜଣେ ରାଜାଙ୍କ ଉପରେ ଛତ୍ର ଧାରଣ କରେ, ଅନ୍ୟ ଜଣେ ଘୋଡ଼ା ହୋଇ ଯୁବରାଜଙ୍କୁ ପୃଷ୍ଠ ଦେଶରେ ବହନପୂର୍ବକ (ଯେଉଁ ଲୋକ-ତାହାଙ୍କୁ ଜାନୁ ଉପରେ ଉପବେଶନ କରାଇ ଅଭିଷିକ୍ତ କରିବ) ତାହା ନିକଟକୁ ନେଇ ଯାଏ । ଏହି ଉତ୍ସବ ପ୍ରତି ବର୍ଷ ବୈଶାଖ ମାସରେ ସମ୍ପାଦିତ ହୁଏ । କେବଳ ରାଜାଙ୍କୁ ଗାଦି ଉପରେ ବସାଯାଏ ନାହିଁ । ଉଲ୍ଲିଖିତ ଘଟଣାମାନଙ୍କରୁ ପ୍ରତୀୟମାନ ହେଉଅଛି ଯେ, ଅତି ପ୍ରାଚୀନ କାଳରୁ ଭୂୟାଁମାନେ ଏପରି ଜଣେ ଶାସନକର୍ତ୍ତା ଲୋଡ଼ନ୍ତି, ଯାହାଙ୍କ ଠାରେ ସେମାନେ ନିଜ ନିଜ ଦୁଃଖ ନିବେଦନ କରି ପାରିବେ ଏବଂ ଯାହାଙ୍କଠାରୁ ସଦୁପଦେଶ ଗ୍ରହଣ କରି ପାରିବେ । କିନ୍ତୁ ସ୍ୱାଧୀନ ଭାବରେ ଶାସିତ ହେବାକୁ

ସେମାନେ ଇଚ୍ଛା କରି ନାହାନ୍ତି ବା କରନ୍ତି ନାହିଁ । ପକ୍ଷାନ୍ତରରେ ସେମାନେ ସେମାନଙ୍କ ଅଭିଷିକ୍ତ ରାଜାଙ୍କର ରାଜ୍ୟଶାସନ ନିୟମାବଳୀ ଗ୍ରହଣ କରିବା ଓ ତହିଁରେ ଦୋଷାରୋପ କରିବା ବିଷୟରେ କ୍ଷମତା ଦାବି କରନ୍ତି ।

ଭୂୟାଁମାନଙ୍କଦ୍ୱାରା ଯେଉଁସବୁ ସାମୟିକ ବିଦ୍ରୋହମାନ ଘଟିଅଛି ତାହା କେବଳ କୌଣସି ଶାସନକର୍ତ୍ତାଙ୍କ ବ୍ୟବହାରରେ ମାନଙ୍କର ଅସନ୍ତୋଷ ଜନ୍ମିବା ବା ପ୍ରଚଳିତ ବିଷୟମାନଙ୍କରେ ପ୍ରତିକାର ନ ମିଳ ଯୋଗେ ଘଟିଅଛି । ୧୮୯୦ ଠାରୁ ୧୮୯୩ ପର୍ଯ୍ୟନ୍ତ ଯେଉଁ ବିଦ୍ରୋହ ଘଟିଥିଲା, ତ ରେ ଉଲ୍ଲିଖିତ ବିଷୟ ବିଶଦରୂପେ ପ୍ରମାଣିତ ହୋଇଅଛି ।

ଯେତେବେଳେ ରାଜା ତାହାଙ୍କ ପରିବାରବର୍ଗଙ୍କୁ ଦେଶୀୟ ପୁଲିସ ବା ପାଇକମାନଙ୍କ ତତ୍ତ୍ୱାବଧାନରେ ରଖି ନିଜେ ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କ ଆଶ୍ରୟ ନେବାପାଇଁ କଟକ ନଗରୀକୁ ପଳାୟନ କରିଥିଲେ, ଯେତେବେଳେ ଭୂୟାଁମାନେ ଏହି କଥା ଶ୍ରବଣ କରି ଦୁର୍ଗାକ୍ରମଣନିମିତ୍ତ ଦୃଢ଼ ସଂକଳ୍ପ କରି ନ ଲେ । ସେମାନେ ଇଚ୍ଛା କରିଥିଲେ ସହଜରେ ଦୁର୍ଗ ଅଧିକାର କରି ପାରିଥାନ୍ତେ, ଯେହେତୁ ସେମାନଙ୍କର ସଂଖ୍ୟା ଅଧିକ ଥିଲା । ଏବଂ ଦୁର୍ଗ ଅତଅଳ୍ପ ଲୋକଙ୍କଦ୍ୱାରା ରକ୍ଷିତ ହୋଇଥିଲା; ମାତ୍ର ସେମାନେ ସେମାନଙ୍କର ଅସନ୍ତୋଷ-ଉତ୍ପାଦନକାରୀ ରାଜାଙ୍କୁ ଅନୁପସ୍ଥିତ ଦେଖି ରାଜପରିବାରବର୍ଗଙ୍କ ପ୍ରତି କୌଣସି ଅନିଷ୍ଟାଚରଣ କରିବାକୁ ଇଚ୍ଛା କରି ନ ଥିଲେ ।

ଭୂୟାଁପୀଢ଼ (ପ୍ରଗଣା) ରାଜାଙ୍କଦ୍ୱାରା ଶାସିତ ହୋଇଥିଲେହେଁ ରାଣୀ ତାହାର ଉପସ୍ୱତ୍ୱ ଭୋଗ କରନ୍ତି । ଏଣୁ ତାହାଙ୍କୁ ସେମାନେ ମାତା ବୋଲି କହନ୍ତି ଏବଂ ତାହାଙ୍କ ପ୍ରତି ଅତ୍ୟନ୍ତ ସମ୍ମାନ ପ୍ରଦର୍ଶନ କରନ୍ତି । ପୂର୍ବକଥିତ ବିଦ୍ରୋହ ସମୟରେ ଦେବକର୍ତ୍ତା ଭୂୟାଁମାନଙ୍କ ଭୟରେ ପଳାଇ ଯାଇ ଅନ୍ତଃପୁରରେ ରାଣୀଙ୍କ ଆଶ୍ରୟ ଗ୍ରହଣ କରିଥିଲେ । ସେମାନେ ଏହା ଜାଣିପାରି ପ୍ରତିଶୋଧ ଗ୍ରହଣେଚ୍ଛୁ ହୋଇ ତାଙ୍କୁ ହତ୍ୟା କରିବାକୁ ଅନ୍ତଃପୁର ମଧ୍ୟରେ ପ୍ରବେଶ କରିବା ମାତ୍ରକେ ଦେଖିଲେ ଯେ ସେ ରାଣୀଙ୍କୁ ନିଜ ମାତା ଜ୍ଞାନରେ ଅଭୟ ଭିକ୍ଷା କରୁଅଛନ୍ତି; ତେଣୁ ତାଙ୍କ ମୁଖ ଦେଖି କିଂକର୍ତ୍ତବ୍ୟବିମୂଢ଼ ହୋଇ କ୍ରୋଧ ଅଭିଳାଷରୁ ବିରତ ହେଲେ ।

ସ୍ୱଭାବ

ଭୂୟାଁମାନଙ୍କ ସ୍ୱଭାବରେ କେତେକ ବିଶେଷତ୍ୱ ଅଛି, ଯାହା ଓଡ଼ିଶାର ଗଡ଼ଜାତ ରାଜ୍ୟମାନଙ୍କରେ ବାସକରୁଥିବା ଅନ୍ୟାନ୍ୟ ଅଧମ ଜାତମାନଙ୍କଠାରେ ଲକ୍ଷିତ ହୁଏ ନାହିଁ । ସରଳତା, ସତ୍ୟବାଦିତା, ସ୍ୱାଧୀନତା ପ୍ରତି ଆନ୍ତରିକ ମମତା, ନେତାମାନଙ୍କ ପ୍ରତି ଭକ୍ତି ଏବଂ ଅଦମନୀୟ ଇଚ୍ଛା ସେମାନଙ୍କଠାରେ ପରିଦୃଷ୍ଟ ହୁଏ । ଏହାଛଡ଼ା ସେମାନେ ବନ୍ଧୁମାନଙ୍କ ପ୍ରତି ଅତ୍ୟନ୍ତ ବିଶ୍ୱାସୀ ଏବଂ ଅତିଥିସେବାରେ ସର୍ବଦା ତତ୍ପର;

ଏମନ୍ତ କି, ସେମାନଙ୍କ ଅତ୍ୟନ୍ତ ଉତ୍କଣ୍ଠା ପ୍ରତିଦେଶରେ ଅପରିଷ୍କାରତାଗ୍ରସ୍ତ । ସେମାନେ କାହାରି ଅଧୀନତାସ୍ୱୀକାରରେ ସର୍ବଦା ବିମୁଖ । ଅନ୍ୟପକ୍ଷରେ ସେମାନଙ୍କର ମହାନ୍ ଦୋଷ ଏହି ଯେ ସେମାନେ ପ୍ରତିଶୋଧଲିପ୍ସୁ, ସମସ୍ତ ସମୟରେ ମଧ୍ୟ ସେମାନେ ପାଶବିକ ବୃତ୍ତି ଏବଂ ସ୍ୱାଭାବିକ ଶୈଥିଲ୍ୟର ବଶବର୍ତ୍ତୀ । ସେମାନଙ୍କର ସାଂସାରିକ ଜୀବିକାନିର୍ବାହ ପ୍ରତି ଔଦାସୀନ୍ୟ ଶେଷୋକ୍ତ ଦୋଷର କାରଣ ଅଟେ । ମଦ୍ୟପାନ ସେମାନଙ୍କ ମଧ୍ୟରେ ପ୍ରଚଳିତ । କିନ୍ତୁ ମଦ୍ୟପାନରେ ସେମାନଙ୍କ ନିଜ ଗୃହର ଉନ୍ନତି ଏବଂ ଗ୍ରାମର ସାଧାରଣ ଉପଦ୍ରବାଦି ସମ୍ପାଦିତ ହୁଏ ନାହିଁ; କେବଳ ସ୍ତ୍ରୀମାନେ ବହିଷ୍କୃତ । ଏବଂ ପୁରୁଷମାନଙ୍କର ଶକ୍ତିକର ପ୍ରଥା ବୋଲି ବିବେଚିତ ହେଉଥିଲେହେଁ ସ୍ତ୍ରୀମାନଙ୍କ ମଧ୍ୟରେ ନିତାନ୍ତ ଘୃଣ୍ୟ ଏବଂ ଜଘନ୍ୟ କାର୍ଯ୍ୟ ବୋଲି ପରିଗଣିତ ।

ଆତିଥେୟତା ଓ ବଦାନ୍ୟତା ସେମାନଙ୍କର ଦୁଇଗୋଟି ପ୍ରଧାନ ଗୁଣ । ସେମାନେ ପ୍ରତ୍ୟେକ ଆଗନ୍ତୁକ ପ୍ରତି ଆନନ୍ଦିତ ଅତିଥି ତୁଲ୍ୟ ବ୍ୟବହାର କରନ୍ତି । କେହି ପଥିକ ସେମାନଙ୍କ ଗ୍ରାମରେ ଉପସ୍ଥିତ ହେଲେ ସେମାନେ ଆପଣା ଗ୍ରାମର ପ୍ରାପ୍ୟ ନାନାବିଧ ଖାଦ୍ୟ ସାମଗ୍ରୀ ଅଯାଚିତ ଭାବରେ ଯୋଗାନ୍ତି । ସ୍ତ୍ରୀମାନେ ମଧ୍ୟ ଆଦରପୂର୍ବକ ତାଙ୍କର ସମସ୍ତ ଅଭାବ ପୂରଣ କରିବାରେ ତତ୍ପର ଥାଇ ଜଳ ଓ କାଷ୍ଠାଦି ଆଣି ଦିଅନ୍ତି । ଅଭ୍ୟାଗତ ଯେତେ ଦିନ ଇଚ୍ଛା ସେତେ ଦିନ ରହିପାରନ୍ତି, ସେମାନେ ତାଙ୍କୁ ସେମାନଙ୍କଠାରୁ ଅନ୍ତର କରିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ । ଆଗନ୍ତୁକ ବ୍ୟକ୍ତି ଯଦି ଜଣେ ରାଜକର୍ମଚାରୀ କିମ୍ବା କ୍ଷମତାଶାଳୀ ଲୋକ ହୁଅନ୍ତି, ତେବେ ଗ୍ରାମର ସ୍ତ୍ରୀମାନେ ତାଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଅଭିପ୍ରାୟରେ ଦଳବାନ୍ଧି ହୋଇ ଜଳପାତ୍ର ଓ ଖଣ୍ଡିଏ କାଷ୍ଠାସନ (ପୀଢ଼ା) ଧରି ତାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଉକ୍ତ ଜଳରେ ତାଙ୍କର ପାଦଧୌତ କରିଦେବାକୁ ଓ କାଷ୍ଠାସନ ଉପରେ ଉପବେଶନ କରାଇବାକୁ ଇଚ୍ଛା ପ୍ରକାଶ କରନ୍ତି; ଏହା ସମ୍ଭବ ନ ହେଲେ ପୁଣି ଉକ୍ତ ଜଳକୁ କିଛି ଭୂମିରେ ଢାଳି ଦେଇ ଓ କାଷ୍ଠାସନ ଖଣ୍ଡି ରଖି ଦେଇ ସେମାନଙ୍କ ମଧ୍ୟରେ ଅତି ବୃଦ୍ଧା ସ୍ତ୍ରୀଟି ଆଣ୍ଠୁ ମାଡ଼ିବସି ହାତ ଭୂମିରେ ରଖି ନମସ୍କାର କରେ । ଏହାପରେ ଅନ୍ୟ ବୃଦ୍ଧାମାନେ ମଧ୍ୟ ତଦ୍ରୂପ କରନ୍ତି । ତତ୍ପରେ ସମସ୍ତେ ତାଙ୍କୁ ବିନୀତ ଭାବରେ କହନ୍ତି, ଆମ୍ଭେମାନେ ତ ଏପରି ଅବସ୍ଥାରେ ଅଛୁଁ, ଆମ୍ଭମାନଙ୍କର ଯାହା ଅଛି ସେଥିରୁ ଅଂଶ ଗ୍ରହଣ କରନ୍ତୁ । ଏହା କହି ତାଙ୍କୁ ମଣ୍ଡପ ଘରକୁ (ଅତିଥିଶାଳା) ନେଇଯାନ୍ତି । ସେମାନେ ସ୍ୱାଧୀନପ୍ରିୟ ଏବଂ ଜାତିଗତ ବନ୍ଧନ ପ୍ରତି ଏପରି ଆସ୍ଥା ଦେଖାନ୍ତି ଯେ, କୌଣସି କାର୍ଯ୍ୟ ଉପଲକ୍ଷରେ ଏକତ୍ରିତ ହେବାକୁ ଆହୂତ ହେଲେ ପ୍ରତ୍ୟେକେ (କାହାରି ଅନିଚ୍ଛା ସତ୍ତ୍ୱେ) ଉପସ୍ଥିତ ହେବାକୁ ବାଧ୍ୟ । କେହି ଉପସ୍ଥିତ ନ ହେଲେ ଜାତି ପ୍ରତି ଅବମାନନା କଲା ବୋଲି ଭୂର୍ଦ୍ଧ୍ୱ । ନାମ ଧାରଣର ଅଯୋଗ୍ୟ ବିବେଚିତ ହୋଇ ଦଣ୍ଡିତ ହୁଏ । ସେମାନଙ୍କର ଜାତିଗତ ଏକତା ଦୃଷ୍ଟିରେ ଏହା ସେମାନଙ୍କ ପକ୍ଷରେ ସମ୍ପୂର୍ଣ୍ଣ ସମ୍ଭବ; ଯେ କେହି ସେମାନଙ୍କ ବଂଶାନୁକ୍ରମିକ ଓ ଆବହମାନକାଳରୁ ରକ୍ଷିତ ସ୍ୱତ୍ୱାପରି ହସ୍ତକ୍ଷେପ କରିବାକୁ ଏବଂ ସେମାନଙ୍କ ସ୍ୱାଧୀନତା

ଦରଣାର୍ଥେ ସାମାନ୍ୟ ଚେଷ୍ଟା କଲେ ସେମାନେ ଇଚ୍ଛାମାତ୍ରକେ ସେମାନଙ୍କ ବାସଭୂମିରେ ବିଦ୍ରୋହାଗ୍ନି ପ୍ରଜ୍ଜ୍ୱଳିତ କରିପାରନ୍ତି ।

ଭୂୟାଁମାନଙ୍କ ଉତ୍ତେଜନା ଦେଖିଲେ ପ୍ରାୟ ସମସ୍ତ କେନ୍ଦୁଝରର ପ୍ରତ୍ୟେକ ବିଦ୍ରୋହ ଅଗ୍ନିରେ ପ୍ରଜ୍ଜ୍ୱଳିତ ବୋଲି ବୁଝିବାକୁ ହେବ । କାରଣ, ଅବହମାନ କାଳରୁ ସେମାନେ ଗଣ୍ଡ, ବାଥୁଡ଼ି, ସାନ୍ତାଳ, ମାଗଧଗୋପାଳ ଏବଂ ଆପଣା ସମ୍ପ୍ରଦାୟର ଅନ୍ୟାନ୍ୟ ଶ୍ରେଣୀୟ ଅଧମ ନିବାସୀମାନଙ୍କ ଉପରେ ଅସୀମ ଆଧିପତ୍ୟ ସ୍ଥାପନ କରି ଆସୁଅଛନ୍ତି । ଭୂୟାଁମାନେ ସଂଖ୍ୟାରେ ଅଳ୍ପ ହେଲେ ମଧ୍ୟ ରାଜ୍ୟସ୍ଥ ସମସ୍ତ ଲୋକଙ୍କ ଉପରେ ପ୍ରଭୁତ୍ୱ ଏମନ୍ତ ବିସ୍ତାର କରି ଆସୁଥିବା ଅଦ୍ୟାବଧି ଦେଖାଯାଏ ।

ଅନ୍ୟାନ୍ୟ ସମସ୍ତ ଜାତି ସବୁବେଳେ ସେମାନଙ୍କ ପ୍ରତି ସନ୍ଦେହ କରନ୍ତି ଓ ସେମାନଙ୍କୁ ଭୟ କରନ୍ତି । ସେମାନେ ଯେଉଁ ଜାତିରୁ ପାଣି ନେବାକୁ ଘୃଣା କରନ୍ତି, ତାହା ଅବେକ୍ଷଣରେ ରଖନ୍ତି । ସେମାନଙ୍କ ନାମରେ ଐନ୍ଦ୍ରଜାଲିକ ଶକ୍ତି ନିହିତ ଥିଲାପରି ବୋଧ ହୁଏ । କାରଣ, ୧୮୯୧ ଠାରୁ ୧୮୯୩ ପର୍ଯ୍ୟନ୍ତ ଯେଉଁ ବିଦ୍ରୋହ ହୋଇଥିଲା, ତାହାର ପ୍ରଥମ ଅବସ୍ଥାରେ ରାଜ୍ୟସ୍ଥ ସମସ୍ତ ଲୋକେ "ଆପଣମାନେ ଆମ୍ଭମାନଙ୍କର ବଡ଼ ଭାଇ ଏବଂ ଆମ୍ଭେମାନେ ଆପଣମାନଙ୍କର ଅନୁଗତ ଲୋକ, ଏଣୁ ଆପଣମାନଙ୍କ ଆଦେଶ କୌଣସିମତେ ଲଙ୍ଘନ କରି ନ ପାରୁ" ଏହା କହି ସେମାନଙ୍କର ଦଳପତିମାନଙ୍କୁ ଲଗି ଦେଇ ସେମାନଙ୍କର ଧନ ଓ ଜୀବନ ରକ୍ଷା କରିବା ଉଦ୍ଦେଶ୍ୟ ସେମାନଙ୍କଠାରେ ଶରଣାପନ୍ନ ହୋଇଥିଲେ ।

ଭୂୟାଁ ସ୍ତ୍ରୀମାନେ ଗୃହ, କୃଷି, ପାରିବାରିକ କେବଳ ଏହି ତିନି ଗୋଟି କାର୍ଯ୍ୟ ଛାଡ଼ି ଅବଶିଷ୍ଟ ସମସ୍ତ ସାଧାରଣ କାର୍ଯ୍ୟ ନିଜେ ନିଜେ ନିର୍ବାହ କରିଥାନ୍ତି । ସେମାନେ ଅତ୍ୟନ୍ତ ସୁଶୀଳା ଅଟନ୍ତି । ସେମାନେ ଦୈନିକ ଖାଦ୍ୟ ସଂଗ୍ରହ କରି ସାବଧାନ ଗୃହ କାର୍ଯ୍ୟ ପ୍ରତି ଦୃଷ୍ଟି ରଖନ୍ତି । ନୀଚତାଙ୍କନ ସେମାନଙ୍କ ହୃଦୟରେ ପୋଷଣ କରନ୍ତି ନାହିଁ ଏବଂ ସେମାନେ ଶିଷ୍ଟାଚାର ପ୍ରୟୋଗ କରି ଜାଣନ୍ତି ନାହିଁ । ସେମାନେ ଶିର ନ ନୁଆଇଁ ଦୁଇ ହସ୍ତ ଯୋଡ଼ିକରି କପାଳ ପର୍ଯ୍ୟନ୍ତ ଉଠାଇ ଉଚ୍ଚସ୍ୱରରେ "ସଲାମ" କହି ପ୍ରଣାମ କରନ୍ତି । ସେମାନେ ହିନ୍ଦୁମାନଙ୍କ ସଭ୍ୟତା ଓ ଧର୍ମର ଉତ୍କୃଷ୍ଟ ଅଂଶ ଅନୁକରଣ କରିବାକୁ ଯାଇ ସେମାନଙ୍କୁ ଦେଖାନ୍ତି ଯେ ସେମାନେ ହିନ୍ଦୁମାନଙ୍କଠାରୁ ଅଧିକ ଉନ୍ନତ । ସେମାନେ ଗର୍ବ କରନ୍ତି ଯେ ସେମାନେ ମାଣ୍ଡଲିକ । ସେମାନଙ୍କର ଏକ କଥା ଏବଂ ସେମାନଙ୍କ ସମାଜରେ ଏକତା ଅଛି, ମାତ୍ର ହିନ୍ଦୁମାନଙ୍କ ମଧ୍ୟରେ ଅସଂଖ୍ୟ ଜାତି ଗଠିତ ହୋଇ ଏକତା ବିନଷ୍ଟ ହୋଇଅଛି ।

ଆକୃତି ଓ ବେଶଭୂଷା

ଭୂୟାଁମାନେ ସେମାନଙ୍କ ନିକଟରେ ବାସ କରୁଥିବା ଅନ୍ୟାନ୍ୟ ଅସଭ୍ୟ ଜାତି-ମାନଙ୍କଠାରୁ, ଦେଖିବାକୁ ଅଧିକ ସୁନ୍ଦର । ଦେହର ରଙ୍ଗ କିଞ୍ଚିତ ଶୁଭ୍ର, ମୁଖଶ୍ରୀ ଚେବେ

ସୁନ୍ଦର ନୁହନ୍ତି, ମାତ୍ର ସେମାନେ ଅତି ସାହସୀ, ବଳବାନ୍ ଓ କର୍ମଠ ଏବଂ ସାଧାରଣ ଭାବରେ ଠେଙ୍ଗା ଏବଂ ଅତି ଭାରି ଦ୍ରବ୍ୟ ବହନ କରି ସରଳ ଭାବରେ ପର୍ବତ ଉପରେ ଏପରି ଦ୍ରୁତ-ପାଦକ୍ଷେପ କରନ୍ତି ଯେ, ଅନ୍ୟ ଲୋକ ତାଙ୍କ ସଙ୍ଗରେ ଦୌଡ଼ି ପାରିବ ନାହିଁ। ସେମାନଙ୍କ ହସ୍ତ ଓ ପଦ ସ୍ଥୂଳ ଓ ହ୍ରସ୍ୱ, ମୁଖ ଗୋଲ, ଓଷ୍ଠ ମୋଟ, ଗାଲର ହାଡ଼ ଉଚ୍ଚ ଏବଂ କୋଲ ଓ ଗଣ୍ଡମାନଙ୍କ ପରି ନାକ ବଡ଼। ଭୂୟାଁମାନଙ୍କର ଦାଢ଼ି ପ୍ରାୟ ନ ଥାଏ ଏବଂ ମୁଣ୍ଡର ବାଳ କୁଞ୍ଚିତ, କର୍କଶ ଓ କୃଷ୍ଣବର୍ଣ୍ଣ। ସ୍ତ୍ରୀ ଓ ପୁରୁଷ ଉଭୟ ତେଲ ଲଗାଇ ଓ କୁଣ୍ଡାଇ ବାଳ ବଢ଼ାନ୍ତି। ପୁରୁଷମାନେ କପାଳର ଉପରି ଭାଗ କ୍ଷୌର କରନ୍ତି, ମାତ୍ର ଏହା ଦ୍ୱାରା ସେମାନେ ଅଧିକ କୁତ୍ସିତ ଦେଖାଯାନ୍ତି। ସେମାନଙ୍କ ମଧ୍ୟରୁ କେତେକ ତେଲ ନ ଲଗାଇ କିମ୍ବା ମୁଣ୍ଡ ନ କୁଣ୍ଡାଇ କେଶ ଜଟାରୂପେ ବଢ଼ାନ୍ତି। ପରିଧେୟ ବସ୍ତ୍ର ପୁରୁଷମାନଙ୍କ ପକ୍ଷରେ ପ୍ରୟୋଜନାତିରିକ୍ତ ବୋଧ ହୁଏ। ସେମାନେ ଅଣ୍ଟାରେ ଖଣ୍ଡେ ଦଉଡ଼ି ବାନ୍ଧି କେବଳ କୌପୀନ ପରିଧାନ କରନ୍ତି। ସେମାନଙ୍କ ମଧ୍ୟରେ ଯେଉଁମାନେ ଅଧିକ ଉନ୍ନତ, ସେମାନେ ଆଣ୍ଠୁ ପର୍ଯ୍ୟନ୍ତ ବିସ୍ତୃତ ଖଣ୍ଡେ ଧୋତି ପିନ୍ଧନ୍ତି।

ଭୂୟାଁ ସ୍ତ୍ରୀମାନଙ୍କଠାରେ କିଛି ବିଶେଷତ୍ୱ ଅଛି। ସେମାନେ ସେମାନଙ୍କ ଗ୍ରାମ ନିକଟରେ ବାସ କରୁଥିବା ବୈଷ୍ଣବମାନଙ୍କ ବୁଣା ଶାଢ଼ି ପରିଧାନ କରନ୍ତି। ମାତ୍ର ହିନ୍ଦୁ ସ୍ତ୍ରୀମାନଙ୍କ ପରି ଓଢ଼ଣା ପକାନ୍ତି ନାହିଁ। ସେମାନଙ୍କ ଶରୀର ଦୃଢ଼ ଏବଂ ସୁନ୍ଦରଭାବରେ ଗଠିତ, ସେମାନଙ୍କ ଲୋକ ଭର୍ଗ ମନୋହର ଏବଂ ସେମାନେ ଅତି ସରଳା ଓ ନିର୍ଲଜ୍ଜା। ଅଧିକାଂଶ ବାହୁ ଓ ସ୍କନ୍ଧରେ ଚିତା କୁଟାନ୍ତି। ଅଳଙ୍କାର ମଧ୍ୟରେ କାନରେ ଓ ନାକରେ ଫାସିଆ, ବେକରେ ନାନା ରଙ୍ଗର ପଥରର କଣ୍ଠିମାଳା, କେହି କେହି ସମୟ ସମୟରେ ପିତ୍ତଳର ମାଳା ପିନ୍ଧନ୍ତି ଏବଂ ଏହି ମାଳାସବୁ ବକ୍ଷଦେଶ ଆବୃତ କରି କୁକ୍ଷି ପର୍ଯ୍ୟନ୍ତ ବିସ୍ତୃତ ହୋଇଥାଏ। ହସ୍ତରେ ବହୁସଂଖ୍ୟକ ସରୁ ସରୁ ପିତ୍ତଳ ବଳା ଲଗାନ୍ତି। ସେ ସବୁ ହସ୍ତର ସାମାନ୍ୟ ଗତିରେ ଝଣ ଝଣ ଶବ୍ଦ ଉତ୍ପାଦନ କରେ। ଅନେକ ଗୋଡ଼ରେ ପିତ୍ତଳର ମୁଦି-ମାନ ଲଗାନ୍ତି। ପୁରୁଷମାନେ ଅଳଙ୍କାରପ୍ରିୟ ନୁହନ୍ତି। ସେମାନେ କେବଳ ବେକରେ ପଥର, କାଠ ଅବା ମଞ୍ଜିର ଦୁଇ ତିନି ଗୋଟି ମାଳା ପିନ୍ଧନ୍ତି ଓ କେତେକ ପଇତା ପକାନ୍ତି। ଏହାଦ୍ୱାରା ତାଙ୍କର ଅନ୍ତରରେ କିଛି ଧର୍ମଗତ ଭାବ ନ ଥାଏ। ସ୍ତ୍ରୀମାନେ ବନ୍ୟପୁଷ୍ପରେ ଅତି ଆଗ୍ରହ କରନ୍ତି। ପ୍ରାୟ ସମସ୍ତେ ସୁବାସିତ ପୁଷ୍ପର ଗୁଚ୍ଛ ଅବା ମାଳା ମୁଣ୍ଡରେ ଲଗାଇ ଥିବାର ଦେଖାଯାଏ ଓ ଜୁଡ଼ାକୁ ଅଧିକ ସୁନ୍ଦର କରିବା ଅଭିପ୍ରାୟରେ ଅଧିକ ଝୁମ୍ପା ଗୁଞ୍ଜିଥାନ୍ତି।

ଜାତିଗତ ସମ୍ମାନ

ଭୂୟାଁମାନେ କୁକ୍କୁଟ ଓ ଗୋଖାଦ୍ୟ ଭକ୍ଷଣ କରୁଥିଲେ ସୁଦ୍ଧା ସେମାନଙ୍କ ଚତୁର୍ଦ୍ଦିଗରେ ବାସ କରୁଥିବା ହିନ୍ଦୁମାନଙ୍କଦ୍ୱାରା ନୀଚ ଜାତି ବୋଲି ପରିଗଣିତ ହୁଅନ୍ତି ନାହିଁ, ଯେହେତୁ କିଞ୍ଝାର ସମସ୍ତ ଜାତି ସେମାନଙ୍କ ହସ୍ତରୁ ଜଳପାନ କରନ୍ତି; କାରଣ, କେନ୍ଦୁଝର ଦୁର୍ଗ ସ୍ଥାପିତ ହେବା ସମୟରୁ ସେମାନେ ରାଜବଂଶର ରକ୍ଷାକର୍ତ୍ତାରୂପ

ଥାଇ ଗୃହସମ୍ବନ୍ଧୀୟ ଅଧିକାଂଶ କାର୍ଯ୍ୟରେ ଯୋଗ ଦିଅନ୍ତି ଏବଂ ଅନ୍ତଃପୁର ଛପର ବନ୍ଦ କରନ୍ତି। ଓଡ଼ିଶାର କରଦ ରାଜ୍ୟମାନଙ୍କରେ ହିନ୍ଦୁଧର୍ମର ନୀତି ରାଜାମାନଙ୍କଦ୍ୱାରା ପରିଚାଳିତ ହୁଏ। ରାଜା ଯେଉଁ ନୀତି ଅନୁସରଣ କରନ୍ତି, ରାଜ୍ୟର ସମସ୍ତ ଲୋକେ ସେହି ପଥରେ ଚାଲନ୍ତି। ବ୍ରାହ୍ମଣମାନେ ମଧ୍ୟ ସେମାନଙ୍କ ଆଚାର ବ୍ୟବହାର ଓ ଧର୍ମସମ୍ବନ୍ଧୀୟ ବିଧାନାଦିରେ ତାଙ୍କ ପରାମର୍ଶ ନିଅନ୍ତି।

ଭାଷା

ଭୂୟାଁମାନେ ଓଡ଼ିଆ ଭାଷାରେ କଥା କହନ୍ତି। ଉଚ୍ଚାରଣ ଓ ବ୍ୟବହାର ଦୋଷରୁ ସେମାନଙ୍କ କଥିତ କେତେକ ଶବ୍ଦ ଓଡ଼ିଆ ଭାଷାର ଅନ୍ତର୍ଗତ ବୋଲି ଜଣା ପଡ଼େ ନାହିଁ। ବର୍ତ୍ତମାନ ସୁଦ୍ଧା ସେମାନଙ୍କ ବାକ୍ୟ ସମ୍ବୋଧନସୂଚକ ବା ପ୍ରଶ୍ନବ୍ୟଞ୍ଜକ ଅଟେ। ବାକ୍ୟଗୁଡ଼ିକ ସରଳ ଓ କ୍ଷୁଦ୍ର। ସେମାନଙ୍କ ସ୍ୱର ମୃଦୁ ଓ ଗମ୍ଭୀର, କଥା ଅଧେ ଚୋବା ଚୋବା କହିବାରୁ ଅସ୍ପଷ୍ଟ ବୋଧ ହୁଏ। ସେମାନଙ୍କର କୌଣସି ସ୍ୱତନ୍ତ୍ର ଭାଷା ଥିବାର କୁହାଯାଇ ନ ପାରେ। ମାତ୍ର ବର୍ତ୍ତମାନ କଥିତଭାଷାରେ ଓଡ଼ିଆ ଭାଷାରୁ ପୃଥକ୍ କୌଣସି ଭାଷାର ଶବ୍ଦ ଶୁଣାଯାଏ ନାହିଁ। ସେମାନଙ୍କର ସ୍ୱତନ୍ତ୍ର ଭାଷା ଥିବାର କିମ୍ବଦନ୍ତୀ ମଧ୍ୟ ନାହିଁ।

ଆଚାର ବ୍ୟବହାର

ଭୂୟାଁମାନେ ନିଜ ଗ୍ରାମରେ ପ୍ରାୟ ବିବାହିତ ହୁଅନ୍ତି ନାହିଁ, କାରଣ ଗ୍ରାମବାସୀମାନଙ୍କ ସଙ୍ଗେ ପରସ୍ପର ଘନିଷ୍ଠ ସମ୍ବନ୍ଧ ଥାଏ। ପ୍ରାୟ ସେମାନେ ନିକଟବର୍ତ୍ତୀ ଅନ୍ୟ ଗ୍ରାମମାନଙ୍କରେ ବିବାହ କରନ୍ତି। ବ୍ୟଭିଚାର ପ୍ରତି ସେମାନଙ୍କର ଭୟ ଥାଏ। ଯେଉଁଠାରେ ବ୍ୟଭିଚାର ଦୋଷ ଲକ୍ଷିତ ହୁଏ, ସେଠାରେ ସେମାନେ ବୈବାହିକ ସମ୍ବନ୍ଧ ସ୍ଥାପନ କରନ୍ତି ନାହିଁ। ଅପଣା ସମ୍ପ୍ରଦାୟ ବା ଜାତି ମଧ୍ୟରେ ଅପଣା ଇଚ୍ଛାନୁସାରେ ସ୍ତ୍ରୀ ସ୍ୱାମୀ ନିର୍ବାଚନ କରିବା ଓ ପୁରୁଷ ସ୍ତ୍ରୀ ଗ୍ରହଣ କରିବା ସେମାନଙ୍କ ମଧ୍ୟରେ ନିଷେଧ ନାହିଁ। ନିଜ ଜାତିରୁ ପୃଥକ୍ ହେଲେ ଦୋଷାବହ; ଯେ ଯେପରି କରେ, ସେ ପତିତ ବିବେଚିତ ହୁଏ। ଏହି ଅନାର୍ଯ୍ୟଜାତିମାନଙ୍କର ନୃତ୍ୟପ୍ରିୟତା ସ୍ୱାଭାବିକ ଗୁଣ। ପ୍ରାୟ ଗ୍ରାମବାସୀ ସମସ୍ତେ ନୃତ୍ୟରେ ଯୋଗ ଦିଅନ୍ତି। ସ୍ତ୍ରୀ ଓ ପୁରୁଷ ପରସ୍ପର ଆଡ଼କୁ ମୁଖ କରି ନିଜ ନିଜ ଶ୍ରେଣୀ ଧରି ଛିଡ଼ା ହୁଅନ୍ତି। ଦଳ ନୃତ୍ୟକାରୀ ଏକ କୋଣକୁ ରହେ। ପୁରୁଷମାନେ ଚାଙ୍ଗୁ ବଜାନ୍ତି ଓ ଗୀତ ଗାଆନ୍ତି, ସ୍ତ୍ରୀ ଓ ପୁରୁଷ ସମସ୍ତେ ନିଜ ନିଜ ଧାଡ଼ି ପୃଥକ୍ ରଖି ଝୁଲିବାର ଗତିରେ ନାଚନ୍ତି। ସ୍ତ୍ରୀମାନେ ନିଜ ଶାଢ଼ିର ଅର୍ଦ୍ଧେକ ଓଢ଼ଣା ପକାଇ ଅଣ୍ଟାଠାରୁ ଶିର ପର୍ଯ୍ୟନ୍ତ ନୁଆଇଁ ପରସ୍ପର ହାତ ଧରି ନାଚନ୍ତି। ଯେତେବେଳେ କୌଣସି ରସପୂର୍ଣ୍ଣ ମଧୁର ଗୀତ ବୋଲାଯାଏ, ସେତେବେଳେ ତାହାକୁ ଅଧିକ ଭାବପୂର୍ଣ୍ଣ କରିବାକୁ ପୁରୁଷମାନେ ମଧ୍ୟ ନଇଁ ନଇଁ ନାଚନ୍ତି। ଏହି ନୃତ୍ୟ କେବଳ ଆଗକୁ ଓ ପଛକୁ ଯଥାକ୍ରମେ ତିନି ଥର ପଦବିକ୍ଷେପଦ୍ୱାରା ସମ୍ପାଦିତ ହୁଏ। ସମସ୍ତ ଦଳଟି ଗୋଟିଏ ପେଣ୍ଡୁଲମ୍ ପରି ଆଗକୁ ପଛକୁ ଚାଲୁଥିବାର ବୋଧ ହୁଏ। ଏହା ସେମାନଙ୍କର ଅତି

ପ୍ରିୟ ନୃତ୍ୟ । ମଧ୍ୟେ ମଧ୍ୟେ ପରିବର୍ତ୍ତନ ପାଇଁ ବ୍ୟାଘ୍ର, ସର୍ପ ଓ ପକ୍ଷୀ ଗତିର ଅନୁକରଣରେ ନୃତ୍ୟ ହୁଏ । ବାଘନାଚ ଗୁରୁ ଗୁରୁ ଲଣ୍ଡଦ୍ୱାରା ହୁଏ । ସାପନାଚ ଶିର ନତ ନ କରି ମୁଖରୁ ମୁଖ ସମାନ ରଖି କରା ହୁଏ । ଅଧିକବୟସ୍କ ଲୋକମାନେ ଚତୁର୍ଦ୍ଦିଗରେ ଗୋଲ୍ ହୋଇ ବସି କେତେବେଳେ ଉତ୍ସାହବ୍ୟଞ୍ଜକ ବାଦ୍ୟ ପ୍ରୟୋଗ କରୁଥାନ୍ତି, କେତେବେଳେ ବା ନୃତ୍ୟକାରିମାନଙ୍କ କାର୍ଯ୍ୟର ସମାଲୋଚନାରେ ପ୍ରବୃତ୍ତ ଥାନ୍ତି ।

ଭୂୟାଁମାନେ ଏକତ୍ରିତ ହୋଇ ବାସ କରନ୍ତି । ଅନ୍ୟାନ୍ୟ ଜାତିମାନଙ୍କଠାରୁ ମଧ୍ୟ ପୃଥକ୍ ରହନ୍ତି । କୌଣସି ସାମାନ୍ୟ ବିଷୟରେ କିଛି ବିଚାର କରିବାକୁ ହେଲେ ସମସ୍ତେ ଏକତ୍ରିତ ହୋଇ ବସି ବିଚାର କରନ୍ତି ଓ ସମସ୍ତଙ୍କ ମତର ଐକ୍ୟାନୁସାରେ କାର୍ଯ୍ୟ କରନ୍ତି । ଏହି ପ୍ରକାର ବଶବର୍ତ୍ତୀ ଥିବାରୁ କେହି ସେମାନଙ୍କ ମଧ୍ୟରୁ କୌଣସି ଲୋକରୁ ରାଜସ୍ୱ ଆଦାୟ ଦେବାକୁ କହିଲେ ସେ "ଅନ୍ୟମାନେ ଦେଲେ ମୁଁ ଦେବି" ଏହି ଉତ୍ତର ଦେଇ ଆସେ । ଯଦି ରାଜସ୍ୱସଂଗ୍ରହକାରୀ ଗୋଟିଏ ଗ୍ରାମର ରାଜସ୍ୱ ଆଦାୟ କରି ପାରେ, ତେବେ ତାହାକୁ ଅନ୍ୟ ଗ୍ରାମ ମଧ୍ୟରେ କୌଣସି ଅସୁବିଧା ହୁଏ ନାହିଁ; କାରଣ ଗୋଟିଏ ଗ୍ରାମରୁ ଆଦାୟ ହେଲେ ଏ ଖବର ଅନ୍ୟ ଗ୍ରାମରେ ପ୍ରଚାରିତ ହୁଏ ଏବଂ ଅନ୍ୟ ଗ୍ରାମବାସୀମାନେ ଅଦ୍ଭୁତ ନ ହୋଇ ଆପଣା ଆପଣା ଦେୟ ଦେଇଯାନ୍ତି ।

ଦେଶଭୂୟାଁମାନେ ପାହାଡ଼ିଆ ଭୂୟାଁମାନଙ୍କ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ବୋଲି ଦାବି କରନ୍ତି, ମାତ୍ର ସେମାନଙ୍କ ସଙ୍ଗେ ବୈବାହିକ ସମ୍ବନ୍ଧ ସ୍ଥାପନ କରନ୍ତି ନାହିଁ । କାରଣ ସେମାନେ କେତେକ ହିନ୍ଦୁ ରୀତି ନୀତି ଅନୁସରଣ କରିଥାନ୍ତି । ସେମାନଙ୍କର ଭଣ୍ଡାରି ଓ ଧୋବା ସେବା କରନ୍ତି, ମାତ୍ର ପାହାଡ଼ିଆ ଭୂୟାଁମାନଙ୍କର ଏ ସବୁ ନ ଥାଏ, ଭୂୟାଁମାନେ ସମୟର ମୂଲ୍ୟ ବୁଝନ୍ତି ନାହିଁ । କୌଣସି ନିରୂପିତ ଦିବସରେ ଉପସ୍ଥିତ ହେବାକୁ ଆଦିଷ୍ଟ ହୋଇ ଅଧିକାଂଶ ସମୟରେ ଦିନେ ଦୁଇଦିନ ପରେ ଦେଖା ଦିଅନ୍ତି, ବିଳମ୍ବର କାରଣ ପଚାରିଲେ ସେମାନେ ଉତ୍ତର ଦିଅନ୍ତି "ମୋର ସେଦିନ କାର୍ଯ୍ୟ ଥିଲା, ଆଜି ଯାହା କରିବାର କର ।"

ବହୁକାଳରୁ ଏପରି ଗୋଟିଏ ରୀତି ପ୍ରଚଳିତ ଅଛି ଯେ ଏକଦଳ ପୁରୁଷ ଏକଦଳ ସ୍ତ୍ରୀଙ୍କ ସଙ୍ଗେ ଭେଟ ହେଲେ ପରସ୍ପର ଗୀତ ଛଳରେ ଉତ୍ତର ପ୍ରତ୍ୟୁତ୍ତର ଦେଇ ଆପଣା ମନୋଗତ ଭାବ ବ୍ୟକ୍ତ କରନ୍ତ । ଏପରି ସଙ୍ଗୀତରେ ଅନେକ ଘଣ୍ଟା ପର୍ଯ୍ୟନ୍ତ ସେମାନେ ଲିପ୍ତ ରହନ୍ତି । ସମୟ ସମୟରେ ସମସ୍ତ ଦିନ ଭୋଜନ ନ କରି ମଧ୍ୟ କଟାଇ ଦିଅନ୍ତି । ବିଶେଷତଃ ଧାନବୁଣା ଓ ଲୁଆ ସମୟରେ ଏଥିର ଚର୍ଚ୍ଚା ବିଶେଷ ପରିମାଣରେ ହୁଏ । କାରଣ ସେ ସମୟରେ ଏକ ଗ୍ରାମରୁ ଅନ୍ୟ ଗ୍ରାମକୁ (ମଜୁରି ନେଇ କାର୍ଯ୍ୟ କରିବାକୁ) ଲୋକ ଯାନ୍ତି । ସ୍ତ୍ରୀ ବା ପୁରୁଷ ଏକଦଳ ଘଟନାକ୍ରମେ ଅନ୍ୟଦଳ ସଙ୍ଗେ ଭେଟ ହେଲେ ଉପରୋକ୍ତମତେ ସଙ୍ଗୀତରେ ଲିପ୍ତ ରହନ୍ତି ଏବଂ ପରସ୍ପର ମଧ୍ୟରେ ଜୟ ପରାଜୟ ପାଇବାପର୍ଯ୍ୟନ୍ତ ଗୀତ ବୋଲୁଥାନ୍ତି । ଅଧିକାଂଶ ସମୟରେ ସ୍ତ୍ରୀମାନେ ଜୟଲାଭ କରନ୍ତି ।

ବିବାହ ପ୍ରଥା

ନାରୀ କିମ୍ବା ପୁରୁଷ ବୟଃପ୍ରାପ୍ତ ନ ହେଲେ ବିବାହ ବିଷୟରେ କୌଣସି କଥା ଉତ୍ଥାପିତ ହୁଏ ନାହିଁ। କେହି ଯୁବକ ବା ଯୁବତୀ ବିବାହ ପାଇଁ ଚେଷ୍ଟା କଲେ ତାହାର ପିତାମାତା କିମ୍ବା ଆତ୍ମୀୟବର୍ଗ କୌଣସି ବାଧା ଦିଅନ୍ତି ନାହିଁ ବରଂ ଆବଶ୍ୟକମତେ ପରାମର୍ଶ ଦିଅନ୍ତି । ଯୁବକ ଓ ଯୁବତୀ ମଧ୍ୟରେ ପ୍ରଣୟ ଜନ୍ମିବା ପାଇଁ ଅନେକ ପ୍ରକାର ଉପାୟ ଅବଲମ୍ବିତ ହୁଏ । ଯଥା—(୧) ଦୈନିକ ନୃତ୍ୟ ସମୟରେ ଯୁବକର ଏପରି ସ୍ୱାଧୀନତା ଥାଏ ଯେ, ଯେଉଁ ଯୁବତୀ ପ୍ରତି ତାହାର ପ୍ରଣୟ ଜନ୍ମେ, ସେ ହଠାତ୍ ତାର ହାତ ଧରି ଗୋଟିଏ ଗୁପ୍ତ ସ୍ଥାନକୁ ଟାଣି ନେଇଯାଏ ଏବଂ ସେମାନେ ଅନ୍ୟାନ୍ୟମାନଙ୍କ ଅଜ୍ଞାତସାରରେ ଦୁଇ କିମ୍ବା ତିନି ଦିନ ସେ ସ୍ଥାନରେ ବାସ କରନ୍ତି । ଉକ୍ତ ସ୍ଥାନରୁ ସେମାନେ ଫେରିଲେ କନ୍ୟାପକ୍ଷ ବରର ପିତା ଗୃହକୁ ଯାଇ ଯୌତୁକ ସ୍ଥିର କରନ୍ତି । (୨) ଅବିବାହିତା ଯୁବତୀମାନେ ଦଳବଦ୍ଧ ହୋଇ ଫଳମୂଳ ଆହରଣାର୍ଥେ ଜଙ୍ଗଲ ମଧ୍ୟକୁ ଯିବା ସମୟରେ କେହି ଯୁବକ ସେମାନଙ୍କ ମଧ୍ୟରୁ ଯେଉଁ ଯୁବତୀକୁ ଆପଣାର ସ୍ତ୍ରୀରୂପେ ବରଣ କରିବାକୁ ସଙ୍କଳ୍ପ ସ୍ଥିର କରିଥାଏ, ତାହାର କେଶରେ ଗୋଟିଏ ଫୁଲ ଖୋସି ଦିଏ; ଏହାର ଅଭିପ୍ରାୟ ଏହି ଯେ ଏହାଦ୍ୱାରା ସେ ପ୍ରତିଜ୍ଞା କଲା ଯେ ଏ ଯୁବତୀ ଛଡ଼ା ଅନ୍ୟ କାହାକୁ ସେ ସ୍ତ୍ରୀ କରିବ ନାହିଁ । ଅନ୍ୟ କେହି ଯୁବକ ସେ ଯୁବତୀ ଉପରେ ଦାବି କରିପାରିବ ନାହିଁ । ସାଧାରଣତଃ ଯେଉଁ ସୁଗନ୍ଧ ପୁଷ୍ପ ପେଣ୍ଡା ହୋଇ ଫୁଟେ ଏବଂ ରଙ୍ଗ ଶୁକ୍ଳ ହୋଇଥାଏ, ତାହା ଏ କାର୍ଯ୍ୟରେ ବ୍ୟବହୃତ ହୁଏ । ସମୟ ସମୟରେ ଉକ୍ତ ପ୍ରକାର ପୁଷ୍ପ ଦୁଷ୍ପ୍ରାପ୍ୟ ହେଲେ ରକ୍ତବର୍ଣ୍ଣ ପୁଷ୍ପ ମଧ୍ୟ ବ୍ୟବହୃତ ହୁଏ । ଯେଉଁ ପୁଷ୍ପ ସାଧାରଣତଃ ସ୍ତ୍ରୀମାନେ ଜୁଡ଼ାରେ ଲଗାନ୍ତି, ସେହି ପୁଷ୍ପ ଅବଶ୍ୟକ ବୋଲି ବିବେଚିତ ହୁଏ । (୩) ସମୟ ସମୟରେ ଜଙ୍ଗଲ ମଧ୍ୟରେ ଯାଉଥିବା ଯୁବତୀଦଳ ମଧ୍ୟରୁ ଗୋଟିକୁ ତାହାର ନାୟକ ହାତ ଧରି ଜଙ୍ଗଲ ମଧ୍ୟକୁ ଟାଣି ନେଇଯାଏ । ଏହାହେଲେ ଅବଶିଷ୍ଟ ଯୁବତୀବର୍ଗ ସେ ଯୁବତୀର ଗ୍ରାମକୁ ଯାଇ ପ୍ରାଚୀନ ଲୋକମାନଙ୍କୁ ଡାକି କହନ୍ତି, "ଆମ୍ଭେମାନେ ଆଜି ବଣ ମଧ୍ୟରେ ଯାଉଥିବାବେଳେ ଗୋଟିଏ ବାଘ ଆମ୍ଭମାନଙ୍କର ଗୋଟିଏ ଭଉଣୀକୁ ବୋହି ନେଇଗଲା ।" ଏହା ଶୁଣିଲା ମାତ୍ରକେ ସମସ୍ତ ଗ୍ରାମବାସୀ ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ହୋଇ (ଯେପରି କି ଯଥାର୍ଥରେ ବଣର ବାଘ ସଙ୍ଗେ ଲଢ଼େଇ କରିବାକୁ ଯାଉଅଛନ୍ତି) ସେହି ଯୁବତୀବର୍ଗଙ୍କ ସହ ଘଟଣା ସ୍ଥଳରେ ଉପସ୍ଥିତ ହୋଇ କେହି କହେ, ଏଠାରେ ଘୋଷରା ଚିହ୍ନ ଅଛି , କେହି ବା କହନ୍ତି, ଏଠାରେ ଲୁଗାଖଣ୍ଡ ପଡ଼ିଛି, ଏଠାରେ ହାତଟା ପଡ଼ିଛି, ଏହିପରି କହି କହି ବାଘକୁ ଖୋଜି ଖୋଜି ଅବଶେଷରେ ଯୁବକର ଗ୍ରାମକୁ ଆସି ତାହାର ଘରେ ପହଞ୍ଚିଲା ମାତ୍ରକେ ଉକ୍ତ ପ୍ରହସନଟି ଶେଷ କରିବାକୁ ଯାଇ କହନ୍ତି, "ଏଠାରେ ଲଣ୍ଡହାରଟି ପଡ଼ିଛି, ସେ ଦୁଷ୍ଟ ନିଶ୍ଚୟ ଏହିଠାରେ ଲୁଚିଛି ।" ଏହାପରେ ଚିତ୍କାର କରି ତାହାର ଉକ୍ତ ଦାବି କରନ୍ତି ଏବଂ ଗ୍ରାମର ପୁରୁଖାମାନଙ୍କୁ ଡାକି ଯେଉଁ ନିର୍ବୋଧ ବାଳକ ସେମାନଙ୍କର ଗୋଟିଏ ବାଳିକାର ସ୍ୱାଧୀନତା ହରଣ କରିଅଛି ଏହାର ପ୍ରତିଫଳ ଦେବା ପାଇଁ ତାକୁ ଛାଡ଼ି ଦେବାକୁ ଅନୁରୋଧ କରନ୍ତି । ପୁରୁଖା ଲୋକମାନେ

ସେ ଯୁବକର ପକ୍ଷ ଗ୍ରହଣ କରି ମତ ପ୍ରକାଶ କରନ୍ତି ଯେ "ସେ ପ୍ରକୃତରେ ଦୋଷ କରିଅଛି, କିନ୍ତୁ ଯାହା ହେବାର ଥିଲା ତାହା ହେଲାଣି, ଏବେ ସେ ଦୁହିଙ୍କ ମଧ୍ୟରେ ବିବାହ ହେଉ । ତୁମ୍ଭେମାନେ ଯେ ତାହାର ରକ୍ତ ମାଗୁଅଛ, ସେଥିପାଇଁ ସେ ଟଙ୍କା ଓ ସମସ୍ତଙ୍କୁ ଭୋଜି ଦେବ ।" ଏହି କଥାଦ୍ୱାରା ପ୍ରତିହିଂସାଲିପ୍ସୁ ଯୁବକମାନଙ୍କର ତୁଳନାମୂଳକ କୋପ ପ୍ରଶମିତ ହୁଏ । ସେମାନେ ଆନନ୍ଦରେ ସର୍ବାଗ୍ରରେ ବିବାହ କାର୍ଯ୍ୟ ସମ୍ପନ୍ନ କରିବାକୁ ଯାଇ ନୃତ୍ୟ ଆରମ୍ଭ କରନ୍ତି ।

ଉପରୋକ୍ତ ଖୋଜିବା କାର୍ଯ୍ୟ ଯେପରି ଠିକ୍ ଗୋଟିଏ ମନୁଷ୍ୟକୁ ବାଘ ନେଇ ଗଲେ ଖୋଜାଯାଏ, ସେହିପରି ସମ୍ପନ୍ନ ହୁଏ । ଯେଉଁ ପରିବାରର ବାଳିକା ଅପହୃତା ହୋଇଥାଏ, ସେ ପରିବାର ଦୁଃଖ ପ୍ରକାଶ କରି କ୍ରନ୍ଦନ ମଧ୍ୟ କରନ୍ତି । ଗ୍ରାମବାସୀମାନଙ୍କର ଖୋଜିବା କାର୍ଯ୍ୟ ଏତେ ଉତ୍ସାହ ସହିତ ସମ୍ପାଦିତ ହୁଏ ଯେ, ଅପରିଚିତରେ ଯଥାର୍ଥରେ ବାଘକୁ ମାରିଲେ ବୋଲି ସମସ୍ତେ ଜ୍ଞାନ କରନ୍ତି । (୪) କନ୍ୟାଲାଭ ପାଇଁ ଅନ୍ୟ ଏକ ଉପାୟ ମଧ୍ୟ ଅବଲମ୍ବିତ ହୁଏ । ଏହା ଅତି ନିଷ୍ଠୁର ଭାବରେ ସମ୍ପାଦିତ ହୁଏ । ଯେବେ ଏହା ଅତି ବିରଳ ଅନ୍ୟାନ୍ୟ ଉପାୟ ଅବଲମ୍ବନ କରି ବିମୁଖ ହେଲେ ଶେଷରେ ଏ ଉପାୟର ଆଶ୍ରୟ ନେବାକୁ ହୁଏ । ଗୋଟିଏ ଯୁବକର କୌଣସି ଯୁବତୀ ପ୍ରତି ସ୍ନେହ ଜନ୍ମିଲେ ସେ ଯୁବତୀ ଯେବେ ଅନିଚ୍ଛା ପ୍ରକାଶ କରେ କିମ୍ବା ତାହାର ଅଭିଭାବକମାନଙ୍କର ମତାନ୍ତର ଥିଲେ ସେମାନେ ଯଦି ବାଧା ଜନ୍ମାନ୍ତି, ତେବେ ସେ ଯୁବକ ଆପଣା ସଙ୍ଗିମାନଙ୍କୁ ଧରି ଲୁକ୍କାୟିତ ଭାବରେ ଯୁବତୀର ଗ୍ରାମକୁ ଯାଇ ପାଣିଘାଟ ଜଗି ରହେ । ସେ ଯୁବତୀ ପାଣି ନେବାକୁ ଆସିଲେ ଯୁବକଦଳ ବଳପୂର୍ବକ ତାକୁ ସେମାନଙ୍କ ଗ୍ରାମକୁ ଉଠାଇ ନେଇଯାନ୍ତି । ଏହି ସମ୍ବାଦ ପାଇ କନ୍ୟାପିତା ଆପଣା ଗ୍ରାମରୁ ବଳିଷ୍ଠ ଯୁବକମାନଙ୍କୁ ନେଇ ସେ କନ୍ୟାକୁ ଛଡ଼ାଇ ଆଣିବାକୁ ଯାଏ । ଉଭୟଦଳ ମଧ୍ୟରେ ଭୟାନକ ମାରପିଟ ହୁଏ । ଯଦି କନ୍ୟାପକ୍ଷ ଜୟଲାଭ କରନ୍ତି, ତେବେ ତାକୁ ନେଇ ଆସନ୍ତି । ଯଦି ପରାଜିତ ହୁଅନ୍ତି, ତେବେ ଛାଡ଼ିଦେଇ ଆସନ୍ତି । ଏପରି ମାରାମାରି ହୁଅନ୍ତି ଯେ କେତେକ ଲୋକ ସାଂଘାତିକ ରୂପେ ଆହତ ହୁଅନ୍ତି । ଯେଉଁ ଗ୍ରାମରୁ କନ୍ୟା ନିଆଯାଏ, ସେ ଗ୍ରାମର ଲୋକସଂଖ୍ୟାକୁ ଦୃଷ୍ଟି ଦେଇ ବରପକ୍ଷ ଅଧିକ ଲୋକ ସଂଗ୍ରହ କରି ରଖିଥାନ୍ତି । ଏଣୁ ପ୍ରାୟ ଅନେକ ଘଟନାରେ ବରପକ୍ଷ ଜୟଲାଭ କରନ୍ତି । ମାତ୍ର କନ୍ୟା ଯୁବତୀଟି ସେ ଯୁବକର ଘରେ ନ ଖାଇବା ପର୍ଯ୍ୟନ୍ତ ଜୟଲାଭ ହେଲା ବୋଲି ବିବେଚିତ ହୁଏନାହିଁ । କାରଣ ବାପଘରକୁ ଲୁଚି ପଳାଇବ, ଏହି ଭୟରେ ତାକୁ ଗୋଟିଏ ଘରେ ବନ୍ଦ କରି ରଖନ୍ତି । କେବଳ ଗ୍ରାମର ଚତୁର ସ୍ତ୍ରୀମାନେ ତା ନିକଟକୁ ଯାଇ ଭାତ ଖାଇବାକୁ ତାକୁ ପ୍ରବର୍ତ୍ତାନ୍ତି । କେହି ୩।୪ ଘଣ୍ଟା, କେହି କେହି ଦିନେ ଦୁଇଦିନ ପରେ ଆୟତ୍ତାଧୀନ ହୁଅନ୍ତି । ଭାତ ଖାଇଲେ ବିବାହ ପରେ ସେ ଯେତେବେଳେ ଇଚ୍ଛା କରୁଥିବ, ବାପଘରକୁ ଯାଇ ପାରିବ, ଇତ୍ୟାଦି ପ୍ରଲୋଭନ ଦ୍ୱାରା ତାହାର ମନ ଭୁଲାଇ ତାକୁ ମୁକ୍ତ କରି ଦିଅନ୍ତି । ଏହା କେବଳ କନ୍ୟାକୁ ରାଜି କରିବାକୁ କରାଯାଏ । ମାତ୍ର ସେ ପର୍ଯ୍ୟନ୍ତ ବରପକ୍ଷ ଆପଣା ଶକ୍ତି ଅନୁଯାୟୀ ଦେଶକୁ ଭୋଜି ଦେଇ ନାହିଁ,

ସେପର୍ଯ୍ୟନ୍ତ ବିବାହ କାର୍ଯ୍ୟ ସମ୍ପନ୍ନ ହୁଏ ନାହିଁ । ସ୍ତ୍ରୀମାନେ ଓ ଗ୍ରାମର ପୁରୋହିତ (ସେ କି ଗ୍ରାମଦେବତାମାନଙ୍କୁ ପୂଜାକରି ବରକନ୍ୟାକୁ ଆଶୀର୍ବାଦ କରେ) ଏହିମାନଙ୍କ ଦ୍ୱାରା ବିବାହ କାର୍ଯ୍ୟ ବିଶେଷ ପରିମାଣରେ ଅନୁଷ୍ଠିତ ହୁଏ । ବର ଓ କନ୍ୟା ହଳଦି ଲଗାଇ ସ୍ନାନ କଲ ଉତ୍ତରେ ନୂତନ ବସ୍ତ୍ର ଓ ଅଳଙ୍କାରରେ ବିଭୂଷିତ ହୋଇ ବେଦିରେ ବସନ୍ତି । ପିତା କିମ୍ବା ପିତା ନ ଥିଲେ ଅନ୍ୟ କେହି ସମ୍ପର୍କୀୟ ଲୋକ ଆପଣା ଦୁହିତା ବା ଅସ୍ତିସ୍ଥା ହାତରେ ଗୋଟିଏ ଟଙ୍କା ଦେଇ କହେ, "ମୋର ଯାହା ଥିଲା ତାହା ଦେଇ ଆଶୀର୍ବାଦ କରୁଅଛି ଯେ, ତୁ ଭାଗ୍ୟବତୀ ଏବଂ ସ୍ୱାମୀର ବିଶ୍ୱାସୀ ହୋଇ ଘର କର ।" ଏହାପରେ ଗ୍ରାମର ମୁରୁଖୀ ସ୍ତ୍ରୀମାନେ ବରକନ୍ୟା ମୁଣ୍ଡରେ ଅରୁଆତଣ୍ଡୁଳ ପକାଇ ଘିଅ ଦୀପରେ ବନ୍ଦାଇ ଉଠାଇ ନେଇଯାନ୍ତି । ବର ଓ କନ୍ୟା ଯେଉଁ ଘରେ ରହନ୍ତି, ପୂର୍ବରୁ ଗ୍ରାମର ପୁରୋହିତ (ଦେହୁରି) ସେ ଘରକୁ ପ୍ରତିଷ୍ଠା କରେ । ଦୁଧ ଓ ଅରୁଆ ତଣ୍ଡୁଳ ଦ୍ୱାରା ଦେବତାମାନଙ୍କୁ ପୂଜା କରେ ଓ ଗୋଟିଏ ମାଟି ପାତ୍ରରେ ଫୁଲ ପୂରାଇ ଘରର ଏକପାର୍ଶ୍ୱରେ ରଖିଦିଏ । ଏହି ମାଟିପାତ୍ର ତଳେ ପୂର୍ବପୁରୁଷମାନଙ୍କର ଆତ୍ମା ରହିଲେ ବୋଲି ଜ୍ଞାନ କରାଯାଏ । ବର ଓ କନ୍ୟା ପ୍ରତିଦିନ ତାହାକୁ ସେଠାରେ ପୂଜା କରନ୍ତି । କନ୍ୟାପିତା ଆପଣା ଶକ୍ତି ଅନୁସାରେ ଯୌତୁକ ମଧ୍ୟ ଦିଏ । ଧନୀ ଲୋକ ହେଲେ ଗାଈ, ବଳଦ, ଛେଳି ଓ ମେଣ୍ଢା ପ୍ରଭୃତି ଦିଆଯାଏ । ହିନ୍ଦୁମାନଙ୍କ ପରି ବିବାହକାର୍ଯ୍ୟ କନ୍ୟା ଗୃହରେ ନ ହୋଇ ବରଗୃହରେ ସମ୍ପନ୍ନ ହୁଏ ।

ଦେଶ ଭୂୟାଁମାନଙ୍କ ମଧ୍ୟରୁ ଯେଉଁମାନେ ହିନ୍ଦୁମାନଙ୍କ ସଙ୍ଗେ ବାସ କରନ୍ତି ଓ ହିନ୍ଦୁ ରୀତି ଅନୁସାରେ ଚଳିବାକୁ ଇଚ୍ଛା କରନ୍ତି, ସେମାନଙ୍କ ମଧ୍ୟରେ ପିତା ମାତା ବର କନ୍ୟା ମନୋନୀତ କରି ବିବାହ ଦିଅନ୍ତି । ମାତ୍ର ଏହା ଅତି ବିରଳ । ଅଧିକାଂଶ ଉପରୋକ୍ତ ପ୍ରଥାଗୁଡିକ ଅନୁସରଣ କରନ୍ତି । ସ୍ତ୍ରୀ ଓ ପୁରୁଷଙ୍କର ପରସ୍ପର ମନୋମାଳିନ୍ୟ ଘଟିଲେ ବିବାହ ବନ୍ଧନ ମଧ୍ୟ ଛେଦନ କରାହୁଏ । ବ୍ୟଭିଚାର ଦୋଷରେ ସ୍ୱାମୀ ସ୍ତ୍ରୀକୁ ଛାଡପତ୍ର (divorce) ଦିଏ । ସ୍ତ୍ରୀର ବ୍ୟଭିଚାର ଦୋଷ ସମାଜ ମଧ୍ୟରେ ପ୍ରକାଶିତ ହେଲେ ସ୍ୱାମୀ ତାହାକୁ ଛାଡି ନଦେବା ପର୍ଯ୍ୟନ୍ତ ଅଜାତି ହୋଇ ରହେ । ଯଦି କୌଣସି ସ୍ତ୍ରୀ ଆପଣାଜାତି ମଧ୍ୟରେ ପାପପ୍ରଣୟ କରିଥାଏ, ତେବେ ସେ ଅଜାତି ନ ହୋଇ ସେ ପୁରୁଷର ଘରେ ରହେ ଓ ସେ ପୁରୁଷ ତାକୁ ସ୍ତ୍ରୀ ରୂପେ ରଖିବାକୁ ବାଧ୍ୟ ହୁଏ । ମାତ୍ର ଆପଣା ଜାତି ନ ହୋଇ ପୃଥକ୍ ଜାତି ହୋଇଥିଲେ ଉକ୍ତ ସ୍ତ୍ରୀଟି ଅଙ୍ଗାଚନ ପତିତା ହୋଇ ସମାଜରୁ ତାଡିତା ହୁଏ । ଭୂୟାଁମାନଙ୍କ ମଧ୍ୟରେ ସତୀତ୍ୱ ଧର୍ମ ବୋଲି ବିବେଚିତ ହୁଏ ନାହିଁ । କିନ୍ତୁ କୌଣସି ଯୁବତୀ ବ୍ୟଭିଚାରିଣୀ ପ୍ରମାଣିତ ହେଲେ ଗ୍ରାମର ମୁରୁଖୀ ପୁରୁଷ ଓ ସ୍ତ୍ରୀମାନଙ୍କ ଦ୍ୱାରା ଗୋଟିଏ ପଞ୍ଚାୟତ ବସେ । ଉକ୍ତ ପଞ୍ଚାୟତରେ ସେ ସ୍ତ୍ରୀଟି କେଉଁ ଲୋକଦ୍ୱାରା ନଷ୍ଟ ହୋଇଅଛି ବୋଲି ପ୍ରଶ୍ନ କରାଯାଏ । ସେ ଯାହାର ନାମ କହେ, ସେ ପୁରୁଷକୁ ତାକୁ ଗଡେଇ ଦେଇ (କ୍ଷମା କରିଦେଇ) ଏହିପରି କହନ୍ତି, "ଏହା ଆମ୍ଭମାନଙ୍କର ଦୋଷ ଯେ ତୁମ୍ଭମାନଙ୍କର ବିବାହ ପୂର୍ବରୁ କରା ହୋଇ ନଥିଲା । ତେବେ ରକ୍ତମାଂସ ଶରୀରରେ ଏପରି ଘଟଣା ଘଟିଥାଏ ।" ଭୂୟାଁମାନେ ଦୃଢ ବିଶ୍ୱାସରେ

ବିବାହ ବନ୍ଧନରେ ଆବଦ୍ଧ ଥାନ୍ତି । ବ୍ୟଭିଚାର ଓ ଛାଡପତ୍ର କ୍ୱଚିତ ଦୃଷ୍ଟିଗୋଚର ହୁଏ । ସ୍ତ୍ରୀ ପୁରୁଷର ଖାଦ୍ୟପାନାଦି ବିଷୟରେ ଯତ୍ନ କରେ ଏବଂ ସମସ୍ତ ଗୃହକର୍ମ କରି ଅବଶ୍ୟକ ହେଲେ କୃଷିକର୍ମରେ ମଧ୍ୟ ସାହାଯ୍ୟ ଦିଏ । ସ୍ୱାମୀ ସହ ଫଳମୂଳ ଆହରଣାର୍ଥେ ଜଙ୍ଗଲ ମଧ୍ୟକୁ ଯାଏ । ବହୁ ବିବାହ ଓ ବିଧବା ବିବାହ ସେମାନଙ୍କ ମଧ୍ୟରେ ପ୍ରଚଳିତ ଅଛି, ମାତ୍ର ବିରଳ ଦେଖାଯାଏ ।

ଜନ୍ମ ମୃତ୍ୟୁ

ଜନ୍ମୋତ୍ସବ ଅତି ସାମାନ୍ୟଭାବରେ ଅନୁଷ୍ଠିତ ହୁଏ । କେବଳ ଜନ୍ମର ଦଶମ ଦିନ ଜ୍ଞାତି ଓ ବନ୍ଧୁମାନଙ୍କୁ ଗୋଟିଏ ଭୋଜି ଦିଆଯାଏ । ଏହାଦ୍ୱାରା ମାତା ଓ ପରିବାର ଶୁଦ୍ଧ ହୁଅନ୍ତି । ଦେଶ ଭୂୟାଁମାନଙ୍କ ମଧ୍ୟରୁ ଯେଉଁମାନେ ପ୍ରଗଣାରେ ବାସ କରନ୍ତି, ସେମାନେ କ୍ଷୌର ପାଇଁ ଭଣ୍ଡାରି ଓ ବସ୍ତ୍ର ପରିଷ୍କାର ପାଇଁ ରଜକ ଆବଶ୍ୟକ କରନ୍ତି । ମାତ୍ର ଯେଉଁମାନେ ଭୂୟାଁପୀଢ଼ରେ ରହନ୍ତି, ସେମାନଙ୍କ ମଧ୍ୟରୁ ଜଣେ କ୍ଷୌରକାର୍ଯ୍ୟ ନିର୍ବାହ କରନ୍ତି । ବସ୍ତ୍ର ଧୋଇବା ସେମାନେ ଆବଶ୍ୟକ ମନେ କରନ୍ତି ନାହିଁ । ଯଦି ପ୍ରସବ ପୂର୍ବରୁ କୌଣସି ଗର୍ଭବତୀ ସ୍ତ୍ରୀ ମରିଯାଏ, ତେବେ ଏହା ପାପ ବୋଲି ବିବେଚିତ ହୁଏ । ମୃତ ସନ୍ତାନକୁ ଶବ ଦେହରୁ କାଢି ଗୋଟିଏ ଗିରିନଦୀର ଉଭୟ ପାର୍ଶ୍ୱରେ ମାତା ଓ ସନ୍ତାନକୁ ପୃଥକ୍ ପୃଥକ୍ ପୋତିଦେଲେ ଉକ୍ତ ପାପରୁ ମୁକ୍ତ ଲଭନ୍ତି । ଅଧିକନ୍ତୁ ଏହାଦ୍ୱାରା ମୃତ ମାତା ଡାକିନୀ ହୋଇ ଗ୍ରାମବାସୀ ଅପର ସ୍ତ୍ରୀ ଓ ସନ୍ତାନମାନଙ୍କ ପ୍ରତି ଅତ୍ୟାଚାର କରିବା ଭୟ ଦୂର ହୁଏ । କାରଣ କୌଣସି ପ୍ରେତାତ୍ମା ନଦୀ ପାର ହୋଇପାରେ ନାହିଁ ଏବଂ ମୃତ ମାତାର ଆତ୍ମା ତାହାର ମୃତସନ୍ତାନର ଆତ୍ମା ସହ ମିଳିତ ନ ହେଲେ ଡାକିନୀ ହୋଇ ପାରିବ ନାହିଁ ଏହା ସେମାନଙ୍କର ବିଶ୍ୱାସ ।

କେହି ଭୂୟାଁ ମଲେ ତାହାର ଜ୍ଞାତିମାନେ ଶୀଘ୍ର ତାହାକୁ ଜଙ୍ଗଲ ମଧ୍ୟରେ ପୋତି ଦିଅନ୍ତି । ଦଶମଦିନ ଗ୍ରାମବାସୀମାନଙ୍କୁ ଗୋଟିଏ ଭୋଜି ଦେଲେ ଶୁଦ୍ଧି ଲାଭ କରନ୍ତି । ମାତ୍ର ଜଣେ ପ୍ରଧାନ ଭୂୟାଁ ମରିଗଲେ ମୃତ୍ୟୁ ସମ୍ବାଦ ନିକଟବର୍ତ୍ତୀ ଗ୍ରାମମାନଙ୍କୁ ପଠାଇ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପାଦନ ପାଇଁ ଗ୍ରାମବାସୀମାନଙ୍କୁ ଡାକନ୍ତି । ମୃତ୍ୟୁ ଦିବସରୁ ଦଶମଦିନ ପର୍ଯ୍ୟନ୍ତ ନିକଟ ସମ୍ପର୍କୀୟା ସ୍ତ୍ରୀମାନେ ଅତି କରୁଣସ୍ୱରରେ ମୃତ୍ୟୁଜଣାସୂଚକ ସଙ୍ଗୀତ ବୋଲି କ୍ରନ୍ଦନ କରନ୍ତି । ଏହା ଯେ ଥରେ ଶୁଣିଅଛି, ସେ ତାହା ଚିରଦିନମନରୁ ବିସ୍ମରଣ କରିବ ନାହିଁ । ଦେଶର ସମସ୍ତ ଲୋକେ ଏକତ୍ରିତ ହୋଇ ଦଶମ ଦିନ ଭୋଜି ଖାନ୍ତି ଏବଂ ମୃତବ୍ୟକ୍ତିର ଉତ୍ତରାଧିକାରୀ ନିଯୁକ୍ତ କରନ୍ତି । ସାଧାରଣତଃ ଜ୍ୟେଷ୍ଠପୁତ୍ର ଉତ୍ତରାଧିକାରୀରୂପେ ମନୋନୀତ ହୁଏ ।

କେବଳ ଗର୍ଭବତୀ ସ୍ତ୍ରୀର ଶବ ଛଡ଼ା ଅନ୍ୟ ସମସ୍ତ ଶବକୁ ପୋଡ଼ନ୍ତି । ଭୂୟାଁମାନେ ଅତ୍ୟନ୍ତ କଷ୍ଟ ସ୍ୱୀକାର କରି ଶବକୁ ସୁନ୍ଦରରୂପେ ଗଭୀର ଗର୍ତ୍ତ ଖୋଳି ପୋତନ୍ତି । ଗର୍ତ୍ତ ଉପର ଉତ୍ତମରୂପେ ତୀକ୍ଷ୍ଣ କଣ୍ଟକଦ୍ୱାରା ଆଚ୍ଛାଦିତ କରି ଦିଅନ୍ତି, ଯେପରି ବନ୍ୟଜନ୍ତୁମାନେ ମୃତ ଦେହକୁ ବାହାର କରି ନ ପାରିବେ । ଜଙ୍ଗଲ ମଧ୍ୟରେ ଥିବା ପୋଡ଼

ବା ନାଳ ଶବ ପୋତାଯିବାର ପବିତ୍ର ସ୍ଥାନ ବୋଲି ବିବେଚିତ ହୁଏ । କାରଣ, ଏହି ବୈତରଣୀ ସେମାନଙ୍କ ବାସସ୍ଥଳୀର ପାହାଡ଼ମାନଙ୍କ ପାଦଦେଶ ଦେଇ ପ୍ରବାହିତ ହୋଇଅଛି, ସମସ୍ତ ଝରଣା ସେହି ପବିତ୍ର ନଦୀ ବୈତରଣୀରେ ମିଶିଅଛନ୍ତି ।

ମୃତ୍ୟୁସମ୍ପର୍କୀୟ ଭୋଜି ଦେବା କାର୍ଯ୍ୟ ନିର୍ବାହ ହେବାର ଅବ୍ୟବହିତ ପରେ ମୃତ ଲୋକର ଜ୍ଞାତିମାନେ ତାହାକୁ ସେମାନଙ୍କର ପୂର୍ବପୁରୁଷଙ୍କ ଦେବତା ସହ ସ୍ଥାନ ଦେବା କାର୍ଯ୍ୟ ଆରମ୍ଭ କରନ୍ତି । ସମସ୍ତେ ଘର ମଧ୍ୟରେ ଧାଡ଼ି ଧାଡ଼ି ହୋଇ ବସନ୍ତି, ଗୋଟିଏ ବୋଦା ବଳି ଦିଆଯାଏ । ରକ୍ତ ରୁଧିର (ଯାହା ବିଷୟରେ ଅନ୍ୟ ଅଂଶରେ କୁହାଯିବ) ସମସ୍ତ ପାଦଦେଶରେ ଢଳାଯାଏ । ଏହା ପରେ ସମସ୍ତେ ସ୍ୱର ଧରି ପିତୃମାନଙ୍କୁ ଡାକନ୍ତି ଓ ମୃତ ଲୋକଟିକୁ ସେମାନଙ୍କ ନିକଟରେ ସ୍ଥାନ ଦେବାକୁ ପ୍ରାର୍ଥନା କରନ୍ତି । ଗୋଟିଏ ପିଲା ମଲେ ବୋଦା ପରିବର୍ତ୍ତରେ ଗୋଟିଏ କୁକ୍କୁଟ ବଳି ଦିଆଯାଏ । ସମସ୍ତ ଘଟନାରେ ରକ୍ତ ଦେବାର ବିଧି ଅଛି ଏବଂ ଯେଉଁ ବଳି ଦେବତାଙ୍କ ନିକଟରେ ଉଣା ହୋଇଥାଏ, ତାହା ସମସ୍ତ ଜ୍ଞାତିଙ୍କ ଉପରେ ସିଞ୍ଚାଯାଏ । ଏହା ନ ହେଲେ ସେମାନେ ଶୁଦ୍ଧି ଲାଭ କରନ୍ତି ନାହିଁ । କେବଳ ଦୁଇଗୋଟି ଘଟନାରେ ଉପରୋକ୍ତ କାର୍ଯ୍ୟ କରା-ଯାଏ ନାହିଁ । ଯଦି କୌଣସି ସ୍ତ୍ରୀ ଗର୍ଭବତୀ ହୋଇ ମରେ ଅଥବା କେହି କୁଷ୍ଠରୋଗରେ ମରେ, ସେମାନେ ଦେବପିତୃଗଣଙ୍କ ନିକଟରେ ସ୍ଥାନ ପାଇ ପାରନ୍ତି ନାହିଁ । କୁଷ୍ଠରୋଗୀ ଅତି ଘୃଣ୍ୟ ବିବେଚିତ ହୁଏ ଏବଂ ସେ ଅତି କଠିନ ପାପ କରିଥିବାରୁ ଦେବତା ତାହାଠାରେ କୋପ କରିଥିବାର ଚିହ୍ନସ୍ୱରୂପ କୁଷ୍ଠରୋଗ ହେବା କଥା ଭୂୟାଁମାନେ ବିଶ୍ୱାସ କରନ୍ତି । ଯାହାଠାରେ ଏ ରୋଗ ହୁଏ, ସେ ଗ୍ରାମର ବାହାରେ ଘର କରି ରହେ ଏବଂ ଯେଉଁ ଘାଟରେ ଗ୍ରାମବାସୀମାନେ ସ୍ନାନ କରନ୍ତି, ସେ ସେଠାରେ ସ୍ନାନ ନ କରି ତଳେ ଗୋଟିଏ ପୃଥକ୍ ଘାଟରେ ସ୍ନାନ କରେ ।

ଅସ୍ତ୍ର ଶସ୍ତ୍ର

ଭୂୟାଁମାନଙ୍କର ଆତ୍ମରକ୍ଷାର୍ଥ ପ୍ରଧାନ ଅସ୍ତ୍ର ଧନୁ ଓ ତୀର । ଏହାଦ୍ୱାରା ସେମାନେ ସୁନ୍ଦରରୂପେ ଲକ୍ଷ୍ୟ ଭେଦ ପାରନ୍ତି । କେତେକ ତୀରର ଫଳକ ସାଂଘାତିକ ଆଘାତ ଦିଏ, ଧନୁ ପାକଳ ବାଉଁଶରେ ନିର୍ମିତ ହୁଏ । କେତେକ ମଧ୍ୟ ଅନ୍ୟ ପ୍ରକାର ନମନଶୀଳ କାଷ୍ଠରେ ହୋଇଥାଏ । ଗୁଣ ପଶୁଚର୍ମରେ ନ ହୋଇ ବାଉଁଶ ପାତିଆରେ ହୋଇଥାଏ ଓ ଶେଷଭାଗ ଚର୍ମଦ୍ୱାରା ଧନୁରେ ଲାଗିଥାଏ । ପକ୍ଷୀ ଓ ଅନ୍ୟ ଛୋଟ ଛୋଟ ଶିକାରପାଇଁ ତୀରର ଅଗ୍ରଭାଗରେ ଲୌହଫଳକ ପରିବର୍ତ୍ତରେ କାଷ୍ଠ ଦିଆଯାଇଥାଏ । ଧନୁ ଓ ତୀର ସଙ୍ଗରେ ଟାଙ୍ଗିଆ ମଧ୍ୟ ଥାଏ । କୌଣସି ଭୂୟାଁ ଧନୁ, ତୀର ଓ ଟାଙ୍ଗିଆଛଡ଼ା ଅରଣ୍ୟକୁ ଯାଏ ନାହିଁ । ଜନ୍ତୁର ଗଳ ଦେଶକୁ ସେମାନେ ଆଗ୍ରହ ସହିତ ଲକ୍ଷ୍ୟ କରି ତୀର ଛାଡ଼ନ୍ତି । ଏତେବଳରେ ବିନ୍ଧନ୍ତି ଯେ ପ୍ରାୟ ତୀରର ସମସ୍ତ ଅଂଶ ଜନ୍ତୁ ଦେହରେ ପ୍ରବେଶ କରେ । ପକ୍ଷୀ ଶିକାର ସାଧାରଣତଃ ରାତିରେ ହୁଏ । ଯେଉଁ ଗଛରେ ପକ୍ଷୀ ବିଶ୍ରାମ କରନ୍ତି, ସେମାନେ ଦିନବେଳେ ଅନୁସନ୍ଧାନ କରିଥାନ୍ତି । ସନ୍ଧ୍ୟାବେଳେ ଶିକାରୀ ଆସ୍ତେ ଗଛ-

କପରେ ଚଢ଼ି 'ହୁଲା' ଦ୍ୱାରା ଚତୁର୍ଦ୍ଦିଗ ଅବଲୋକନ କରନ୍ତି । ଏହାଦ୍ୱାରା ପକ୍ଷିମାନେ କଳକ, ଢ଼ାଇକାନ୍ତ ଓ ଶିକାରୀଙ୍କୁ ଲକ୍ଷ୍ୟ ସ୍ଥାନ ମଧ୍ୟ ଦେଖାଯାଏ ।

କାଣ୍ଡ, କାଉଁଣ ଓ ଝାଙ୍ଗିଆ ଛଡ଼ା ସେମାନେ ବଡ଼ାକୃତ ଖଡ୍‌ଗ ଛୁରିକିଣି ଏବଂ ସୁନ୍ଦରରୂପେ ନିର୍ମିତ ଲୌହଦଣ୍ଡ ବ୍ୟବହାର କରନ୍ତି । ଏହି ଲୌହଦଣ୍ଡର ବ୍ୟାସ ୬ ଇଞ୍ଚରୁ ୮ ଇଞ୍ଚ ପର୍ଯ୍ୟନ୍ତ ଏବଂ ତାହାର ଦାଗ ଅତି ଦକ୍ଷତା ସହିତ ତୀକ୍ଷ୍ଣଧାର କରାହୋଇ ଥାଏ । ଏହାର ବ୍ୟବହାର ଅତି ଆଶ୍ଚର୍ଯ୍ୟଜନକ ଅଟେ । ଯେତେଦୂର ପର୍ଯ୍ୟନ୍ତ ଦୃଷ୍ଟି ଯାଏ ତେତେଦୂର ପର୍ଯ୍ୟନ୍ତ ଏହାକୁ ତର୍ଜନୀ ଅଙ୍ଗୁଳିରେ ଘୁରାଇ ଘୁରାଇ ଛାଡ଼ି ଦିଅନ୍ତି । ଧନୁ ଯେଉଁ ଦାଗକୁ ପଡ଼େ, ସେହି ଦାଗକୁ ଗଲେ ଜୟ ହେବ ବୋଲି ବିଶ୍ୱାସ କରି ଗମନ କରନ୍ତି । ବିଦ୍ରୋହରେ ମଧ୍ୟ ସେମାନେ ଏହି ପ୍ରଥା ଅବଲମ୍ବନ କରିଥିଲେ ।

ଅସ୍ତ୍ର ଛଡ଼ା ସେମାନଙ୍କର କେତେକ ବାଦ୍ୟ ଯନ୍ତ୍ର ଅଛି । ଯାହା ଉତ୍ସବାଦିରେ ଯୁଦ୍ଧଯାତ୍ରାରେ ଏବଂ ପ୍ରଧାନ ବିବାହରେ ବ୍ୟବହୃତ ହୁଏ । ଯୁଦ୍ଧ ପାଇଁ ଆହ୍ୱାନ କଲେ ବା କୌଣସି ବିଷୟ ଗ୍ରାମରେ ନିଷେଧ କରିବାକୁ ହେଲେ ଶିଙ୍ଗା ବ୍ୟବହାର କରନ୍ତି । ମାତ୍ର ଏକ ପ୍ରକାର ବାଦ୍ୟ ସକଳ ଉତ୍ସବାଦିରେ ନୃତ୍ୟ ଚାଲିଥିଲେ ବ୍ୟବହୃତ ହୁଏ । ଖଞ୍ଜିନି ଅଦ୍ଭୁତ ଏବଂ ଅତି ବୃହଦାକାର ଶୃଙ୍ଗ ନାମକ ବାଦ୍ୟ ସେମାନଙ୍କର ପ୍ରିୟ ବାଦ୍ୟ-ଯନ୍ତ୍ର ଅଟେ ।

ଗ୍ରାମ

ପ୍ରାୟ ପ୍ରତ୍ୟେକ ଭୂୟାଁଗ୍ରାମ ଦୁଇ ଯାହାଡ଼ା ଅର୍ଥାତ୍ ଧାଡ଼ିରେ ବସିଥାଏ । ମଧ୍ୟରେ ପ୍ରଶସ୍ତ ଦାଣ୍ଡ ଥାଏ । ଗୋଟିଏ ଘର ଅନ୍ୟ ଘରକୁ ନ ଲାଗି ସ୍ୱତନ୍ତ୍ର ଭାବରେ ଅବସ୍ଥିତ ହୋଇଥାଏ । ଶତ୍ରୁ କିମ୍ବା ହିଂସ୍ରଜନ୍ତୁମାନଙ୍କ ଆକ୍ରମଣର ଭୟ ହେଲେ ସମସ୍ତ ଗ୍ରାମବାସୀ ଶୀଘ୍ର ମାତ୍ରେ ଘରୁ ବାହାରି ଦାଣ୍ଡରେ ଯେପରି ଅଳ୍ପ ସମୟ ମଧ୍ୟରେ ଏକତ୍ରିତ ହୋଇ ପାରିବେ, ସେହିପରି ଭାବରେ ଗ୍ରାମଟି ବସିଥାଏ । ଗୃହଗୁଡ଼ିକ ବଡ଼ ନ ହୋଇ କୁଡ଼ିଆ ଘର ପରି କ୍ଷୁଦ୍ରାକାରରେ ଗଠିତ । ଧନୀ ଲୋକର ଗୃହ ବ୍ୟତୀତ ସାଧାରଣ ଗୃହରେ ମାଟିର କାନ୍ଥ ଥାଏ । ଯେପରି କୂପମାନଙ୍କରେ କାଠ ବସେ, ସେହିପରି ଲମ୍ବାଳିଆରେ ଗୋଟିଏ ଉପରେ ଗୋଟିଏ କାଠ ଥୋଇ ଥୋଇ ଉପରକୁ ଉଠାଇ ନିଅନ୍ତି । ଭିତର ପାଖ ସନ୍ଧିମାନଙ୍କରେ ମାଟି ଦେଇ ଥାନ୍ତି । ଗୃହ ଗୁଡ଼ିକ ଅତି ଯତ୍ନରେ ପରିଷ୍କାର ରଖିଥାନ୍ତି ।

ଗ୍ରାମମାନ ଜଙ୍ଗଲିଆ ପଣସ ଗଛମାନଙ୍କ ଦ୍ୱାରା ବେଷ୍ଟିତ ହୋଇ ଗୋଟିଏ ଗୋଟିଏ ପର୍ବତର ପାଦଦେଶରେ (ଯେଉଁଠାକୁ ବଢ଼ି ପାଣି ଯାଇ ନପାରେ କିମ୍ବା ଯାହା ନିକଟରେ ସୁନ୍ଦର କାଠମାନ ଥାଏ ସେହିପରି ସ୍ଥାନମାନଙ୍କରେ) ସ୍ଥାପିତ ହୋଇଥାଏ । ଗୋଟିଏ ଗୋଟିଏ ଗ୍ରାମ ଗୋଟିଏ ଗୋଟିଏ ହୁଡ଼ା ଉପରେ ଥାଏ । ଯେଉଁ ସ୍ଥାନରେ ଗୋଟିଏ କିମ୍ବା ଅଧିକ ଝରଣା ବା ଗିରିନଦୀ ପ୍ରବାହିତ ହେଉ ନ ଥାଏ, ସେଠାରେ

ସେମାନେ ବାସଭୂମି କରନ୍ତି ନାହିଁ । ପ୍ରାୟ ସମସ୍ତ ଗ୍ରାମରେ ପ୍ରଧାନ ଘର ମଧ୍ୟ ସ୍ଥଳରେ ଥାଏ ଓ ଏହା ଗୃହ ପାଖରେ ବୃହତ୍ ବୃହତ୍ ପଣସ ଗଛ ରହିଥାଏ । ଏଗୁଡ଼ିକ ଭୂୟାଁମାନେ ଗ୍ରାମ ଦେବତାଙ୍କୁ ଦେଇଥାନ୍ତି । ଭୂୟାଁମାନେ ପଣସର ଅତି ପ୍ରିୟ । ଯେଉଁଠାରେ ପଣସ ଗଛ ଭଲ ନ ହୁଏ କିମ୍ବା ଫଳ ବିଶେଷ ରୂପେ ନ ଧରେ, ସେମାନେ ସେ ସ୍ଥାନ ଛାଡ଼ି ଦେଇ ଅନ୍ୟ ବାସସ୍ଥ ଭୂମି ମନୋନୀତ କରନ୍ତି । ପ୍ରଧାନର ଘର ନିକଟରେ ଗୋଟିଏ ବୃହତ୍ ଶାଖାବିଶିଷ୍ଟ ଛାୟାପ୍ରଦ ବୃକ୍ଷ ତଳେ ଦରବାର ବା ମଣ୍ଡପଘର ନିର୍ମିତ ହୋଇଥାଏ । ଏହା ଅତିଥିଶାଳା ଅଟେ । ଗ୍ରାମର ସମସ୍ତ ଗୃହ ଅପେକ୍ଷା ଏହା ଅତି ବୃହତ୍ ଓ ସୁନ୍ଦର-ରୂପେ ଗଠିତ । ଏହା ସମ୍ମୁଖରେ ଅତି ପ୍ରଶସ୍ତ ନୃତ୍ୟଭୂମି, ଗଛ ମୂଳରେ ବସିବାକୁ ଗୋଟିଏ ପଥର ଛାଡ଼ିଥାଏ । ଛାତ ନିକଟରେ ବଡ଼ ବଡ଼ କାଠ ଗଣ୍ଡିଦ୍ୱାରା ସମସ୍ତ ଦିନ ଓ ରାତି ଗୋଟିଏ ଧୂନି ଲାଗିଥାଏ । ଏହାର କାଠ ଯୋଗାଇବା ଭାର ଧାଙ୍ଗଡ଼ାମାନଙ୍କ (ଅବିବାହିତ ଯୁବକ) ଉପରେ ଥାଏ । ସେମାନେ କାମରୁ ଫେରିବା ସମୟରେ ପ୍ରତ୍ୟେକ ଧାଙ୍ଗଡ଼ା ଗୋଟିଏ ଲେଖାଏଁ ଗଡ଼ କାନ୍ଧରେ ବହି ଆଣି ଉକ୍ତ ଗଛଁକୁ ଭେଟି ଦେଇ-ଥାନ୍ତି । ଧାଙ୍ଗଡ଼ୀମାନଙ୍କ (ଅବିବାହିତା ଯୁବତୀ) ଉପରେ ମଣ୍ଡପଘର ଲିପିବା କାର୍ଯ୍ୟ ନ୍ୟସ୍ତ ଥାଏ । ସେମାନେ ଆଗ୍ରହସହକାରେ ଉକ୍ତ ଘରକୁ ସର୍ବଦା ପରିଷ୍କାର ରଖିଥାନ୍ତି ।

ଧାଙ୍ଗଡ଼ା ଓ ଧାଙ୍ଗଡ଼ୀମାନେ ସମସ୍ତ ଦିନ ପରିଶ୍ରମ କରି ସନ୍ଧ୍ୟା ସମୟରୁ ଭୋଜନ କରି ଭୂୟାଁପୀଡ଼ର ଅତ୍ୟଧିକ ଶୈତ୍ୟ ଓ ଗ୍ରୀଷ୍ମ ପ୍ରତି ଆସ୍ଥା ନ ରଖି ଆନନ୍ଦରେ ପ୍ରାୟ ସମସ୍ତ ରାତି ନୃତ୍ୟରେ କଟାଇ ଦିଅନ୍ତି । ଦିନେ ଦିନେ ସକାଳ ଘଡ଼ିଏ ବା ଦୁଇ ଘଡ଼ି ବେଳ ପର୍ଯ୍ୟନ୍ତ ନୃତ୍ୟ ହେଉଥାଏ । ଧାଙ୍ଗଡ଼ାମାନେ ସମସ୍ତେ ନିଜ ଘରେ ନ ରହି ଉକ୍ତ ମଣ୍ଡପ ଘରେ ଶୁଅନ୍ତି ।

ପ୍ରତ୍ୟେକ ଭୂୟାଁ ପ୍ରତ୍ୟେକ ଫସଲ ଅମଳ କରି ଗୃହକୁ ଆଣିବା ସମୟରେ ପ୍ରଥମେ କିଛି କିଛି ମଣ୍ଡପ ଘରେ ଦେଇଯାଏ । ଏହିପରି ସମସ୍ତ ଗ୍ରାମବାସୀମାନଙ୍କ ଦ୍ୱାରା ଏକତ୍ରିତ ଶସ୍ୟ ଛୋଟ ଓଳିଆ କିମ୍ବା ସିଆଡ଼ି ପତ୍ର ଦ୍ୱାରା ଉତ୍ତମରୂପେ ବନ୍ଧା ହୋଇ ଉକ୍ତ ଘର ଛପରରେ ଝୁଲା ହୋଇଥାଏ । ବଡ଼ ବଡ଼ ଓଳିଆ ଗୃହରେ [ଗୃହର ଏକ ପାର୍ଶ୍ୱରେ] ରଖା ହୋଇଥାଏ । କେହି ଅଭ୍ୟାଗତ ଆସିଲେ ଗ୍ରାମର ମୁଖିଆ ସ୍ତ୍ରୀମାନେ ଉକ୍ତ ସଞ୍ଚିତ ଶସ୍ୟରୁ ତାଙ୍କର ଆହାର୍ଯ୍ୟ ପଦାର୍ଥ ଯୋଗାନ୍ତି । ପ୍ରତିଦିନ ପାଳି କରି ଦୁଇ ଜଣ କିମ୍ବା ବୃହତ୍ ଗ୍ରାମରେ ଚାରି ଜଣ ପର୍ଯ୍ୟନ୍ତ ଲୋକ ଉକ୍ତ ଗୃହ ନିକଟରେ ବସିଥାନ୍ତି । କେହି ଅତିଥି ବା ରାଜ କର୍ମଚାରୀ ଉପସ୍ଥିତ ହେବା ମାତ୍ରେକେ ଆଗ୍ରହ ସହିତ ତାଙ୍କର ସମସ୍ତ ଅଭାବ ଦୂର କରିବାରେ ବ୍ୟସ୍ତ ହୁଅନ୍ତି । ଏମାନଙ୍କ ଠାରୁ ଏପରି ସାହାଯ୍ୟ ମିଳେ ଯେ, ତାହା ବେତନ ଭୋଗୀ ଭୃତ୍ୟଠାରୁ ମିଳିବା କଠିନ । ଉକ୍ତ ବ୍ୟକ୍ତି ଅନ୍ୟ ସ୍ଥଳକୁ ଯିବା ପାଇଁ ଇଚ୍ଛା କଲେ ମାତ୍ରେକେ ସେହି ପାଳିଆମାନେ ତାଙ୍କର ବୋଝ ବୋହି ନେଇ ଛାଡ଼ି ଦେଇଥାନ୍ତି । ଏଥିପାଇଁ ପଇସା ଗ୍ରହଣ କରନ୍ତି ନାହିଁ । ଦେଲେ ମଧ୍ୟ ଅଧିକାଂଶ ପାଳିଆ ନେବାକୁ ଇଚ୍ଛା କରନ୍ତି ନାହିଁ । ଗ୍ରାମର ବାହାର ସୀମାରେ ପାଣ ଓ କୋହ୍ଲମାନେ

ବାସ କରନ୍ତି । ସେମାନେ ଅବହମାନ କାଳରୁ ସେମାନଙ୍କ ସଙ୍ଗେ ରହୁଅଛନ୍ତି । ଯାଣମାନେ ଲୁଗା ବୁଣିବା ଓ ଯନ୍ତ୍ରବାଦରେ ବାଦ୍ୟ ବଜାଇବା ଏବଂ ଡୋମ୍ବମାନେ ଗୋରୁ ଆଦି ମଲେ ଶବ ଉଠାଇବା ପ୍ରଭୃତି ନିକୃଷ୍ଟ କାର୍ଯ୍ୟମାନ କରନ୍ତି । ଭୂୟାଁମାନେ ଏମାନଙ୍କ ଠାରୁ ଜଳ କିମ୍ବା କୌଣସି ପ୍ରକାର ଖାଦ୍ୟ ଦ୍ରବ୍ୟ ସ୍ପର୍ଶ କରନ୍ତି ନାହିଁ ।

ଅଧିକାଂଶ ଗ୍ରାମ ନିକଟରେ ଗୋପାଳମାନଙ୍କର ବାସ ଥାଏ । କେହି କେହି ଅବହମାନ କାଳରୁ ସ୍ଥିର ହୋଇ ରହିଅଛନ୍ତି, କେହି ବା ମହିଷି ଚରିବାର ଉପଯୁକ୍ତ ଚରାଭୂମି ଥିବା ଅଞ୍ଚଳରେ ଥିବା ଯୋଗେ ଦୋହରି କରି ରହୁଥାନ୍ତି । ଭୂୟାଁମାନେ ସେମାନଙ୍କ ଠାରୁ କୌଣସି କର ନିଅନ୍ତି ନାହିଁ, ମାତ୍ର ଅତିଥି ବା ରାଜକର୍ମଚାରୀ ଆସିଲେ ସେମାନଙ୍କ ପ୍ରୟୋଜନୀୟ ଦୁଧ, ଦହି, ଛେନା ଓ ଘିଅ ପ୍ରଭୃତି ସେମାନେ ବିନା ପଇସାରେ ଯୋଗାଇବାକୁ ବାଧ୍ୟ ହୁଅନ୍ତି ।

ଭୂୟାଁମାନେ ନିଜ ନିଜ ଭୂମିଖଣ୍ଡମାନଙ୍କୁ ନିଜର ଜମିଦାରୀ ବୋଲି ମନେ କରନ୍ତି । ସେମାନଙ୍କ ହୃଦୟରେ ସ୍ୱାଧୀନତା ଭାବ ସବୁବେଳେ କ୍ରୀଡ଼ା କରୁଥାଏ । ଅନ୍ୟାନ୍ୟ ସ୍ୱାଧୀନ ଜାତି ପରି ସେମାନଙ୍କ ପ୍ରତ୍ୟେକ ଧମନୀରେ ସ୍ୱାଧୀନତାର ରକ୍ତ ପ୍ରବାହିତ । ପ୍ରତ୍ୟେକ ଭୂୟାଁ ତାହାର ନିଜ ଜମି ଚାଷ କରେ । କେହି ଚାଷ ବା ଶିକାର ଛଡ଼ା ଅନ୍ୟ ବ୍ୟବସାୟ ଗ୍ରହଣ କଲେ ସେମାନେ ତାକୁ ଘୃଣା କରନ୍ତି ।

ପିଲା କାଳରୁ ଭୂୟାଁମାନେ ଆପଣାକୁ ସ୍ୱାଧୀନ ଏବଂ ଗୋଟିଏ ଅଦମ୍ୟ ଜାତିରୁ ସମ୍ଭୂତ ବୋଲି ମନେ କରନ୍ତି । ପ୍ରଧାନ ବ୍ୟବସାୟ ଚାଷ ଓ ଅବସର ସମୟ ଆମୋଦ ପ୍ରମୋଦ ପାଇଁ ନୃତ୍ୟ ଓ ଶିକାରରେ କଟାଇବା ସେମାନେ ନିଜର କର୍ତ୍ତବ୍ୟ ବୋଲି ମନେ କରନ୍ତି । ଫସଲ ବୁଣା ଓ ଅମଳ ସମୟରେ ସେମାନେ ଅତି ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ କରି ଫଳ, ମୂଳ ଓ ଶାକାଦି ଖାଇ କାକର ନ ଛାଡ଼ୁଣୁ ହଳ ନେଇ ବାହାରନ୍ତି ଓ ଅବିଶ୍ରାନ୍ତ ଭାବରେ ଚଉଦ ଘଡ଼ି ପର୍ଯ୍ୟନ୍ତ ଚାଷ କରନ୍ତି । ଘଞ୍ଚ ଜଙ୍ଗଲ କାଟିବା କାର୍ଯ୍ୟରେ ଲିପ୍ତ ରହନ୍ତି, କେବେ ମଧ୍ୟାହ୍ନ ସମୟରେ ଅଳ୍ପ ଅଟେର ଖାଇ ଟିକିଏ ବିଶ୍ରାମ କରନ୍ତି, କିନ୍ତୁ ହଳ କାର୍ଯ୍ୟ ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ କାର୍ଯ୍ୟ କରି ନିକଟବର୍ତ୍ତୀ ଝରଣାରେ ସ୍ନାନ କରି ଘରକୁ ଫେରନ୍ତି ଓ ଭାତ ବା ଫଳ ମୂଳ ଖାଇ ନିଦ୍ରା ଭୂମିରେ ଉପସ୍ଥିତ ହୁଅନ୍ତି ।

ସେମାନଙ୍କ ଚାଷ ଭୂମିକୁ ଦମାଣ କହନ୍ତି । ଗୋଟିଏ ଗ୍ରାମବାସୀ ଗୋଟିଏ ପାହାଡ଼କୁ ହାଣି ବର୍ଷେ ବା ଦୁଇ ବର୍ଷ ଫସଲ କରି ଛାଡ଼ି ଦିଅନ୍ତି ଓ ଅନ୍ୟ ବର୍ଷ ପାଇଁ ଅନ୍ୟ ପାହାଡ଼ରେ ଦମାଣ କରନ୍ତି । ପାହାଡ଼ର ମଳ ଦେଶରୁ ଶିଖର ପର୍ଯ୍ୟନ୍ତ ଚାଷ କରି ନାନାବିଧ ଫସଲ କରନ୍ତି । ସେହି ଦମାଣରେ ଶିମ୍ବ, ଝୁଡ଼ଙ୍ଗ, ଭେଣ୍ଡି, କନ୍ଦମୂଳ ଆଦି ପରିବା ମଧ୍ୟ କରନ୍ତି । ପାହାଡ଼ ଛଡ଼ା ସେମାନେ ଜଳ ଜମି କରନ୍ତି ନାହିଁ । ଡାହିଧାନ, ହରଡ଼, ବିରି, ମୁଗ, କୋଳଥ, ରାଶି, ସୋରିଷ, ଗୁଲ୍ଜି, ଚିନା, କାଙ୍ଗୁ, ଗଙ୍ଗେଇ ପ୍ରଭୃତି ସେମାନଙ୍କର ପ୍ରଧାନ ଫସଲ । ସେମାନେ ଗାଈ ଦ୍ୱାରା ମଧ୍ୟ ହଳ କରନ୍ତି ।

ଏପରି ଦେଖାଯାଇଅଛି ଯେ, ଗାଈ ହଳ ବୁଲୁଥିବା ସମୟରେ ବାଛୁରୀ ପଛରେ ଗୋଡାଇ ଗୋଡ଼ାଇ ଦୁଗ୍ଧ ପାନ କରୁଥାଏ । ସେମାନେ ଗାଈ ଦୁହିଁନ୍ତି ନାହିଁ । ଭୂମିଆଁ ପିଢ଼ିମାନଙ୍କରେ ଗାଈ ଦୁଧ ସହଜରେ ମିଳେ ନାହିଁ ।

କୌଣସି ଭୂମିଆଁଗ୍ରାମରେ ପୁଷ୍କରିଣୀ ଦେଖାଯାଏ ନାହିଁ । କାରଣ କୂପ ବା ପୁଷ୍କରିଣୀ ଖୋଳିବା ଧର୍ମବିରୁଦ୍ଧ ବୋଲି ଭୂମିଆଁମାନେ ମନେ କରନ୍ତି । କ୍ୱଚିତ୍ ବଡ଼ ବଡ଼ ଗ୍ରାମମାନଙ୍କରେ ପୁଷ୍କରିଣୀ ଦେଖାଯାଏ । ମାତ୍ର ତାହା ଅନ୍ୟ ଜାତୀୟ ଲୋକମାନଙ୍କଦ୍ୱାରା ଖୋଳା ହୋଇଥାଏ ।

ସ୍ତ୍ରୀମାନଙ୍କ ସ୍ନାନଘାଟ ପୃଥକ୍ ହୋଇଥାଏ; କାରଣ ସେମାନେ ବିବସ୍ତ୍ର ହୋଇ ସ୍ନାନ କରନ୍ତି । କୌଣସି ପୁରୁଷ ସେ ସ୍ଥାନର ସୀମା ପର୍ଯ୍ୟନ୍ତ ଯିବା ସେମାନଙ୍କ ମଧ୍ୟରେ ବିଶେଷଭାବରେ ନିଷେଧ ଥାଏ । ଦୈବାତ୍ କୌଣସି କାରଣବଶତଃ ତାହାକୁ ଯିବାକୁ ହେଲେ ଦୂରରୁ ଇଶାରା ଦେଇ ଉଚ୍ଚସ୍ୱରରେ ଶବ୍ଦ କରି ଯିବାକୁ ହୁଏ ।

ଅଧିକାଂଶ ଗ୍ରାମମାନଙ୍କରେ ଗ୍ରାମଦେବତାମାନଙ୍କ ପାଇଁ ଗୋଟିଏ ଗୋଟିଏ ଗୃହ ତିଆରି ହୋଇଥାଏ ଓ ତାହା ବଡ଼ ବଡ଼ ପଣସଗଛମାନଙ୍କଦ୍ୱାରା ବେଷ୍ଟିତ ହୋଇଥାଏ ।

ବଡ଼ ବଡ଼ ଗ୍ରାମମାନଙ୍କରେ ସ୍କୁଲମାନ ଅଛି, ମାତ୍ର ତାହା ଅନାବଶ୍ୟକ ଓ ଅନିଷ୍ଟକର ବୋଲି ସେମାନେ ମନେ କରନ୍ତି । ସେମାନଙ୍କ ପକ୍ଷରେ ଏପରି ଭାବିବା ଅସ୍ୱାଭାବିକ ବିଷୟ ନୁହେଁ, କାରଣ ଯେଉଁ ହାତରେ ଲଙ୍ଗଳ ସାଧ ହେଉ ନାହିଁ, ସେ ହାତରେ ଲେଖନୀ ଅଭ୍ୟସ୍ତ ହେବା ଅସମ୍ଭବ । ନିମ୍ନୋକ୍ତ ଦୃଷ୍ଟାନ୍ତରୁ ଶିକ୍ଷା ପ୍ରତି ସେମାନଙ୍କର କିପରି ଅଶ୍ରଦ୍ଧା ତାହା ପ୍ରକାଶ ପାଉଅଛି । ଯଦି କୌଣସି ବାଳକ ବିଶେଷ କାରଣବଶତଃ ସ୍କୁଲରେ ଉପସ୍ଥିତ ନ ହୁଏ, ତେବେ ତାହାର ପିତା ଆସି କହେ—ପିଲା ଆସିବ ନାହିଁ, ନା ଲଗା ମୂ ଅଇଲି । ଏହା କହି ସେ ସ୍କୁଲରେ ବସି ରହେ ।

ଓଝେଇଁ୍ କର୍ମଗୁରୀ କାମ୍ଭାର ଗ୍ରାମରେ ଗୋଟିଏ ପ୍ରଧାନ ଥାଏ । ଆଜିମଧ୍ୟ ସାମାଜିକ ବିଷୟ ଆଲୋଚନାପାଇଁ ବଂଶପରମ୍ପରାକ୍ରମେ ସେମାନଙ୍କଦ୍ୱାରା ମନୋନୀତ କର୍ମଗୁରୀ ରହିଥାନ୍ତି । ରାଜସ୍ୱ ଆଦାୟ କିମ୍ବା ଗ୍ରାମର ଅନ୍ୟାନ୍ୟ ବିଷୟ ସମ୍ପାଦନ କରିବା ପାଇଁ ଗୋଟିଏ ନାୟକ ମନୋନୀତ କରିଥାନ୍ତି, ସେ କି ପ୍ରଧାନର ସହକାରୀସ୍ୱରୂପ କାର୍ଯ୍ୟ କରେ, ମାତ୍ର ଓଝେଇଁ୍ ତରଫରୁ ସେ ମନୋନୀତ ହୁଏ ନାହିଁ । ଗ୍ରାମର ପୁରୋହିତକୁ ଦେହୁରୀ କହନ୍ତି । ସମସ୍ତ ଦେବଦେବୀଙ୍କ ଭାର ତାହା ଉପରେ ନ୍ୟସ୍ତ ଥାଏ । ଅବିବାହିତା ଯୁବତୀମାନଙ୍କର ପ୍ରତିନିଧିସ୍ୱରୂପ ଜଣେ ଗଡ଼ମାଝି ନାମରେ ଅଭିହିତ ହୋଇଥାଏ । ସେ ପ୍ରଣୟଘଟିତ କଳହାଦି ମିମାଂସା କରେ ଏବଂ ସେମାନଙ୍କର ସମସ୍ତ ଦାବି ଗୁହାରି ଗ୍ରାମ୍ୟ ପଞ୍ଚାୟତଙ୍କ ସମୀପରେ ଉପସ୍ଥିତ କରେ । ତାହାର ଆଦେଶ ଅନୁସାରେ ନୃତ୍ୟୋତ୍ସବ ଅନୁଷ୍ଠିତ ହୁଏ ।

ଏକଗୋତ୍ରସମ୍ଭୂତ କେତେଗୁଡ଼ିଏ ପରିବାର ଏକତ୍ର ମିଶି ଗୋଟିଏ ସମ୍ପ୍ରଦାୟ ଗଠିତ ହୋଇଥାଏ । ଗୃହସ୍ୱାମୀର ଗୃହ ମଧ୍ୟରେ ସମ୍ପୂର୍ଣ୍ଣ ଅଧିକାର ଥାଏ । ପିତାର ଜୀବିତାବସ୍ଥାରେ ପୁତ୍ରମାନଙ୍କର ସମ୍ପତ୍ତିରେ ସ୍ୱତ୍ୱ ନ ଥାଏ । ମାତା ଖାଦ୍ୟ ପ୍ରସ୍ତୁତ କରି ସମସ୍ତ ପରିବାର ମଧ୍ୟରେ ଭାଗ କରିଦିଏ । ଗୃହର ଅନ୍ୟାନ୍ୟ ସ୍ତ୍ରୀମାନେ ତାହାଙ୍କୁ ଉକ୍ତ କାର୍ଯ୍ୟରେ ସାହାଯ୍ୟ କରନ୍ତି । ପ୍ରତ୍ୟେକ ସମ୍ପ୍ରଦାୟ ମଧ୍ୟରେ ପରସ୍ପର ଏକତା ଥିବା ଯୋଗେ କେତେଗୁଡ଼ିଏ ସମ୍ପ୍ରଦାୟ ଏକତ୍ର ମିଳି ଗୋଟିଏ ଗ୍ରାମରେ ରହନ୍ତି । ସେମାନଙ୍କ ମଧ୍ୟରୁ ଜଣକୁ ପ୍ରଧାନ କରି ସମସ୍ତେ ତାହାର ଆଦେଶ ଅନୁସାରେ ଚଳନ୍ତି । ଏହାଛଡ଼ା ସେମାନଙ୍କ ସାମାଜିକ ବିଷୟର ତତ୍ତ୍ୱ ନେବା ପାଇଁ ଜଣେ ସରଦାର ମନୋନୀତ ହୋଇଥାଏ । ଉକ୍ତ ପଦଟି ସେ ଲୋକର ପୁତ୍ରପୌତ୍ରାନୁକ୍ରମେ ରହିଥାଏ, ଗୋଟିଏ ସରଦାରର ମୃତ୍ୟୁ ପରେ ତାହାର ଜ୍ୟେଷ୍ଠ ପୁତ୍ରକୁ ଉକ୍ତ ଭାର ଦିଆଯାଏ । ଯଦି ତାହାର ଜ୍ୟେଷ୍ଠପୁତ୍ର ଉକ୍ତ କାର୍ଯ୍ୟର ଅନୁପଯୁକ୍ତ ବୋଲି ବିବେଚିତ ହୁଏ, ତେବେ ତାହାର ବଂଶ ମଧ୍ୟରୁ ଅନ୍ୟ କେହି ଉପଯୁକ୍ତ ଥିଲେ ତାହାଠାରେ ଉକ୍ତ ପଦ ଅର୍ପିତ ହୁଏ ।

ଉପରୋକ୍ତ ନିଯୁକ୍ତି ବଂଶ ମର୍ଯ୍ୟାଦା ଏବଂ ବ୍ୟକ୍ତିଗତ ଯୋଗ୍ୟତା ଉପରେ ନିର୍ଭର କରେ । ଏହାଛଡ଼ା ଅନ୍ୟ କୌଣସି ବିଷୟ ବିଚାର କରି ଉକ୍ତ ପଦମାନ ଅର୍ପିତ ହୁଏ ନାହିଁ । ଯଦି କେହି ଆପଣାକୁ ଅଯୋଗ୍ୟ ମନେ କରିଥାଏ, ତେବେ ସେ ଆପଣାର ପରିବାରବର୍ଗଙ୍କ ସମ୍ମତିକ୍ରମେ ସେ ପଦ ପରିହାର କରେ । ଏହାସବୁ ଧର୍ମଗତଭାବରେ କରାଯାଏ । ଏଣୁ ଉକ୍ତ ପଦମାନ ଅତି ପବିତ୍ର ବୋଲି ବିବେଚିତ ହୁଏ । ଏହି କାର୍ଯ୍ୟମାନଙ୍କ ପାଇଁ କୌଣସି ବେତନ ବା ଅନ୍ୟ ପ୍ରକାର ଲାଭର ଆଶା ନ ଥାଏ । କେବଳ ସାଧାରଣଙ୍କର ସମ୍ମାନ ଓ ଭକ୍ତିପ୍ରଦର୍ଶନ ପରିଲକ୍ଷିତ ହୁଏ । ସେମାନେ ମଧ୍ୟ ଆପଣାକୁ ସାଧାରଣ ଅପେକ୍ଷା ବଡ଼ ବୋଲି ମନେ କରନ୍ତି ନାହିଁ । କାରଣ ସେମାନଙ୍କର ସାମାଜିକ ରୀତି ପରମ୍ପରାକ୍ରମେ ଜୀବିକା ନିର୍ବାହର ଉପାୟ ଅନ୍ୟାନ୍ୟଙ୍କ ସଙ୍ଗେ ସମାନ ବୋଲି ହୃଦୟଙ୍ଗମ କରିପାରନ୍ତି । ସେମାନଙ୍କର କୌଣସି ସ୍ୱତନ୍ତ୍ର ଜାଗିର ନାହିଁ କିମ୍ବା ଦାସ ଦାସୀ ନାହିଁ । ଗ୍ରାମର ସମସ୍ତେ ଏକ ପରିବାରର ଅନ୍ତର୍ଭୁକ୍ତ ଓ ସେମାନଙ୍କର କେବଳ ପୁରୁଷାନୁକ୍ରମିକ ଅଧିକୃତ ଜଙ୍ଗଲ ଉପରେ ସମସ୍ତଙ୍କ ଗ୍ରାସାଚ୍ଛାଦନ ନିର୍ଭର କରେ ବୋଲି ଦୃଢ଼ ବିଶ୍ୱାସ କରି କୌଣସି ପ୍ରକାରେ ସାଧାରଣ ଅପେକ୍ଷା ଆପଣାର ଅଧିକତ୍ୱ ଚେଷ୍ଟା ଦେଖାନ୍ତି ନାହିଁ । କେବଳ ଗ୍ରାମବାସୀମାନେ ଗୋଟିଏ ଶିକାର କଲେ ତହିଁରୁ ସେମାନଙ୍କ ସମ୍ମାନାର୍ଥ ଗୋଟିଏ ଲେଖାଏଁ ଅଧିକା ଭାଗ ଦିଅନ୍ତି । କେହ କେହି ମଧ୍ୟ ସରଳଭାବରେ ଭକ୍ତିର ନିଦର୍ଶନ ସ୍ୱରୂପ ନୂତନ ଫସଲ ଅମଳ ସମୟରେ କୌଣସି ଭେଟି ବା ଅନ୍ୟ କୌଣସି ପ୍ରକାର ସାହାଯ୍ୟର ଆଶା କରନ୍ତି ନାହିଁ । କେବଳ ସ୍ୱକୀୟ ବା ସାଧାରଣ ଉତ୍ସବାଦି ସ୍ଥାନରେ ପ୍ରଥମ ସମ୍ମାନ ସେମାନଙ୍କର ପ୍ରାପ୍ୟ ଅଟେ ।

କୌଣସି ବିଶିଷ୍ଟ ପ୍ରୟୋଜନୀୟ କାର୍ଯ୍ୟରେ ସେମାନେ ଗ୍ରାମର ମୁରବି ଲୋକମାନଙ୍କୁ ନ ଡାକି କିଛି କରନ୍ତି ନାହିଁ । ପ୍ରତ୍ୟେକଙ୍କ ଗୃହରେ ସେମାନେ ସୁଶୀଳତାରକ୍ଷକ, ଅନ୍ୟାୟ କାର୍ଯ୍ୟ ଓ କଳହର ନିବାରଣକାରକ ଏବଂ ନ୍ୟାୟାନ୍ୟାୟ ବିଚାରକ ଅଟନ୍ତି ।

କେହି କୌଣସି ପଦାର୍ଥ ଚୋରି କରିବାର ପ୍ରମାଣ ହେଲେ ଗ୍ରାମ୍ୟ ପଞ୍ଚାୟତରେ ଚୋରର ଅପହୃତ ଦ୍ରବ୍ୟ ଫେରାଇ ଦିଏ କିମ୍ବା ତାହାର ମୂଲ୍ୟ ଦିଏ । ପ୍ରଥମ ଥର ଚୋରି ମୋକଦ୍ଦମାର ଏହା ସାଧାରଣ ଦଣ୍ଡ । ମାତ୍ର ଯେ ଲୋକଟି ବାରମ୍ବାର ଉକ୍ତ କାର୍ଯ୍ୟ କଲେ ଉକ୍ତ ଦୋଷ ସେ ଲୋକଦ୍ୱାରା ନ ହୋଇ ସମସ୍ତ ସମାଜକୃତ ବୋଲି ବିବେଚିତ ହୋଇ ଅପରାଧୀ ସାଧାରଣରେ ଘୃଣ୍ୟ ହୁଏ । ଏପରି କି, କେହି ତାହା ସଙ୍ଗେ କଥା କହିବାକୁ ଇଚ୍ଛା କରନ୍ତି ନାହିଁ । ଏଣୁ ତାହାର ଜୀବନଟି ତାକୁ ବୋଝିଏ ଭାର ସ୍ୱରୂପ ବୋଧ ହୁଏ । ସାମାନ୍ୟ କଳହରେ ମାତ୍ର ମନାନ୍ତର ହେଲେ ଉଭୟ ପକ୍ଷଙ୍କୁ ମିଳାଇବା ପାଇଁ ପଞ୍ଚାୟତ ବସେ । ଉଭୟ ପକ୍ଷରୁ କଥା ଶୁଣାଗଲା ପରେ ସେମାନଙ୍କୁ ଉପଦେଶଦ୍ୱାରା ସତର୍କ କରି ଦିଆଯାଏ । ପୁନର୍ମିଳନର ଚିହ୍ନ ସ୍ୱରୂପ ଉଭୟ ପକ୍ଷ ପ୍ରତ୍ୟେକେ ଜଳୁଥିବା ଅଗ୍ନିରୁ ଖଣ୍ଡିଏ ଲେଖାଏ ଖୁଣ୍ଟ ଆଣି ଅଗ୍ନି ଥିବା ଅଂଶଟି ଛେଚ ପକାଇ ନିଭାଇ ଦିଅନ୍ତି ।

ଅପରାଧୀ ଷ୍ଟେଟ୍ ଅଦାଲତରେ କ୍ୱଚିତ୍ ଦଣ୍ଡିତ ହୁଏ । ଗ୍ରାମବାସୀମାନେ ଏ କଥା ଜାଣି ସୁଦ୍ଧା ଉକ୍ତ ଦଣ୍ଡ ଷ୍ଟେଟ ଅଦାଲତ ନିଜ ସନ୍ତୋଷ ପାଇଁ ଦେଇଅଛି ଭାବି, ସେମାନେ ନିଜ ଗ୍ରାମପଞ୍ଚାୟତରେ ପୁନର୍ବିଚାର କରନ୍ତି । ଗ୍ରାମ୍ୟସଭାର ଅଧିବେଶନ ଅତି ସରଳ ହେଲେ ହେଁ ଅତି କୌତୂହଳପ୍ରଦ । ପୂର୍ବୋକ୍ତ ଗ୍ରାମର ଜଣ ପଦାଧିକାରୀମାନଙ୍କ ମଧ୍ୟରେ ଜଣେ ମଣ୍ଡପ ଘରେ ଛିଡ଼ା ହୋଇ ଅତି ଉଚ୍ଚ ସ୍ୱରରେ ତିନି ଗୋଟି ଉଡ଼ ଛାଡ଼େ । ଏହା ଶୁଣିବା ମାତ୍ରକେ ଆହୂତ ବ୍ୟକ୍ତି ଉପସ୍ଥିତ ହୁଅନ୍ତି । ଏମାନଙ୍କ ଛଡ଼ା ଇତର ଲୋକ କେହି ଡାକି ପାରେ ନାହିଁ । ଡାକିଲେ ଗ୍ରାମରେ ବିପଦ ପଡ଼ିବାର ଆଶଙ୍କା କରାଯାଏ । କାରଣ ଧର୍ମତଃ ସେମାନଙ୍କ ଛଡ଼ା ଅନ୍ୟ କାହାର ଉକ୍ତ କାର୍ଯ୍ୟରେ ଅଧିକାର ନାହିଁ ବୋଲି ବିଶ୍ୱାସ କରନ୍ତି ।

ସାମାଜିକ କଳହ ନିଷ୍ପତ୍ତି, ଧର୍ମୋତ୍ସବ ଏବଂ ଅନ୍ୟାନ୍ୟ କ୍ଷୁଦ୍ର କ୍ଷୁଦ୍ର ବିଷୟ ଗ୍ରାମ୍ୟ ସଭା ଦ୍ୱାରା ଗୃହୀତ ହୁଏ । ସାମାନ୍ୟ କିଛି କଥା ହେଲେ ସଭା ଆହୂତ ହୁଏ । ଡାକୁଅ ସ୍ୱର ସହଜରେ ଚିହ୍ନାଯାଏ ।

ରାଜସ୍ୱ

ରାଜା ଭୂଇଁ ପୀଡ଼ରେ ଗସ୍ତ କଲାବେଳେ ଭୂଇଁମାନେ ଟଙ୍କା କିମ୍ବା ଅନ୍ୟାନ୍ୟ ସାମଗ୍ରୀ ଭେଟିରୂପେ ଭର ଦେଉଥିଲେ । ୧୮୬୮ ଖ୍ରୀଷ୍ଟାବ୍ଦରେ ଘଟିଥିବା ଭୂଇଁ ବିଦ୍ରୋହ ପରେ କର୍ଣ୍ଣେଲ ସାର୍ ଜେମ୍ସ ଜନସନ ଏବଂ ଗଭର୍ଣ୍ଣମେଣ୍ଟ ପଲିଟିକେଲ୍ କର୍ମଚାରୀଙ୍କ ବନ୍ଦୋବସ୍ତ ପୂର୍ବରୁ ସେମାନଙ୍କ ଉପରେ ନିର୍ଦ୍ଧାରିତ କର ଧାର୍ଯ୍ୟ ହୋଇ ନ ଥିଲା । ମାତ୍ର କର୍ଣ୍ଣେଲ୍ ଜନ୍ସନ୍ ଅତି ବୁଦ୍ଧିମତ୍ତାର ସହିତ ଘର ପ୍ରତି ଚାରି ଅଣା ଓ ହଳ ପ୍ରତି ଆଠ ଅଣା ଏବଂ ସ୍କୁଲ ଫିସ ଘର ପ୍ରତି ଏକ ଅଣା ଧାର୍ଯ୍ୟ କଲେ । ଏହା ବ୍ୟତୀତ କେତେକ ଷ୍ଟେଟ୍ ଗୃହ ଛପରବନ୍ଦ କରିବା ଏବଂ ରାଜା ଗସ୍ତ କଲାବେଳେ ବିନା ପଇସାରେ ତାହାଙ୍କ ଭାର ବୋହିବା ଭୂଇଁମାନଙ୍କ କର୍ତ୍ତବ୍ୟ କାର୍ଯ୍ୟଭୁକ୍ତ ହୋଇଥିଲା । ଏହିପରି ଭାର -

ହୋଇଥିବା କାର୍ଯ୍ୟ ସେମାନଙ୍କ ଅବହମାନ କାଳରୁ କରି ଆସୁଥିବାର ଅନୁମିତ ହୁଏ । କାରଣ ସେମାନେ 'ଡାହୁଙ୍ଗି' ଅପଭ୍ରଂଶରେ ସନ୍ତକ ବୋଲି ଲେଖାନ୍ତି । ଉପରୋକ୍ତ ବନ୍ଦୋବସ୍ତ ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ପ୍ରସ୍ତାବିତ ଓ ମଞ୍ଜୁର ହୋଇଥିଲା, ଆଉ ମଧ୍ୟ ସ୍ଥିରହୋଇ ଥିଲା ଯେ ଗଭର୍ଣ୍ଣମେଣ୍ଟଙ୍କ ଅଜ୍ଞାତସାରରେ କେହି ଏହା ପରିବର୍ତ୍ତନ ବା ପରିବର୍ଦ୍ଧନ କରି ପାରିବେ ନାହିଁ । ମାତ୍ର କର୍ଣ୍ଣେଲ୍ ଜନ୍‌ସନ୍ ଷ୍ଟେଟ୍‌ରୁ ଚାଲି ଗଲାପରେ ତତ୍କାଳୀନ ରାଜା ୰ଅନୁକୂଳ ନାରାୟଣ ଭଞ୍ଜଙ୍କଦ୍ୱାରା ସେ ସର୍ତ୍ତ ଭଙ୍ଗ ହେଲା ।

୧୮୯୧ ଖ୍ରୀଷ୍ଟାବ୍ଦରେ ଘଟିତ ବିଦ୍ରୋହପରେ ଗଭର୍ଣ୍ଣମେଣ୍ଟ ଏଜେଣ୍ଟ୍ ଏଚ୍: ସି: ଓଆଲ୍ ସାହେବଙ୍କଦ୍ୱାରା ପୁନର୍ବାର ବନ୍ଦୋବସ୍ତ କରାଗଲା । ଏହାଦ୍ୱାରା ଘର ପ୍ରତି ଛଅଣା ଛପାହି ଓ ହଳ ପ୍ରତି ତେର ଅଣା କର ଧାର୍ଯ୍ୟ ହେଲା । ସ୍କୁଲ୍ ଫିସ୍ ମଧ୍ୟ ଏକ ଅଣା ସ୍ଥଳେ ଦୁଇ ଅଣା ହେଲା । ଆଉ ମଧ୍ୟ ଯେଉଁମାନେ ଷ୍ଟେଟ୍ ଗୃହ ଛପରବନ୍ଦ କରିବାକୁ ଅନିଚ୍ଛୁକ ହେଲେ, ସେମାନଙ୍କ ଉପରେ ଅଧିକା (ଘର ପ୍ରତି) ତିନ ଅଣା କର ଧାର୍ଯ୍ୟ କରାଗଲା । ଏ ବନ୍ଦୋବସ୍ତରେ ମୁଦ୍ରିତ ପଟ୍ଟାମାନ ଉପରୋକ୍ତ ସର୍ତ୍ତ ସହିତ ଗ୍ରାମର ପ୍ରଧାନମାନଙ୍କୁ ଦିଆ ଯାଇଥିଲା ।

କୃଷିକାର୍ଯ୍ୟ ଆଦିମ ଜାତିଙ୍କ ଭ୍ରମଣଶୀଳ ଲକ୍ଷଣ ଏ ପର୍ଯ୍ୟନ୍ତ ଭୂୟାଁମାନଙ୍କ ମଧ୍ୟରେ ରହିଅଛି । ଗୋଟିଏ ତଏଲରୁ ବଳ ଗୁଳିଗଲେ ସେମାନେ ତାହା ପରିତ୍ୟାଗ କରି ନୂତନ ତଏଲ ଆବାଦ କରନ୍ତି । ଆଉ ମଧ୍ୟ ପ୍ରାୟ ପ୍ରତି ୨୦ ବର୍ଷ ପରେ ଏକ ସ୍ଥାନରୁ ଅନ୍ୟସ୍ଥାନକୁ ଗ୍ରାମ ପରିବର୍ତ୍ତନ କରନ୍ତି । ସେମାନଙ୍କର କୃଷି କେବଳ ପାହାଡ଼ ପାର୍ଶ୍ୱସ୍ଥ ତଏଲ ଉପରେ ନିର୍ଭର କରେ । ଏହି ତଏଲ ସାଧାରଣତଃ ୩ବର୍ଷ ଚାଷ କରାଯାଏ । ପ୍ରଥମ ବର୍ଷ ନାନା ପ୍ରକାର ରବି ଫସଲ, ଦ୍ୱିତୀୟ ବର୍ଷ ଧାନ ଓ ତୃତୀୟ ବର୍ଷ ବୃହତ୍ ଶାକଶବଜୀ ଆଦି ଶସ୍ୟ ହୁଏ ।

ଏହା ସ୍ୱାଭାବିକ ଯେ ଯେଉଁଠାରେ ଏକ ପ୍ରକାର କୃଷି ହୁଏ ସେଠାରେ କ୍ଷତି ଅନିବାର୍ଯ୍ୟ । ପୁରାତନ ଜଙ୍ଗଲମାନ ମଧ୍ୟ ଧ୍ୱଂସ ପ୍ରାପ୍ତ ହୁଏ । ଏଣୁ ଭୂୟାଁପୀଢ଼ମାନଙ୍କରେ ଭ୍ରମଣ କଲାବେଳେ ପାହାଡ଼ମାନ ଅନାବୃତ ଦେଖାଯାଏ । କୌଣସି କୌଣସି ଗ୍ରାମରେ ଅଳ୍ପ ପରିମାଣରେ ଶାରଦ ଜମି ଦେଖାଯାଏ । ମାତ୍ର ସେ ସବୁ ପୁରାତନ ରୀତିରେ ଆବାଦ ହୋଇଥାଏ । ସାଙ୍ଗରେ ଅର୍ଥାତ୍ ଏକରୁ ଅଧିକ ଲୋକ ମିଳି କୌଣସି ଜମି ଚାଷ କରନ୍ତି ନାହିଁ । ପ୍ରତ୍ୟେକେ ନିଜ ନିଜ ଜମି ଚଷନ୍ତି । ସେମାନେ ନିଜକୁ ରଇତ ବା ଅନ୍ୟ କାହାକୁ ଜମିଦାର ବୋଲି ସ୍ୱୀକାର କରନ୍ତି ନାହିଁ । ସେମାନଙ୍କ ପୂର୍ବପୁରୁଷମାନେ ଯେଉଁ ଜମି ଅଧିକାର କରିଥିଲେ, ସେମାନେ ତହିଁର ସ୍ୱତ୍ୱାଧିକାରୀ ବୋଲି ଜ୍ଞାନ କରନ୍ତି ।

ଏକ ଗ୍ରାମର ଜମି ବିବାଦରେ ଅନ୍ୟ ଗ୍ରାମ ବା ଏକ ଗ୍ରାମ ମଧ୍ୟରେ ଜଣକର ଜମି ଅନ୍ୟ କେହି ଚାଷ କଲେ ତାହା ପୂର୍ବ ଦଖଲକାରୀକୁ ଛାଡ଼ି ଦିଆଯାଏ । ପ୍ରତ୍ୟେକ ଗ୍ରାମରେ ଜମି ଏତେ ଅଧିକ ରହିଥାଏ ଯେ ତାହାର ଦଶମାଂଶ ଆବାଦ ହୋଇ ପାରେ

ନାହିଁ । ଯଦି କୌଣସି ଜମିରେ ବିବାଦ ଉପସ୍ଥିତ ହୁଏ, ତାହା ଆପଣା ଆପଣା ମଧ୍ୟରେ ମୀମାଂସା କରିଥାନ୍ତି । ଯେଉଁ ଜମି ନିଜର ବା ଅନ୍ୟ କାହାର ନୁହେଁ, ଲୋକ ଅଭାବରୁ ପଡ଼ିଆ ରହିଅଛି, ସେ ଜମିକୁ କେହି ଚାଷ କରିବାର ଇଚ୍ଛା କଲେ ଗ୍ରାମର ପଞ୍ଚାୟତଙ୍କ ଅନୁମତି ନେଇ ଆବାଦ କରେ । ସେମାନଙ୍କ ପୈତୃକ ସ୍ଥାବର ସମ୍ପତ୍ତି ଅଧିକାର ବିଷୟକ ଆଇନରୁ ନିଶ୍ଚୟ କରାଯାଏ ଯେ ଯେଉଁ ଲୋକ ଜମି ଆବାଦ କରିପାରେ ନାହିଁ, ସେ ଲୋକର ଜମିରେ ଅଧିକାର ରହେ ନାହିଁ ।

ଚାଷର ଉପକରଣ ଓ ଚାଷ ଜମି ପୁତ୍ରପୌତ୍ରାଦି କ୍ରମେ ଦଖଲ କରନ୍ତି । ପୁତ୍ର ନ ଥିଲେ ଜମି ଭାଇମାନେ ଦଖଲ କରନ୍ତି, ମାତ୍ର ଦୁହିତାମାନଙ୍କର ସ୍ଥାବର ସମ୍ପତ୍ତିରେ କିଛି ସ୍ୱତ୍ୱ ନ ଥାଏ । କେବଳ ଅସ୍ଥାବର ସମ୍ପତ୍ତିରେ ସେମାନଙ୍କର ସ୍ୱତ୍ୱ ଥିବାର ବିବେଚନା ହୁଏ । ଭାଇମାନେ କନ୍ୟାମାନଙ୍କ ବିବାହ ପର୍ଯ୍ୟନ୍ତ ଖୋରାକ ପୋଷାକ ଯୋଗାଇବାକୁ ବାଧ୍ୟ ଅଟନ୍ତି । ସେମାନେ ଏତେ ସରଳ ଆଇନ ଓ ପାରିବାରିକ ଶାସନର ଅଧୀନତାରେ ବାସ କରି ଏପରି ଅନେକ ଐକ୍ୟ ଦେଖାନ୍ତି, ଯାହା ପ୍ରତି ଆଧୁନିକ ସଭ୍ୟଜାତିମାନଙ୍କ ହିଂସା ଉଦ୍ରେକ ହୋଇ ପାରେ । ଭୂସମ୍ପତ୍ତି ବା ସାମାଜିକ ରୀତିର ପୂର୍ବ ପ୍ରଚଳିତ ପ୍ରଥାର ବ୍ୟତିକ୍ରମ ହେଲେ ସେମାନେ ତାହା ରକ୍ଷା କରିବା ବିଷୟରେ ଦୃଢ଼ ପରିକର ହୁଅନ୍ତି । କେହି ତାହା ସଂସ୍କାର କରିବାକୁ ଗଲେ ସେମାନଙ୍କର ନିତାନ୍ତ ଅପ୍ରିୟ ହୋଇ ପଡ଼େ । କିନ୍ତୁ କର୍ଣ୍ଣେଲ ଜନ୍‌ସନ୍ ଓ ଏଚ୍. ପି. ଓଆଲି ସାହେବଙ୍କ କାର୍ଯ୍ୟ ଅତି ଆଶ୍ଚର୍ଯ୍ୟଜନକ ଫଳ ଦେଖାଇଛି । କର୍ଣ୍ଣେଲ ଜନ୍‌ସନ୍ ପ୍ରଥମେ ସେମାନଙ୍କ ଭାଷା ବୁଝିପାରୁ ନ ଥିଲେ । ଓଆଲି ସାହେବ ମଧ୍ୟ ଯେତେବେଳେ ଆସିଲେ, ସେ ସେମାନଙ୍କ ଆଚାର ବ୍ୟବହାର ବିଷୟରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିଲେ । କିନ୍ତୁ ଉଭୟ ସାହେବ ଭୂୟାଁମାନଙ୍କ ଅଦ୍ଭୁତ ସ୍ୱଭାବ ଉପରେ ଆସ୍ଥା ପ୍ରଦର୍ଶନ କରି ସେମାନଙ୍କର ବିଶ୍ୱାସ ଭାଜନ ହୋଇଥିଲେ । ଏପର୍ଯ୍ୟନ୍ତ ସେ ଉଭୟ ସାହେବଙ୍କ ନାମକୁ ସେମାନେ ପ୍ରତିଦିନ ଗୀତରେ ସ୍ଥାନ ଦେଇଅଛନ୍ତି ଓ ସେମାନଙ୍କର ମଙ୍ଗଳକାରୀ ବୋଲି କହୁଥାନ୍ତି ।

କୌଣସି କର୍ମଚାରୀର ବ୍ୟକ୍ତିଗତ କ୍ଷମତା ପ୍ରଦର୍ଶନ କିମ୍ବା ନିଜ ନିଜ କଥା ବା ଆଦେଶରେ ଅସ୍ଥାୟିତ୍ୱ କିମ୍ବା ଧୂର୍ତ୍ତତା କଥା ଅଥବା ସନ୍ଦେହପୂର୍ଣ୍ଣ ବ୍ୟବହାର ଦେଖିଲେ ଭୂୟାଁମାନେ ତାହା ପ୍ରତି ଶ୍ରଦ୍ଧା ବା ଭକ୍ତି ରଖନ୍ତି ନାହିଁ ।

ଏପ୍ରକାର ରାଜସ୍ୱ ବନ୍ଦୋବସ୍ତ ଓ ଜମି କଳହ ମୀମାଂସା ପାହାଡ଼ିଆ ଭୂୟାଁମାନଙ୍କ (ଅର୍ଥାତ୍ ଯେଉଁମାନେ ଭୂୟାଁପୀଢ଼ରେ ବାସ କରନ୍ତି) ମଧ୍ୟରେ ପ୍ରଚଳିତ ଅଛି । ମାତ୍ର ଯେଉଁମାନେ ଦଣ୍ଡପାଟରେ (ପ୍ରଗନା) ଅନ୍ୟାନ୍ୟ ଜାତି ସହ ବାସ କରନ୍ତି, ସେମାନେ ଅନ୍ୟାନ୍ୟ ଜାତିଙ୍କ ପରି ପ୍ରଚଳିତ ନିୟମାନୁସାରେ ଖଜଣା ଦିଅନ୍ତି । ଖଜଣା ବ୍ୟତୀତ ସବୁ ସମ୍ପ୍ରଦାୟର ଭୂୟାଁମାନେ ଦୁଇ ବର୍ଷରେ ରଥ ତିଆରି ସକାଶେ କାଠ ଓ ରଥଟଣା ସକାଶେ ଲଙ୍ଗରେ ତିଆରି ହୋଇଥିବା ମୋଟ ଦଉଡ଼ି ଯୋଗାନ୍ତି । ପୂର୍ବେ ସେମାନେ

ବନା ପଇସାରେ କାଠ ଓ ଦଉଡ଼ି ଗଡ଼ ପର୍ଯ୍ୟନ୍ତ ବୋହି ଆଣୁଥିଲେ । ବର୍ତ୍ତମାନ ବହନ ସକାଶେ ସେ ନିଜ ଖୋରାକ ପାଆନ୍ତି । ଖଜଣା ଆଦାୟ ପ୍ରଥା ଅତି ସରଳ । ପ୍ରତ୍ୟେକ ପ୍ରଧାନକୁ (ଯେ କି ଷ୍ଟେଟରୁ ପଞ୍ଝା ପାଇଥାଏ) ଜମା ପ୍ରତି ରଇତ ଉପରେ ଯେ ଖଜଣା, ତାହାର ତାଲିକା ଦିଆଯାଏ । ସେ ତାହା ଆଦାୟ କରି ପୀଢ଼ ସରଦାର ଜିମା ଦିଏ । ପୀଢ଼ ସରଦାର ମଧ୍ୟ ପ୍ରତି ମୌଜାର ଯାହା ପ୍ରାପ୍ୟ ତାହାର ତାଲିକା ପାଇଥାଏ । ତାହାର ପୀଢ଼ ମଧ୍ୟସ୍ଥ ସମସ୍ତ ମୌଜାମାନଙ୍କର ଖଜଣା ଆଦାୟ ହେଲେ ସେ ନିଜେ ଆସି ଖଜଣାଖାନାରେ ଖଜଣା ଦାଖଲ କରେ । ସରଦାର ଓ ପ୍ରଧାନ ଷ୍ଟେଟ ତରଫରୁ ମନୋନୀତ ହୁଅନ୍ତି । କିନ୍ତୁ ସେଥିକୁ ଦାବୀ ବିଷୟରେ ଗ୍ରାମବାସୀମାନଙ୍କ ମତ ଆଲୋଚନା କରାଯାଏ ।

ମନୋନୀତ ହେବାର ଚିହ୍ନ ସ୍ୱରୂପ ସରଦାର ଓ ପ୍ରଧାନ ରାଜାଙ୍କଠାରୁ ଶାଢ଼ୀ ବା ଶିରୋପା ପାନ୍ତି । ଏହି କାର୍ଯ୍ୟ ପାଇଁ ସେମାନେ ମାଲିକାନା (କମିଶନ) ଅତି ସାମାନ୍ୟ ପାଆନ୍ତି । ମାତ୍ର ସେଥିପ୍ରତି ସେମାନେ ଅସ୍ଥା ରଖନ୍ତି ନାହିଁ ।

ସେମାନେ ଯେଉଁ ଧାନ ଫସଲ ଅମଳ କରନ୍ତି, ତାହା ଅଳ୍ପ ଦିନରେ ଶେଷ ହୋଇଯାଏ । ଅନ୍ୟାନ୍ୟ ଫସଲରେ ଗୁଞ୍ଜାଲ ବଦଳାଇ ବର୍ଷ ଶେଷ ପର୍ଯ୍ୟନ୍ତ ଚଳନ୍ତି । ଭାତ ସେମାନଙ୍କର ପ୍ରଧାନ ଖାଦ୍ୟ ନୁହେଁ । ମଧ୍ୟେ ମଧ୍ୟେ ଆମୋଦପ୍ରମୋଦ ପାଇଁ ଭୋଜି କିମ୍ବା ଉତ୍ସବାଦିରେ ଭାତ ରାନ୍ଧି ଖାଇବାକୁ ଦିଅନ୍ତି, ସେମାନେ ବନଜାତ ଫଳମୂଳ ଓ ଶାକପତ୍ରାଦିରେ ଜୀବିକା ନିର୍ବାହ କରନ୍ତି ।

ଧର୍ମ

ଭୂମିଆମାନେ ବ୍ୟବହାରତଃ ଶକ୍ତି ଉପାସକ ଅଟନ୍ତି । ପୃଥିବୀ, ଜଳ ଏବଂ ଆକାଶରେ ସେମାନଙ୍କର ଅସଂଖ୍ୟ ଦେବଦେବୀ ଅଛନ୍ତି । କେହି ବିନା ବଳିରେ ସନ୍ତୁଷ୍ଟ ହୁଅନ୍ତି ନାହିଁ, ସେମାନଙ୍କୁ ସନ୍ତୁଷ୍ଟ ନ କଲେ ସେମାନେ ବିପଦ ଘଟାନ୍ତି । ସେମାନଙ୍କର ଧର୍ମାନୁଷ୍ଠାନ ଅଧିକାଂଶ ଅନ୍ୟାନ୍ୟ ଅନାର୍ଯ୍ୟମାନଙ୍କ ତୁଲ୍ୟ ଅଟେ । କେତେକ ବିଷୟ ସେମାନେ ହିନ୍ଦୁମାନଙ୍କଠାରୁ ଅନୁକରଣ କରି ଅଛନ୍ତି ।

ଦେବତାମାନଙ୍କ ମଧ୍ୟରେ ନିମ୍ନୋକ୍ତ ଦଶ ଗୋଟି ପ୍ରଧାନ । ଯଥା—୧—ବୋଧୁମ୍, ୨—ଗସାଇ, ୩—ବଡ଼ରାଉ ପାଟ, ୪—ସେନ୍ଦ୍ର ପାଟ, ୫—ବୈତରଣୀ ପାଟ, ୬—ଲକ୍ଷ୍ମୀ ପାଟ, ୭—ମଣ୍ଡଳ ପାଟ, ୮—ମହାଠାକୁରାଣୀ, ୯—ଖଣ୍ଡ୍ୟାଲ ବାଗିଆ ଏବଂ ୧୦—ପିଥୁଳ ପାଟ । ଏମାନେ ଜଙ୍ଗଲ ଏବଂ ଗ୍ରାମରେ ବାସ କରନ୍ତି ବୋଲି ସେମାନଙ୍କର ବିଶ୍ୱାସ ।

ସେମାନେ ସର୍ବପ୍ରଥମେ ପୃଥିବୀ ଦେବୀର ପୂଜା କରନ୍ତି । ତାହା ପରେ ତାଙ୍କର ସୂର୍ଯ୍ୟ ବାଘ ଦେବତା ଓ ଶସ୍ୟ ଦେବତାଙ୍କୁ ସ୍ଥାନ ଦିଅନ୍ତି । ଦ୍ୱିତୀୟରେ ଗ୍ରାମ ଦେବତା, ଜଳ ଦେବତା, ଅରଣ୍ୟ ଦେବତା, ବାୟୁ ଦେବତା ଓ ବୃଷ୍ଟି ଦେବତାମାନେ ସ୍ଥାନ ପାଆନ୍ତି । ଏମାନଙ୍କ ସଙ୍ଗେ ପର୍ବତ ଦେବତା ମଧ୍ୟ ପୂଜା ପାଆନ୍ତି । ଗ୍ରାମର ଦେହୁରୀଦ୍ୱାରା ପ୍ରତ୍ୟେକ

ଉପରେ ସେମାନଙ୍କର ପିତୃ ଦେବତା ସ୍ଥାପିତ ହୁଅନ୍ତି । ବଡ଼ ବଡ଼ ଶାଳଗଛ ତଳେ ଉପରୋକ୍ତ ଦେବତାମାନଙ୍କର ନିଦର୍ଶନ ରୂପେ ପଥର ଖଣ୍ଡେ କିମ୍ବା କାଠର ମୁଣ୍ଡିଆଟିଏ ରଖା ହୋଇ ସିନ୍ଦୂରଦ୍ୱାରା ଚର୍ଚ୍ଚିତ ହୋଇ ରଖା ହୋଇଥାଏ । ସେମାନଙ୍କର ଦେବତା-ମାନଙ୍କ ମଧ୍ୟରୁ କେତେକ ଅନ୍ୟ ସ୍ଥାନରୁ ଆଣୀତ ହେଲେ ମଧ୍ୟ ନିଜ ଜାତୀୟ ଦେହୁରୀ ସେମାନଙ୍କୁ ପୂଜା କରେ । ଦେହୁରୀମାନେ ପୁରୁଷାନୁକ୍ରମେ ଗ୍ରାମର ପୌରୋହିତ୍ୟ ଓ ଦେବତା ପୂଜା କରନ୍ତି । ସେମାନଙ୍କ ବଂଶ ମଧ୍ୟରେ ସମସ୍ତେ ଦେହୁରୀ ସଂଜ୍ଞା ଧାରଣ କରନ୍ତି, ମାତ୍ର ଯେଉଁମାନେ ଉପଯୁକ୍ତ ବିବେଚିତ ହୁଅନ୍ତି, ସେମାନେ ପୂଜକ ହୁଅନ୍ତି । ପୂଜକ ଦେହୁରୀ ଆପଣା ସମ୍ପ୍ରଦାୟର ଯେ କୌଣସି ଭୂୟାଁର କନ୍ୟାକୁ ବିବାହ କରି ପାରେ ଏବଂ ଆପଣା ଇଚ୍ଛାନୁସାରେ ଦେହୁରୀ କାର୍ଯ୍ୟ ତ୍ୟାଗ କରି ପାରେ ।

ବ୍ୟାଘ୍ରଚର୍ମ ଓ ଉଇହୁଙ୍କାର ମାଟି ଏକାଠି ଧରି ହଲପ ବା ଶପଥ କରାଯାଏ । କୌଣସି ବିଷୟ ପ୍ରମାଣ କରିବାକୁ ହେଲେ ଏହା ଶେଷ ଉପାୟ ଅଟେ । ଏ ପ୍ରକାରର ଶପଥରେ କେହି କିଛି ଗୋପନ କରି ପାରେ ନାହିଁ । ପ୍ରକୃତ ସତ୍ୟ କହିବାକୁ ବାଧ୍ୟ ହୁଏ, କାରଣ ଉକ୍ତ ଚର୍ମ ଧରି ମିଛ କହିଲେ ଅଳ୍ପ ଦିନ ମଧ୍ୟରେ ବାଘ ମୁହଁରେ ପଡ଼ିବାକୁ ହୁଏ ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ । ଜଳ ଓ ଅଗ୍ନି ପରୀକ୍ଷାଦ୍ୱାରା ଯେ ନିଷ୍ପତ୍ତି ହୁଏ, ତାହା ଶେଷ ବୋଲି ବିବେଚିତ ହୁଏ । ଫୁଟୁଥିବା ଗୋବର ପାଣିହାଣ୍ଡିରେ ହାତ ବୁଡ଼ାଇ ଗୋଟିଏ ତାମ୍ର ମୁଦ୍ରା ଯେ ବାହାର କରି ଆଣି ପାରେ, ଅଥଚ ତାହାର ହାତ ଫୋଟକା ନ ହୁଏ, ସେ ନିର୍ଦ୍ଦୋଷ ବୋଲି ବିଶ୍ୱାସ କରାଯାଏ; କିମ୍ବା ଦୋଷୀ ଏକ ହାତ ଅନ୍ତରରେ ଲଗିଥିବା ବାରଗୋଡ଼ ବିଶିଷ୍ଟ ଓ ତେରେଛା ହୋଇ ଧରାହୋଇଥିବା ନିଶୁଣି ଉପରେ ଉଠି ଉପରୁ ତଳେ ଖୋଳା ହୋଇ ଥିବା ଗୋଲକୁଣ୍ଡ ଗାତ ମଧ୍ୟରେ ଶିର ଢାଳ ଦେଇ ପାରିଲେ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୁଏ । ଉକ୍ତ ଗର୍ତ୍ତ ପୂର୍ବରୁ ପ୍ରତିଷ୍ଠା ହୋଇଥାଏ । ସର୍ବୋପରି ଭୟାନକ ପରୀକ୍ଷା ଏହି ଯେ, ପ୍ରତ୍ୟେକ ହାତ ପାପୁଲିରେ ସାତ ଗୋଟି ଲେଖାଏ ଅଶ୍ୱତ୍ଥ ପତ୍ର ରଖି ମଧ୍ୟରେ ଅଧସେର ଓଜନର ଉତ୍ତପ୍ତ ରକ୍ତ ବର୍ଣ୍ଣ ଖଣ୍ଡେ ଲୁହା ଧରି ଖଣ୍ଡେ ଲଇ ବାଟରେ ସାତ ବେଢ଼ ଗୋଲ ଗଲେ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୁଏ । ଯେ ନ ପାରେ ସେ ଗ୍ରାମରୁ ବିତାଡ଼ିତ ହୋଇ ଜାତି କିମ୍ବା ଗୃହ ମାଲିକ କୁଳରେ ପୃଥକ୍ ହୋଇ ଘର କରି ରହେ । କିମ୍ବା ତାହାର କଳଙ୍କ ଲିପ୍ତ ହେବା ଆଶାରେ ଅନ୍ୟ ଜଙ୍ଗଲରେ ଯାଇ ବାସ କରେ । ସେମାନଙ୍କ ଧର୍ମ ବନ୍ଧନ ଅତି କଠୋର ଏବଂ ସେମାନେ ସେ ପ୍ରକାର ବଶବର୍ତ୍ତୀ ହୋଇ ଚଳିବାକୁ ବାଧ୍ୟ ଅଟନ୍ତି ।

ଗ୍ରାମଦେବତାମାନଙ୍କର ପୂଜା ପ୍ରଣାଳୀ ଅବଲୋକନ କଲେ ଦର୍ଶନାର୍ଥୀମାନଙ୍କର ଦୁର୍ଲଭ ଲାଭ ହେବ । ସେମାନଙ୍କ ମଧ୍ୟରୁ କେହି ଉକ୍ତ ପୂଜା କାର୍ଯ୍ୟ ଯଥାବିଧି ସମ୍ପନ୍ନ ନ କଲେ ଦଣ୍ଡିତ ଓ ପତିତ ହୁଏ ।

ସ୍କଟଲଣ୍ଡ ଦେଶରେ ଫେୟାରୀ କ୍ରସ * (Fairy Cross)ଦ୍ୱାରା ଅଳ୍ପ ସମୟ ମଧ୍ୟରେ ଯେପରି ଯୁଦ୍ଧାର୍ଥ ସୈନ୍ୟ ଏକତ୍ର କରାଯାଏ, ସେହିପରି ଭୂୟାଁମାନେ ଗୋଟିଏ ସ୍ୱତନ୍ତ୍ର ଉପାୟ ଦ୍ୱାରା ଉକ୍ତ କାର୍ଯ୍ୟ ସମ୍ପନ୍ନ କରନ୍ତି । କିମ୍ବା କୌଣସି ବିଶେଷ କାର୍ଯ୍ୟ ଉପଲକ୍ଷରେ ସମସ୍ତ ଭୂୟାଁ ଦେଶର ଲୋକମାନେ ଏହିପରି ଏକତ୍ର ହୁଅନ୍ତି । ନିକଟବର୍ତ୍ତୀ ଭିନ୍ନ ଭିନ୍ନ ଗ୍ରାମରୁ କେତେ ଜଣ ପ୍ରତିନିଧି ଏକତ୍ର ହେଲେ ତାହାକୁ ମହାଦେଶ ବୋଲାଯାଏ । ଉକ୍ତ ମହାଦେଶ ପ୍ରଥମେ ଦେହୁରୀଦ୍ୱାରା ଗଠନ କରାଯାଏ । ପରେ ଶିଆଳି ଲଇ ଅଣାଯାଇ ଗୋଟିଏ ସରୁ ଦଉଡ଼ି ବଳା ହୁଏ । ପ୍ରଥମେ ମହାଠାକୁରାଣୀ, ଦ୍ୱିତୀୟରେ ମହାରାଜା ଏବଂ ତୃତୀୟରେ ମହାଦେବୀଙ୍କ ନାମରେ ତିନିଗୋଟି ଗଣ୍ଠି ପଡ଼େ, ଆଉ ମଧ୍ୟ ଯେତେ ଦିନ ମଧ୍ୟରେ ଏକତ୍ର ହେବାକୁ ହେବ, ସେତିକି ଗୋଟି ଛୋଟ ଛୋଟ ଗଣ୍ଠି ଦିଆଯାଇ ଆହ୍ୱାନର ଚିହ୍ନ ସ୍ୱରୂପ ତାହା ଅନ୍ୟ ଗ୍ରାମକୁ ନେଇ ଯିବା ପାଇଁ ଗୋଟିଏ ଯୁବକକୁ ଦିଆଯାଏ । ସେ ତାହା ନେଇ ନିକଟବର୍ତ୍ତୀ ଗ୍ରାମରେ ପହଞ୍ଚି ପ୍ରଥମେ ଯେଉଁ ଲୋକକୁ ଦେଖେ ତାହାକୁ ଦିଏ । ସେ ପାଇଲା ମାତ୍ରେ ଦ୍ରୁତ ବେଗରେ ତାହା ଅନ୍ୟ ଗ୍ରାମକୁ ନେଇଯାଏ । ଏହିପରି କେତେକ ଘଣ୍ଟା ମଧ୍ୟରେ ତାହା ସମସ୍ତ ଭୂୟାଁଗ୍ରାମ-ମାନଙ୍କର ଦୂରତା ଦୃଷ୍ଟିରେ ଏକରୁ ଅଧିକ ଉକ୍ତ ପ୍ରକାର ଗଣ୍ଠିଯୁକ୍ତ ଶିଆଳି ଦଉଡ଼ି ଏକ ସମୟରେ ଭିନ୍ନ ଦିଗକୁ ପଠାଯାଏ ।

ଦଶହରା କିମ୍ବା ରଥଯାତ୍ରା ପ୍ରଭୃତି ହିନ୍ଦୁମାନଙ୍କ ଧର୍ମୋତ୍ସବରେ ଭୂୟାଁମାନେ ଆମୋଦପ୍ରମୋଦ ପାଇଁ ଯାତ୍ରା ଦେଖିବା ଅଭିପ୍ରାୟରେ ଆସନ୍ତି । କିନ୍ତୁ ଧର୍ମଗତ ଭାବ ସେମାନଙ୍କ ହୃଦୟରେ ନ ଥାଏ ।

ହିନ୍ଦୁମାନଙ୍କ ଉତ୍ସବର ରୀତିନୀତିରୁ ସମ୍ପୂର୍ଣ୍ଣ ପୃଥକରୂପେ ସେମାନଙ୍କର ଦୁଇଗୋଟି ଉତ୍ସବ ଅତି ଧର୍ମଗତ ଭାବରେ ଓ ଆଡ଼ମ୍ବର ସହକାରେ ସମ୍ପାଦିତ ହୁଏ । ପ୍ରଥମଟି ମାଘମାସ ମଧ୍ୟରେ ଯେ କୌଣସି ଦିନ ଗୋଟିଏ ଗ୍ରାମରେ 'ମାଘ'ପୋଡ଼ି ଉତ୍ସବ ହୁଏ । ଏକ ଦିନରେ ସମସ୍ତ ଗ୍ରାମରେ ଉତ୍ସବ ନ ହେବାର ଅଭିପ୍ରାୟ ଏହି ଯେ ଏକ ଗ୍ରାମର ଲୋକେ ଅନ୍ୟ ଗ୍ରାମର ଉତ୍ସବରେ ଯୋଗ ଦେଇ ପାରିବେ ନାହିଁ ।

ଏ ଉତ୍ସବରେ ଭୂୟାଁମାନେ ବ୍ୟଭିଚାର ଓ ମଦ୍ୟପାନର ଅତିଶୟ ପ୍ରଶ୍ରୟ ଦିଅନ୍ତି । ଦେବତାଙ୍କ ତୃପ୍ତି ପାଇଁ ଅଶ୍ଳୀଳ ଭାଷାରେ ପରିହାସବ୍ୟଞ୍ଜକ ଗାନ ଆବଶ୍ୟକ ବୋଲି ମନେ କରାଯାଏ । ପୁଣି ସେମାନେ କର୍ଦ୍ଦମାଦି ନାନାପ୍ରକାର କଦର୍ଯ୍ୟ ପଦାର୍ଥରେ ଲିପ୍ତ ହୋଇ ଅତି କଦାକାର ବେଶ ଧାରଣ କରନ୍ତି । ସ୍ତ୍ରୀମାନେ ମଦ୍ୟପାନ ନ କଲେ ସୁଦ୍ଧା ଉକ୍ତ ପ୍ରକାର କଦାକାର ବେଶ ଧାରଣ କରି ଅଶ୍ଳୀଳ ଗାନରେ ଯୋଗ ଦିଅନ୍ତି । ଧାଙ୍ଗିଡ଼ୀ-ମାନେ (ଅବିବାହିତା ଯୁବତୀ) ଅଧିକାଂଶ ସମୟ ଏଥିରେ ଲିପ୍ତ ହୁଅନ୍ତି । ଏହି ଉତ୍ସବ

---

* ସ୍କଟଲଣ୍ଡରେ ବିଦ୍ରୋହ ଉପସ୍ଥିତ ହେଲେ ଦେଶର ସମସ୍ତ ଲୋକ ଅସ୍ତ୍ରଶସ୍ତ୍ର ସହ ଶୀଘ୍ର ଏକତ୍ର ହେବା ପାଇଁ ଦୁଇ ଖଣ୍ଡ କାଠ କ୍ରୁଶ ବାନ୍ଧି କରାଯାଇ ଓ ରକ୍ତଦ୍ୱାରା ରଞ୍ଜିତ ହୋଇ ଗ୍ରାମେ ଗ୍ରାମେ ବୁଲାଯାଏ । ଏହା ଆହ୍ୱାନର ଚିହ୍ନ ବୋଲି ସମସ୍ତେ ଜାଣି ଅଚିରେ ଏକତ୍ର ହୁଅନ୍ତି ।

ଭଜନ ଗାନ କରାଯାଏ । ଏହି ଭଜନଗାନ ମଧ୍ୟରେ ନିଜ ସମ୍ପର୍କୀୟ କିମ୍ବା ସ୍ୱାମୀ ସ୍ତ୍ରୀ ମଧ୍ୟରେ ଲଜ୍ଜା କିମ୍ବା ସମ୍ମାନ ରହେ ନାହିଁ । ଏହି ଭଜନ ମଧ୍ୟରେ ଅଶ୍ଳୀଳ ଭାଷାରେ ସହବାସ ବାର୍ତ୍ତିକ କଥାବାର୍ତ୍ତା ହୁଅନ୍ତି ।

ଫସଲ ଅମଳ ଶେଷରେ "କରମା" ଉତ୍ସବ ହୁଏ । ଏଥିରେ ମଧ୍ୟ ବ୍ୟଭିଚାର, ମଦ୍ୟପାନ ଓ ଅଶ୍ଳୀଳ ଗାନ ସୁବିଧାରେ ହୁଏ । ଭେଲିଁ ଫସଲ ଅମଳ ହେଲା ତାହା ସେମାନଙ୍କର ବର୍ଷକ ପାଇଁ ସେମାନେ ଏ ଉତ୍ସବ କରିଥାନ୍ତି । କରମା ନାମକ ଗଛର ଡାଳ ଦୁଇଖଣ୍ଡି ରାଜା ଓ ରାଣୀ ନାମରେ ଏକଠି ଭୂମିରେ ପୋତି ସେମାନଙ୍କର ପରସ୍ପର ବିବାହ ଉତ୍ସବ ସମ୍ପାଦନ କରନ୍ତି । ସାପ ଓ ପକ୍ଷୀ ଧରି ନେଇ ଆଣାଯାଏ । ସାପମାନଙ୍କ ଦୁଇପାଟି ଫୋଡ଼ି ନେଇ ସିଲାଇ କରାହୁଏ ଯେପରି ସେମାନେ କାମୁଡ଼ି ପାରିବେ ନାହିଁ । ଏହାପରେ ସେମାନଙ୍କୁ ସ୍ତ୍ରୀମାନଙ୍କ ମଧ୍ୟକୁ ଛାଡ଼ି ଦିଆଯାଏ । ପକ୍ଷୀମାନଙ୍କୁ ଡାଳମାନଙ୍କରେ ବାନ୍ଧି ତୀର ଏବଂ ପଥର ମାରି ବଧ କରାଯାଏ । ଏ ଦୁଇଗୋଟି ଉତ୍ସବ ଛଡ଼ା ହିନ୍ଦୁମାନଙ୍କଠାରୁ ଗୃହୀତ ରାକ୍ଷୀ ପୂର୍ଣ୍ଣିମା ଉତ୍ସବ ମଧ୍ୟ କରନ୍ତି । ଏଥିରେ ମଧ୍ୟ ପୂର୍ବପରି ଅଭଦ୍ର ଓ ବଦାଚାର ବ୍ୟକ୍ତିମାନଙ୍କର ଅଭିନୟ ହୁଏ । ହିନ୍ଦୁମାନଙ୍କ ପରି ସେମାନଙ୍କର କୌଣସି ଉତ୍ସବର ନିର୍ଦ୍ଦିଷ୍ଟ ଦିନ ନାହିଁ । ଯେଉଁଦିନ ସୁବିଧା ମନେ କରନ୍ତି ସେହି ଦିନଠାରୁ ଉତ୍ସବ ଆରମ୍ଭ କରନ୍ତି । ମାତ୍ର ଯେଉଁ ଉତ୍ସବ ଯେତେ ଦିନ ହେବ, ତାହା ନିର୍ଦ୍ଦିଷ୍ଟ ଥାଏ ।

ଏହିସବୁ ଉତ୍ସବମାନଙ୍କରେ ଲୋକ ସଙ୍ଗେ ସଙ୍ଗେ ମଦ୍ୟପାନ ଓ ନୃତ୍ୟ ଯଥେଷ୍ଟ ପରିମାଣରେ ହୁଏ । ଆହୁରି ମଧ୍ୟ ଧାଙ୍ଗଡ଼ା ଓ ଧାଙ୍ଗଡ଼ୀମାନଙ୍କର ଯାହାର ଯାହାକୁ ବିବାହ କରିବାର ଇଚ୍ଛା ଥାଏ, ସେ ଏହି ଉତ୍ସବ ସମୟରେ ପ୍ରକାଶ କରେ ।

ଶିକାର ଉତ୍ସବରେ (ଓଲିଜ ପାର୍ବଣ) ସମସ୍ତ ପୁରୁଷ ବ୍ୟକ୍ତି ଯୋଗ ଦେବାକୁ ବାଧ୍ୟ ହୁଅନ୍ତି । ଏହା ଦଳ ବାନ୍ଧି କରାଯାଏ, ପ୍ରତ୍ୟେକ ଗ୍ରାମରେ ଆପଣାର ସ୍ୱତନ୍ତ୍ର ବାଦ୍ୟପାଇଁ ପାଣମାନଙ୍କୁ ରଖିଥାନ୍ତି ।

କୌଣସି ଜନ୍ତୁ ଶରବିଦ୍ଧ ହୋଇ ପଳାଇ ଗଲେ ସେମାନେ କ୍ଳାନ୍ତିହୀନରେ ଯେତେଦୂର ହେଉପଛକେ ତାହାର ପାଦ ଚିହ୍ନାଦି ଅନୁସରଣ କରି ତାକୁ ଶେଷରେ ଧରନ୍ତି । ପ୍ରତ୍ୟେକ ଶିକାର ଗ୍ରାମର ପ୍ରଧାନ ଘର ନିକଟକୁ ବହି ନିଆଯାଏ । ଯେଉଁ ଲୋକ ଜନ୍ତୁଟି ମାରିଥାଏ, ପ୍ରଧାନ ତାହାକୁ ଖଣ୍ଡେ ଲୁଗା ପୁରସ୍କାର ଦିଏ । ଯେ ଯେପରି ଜନ୍ତୁ ମାରେ ତଦନୁସାରେ ସେହିପରି ଲମ୍ବା ଓ ମୂଲ୍ୟର ଲୁଗା ପାଏ । ଗୋଟିଏ ବାଘ ମାରିଲେ ୧୨ ହାତ ଲମ୍ବା ଲୁଗା ମିଳେ । ସ୍ତ୍ରୀମାନେ ଶିକାର ଜନ୍ତୁର ପାଦ ହଳଦୀ ପାଣିରେ ଧୋଇ ଦିଅନ୍ତି । ତାହାପରେ ଗ୍ରାମ ବାହାରକୁ ନେଇ କାଟି ଖଣ୍ଡେ (ପଛ ଗୋଡ଼ରୁ ଗୋଟିଏ) ଶାନ୍ତ ଓ ଚର୍ମଟି ପ୍ରଧାନଙ୍କୁ ଦେଇ ଅବଶିଷ୍ଟ ଗ୍ରାମ ମଧ୍ୟରେ ବାଣ୍ଟି ଦିଅନ୍ତି । ଏକ ଗ୍ରାମର ଶରଦ୍ୱାରା ଖଣ୍ଡିଆ ହୋଇଥିବା ଜନ୍ତୁ ଅନ୍ୟ ଗ୍ରାମରେ ମାଡ଼ ଖାଇଲେ ଯଦି

ସେମାନେ ତାକୁ ଗୋପନ କରନ୍ତି ଓ ପୁର୍ବ ବାଣୁଅ ତାହା ଜାଣିପାରେ, ତେବେ ଦେଶ ମଧ୍ୟରେ ସଙ୍ଗ ହୋଇ ବିଗ୍ରହ କରାଯାଏ ଏବଂ ଗୋପନକାରୀ ଦୋଷୀ ବୋଲି ପ୍ରମାଣିତ ହୁଏ ।

ରୋଗ ମାନେ ଦେବତାର ଅଭିଶାପ ବୋଲି ଜ୍ଞାନ କରାଯାଏ ଏବଂ ଅନେକ ସେ ଦେବତାଙ୍କୁ ତୋଷ କରିବାପାଇଁ ଯଥାବିଧି ଅନୁଷ୍ଠାନ ହୁଏ । ରୋଗରେ ସେମାନେ ଔଷଧ ବ୍ୟବହାର କରନ୍ତି ନାହିଁ ।

ଗୋରୁଙ୍କୁ ସେମାନେ ହିନ୍ଦୁମାନଙ୍କ ପରି ପବିତ୍ର ଭାବରେ ଦେଖନ୍ତି । ସେମାନଙ୍କ ମଧ୍ୟରୁ କେହି ଗୋହତ୍ୟା ବା ତାହା ପ୍ରତି ଅତ୍ୟାଚାର କଲେ ପତିତ ହୁଏ । ସେମାନେ ବଳଦ ସହ ଗାଈକୁ ହଳ କଲେ ମଧ୍ୟ ଅଦୌ ଗାଈକୁ ଦୁହଁନ୍ତି ନାହିଁ । କୌଣସି କୌଣସି ଭୂୟାଁ ଆଦୌ ଦୁଗ୍ଧପାନ କରନ୍ତି ନାହିଁ ।

ପରିଶିଷ୍ଟ

ଭୂୟାଁମାନଙ୍କ ଅଶୁର ବ୍ୟବହାରରୁ କେତେକ ପରିମାଣରେ ଅନୁମାନ କରାଯାଏ ଯେ ସଭ୍ୟତା ବୃଦ୍ଧି ସଙ୍ଗେ ସଙ୍ଗେ ଏ ଜାତି ଧ୍ୱଂସପ୍ରାପ୍ତ ହୋଇ ଯାଇପାରେ । ମାତ୍ର ସେସବୁ ବିଶଦଭାବରେ ହୃଦୟଙ୍ଗମ କଲେ ତାହା ଅସମ୍ଭବ ପରି ବୋଧ ହୁଏ ।

ପୂର୍ବୋକ୍ତମତେ ଯେତେବେଳେ ସେମାନେ ଆପଣାର ସ୍ୱତନ୍ତ୍ର ରାଜା କରିବାକୁ ମୟୂରଭଞ୍ଜ ରାଜପୁତ୍ରଙ୍କୁ ଆଣି ରଖିଥିଲେ, ସେ ସମୟରେ ତାହାଙ୍କର ପରିଚର୍ଯ୍ୟା ପାଇଁ କେତେକ ଗୋପାଳ ଆଣି ଆପଣା ଦେଶ ମଧ୍ୟରେ ରଖାଇଥିଲେ । ସେହି ଗୋପାଳମାନେ କାଳକ୍ରମେ ଭୂୟାଁମାନଙ୍କ ସଙ୍ଗେ କେତେକ ବିଷୟରେ ମିଶି ଯାଇଅଛନ୍ତି । ସେମାନେ ଭୂୟାଁ ସ୍ତ୍ରୀ ଉପସ୍ତ୍ରୀ ରୂପେ ରଖନ୍ତି । ଏହାଦ୍ୱାରା ଯେଉଁ ସନ୍ତାନ ସନ୍ତତି ହୁଅନ୍ତି, ସେମାନେ ଭୂୟାଁ ବୋଲି ପରିଚିତ ହୁଅନ୍ତି ।

ଭୂୟାଁମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧିପ୍ରାପ୍ତ ହେବାରୁ ସେମାନେ ପାର୍ବତ୍ୟ ପ୍ରଦେଶ ଛାଡ଼ି ସ୍ଥଳରେ ଅନ୍ୟାନ୍ୟ ଜାତିମାନଙ୍କ ସଙ୍ଗେ କ୍ରମଶଃ ବାସ କରୁଅଛନ୍ତି ।

ଭୂୟାଁମାନେ ଅନେକ ପ୍ରକାର ସଂଜ୍ଞା ଧାରଣ କରନ୍ତି । ସେମାନଙ୍କ ମଧ୍ୟରେ ଯେ ପ୍ରଧାନ, ସେ ନାୟକ ଉପାଧି ଧାରଣ କରେ । ଅନେକ ବୈଦେଶିକ ଉପାଧି ସେମାନେ ଗ୍ରହଣ କରିଅଛନ୍ତି । ମାତ୍ର ବ୍ୟବହାର ଓ ଉଚ୍ଚାରଣ ଦୋଷରୁ ତାହା ଭିନ୍ନ ପ୍ରକାର ଶୁଣାଯାଏ । ଗୋପାଳମାନଙ୍କଠାରୁ ପ୍ରଧାନ, ପାଣମାନଙ୍କଠାରୁ ପାହାନ, ମହାନ୍ତିଙ୍କ ଠାରୁ ମାନ୍ତ୍ର ପ୍ରଭୃତି ଉପାଧି ସେମାନଙ୍କ ମଧ୍ୟରୁ ଅନେକେ ପୁରୁଷାନୁକ୍ରମେ ଧାରଣ କରିଅଛନ୍ତି । ଆଜି ମଧ୍ୟ ରାଜାଙ୍କର କେତେକ କାର୍ଯ୍ୟ କରୁଥିବା ଅନୁସାରେ ଉପାଧି ପାଇଅଛନ୍ତି, ଯଥା—ଡାଙ୍ଗୀ, ଦେହୁରି, ମଲିକ ଓ ମନ୍ତ୍ରୀ ଇତ୍ୟାଦି । ଗୋପାଳ ପ୍ରଭୃତି ଜାତିମାନଙ୍କ ସଙ୍ଗେ ଅସବର୍ଣ୍ଣ ବିବାହୋତ୍ପନ୍ନ ସନ୍ତାନମାନଙ୍କ ଆକୃତି ଅନେକାଂଶରେ

ଅଧିମ ଭୂୟାଁମାନଙ୍କଠାରୁ ସ୍ୱତନ୍ତ୍ର ଏବଂ ଆର୍ଯ୍ୟମାନଙ୍କ ସଙ୍ଗେ ସେମାନଙ୍କର ସାମଞ୍ଜସ୍ୟ ଥାଏ । ଯେଉଁ ଜାତିରେ ଅସବର୍ଣ୍ଣ ବିବାହ ପ୍ରଥା ପ୍ରଚଳିତ ଅଛି, ସେ ଜାତି କ୍ରମଶଃ ବର୍ଦ୍ଧିତ ନ ହୋଇ ହ୍ରାସ ପ୍ରାପ୍ତ ହେବା ସମ୍ଭବପର ନୁହେଁ ।

ଯେବେ ଗୋଟିଏ ସନ୍ତାନ ଜନ୍ମେ, ସେଦିନ ଗ୍ରାମରେ ଗୋଟିଏ ସାମାନ୍ୟ ଘଟଣା ଘଟିଲେ, ସେ ଘଟଣାକୁ ଲକ୍ଷ୍ୟ କରି ଶିଶୁର ନାମକରଣ ହୁଏ । ଘଟଣାକ୍ରମେ ସେଦିନ ଯଦି ସାହେବ ଜଣେ ଗ୍ରାମରେ ଥାଏ, ତେବେ ଶିଶୁର ନାମ ସାହେବ ବା ଗୋରା ଦିଆଯାଏ, ଅଥବା ଯଦି ଜଣେ ମୁସଲମାନ, ସିପାହୀ, ମହାଜନ ବା ପୁଲିସ ଗ୍ରାମରେ ଥାଏ, ତେବେ ପିଲାର ନାମ ପଠାଣ, ସିପାହୀ, ମହାଜନ ବା ପୁଲିସ୍ ଦିଆଯାଏ । ଅନ୍ୟମଧ୍ୟ କୌଣସି ଉତ୍ସବ ଦିନ କେହି ଜନ୍ମ ହେଲେ ସେହି ଉତ୍ସବର ନାମ ଅନୁସାରେ ଉକ୍ତ ପିଲାର ନାମ ହୁଏ, ଯଥା—ରଜ, ଦଶହରା, ପୁନିଆଁ ଇତ୍ୟାଦି ।

ଭୂୟାଁମାନେ ଅନାର୍ଯ୍ୟ ଜାତିର ପ୍ରାଥମିକ ଅବସ୍ଥା ତ୍ୟାଗ କରିଅଛନ୍ତି । ଯଦିଓ ସେମାନେ ବର୍ତ୍ତମାନ ସୁଦ୍ଧା ପାହାଡ଼ର ଅତି ପ୍ରିୟ, ତଥାପି ସେମାନେ କେବଳ ଏହା ଉପରେ ଆପଣାର ଗ୍ରାସାଚ୍ଛାଦନ ପାଇଁ ନିର୍ଭର କରନ୍ତି ନାହିଁ । ସେମାନଙ୍କ ମଧ୍ୟରୁ କେତେକ ଭ୍ରମଣଶୀଳ, କୃଷିଜୀବୀ ଓ ଅବଶିଷ୍ଟ ସ୍ଥାୟୀ କୃଷକ ରୂପେ ବାସ କରୁଅଛନ୍ତି । ମାତ୍ର ସେମାନେ ଏପର୍ଯ୍ୟନ୍ତ ଅନ୍ୟାନ୍ୟ ଅନାର୍ଯ୍ୟ ଜାତିମାନଙ୍କପରି କୃଷି କରୁଅଛନ୍ତି । ସେମାନଙ୍କ ଚତୁର୍ଦ୍ଦିଗରେ ଯଥେଷ୍ଟ ଭୂମି ରହିଅଛି । ଏଣୁ ସେମାନେ ଇଚ୍ଛାମତେ ଏକ ସ୍ଥାନରୁ ଯାଇ ଅପର ସ୍ଥାନରେ କିଛି ଦିନ ବାସ କରନ୍ତି । କାରଣ ସେମାନେ ଏପର୍ଯ୍ୟନ୍ତ ଉନ୍ନତ ରୀତିରେ କୃଷି କରିବାକୁ ସମର୍ଥ ହୋଇନାହାନ୍ତି । ସେମାନେ ଅତି ଅଳ୍ପ ପରିମାଣରେ ଶସ୍ୟ ଅମଳ କରନ୍ତି । ମାତ୍ର ସେମାନେ ବାସ କରୁଥିବା ଜଙ୍ଗଲରେ ପ୍ରଚୁର ପରିମାଣରେ ଫଳ, ମୂଳ ମିଳୁଥିବାରୁ ଖାଦ୍ୟାଭାବ ହୁଏ ନାହିଁ ।

ଗ୍ରାମମାନଙ୍କରେ ଲୋକବସତି ଅତି ଅଳ୍ପ । ଭୂୟାଁମାନଙ୍କର ବେଶି ସନ୍ତାନ ସନ୍ତତି ହୁଅନ୍ତି ନାହିଁ । ଯେତେ ହୁଅନ୍ତି, ସେମାନେ ସମସ୍ତେ ହୃଷ୍ଟ ପୁଷ୍ଟ ହୁଅନ୍ତି ।

ପ୍ରତ୍ୟେକ ଭୂୟାଁ ନିଜର ଗୃହ ନିଜେ ନିର୍ମାଣ କରେ ଓ ନିଜର ପଶୁ ନିଜେ ଚରାଏ । ଜମି ଚାଷ ମଧ୍ୟ ନିଜେ ନିଜେ କରନ୍ତି । କୌଣସି ବିଷୟରେ ସେମାନେ ପର ଉପରେ ନିର୍ଭର କରନ୍ତି ନାହିଁ ।

ବର୍ତ୍ତମାନ ପ୍ରଚଳିତ କର ଅପେକ୍ଷା ଅନ୍ୟ ପ୍ରକାର ସୁବିଧାଜନକ କର ଧାର୍ଯ୍ୟ କରିବା ସହଜ ନୁହେଁ । ବରଂ ଟଙ୍କା ଆଦାୟ ଅପେକ୍ଷା ବେଠି କିମ୍ବା ଜିନିଷ ପ୍ରଭୃତି ଆଦାୟରେ ସେମାନେ ଅଧିକ ସନ୍ତୁଷ୍ଟ । ସେମାନଙ୍କୁ କୌଣସି ନିୟମରେ ଆବଦ୍ଧ କରିବା ଅପେକ୍ଷା ସେମାନଙ୍କ ସଙ୍ଗେ ପରାମର୍ଶ କରି କୌଣସି କାର୍ଯ୍ୟ କରିବା ସୁବିଧାଜନକ ଅଟେ । ବର୍ତ୍ତମାନ ସେମାନଙ୍କୁ ଉନ୍ନତ ରୀତିରେ ଚାଷ କାର୍ଯ୍ୟ ଓ ସେମାନଙ୍କ ଗ୍ରାମର ଲୋକ ସଂଖ୍ୟା (ଅନ୍ୟାନ୍ୟ ଉନ୍ନତ ଜାତି ବାସ କରାଇ) ବୃଦ୍ଧି କରିବା ବିଷୟରେ ଶିକ୍ଷା -

ଦେବା ଆବଶ୍ୟକ । ସେମାନଙ୍କର ଭଦ୍ରତା, ସତ୍ୟବାଦିତା ଓ ଆପଣା ଆପଣା ମଧ୍ୟରେ ସରଳ ବ୍ୟବହାର ଅଶ୍ଚର୍ଯ୍ୟଜନକ ଅଟେ । ସେମାନେ ନିଜ ନିଜ ଜମିର ନିଜେ ପ୍ରଭୁ ବୋଲି ଜାଣନ୍ତି ।

ଗ୍ରାମରେ ଯେଉଁ ଶସ୍ୟ ଅମଳ କରାଯାଏ, ତାହା ଅବାଧରେ ଖଳାରେ ମାଠ ଓ ନିଜ କୋଠିରେ ବିନା ଗୃହରେ ରଖାଯାଏ । କାରଣ ଚୋର ଚୋରିବାର ଭୟ କୁଇଁ ଗ୍ରାମରେ ନଥାଏ । ସେମାନେ ପର ଦ୍ରବ୍ୟ ଅପହରଣ କରିବା ବିଷୟରେ ଅତି ଭୀତ ଅଟନ୍ତି ।

ଯଦିଓ କନ୍ଧବାଦରେ 'ସ୍ତ୍ରୀ ଓ ପୁରୁଷଙ୍କ' ମଧ୍ୟରେ ବ୍ୟଭିଚାରୀ ଦେଖାଯାଏ, ତଥାପି ସେମାନେ ସ୍ତ୍ରୀମାନଙ୍କୁ ସମ୍ମାନ କରନ୍ତି ଓ ଘରେ କନ୍ୟା ଓ ପୁତ୍ରମାନଙ୍କର ଉଚିତ ପ୍ରତି ବିଶେଷ ଦୃଷ୍ଟି ଦିଅନ୍ତି । ଗ୍ରାମରେ ଅବିବାହିତ ପୁତ୍ର ଓ ଅବିବାହିତା କନ୍ୟା-ମାନେ ପୃଥକ ପୃଥକ ଶୟନ କରନ୍ତି । ଆପଣା ଘରେ କୌଣସି ଅପବାଦ ହେବାକୁ ସେମାନେ ବଡ଼ ଭୟ ଓ ଲଜ୍ଜା ବୋଧ କରନ୍ତି ।

ଈଶ୍ୱରଙ୍କ ବିଷୟରେ କୁଇଁମାନଙ୍କ ଜ୍ଞାନ ଅତି ସାମାନ୍ୟ । ଯଦିବା ସେମାନେ ତାହାଙ୍କର ଅସ୍ତିତ୍ୱ ଓ ମାନବର ଜନ୍ମାନ୍ତର ବିଶ୍ୱାସ କରନ୍ତି ଏବଂ ସେମାନେ ହିନ୍ଦୁ-ମାନଙ୍କଠାରୁ ଗ୍ରହଣ କରିଅଛନ୍ତି । ଜନ୍ମୋତ୍ସବ, ଶ୍ରାଦ୍ଧ ଓ ବିବାହ ଅନୁଷ୍ଠାନ ଅତି ଭକ୍ତିର ସହିତ ସେମାନେ ସାଧନ କରନ୍ତି ।